# ଧରିତ୍ରୀ DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୩୧/୨୦୧୮ (୨୦ ପୃଷ୍ଠା) Sambalpur, Monday, December 31/ 2018 ★★

୧୫ଶ ଭାଗ ୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପନ୍ତଙ୍କ ସଫଳତା**

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଉଇକେଟ ପଛରେ ୨୦ଟି କ୍ୟାଚ୍ ନେଇ ରିଷଭ ପନ୍ତ ଏକ ବଡ଼ ସଫଳତା ହାସଲ କରିଛନ୍ତି।

୧୯ ୦୨

**ହନିମୁନ୍ ପାଇଁ ବିଦେଶରେ ଦୀପିକା**

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି।








## ମେଲବୋର୍ନ ଟେଷ୍ଟରେ ଭାରତର ବିଜୟ

**ମେଲବୋର୍ନ, ୩୦।୧୨ (ପି.ଟି.)**

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୧୩୭ ରନରେ ବିଜୟୀ ହୋଇଛି। ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ମୋଟ ୯ଟି ଉଇକେଟ ହାସଲ କରିଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହିତ ଭାରତ ବର୍ଡର-ଗାଭାସ୍କର ଟ୍ରଫିକୁ ବଜାୟ ରଖିବାରେ ସଫଳ ହୋଇଛି ଓ ୧୫୦ତମ ଟେଷ୍ଟ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ବିଦେଶରେ ୧୧ଟି ଟେଷ୍ଟ ଜିତିଛି। ଫଳରେ କୋହଲି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

(ବିସ୍ତୃତ ରିପୋର୍ଟ ପୃଷ୍ଠା-୧୯)

**ଆଜିର ସମ୍ପାଦକୀୟ**

### ବିପଦରେ ଜୀବନ

**ଆଜିର ମନ୍ତବ୍ୟ**

ବିରୋଧୀ ମେଣ୍ଟ ଗାଡ଼ିର ଯିଏ ଡ୍ରାଇଭର ହେବେ ତାଙ୍କର ଲର୍ନର ଲାଇସେନ୍ସ ମଧ ନାହିଁ।
– ମୁଖ୍‌ତାର ଆବାସ ନକ୍‌ଭି
କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଇ-ନିଲାମ ଯୋଗେ ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୨୦% ହ୍ରାସ ଘଟିଛି। – କୋଇଲା ମନ୍ତ୍ରଣାଳୟ

# ଥରୁଛି ସାରା ଓଡ଼ିଶା

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

■ ଦାରିଙ୍ଗବାଡ଼ିରେ ୩ ଡିଗ୍ରୀ
■ ୮ ଡିଗ୍ରୀ ତଳେ ୧୩ ସହର

ପ୍ରବଳ ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ହାଡ଼ଭଙ୍ଗା ଶୀତ ସାଙ୍ଗକୁ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳୁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ୧୦ଟା ନ ହେବା ପର୍ଯ୍ୟନ୍ତ ବାହାରକୁ ଯିବା କଷ୍ଟକର ହୋଇପଡୁଛି। ଗ୍ରାମାଞ୍ଚଳଗୁଡ଼ିକରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୋଉଥିବା ଦେଖିବାକୁ ମିଳୁଛି। ତେବେ ଉପକୂଳ ଓଡ଼ିଶା ଅପେକ୍ଷା ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳର ଦାରିଙ୍ଗବାଡ଼ିରେ ତାପମାତ୍ରା ୩ଡିଗ୍ରୀକୁ ଖସିଆସିଛି। ଏଠାରେ ତୁଷାରପାତ ହେଉଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପଶ୍ଚିମ ଓଡ଼ିଶାର ଏକାଧିକ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି।

ରବିବାର ରାଜ୍ୟର ୧୩ ସହରର ତାପମାତ୍ରା ୮ଡିଗ୍ରୀ ତଳେ ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ଡିଗ୍ରୀ ରହିଥିଲାବେଳେ ଅନୁଗୋଳ ୫.୬, ସୋନପୁର ୬, କେନ୍ଦୁଝର ୬.୪, ଭବାନୀପଟଣା ୬.୫, ଝାରସୁଗୁଡ଼ା ଓ ଟିଟିଲାଗଡ଼ ୭ ଡିଗ୍ରୀ, ବଲାଙ୍ଗୀର ୭.୧, କୋରାପୁଟ ୭.୨, ସମ୍ବଲପୁର ୭.୩, ବାଲେଶ୍ୱର ୭.୮, ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ରେକର୍ଡ କରାଯାଇଥିଲା। ୫ ସହରର ତାପମାତ୍ରା ୮ରୁ ୧୦ ଡିଗ୍ରୀ ମଧ୍ୟରେ ରହିଛି। ସେଗୁଡ଼ିକ ହେଲା କଟକ, ଭୁବନେଶ୍ୱର, ବାରିପଦା, ହୀରାକୁଦ ଏବଂ ଚାନ୍ଦବାଲି। ସେହିପରି ପାରାଦୀପରେ ତାପମାତ୍ରା ୧୦.୯ ଡିଗ୍ରୀ ରହିଥିବାବେଳେ ଗୋପାଳପୁର ୧୧.୬, ପୁରୀ ୧୨.୧, ମାଲକାନଗିରିରେ ୧୧.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ପାରଦ ଆହୁରି ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ମଧ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏଠାରେ ଗତ କିଛିଦିନ ହେବ ପାରଦ ୧୩ରୁ ୧୦ଡିଗ୍ରୀ ମଧ୍ୟରେ ରହୁଥିଲା। କିନ୍ତୁ ହଠାତ୍ ତାହା ୮.୨ ଡିଗ୍ରୀକୁ ଖସିଯାଇଛି। ଦିନ ସାରା କୋହଲା ପବନ ଜନଜୀବନକୁ ପ୍ରଭାବିତ କରୁଛି। ବିଶେଷ କରି ବାଇକ୍ ଆରୋହୀମାନେ ଅଧିକ ସମସ୍ୟାରେ ପଡୁଛନ୍ତି। ରାଜଧାନୀବାସୀ ଆହୁରି ୩/୪ ଦିନ ପର୍ଯ୍ୟନ୍ତ ଜାଡ଼ରୁ ରକ୍ଷା ପାଇପାରିବେ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ସୂଚନାଯୋଗ୍ୟ, ଦକ୍ଷିଣ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁ କୋହଲା ପାଗ ସହିତ ଶୀତର ପ୍ରକୋପ ବଢ଼ିଛି। ନୂଆବର୍ଷରୁ ଶୀତର ପ୍ରକୋପ କମିବା ସହିତ କୋହଲା ପାଗ ମଧ ହଟିଯିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

## ଦାରିଙ୍ଗବାଡ଼ିରେ ବର୍ଷର ପ୍ରଥମ ତୁଷାରପାତ



ଦାରିଙ୍ଗବାଡ଼ି ଅଞ୍ଚଳରେ ତୁଷାରପାତର ଦୃଶ୍ୟ।

**ଫୁଲବାଣୀ ଅଫିସ/ଦାରିଙ୍ଗବାଡ଼ି/ କ.ନୂଆଗାଁ,୩୦।୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ରବିବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ହୋଇଛି। ରବିବାର ଜିଲା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଫୁଲବାଣୀରେ ପାରଦ ୪.୫ ଡିଗ୍ରୀ ଏବଂ ଦାରିଙ୍ଗବାଡିରେ ୩ଡିଗ୍ରୀ ସେଲସିୟସ ତଳକୁ ଖସିଛି, ଯାହାକି ଚଳିତବର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ କମ୍ ତାପମାତ୍ରା ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ରବିବାର ୫ମିଲିମିଟର ତୁଷାରପାତ ହୋଇଥିବା କୁହାଯାଉଛି। ଆଗକୁ ପାରଦ ଆହୁରି କମିବ ବୋଲି ଜିଲା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅପରପକ୍ଷେ ଶୀତ ସାଙ୍ଗକୁ ଘନ କୁହୁଡି ସ୍ଥିତିକୁ ଆହୁରି ସଂଗିନ କରୁଛି।

ବ୍ରାହ୍ମଣୀଗାଁ ଅଞ୍ଚଳରେ ରବିବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଭଳି ତୁଷାରପାତ କେବେ ବ୍ରାହ୍ମଣୀଗାଁ ଅଞ୍ଚଳରେ ହୋଇ ନ ଥିବା ଅଞ୍ଚଳର ୬୦ ବର୍ଷର ବୃଦ୍ଧ ଖଲିଆ ମହାକୁଡ଼, ପୂର୍ବତନ ମହିଳା ସରପଞ୍ଚ କାଗେରୀ ପ୍ରଧାନ ପ୍ରମୁଖ କହିଛନ୍ତି।

ଦାରିଙ୍ଗବାଡ଼ିକୁ ଛାଡ଼ିଦେଲେ ଆଭ୍ୟନ୍ତରୀଣ ଅଞ୍ଚଳ କିଲାବାଡ଼ି, ସସକୁଟି, ଭ୍ରମରବାଡ଼ି, ଗ୍ରିନବାଡ଼ି, ଲାଇନପଡ଼ା, ସିର୍କାବର୍ଗ, ଦନେକବାଡ଼ି, ପ୍ଲିହେରୀ, ଦାସିଂବାଡ଼ି, ସିଆଙ୍ଗବାଲି, ସଲାବାଡ଼ି, ଡକରବାଡ଼ି, ☞ପୃଷ୍ଠା-୪

## ରାଜ୍ୟ ସଭାରେ 'ତିନି ତଲାକ୍' ଆଲୋଚନା ଆଜି

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**



ଲୋକ ସଭାରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟ ସଭାରେ ଏବେ ଅସଲ ପରୀକ୍ଷା। ମୁସଲମାନ ସମ୍ପ୍ରଦାୟରେ ପ୍ରଚଳିତ ତତ୍କାଳ ତିନି ତଲାକ୍ ପ୍ରଥାର ଅପରାଧୀକରଣ ଲାଗି କେନ୍ଦ୍ର ସରକାର ଆଣିଥିବା ବିଲ୍ ଉପରେ ସୋମବାର ରାଜ୍ୟ ସଭାରେ ଆଲୋଚନା କରାଯିବ। ଏଥିପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ହ୍ୱିପ ଜାରି କରାଯାଇଛି।

କେନ୍ଦ୍ରମନ୍ତ୍ରୀ ବିଜୟ ଗୋୟଲ ରବିବାର ସବୁ ଦଳର ନେତାଙ୍କୁ ଭେଟି ବିଲ୍‌କୁ ସମର୍ଥନ କରିବା ଲାଗି ଅନୁରୋଧ କରିଛନ୍ତି। ଗୁରୁବାର ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ବିଲ୍ ସପକ୍ଷରେ ୨୪୫ ଭୋଟ ମିଳିଥିବାବେଳେ ବିରୋଧରେ ୧୧ ଭୋଟ ଯାଇଥିଲା। ତିନି ତଲାକ୍‌ର ଅପରାଧୀକରଣକୁ ବିରୋଧ କରି କେତେକ ବିରୋଧୀ ଦଳ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ତେବେ ରାଜ୍ୟ ସଭାରେ ସରକାରଙ୍କର ସଂଖ୍ୟାବଳ ନ ଥିବାରୁ ଏହି ବିଲ୍ ଗୃହୀତ କରାଇବା କଷ୍ଟକର ହେବ। ବିଲ୍‌କୁ ବର୍ତ୍ତମାନ ସ୍ଥିତିରେ ଗୃହୀତ ହେବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ବିଲ୍ ପାସ୍ ଲାଗି ରାଜ୍ୟ ସଭାରେ ସମର୍ଥନ ମିଳିଯିବ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସଭାରେ ବିଲ୍‌କୁ ଅଟକାଇବା ଲାଗି କଂଗ୍ରେସ ଅନ୍ୟ ବିରୋଧୀ ଦଳ ସହ ହାତ ମିଳାଇବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ଲୋକ ସଭାରେ ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୮କୁ ୧୦ଟି ବିରୋଧୀ ଦଳ ଖୋଲା ବିରୋଧ କରିଥିଲେ। ଏପରି କି ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ସମର୍ଥନ ଦେଇଆସିଥିବା ଏଆଇଏଡିଏମ୍‌କେ ମଧ ବିଲ୍‌କୁ ବିରୋଧ କରିଥିଲା। ତିନି ତଲାକ୍‌ର ଅପରାଧୀକରଣ ଏବଂ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଥିଲେ। ଏହାର ଅଧିକ ଅନୁଧ୍ୟାନ ଲାଗି ଯୁଗ୍ମ ଚୟନ କମିଟିକୁ ପଠାଇବା ଲାଗି କଂଗ୍ରେସ ଦାବି କରିଥିଲା। ମହିଳା ସଶକ୍ତୀକରଣ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍‌କୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ ବୋଲି ପ୍ରସାଦ କହିଥିଲେ। ☞ପୃଷ୍ଠା-୪

## ବଦଳିଲା ୩ ଦ୍ୱୀପର ନାମ

**ପୋର୍ଟ ବ୍ଲେୟାର,୩୦।୧୨**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଥିବା ତିନୋଟି ଦ୍ୱୀପର ନାଁ ବଦଳାଇଛନ୍ତି। ଦେଶର ସ୍ୱାଧୀନତା ପାଇଁ ଲଢ଼େଇବେଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ଜାତୀୟ ପତାକା ଉଡ଼ାଇଥିଲେ। ଏହାର ୭୫ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ରୋସ୍ ଆଇଲ୍ୟାଣ୍ଡକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବେ ନାମିତ କରିଥିବାବେଳେ ନେଲ୍ ଆଇଲ୍ୟାଣ୍ଡକୁ ଶହୀଦ ଦ୍ୱୀପ ଏବଂ ହାଭେଲକ ଆଇଲ୍ୟାଣ୍ଡକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଛନ୍ତି। ପୋର୍ଟବ୍ଲେୟାରଠାରେ ଏକ ସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଏକ ସ୍ମାରକୀ ଡାକ ଟିକେଟ ଏବଂ ୭୫ ଟଙ୍କିଆ ମୁଦ୍ରାକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ ଏବଂ ନେତାଜୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଘୋଷଣା କରିଥିଲେ। ଏହା ପୂର୍ବରୁ ମୋଦି ମାରିନା ପାର୍କ ଯାଇ ସେଠାରେ ୧୫୦ ଫୁଟ ସ୍ତମ୍ଭରେ ଜାତୀୟ ପତାକା ଉଡାଇଥିଲେ।

## ■ ପୁଣି ଉଠିଲା ମହାନଦୀ ବିବାଦ

# ଫାଇଦା ବଦଳରେ ବଢ଼ିଲା ଅଡୁଆ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

■ ମହାନଦୀ ଆମର: ଛତିଶଗଡ ଜଳସମ୍ପଦ ମନ୍ତ୍ରୀ
■ ବୈଷୟିକ ଆଲୋଚନା ମାଧମରେ କରାଯିବ ସମାଧାନ: ନିରଞ୍ଜନ



ଛତିଶଗଡ଼ରେ ଭାଜପା ଶାସିତ ରମଣ ସିଂଙ୍କ ସରକାର ଥିବାବେଳେ ମହାନଦୀ ବିବାଦର ସମାଧାନ ନେଇ ଅନିଶ୍ଚିତତା ଲାଗି ରହିଥିଲା। କେନ୍ଦ୍ରରେ ଭାଜପା ଶାସନ କ୍ଷମତାରେ ଥିବାରୁ ଛତିଶଗଡ଼ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଓଡ଼ିଶା ଦାବିକୁ ବାରମ୍ବାର ଅଣଦେଖା କରୁଥିବା ଅଭିଯୋଗ ହେଉଥିଲା। ରାଜ୍ୟର ଶାସକ ବିଜେଡି ମଧ ମହାନଦୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ଦୋଷ ଲଦିବା ସହ ବେଶ୍ ରାଜନୈତିକ ଫାଇଦା ହାସଲ କରିବାରେ ସଫଳ ହେଉଥିଲା। ମାତ୍ର ନିକଟରେ ଛତିଶଗଡ ସାଧାରଣ ନିର୍ବାଚନରେ ରମଣ ସିଂଙ୍କ ସରକାରର ପତନ ଘଟି କଂଗ୍ରେସ କ୍ଷମତାକୁ ଫେରିଲା। ଫଳରେ ମହାନଦୀ ଲଢେଇରେ ସାମିଲ ହୋଇ ରାଜ୍ୟ କଂଗ୍ରେସ ନେତୃତ୍ୱ ପତିଆରା ନେବାକୁ ପ୍ରୟାସ କରିଥିଲେ। ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସହ ଆଲୋଚନା ହୋଇଛି ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବାଟ ଫିଟିବ ବୋଲି କହି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନୂଆ ଚର୍ଚ୍ଚା ଆରମ୍ଭ କରିଥିଲେ। ମାତ୍ର ରବିବାର ଛତିଶଗଡର ନୂଆ ଜଳସମ୍ପଦ ମନ୍ତ୍ରୀ ରବୀନ୍ଦ୍ର ଚୌବେ ମହାନଦୀ ଆମର ବୋଲି କହି ପୁଣି ଦ୍ୱନ୍ଦ୍ୱ ବଢାଇ ଦେଇଛନ୍ତି। ଅନ୍ୟପଟେ ଛତିଶଗଡରେ କଂଗ୍ରେସ ସରକାର ଥିବାରୁ ପାଇଦା ଉଠାଇବାକୁ ଚେଷ୍ଟା କରି ଦଳର ରାଜ୍ୟ ନେତୃବୃନ୍ଦ ଏବେ ଅକଳରେ ପଡିଯାଇଛନ୍ତି। ଏ ନେଇ ବିଜେଡି ଓ ଭାଜପା ମଧ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ☞ପୃଷ୍ଠା-୪






**CBSE Exam Mate**

ପୃଷ୍ଠା-୧୫


NATIONAL EGG CO-ORDINATION COMMITTEE 30.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers



ଜଣେ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ହେବାର ସମସ୍ତ ଉପଯୁକ୍ତ ଗୁଣ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖରେ ରହିଛି।
-ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା

DADLS-229
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଓଡ଼ିଶା ସରକାର
ଚାଷ ପାଇଁ ସହାୟତା
୩୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୫,୦୦୦ ଟଙ୍କା
ଲେଖାଏଁ ୫ଟି କିସ୍ତିରେ ଆର୍ଥିକ ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨
15001/13/0519/1819



## ସଂକ୍ଷେପରେ

### ୪ ସୂଚନା କମିଶନର ନିଯୁକ୍ତ

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** କେନ୍ଦ୍ର ସରକାର କେନ୍ଦ୍ରୀୟ ସୂଚନା କମିଶନ (ସିଇସି)ରେ ୪ ଜଣ ନୂଆ କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି। ସିଇସିରେ ମୁଖ୍ୟ ସୂଚନା ଆୟୁକ୍ତଙ୍କ ସମେତ ୧୧ ଜଣ କମିଶନରଙ୍କ ସ୍ଥାନରେ ବର୍ତ୍ତମାନ ୩ ଜଣ ଅଛନ୍ତି। ନୂଆ ସୂଚନା କମିଶନର ଭାବେ ଯଶୋବର୍ଦ୍ଧନ କୁମାର ସିହ୍ନା, ବନଜା ଏନ. ସରନ, ନୀରଜ କୁମାର ଗୁପ୍ତା ଏବଂ ସୁରେଶ ଚନ୍ଦ୍ରଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଛନ୍ତି।

### ଅବସର ନେଲେ ଜଷ୍ଟିସ୍ ଲୋକୁର

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ମଦନ ବି. ଲୋକୁର ରବିବାର ଅବସର ଗ୍ରହଣ କରିଛନ୍ତି।



ଜାନୁଆରି ୧୨ ତାରିଖରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ବିବାଦୀୟ ଖବରଦାତା ସମ୍ମିଳନୀ ଡାକିଥିବା ୪ ବରିଷ୍ଠ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ ଲୋକୁର ଥିଲେ ଅନ୍ୟତମ। ଗତ ୧୪ ତାରିଖ ଶେଷ କାର୍ଯ୍ୟଦିବସରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣା : ୧୯ ଗିରଫ

**ଲକ୍ଷ୍ନୌ,୩୦।୧୨(ପି.ଟି.):** ୟୁପିର ଘାଜିପୁରଠାରେ ଶନିବାର ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣାରେ ୟୁପି ପୋଲିସ ୧୯ଜଣଙ୍କୁ ଗିରଫ କରିଛି। ପ୍ରଧାନମନ୍ତ୍ରୀଙ୍କ ଏକ ଜନସଭା କାର୍ଯ୍ୟକ୍ରମ ଶେଷ ହେବାପରେ ଏହି ହିଂସା ଘଟିଥିଲା। ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ନିଶାଦ୍ ପାର୍ଟିର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମୀମାନେ ଜୋର୍‌ଦାର୍ ବିକ୍ଷୋଭ କରିଥିଲେ। ପ୍ରଧାନମନ୍ତ୍ରୀ ସଭାସ୍ଥଳ ଛାଡ଼ିବା ପରେ ସେଠାରୁ ଫେରୁଥିବା ପୋଲିସ ଗାଡ଼ି ଉପରକୁ ବିକ୍ଷୋଭକାରୀମାନେ ଟେକାପଥର ମାଡ଼ କରିଥିଲେ। ଏହି ସମୟରେ ଟ୍ରାଫିକ୍‌କୁ ନିୟନ୍ତ୍ରଣ କରୁଥିବା କରିମୁଦ୍ଦିନ ଥାନା ହେଡ୍ କନଷ୍ଟେବଲ ସୁରେଶ ପ୍ରତାପ ସିଂ ବତ୍ସଙ୍କ ମୁଣ୍ଡରେ ପଥର ମାଡ଼ ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ ପୋଲିସ କର୍ମୀ ସୁରେଶଙ୍କ ସ୍ତ୍ରୀଙ୍କୁ ୪୦ ଲକ୍ଷ ଏବଂ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି।

# ୧୩ ଦଙ୍ଗାର ତଦନ୍ତ ରିପୋର୍ଟ ଗାଏବ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**



ଦେଶରେ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥାଏ। ଏହାକୁ ନେଇ ବେଶ୍ କିଛି ଦିନ ଧରି ରାଜନୈତିକ ହଟଚମଟ ଚାଲେ। ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରତିବାଦ କରାଯାଏ, ବନ୍ଦ ଡାକରା ଦିଆଯାଏ, ପାର୍ଲାମେଣ୍ଟ ଓ ବିଧାନସଭାରେ ତୁମ୍ଭିତୋଫାନ ହୁଏ। ଶେଷରେ ସରକାର ଏହାର ତଦନ୍ତ ଲାଗି କମିଶନ କିମ୍ବା କମିଟି ଗଢ଼ନ୍ତି। ହେଲେ ଏହି କମିଟି ତଦନ୍ତ ରିପୋର୍ଟ ଦେଲାରେ ଏତେ ବିଳମ୍ବ କରନ୍ତି ଯେ ସେତେବେଳକୁ ଲୋକଙ୍କ ମନରୁ ଉକ୍ତ ଘଟଣା ଲିଭିଯାଇଥାଏ। ତେଣୁ କମିଟି ରିପୋର୍ଟ ଦେଲେ କି ନାହିଁ ଏବଂ କି ରିପୋର୍ଟ ଦେଲେ ତାକୁ କେହି ଜାଣିପାରନ୍ତି ନାହିଁ କିମ୍ବା ଏଥିପାଇଁ ଅପେକ୍ଷା ମଧ୍ୟ ରଖନ୍ତି ନାହିଁ। ୧୯୬୧ରୁ ୨୦୦୩ ମଧ୍ୟରେ ଦେଶରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ମଧ୍ୟରୁ ୧୩ଟିର ତଦନ୍ତ ରିପୋର୍ଟ ମିଳୁନି । ୧୩ଟି ତଦନ୍ତ କମିଶନଙ୍କ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖରେ ନାହିଁ। ଏହି ରିପୋର୍ଟ କେଉଁଠି ଅଛି ତାହାର ସ୍ଥିତି ଜଣାଇବାକୁ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡିକୁ ଖୋଜି ବାହାର କରିବା ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତି ଦେବାକୁ ସିଆଇସି କହିଛନ୍ତି।

ବିଭିନ୍ନ ସାମ୍ପ୍ରଦାୟିକ ଦଙ୍ଗା ଘଟଣାର ବିଚାର ବିଭାଗୀୟ କମିଶନ ତଥା ଅନ୍ୟାନ୍ୟ ତଦନ୍ତ କମିଶନଙ୍କ ସମ୍ପୂର୍ଣ୍ଣ ରିପୋର୍ଟ ମନ୍ତ୍ରଣାଳୟଠାରୁ ପାଇବା ଲାଗି ଅଞ୍ଜଳି ଭରଦ୍ୱାଜ ନାମ୍ନୀ ଆରଟିଆଇ କର୍ମୀ ଆବେଦନ କରିଥିଲେ। ଏହାର ଶୁଣାଣି କରି ସୂଚନା କମିଶନର ବିମଲ ଜୁଲକା ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱେବସାଇଟରେ ମଧ୍ୟ ନାହିଁ। ବିଚାର ବିଭାଗୀୟ ଏବଂ ତଦନ୍ତ କମିଶନ ରିପୋର୍ଟଗୁଡିକୁ ଅନୁଧ୍ୟାନ କରିବା ଲାଗି ମନ୍ତ୍ରଣାଳୟ ୨୦୦୬ରେ ଜାତୀୟ ସମନ୍ୱୟ ପରିଷଦ ନାମରେ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିଥିଲେ। ଉକ୍ତ ଗ୍ରୁପ୍ ୨୯ଟି ରିପୋର୍ଟ ଅନୁଧ୍ୟାନ କରିଥିବାବେଳେ ଅନ୍ୟ ୧୩ଟି ରିପୋର୍ଟ ମିଳି ନ ଥିଲା ବୋଲି ଭରଦ୍ୱାଜ କହିଛନ୍ତି। ସେଗୁଡିକ ହେଲା ୧୯୬୧ ମଧ୍ୟପ୍ରଦେଶ ଦଙ୍ଗାର ଶିବ ଦୟାଲ ଶ୍ରୀବାସ୍ତବ କମିଶନ ରିପୋର୍ଟ, ୧୯୬୭ ବିହାର ଦଙ୍ଗାର ଜଷ୍ଟିସ୍ ରଘୁବର ଦୟାଲ

### ସ୍ଥିତି ଜଣାଇବାକୁ କେନ୍ଦ୍ରକୁ ସିଆଇସିଙ୍କ ନିର୍ଦ୍ଦେଶ

କମିଶନ ରିପୋର୍ଟ, ୧୯୬୯ ଗୁଜରାଟ ଦଙ୍ଗାର ଜଷ୍ଟିସ ପି.ଜେ. ରେଡ୍ଡୀ କମିଶନ ରିପୋର୍ଟ, ୧୯୭୪ ଦିଲ୍ଲୀ ଦଙ୍ଗା ଉପରେ ପ୍ରସାଦ କମିଶନ ରିପୋର୍ଟ, ୧୯୮୫ ଗୁଜରାଟ ଦଙ୍ଗାର ଜଷ୍ଟିସ ଭି.ଏସ. ଡାଭେ କମିଶନ ରିପୋର୍ଟ। ଏହା ବ୍ୟତୀତ ୧୯୮୬ ମହାରାଷ୍ଟ୍ର ଦଙ୍ଗା ଘଟଣାର ଜଷ୍ଟିସ ପି.ଏସ. ମାଲଭଙ୍କର କମିଶନ ରିପୋର୍ଟ, ୧୯୮୮ ପଶ୍ଚିମବଙ୍ଗ ଦଙ୍ଗାର ଜଷ୍ଟିସ ହରିଦାସ ଦାସ କମିଶନ ରିପୋର୍ଟ, ୧୯୯୦ ଆନ୍ଧ୍ରପ୍ରଦେଶ ଦଙ୍ଗାର ଆର.ଏସ. ହୀରାମନ ସିଂ କମିଶନ ରିପୋର୍ଟ, ୧୯୯୦ ରାଜସ୍ଥାନ ଦଙ୍ଗାର ଜଷ୍ଟିସ ଏନ.ଏଲ୍. ତିବେରୱାଲ କମିଶନ ରିପୋର୍ଟ,୧୯୯୨ ମଧ୍ୟପ୍ରଦେଶ ଦଙ୍ଗାର ଜଷ୍ଟିସ କେ.କେ. ଦୁବେ କମିଶନ ରିପୋର୍ଟ, ୧୯୯୮ ତାମିଲନାଡୁ ଦଙ୍ଗାର ଜଷ୍ଟିସ ପି.ଆର. ଗୋକୁଳକ୍ରିଷ୍ଣନ କମିଶନ ରିପୋର୍ଟ, ୧୯୯୯ ମହାରାଷ୍ଟ୍ର ଦଙ୍ଗାର ଜଷ୍ଟିସ ଅନନ୍ତ ଡି. ମାନେ କମିଶନ ରିପୋର୍ଟ ଏବଂ ୨୦୦୩ କେରଳ ଦଙ୍ଗା ଉପରେ ଥୋମାସ ପି. ଯୋସେଫ କମିଶନ ରିପୋର୍ଟ ମଧ୍ୟ ମିଳୁନି।

# ମୃଣାଳ ସେନ୍‌ଙ୍କ ପରଲୋକ

**କୋଲକାତା,୩୦।୧୨(ପି.ଟି.)**



ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ବିଜେତା ଖ୍ୟାତନାମା ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ମୃଣାଳ ସେନ୍‌ଙ୍କର ୯୫ ବର୍ଷ ବୟସରେ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପାଖରେ ତାଙ୍କ ପୁଅ ରହୁଥିଲେ। ପତ୍ନୀ ତଥା ଅଭିନେତ୍ରୀ ଗୀତା ସେନ୍‌ଙ୍କର ଗତବର୍ଷ ପରଲୋକ ହୋଇଥିଲା। ସାମାଜିକ ବାସ୍ତବତାକୁ କଳାତ୍ମକ ଚିତ୍ରଣ କରିବାରେ ସିଦ୍ଧହସ୍ତ ମୃଣାଳ ଅନେକ ଜାତୀୟ ପୁରସ୍କାର ପାଇଛନ୍ତି। 'ଭୁବନ ଶୋମ୍' ମାଧ୍ୟମରେ ଭାରତୀୟ ଚଳଚ୍ଚିତ୍ରରେ ନୂଆ ଆଲୋଡନ ସୃଷ୍ଟି କରିଥିବା ମୃଣାଳ ଜଣେ ଶ୍ରେଷ୍ଠ ପ୍ରଯୋଜକ ଭାବେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଚଳଚ୍ଚିତ୍ରକୁ ସ୍ୱୀକୃତ କରାଇଥିଲେ। ତାଙ୍କର ବେଙ୍ଗଲୀ ଚଳଚ୍ଚିତ୍ର 'ଖାରିଜ' ୧୯୮୩ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରି ପୁରସ୍କାର ପାଇଥିଲା। ଦୀର୍ଘ ୬ ଦଶନ୍ଧି ଧରି ସେ ଉଭୟ ବେଙ୍ଗଲୀ ଓ ହିନ୍ଦୀ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ଶ୍ରେଷ୍ଠ ଚଳଚ୍ଚିତ୍ର ମଧ୍ୟରେ ଇଣ୍ଟରଭ୍ୟୁ, କାଲକାଟା ୭୧ ଏବଂ ପଦାତିକ ୭୦ ଦଶକରେ କୋଲକାତାର ସାମାଜିକ ଓ ରାଜନୈତିକ ଚିତ୍ରକୁ ପରିସ୍ଫୁଟ କରିଥିଲା। ଓଡିଆ ଚଳଚ୍ଚିତ୍ର 'ମୃଗୟା' ନିର୍ମାଣ କରି ସେ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କର ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ନେତା ଓ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ମୃଣାଳଙ୍କ ପରଲୋକ ବେଙ୍ଗଲ, ଭାରତ ତଥା ସିନେମାଜଗତ ଲାଗି ବଡ଼ କ୍ଷତି ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର ଅଭୁଲା ଚଳଚ୍ଚିତ୍ର ଲାଗି ଦେଶ ତାଙ୍କ ପାଖରେ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ବାଂଲାଦେଶ ନିର୍ବାଚନ: ହାସିନାଙ୍କ ଦଳ ଆଗରେ

# ନିର୍ବାଚନୀ ହିଂସାରେ ୧୩ ମୃତ

**ଢାକା,୩୦।୧୨(ପି.ଟି.)**

ବାଂଲାଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ମଧ୍ୟରେ ଭୋଟଗ୍ରହଣ ରବିବାର ଶେଷ ହୋଇ ଗଣନା ଜାରି ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କେତେକ ଆସନରେ ଭୋଟଗଣନା ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳ ଆୱାମୀ ଲିଗ୍ ଆଗରେ ରହିଥିବା ଜଣାପଡିଛି। ନିର୍ବାଚନୀ ହିଂସାରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁସଂଖ୍ୟାରେ ଆହତ ହୋଇଛନ୍ତି। ଦଳ ଆୱାମୀ ଲିଗ୍‌ର କର୍ମୀମାନେ ବିଭିନ୍ନ ସ୍ଥାନରେ ଭୋଟିଂ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଗୋଟିଏ ନିର୍ବାଚନମଣ୍ଡଳୀରେ ମତଦାନ ସ୍ଥଗିତ ରହିଥିବାବେଳେ ଅବଶିଷ୍ଟ ୨୯୯ ଆସନ ଲାଗି ରବିବାର ସକାଳ ୮ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ଶେଷ ହୋଇଥିଲା। ହାସିନା ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧୀ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି ଅଧ୍ୟକ୍ଷା ଖାଲିଦା ଜିଆ ଏବେ ଢାକା ଜେଲ୍‌ରେ ଅଛନ୍ତି ଏବଂ ସେ ଆଂଶିକ ପକ୍ଷାଘାତ ଆକ୍ରାନ୍ତ ଥିବା ଜଣାପଡିଛି। ସୋମବାର ଫଳାଫଳ ଘୋଷଣା ହୋଇଯିବ ବୋଲି ଆଶା କରାଯାଉଛି।

# 'ପ୍ରେରଣା ହିଁ ପ୍ରଗତିର ଆଧାର'



**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ୨୦୧୮ ବର୍ଷ ବିଦାୟ ନେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଶେଷଥର ତାଙ୍କର ୫୧ତମ ମାସିକିଆ ମନ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ନୂଆ ବର୍ଷରେ ନୂତନ ଉତ୍ସାହ ଓ ଉଚ୍ଚାଭିଳାଷୀ ଆଭିମୁଖ୍ୟ ପୋଷଣ କରି ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ସେ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି। ନିଜକୁ ପରିବର୍ତ୍ତନ କରିବା ସହ ଦେଶରେ ନୂତନତା ଆଣିବା ଦିଗରେ ବର୍ତ୍ତୀ ହେବାକୁ ସେ ପ୍ରବର୍ତ୍ତାଇଛନ୍ତି। ପ୍ରେରଣା ହିଁ ପ୍ରଗତିର ଆଧାର ବୋଲି ମୋଦି ଦର୍ଶାଇଛନ୍ତି। ଦାରିଦ୍ର୍ୟ ଦୂରୀକରଣରେ ସୁଧାର ଅଣାଯାଇଛି। 'ସହଜ ବ୍ୟବସାୟ' ବ୍ୟବସ୍ଥାରେ ଆଶାନୁରୂପକ ସଫଳତା ସମ୍ଭବ ହୋଇଛି। ଆର୍ଥିକ, ସାମାଜିକ, ସୌର ଶକ୍ତି, ପାଣିପାଗ ପରିବର୍ତ୍ତନ, ଖେଳ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୨୦୧୮ରେ ଦେଶର ଉପଲବ୍ଧି ଦେଶବାସୀଙ୍କ ସାମୂହିକ ଉଦ୍ୟମ ଯୋଗୁ ସାକାର ହୋଇଛି। ସମସ୍ତଙ୍କର ସହଯୋଗ ଓ ପ୍ରେରଣା ଦ୍ୱାରା ଆଜି ଦେଶରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିଥିବା ସେ କହିଛନ୍ତି। ୨୦୧୮ର ସଫଳତା ବିଷୟରେ ଉଲ୍ଲେଖ କରି ବିଶ୍ୱର ସର୍ବାଧିକ ଲୋକପ୍ରିୟ 'ଆୟୁଷ୍ମାନ ଭାରତ' ସ୍ୱାସ୍ଥ୍ୟ ବୀମା ପଲିସି, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟ୍, ପ୍ରତି ଗାଁର ଘରେ ଘରେ ବିଜୁଳି ପହଞ୍ଚାଇବା ଲକ୍ଷ୍ୟ ସାଧିତ ହୋଇପାରିଥିବା ସେ ବ୍ୟକ୍ତ କରିଛନ୍ତି। ଭାରତକୁ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ସର୍ବୋଚ୍ଚ ପରିବେଶ ପୁରସ୍କାରରେ ଜାତିସଂଘ ସମ୍ମାନିତ କରିଥିବା ସେ ଜଣାଇଛନ୍ତି।

## ଫୁର୍‌ସତ

# ଅବତରଣ କରିବ ଲୁନାର ପ୍ରୋବ

**ବେଜିଂ:** ଚାଇନା ଲଞ୍ଚ୍ କରିଥିବା ଲୁନାର ପ୍ରୋବ୍ ରବିବାର ଏହାର କକ୍ଷପଥ ପରିବର୍ତ୍ତନ କରି ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଅବତରଣ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଥମ ଥର ଲାଗି ଚନ୍ଦ୍ରର ଅନ୍ଧକାର ଦିଗ ଅନୁସନ୍ଧାନ କରିବାକୁ ଉଦ୍ୟମ ହୋଇଛି। ଚନ୍ଦ୍ରର ପରିକ୍ରମଣ ଏବଂ ଆବର୍ତ୍ତନ ଚକ୍ର ସମାନ ହୋଇଥିବାରୁ ଏହାର ଗୋଟିଏ ପାର୍ଶ୍ୱ ସବୁବେଳେ ପୃଥିବୀମୁହାଁ ହୋଇ ରହିଥାଏ। ବିପରୀତ ପାର୍ଶ୍ୱ ପୃଥିବୀକୁ ଆଦୌ ଦେଖାଯାଏ ନାହିଁ। ଚନ୍ଦ୍ରର ଏହିପାର୍ଶ୍ୱକୁ ଫାର ସାଇଡ୍ ବା 'ଡାର୍କ ସାଇଡ୍' କୁହାଯାଏ। ଚେଞ୍ଜ୍-୪ ପ୍ରୋବ୍ ଡିସେମ୍ବର ୧୨ରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଥିବା ଚାଇନାର ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ୍ (ସିଏନ୍‌ଏସ୍‌ଏ) ପକ୍ଷରୁ କୁହାଯାଇଛି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୧ | ୭.୮ |
| ଚାନ୍ଦବାଲି | ୨୪.୮ | ୯.୫ |
| କଟକ | ୨୫.୦ | ୮.୨ |
| ପାରାଦ୍ୱୀପ | ୨୫.୨ | ୧୦.୯ |
| ଭୁବନେଶ୍ୱର | ୨୬.୭ | ୮.୨ |
| ଗୋପାଳପୁର | ୨୬.୬ | ୧୧.୬ |
| ପୁରୀ | ୨୫.୦ | ୧୨.୧ |
| ଅନୁଗୋଳ | ୨୪.୧ | ୫.୬ |
| ବାରିପଦା | --- | ୯.୦ |
| ଝାରସୁଗୁଡ଼ା | ୨୪.୪ | ୭.୦ |
| କେନ୍ଦୁଝର | ୨୧.୮ | ୬.୪ |
| ସମ୍ବଲପୁର | ୨୫.୬ | ୭.୩ |
| ସୁନ୍ଦରଗଡ଼ | ୨୧.୦ | ୮.୦ |
| ହୀରାକୁଦ | ୨୫.୧ | ୮.୭ |
| ତାଳଚେର | --- | --- |
| ଭବାନୀପାଟଣା | ୨୪.୫ | ୭.୧ |
| ବଲାଙ୍ଗୀର | --- | ୮.୫ |
| କୋରାପୁଟ | ୨୨.୦ | ୭.୨ |
| ଫୁଲବାଣୀ | ୨୩.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୮.୦ | ୧୧.୨ |
| ସୋନପୁର | ୨୫.୨ | ୬.୦ |
| ଦାରିଙ୍ଗିବାଡ଼ି | ୨୧.୫ | ୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଡିସେମ୍ବର ୩୧ର ପ୍ରମୁଖ ଘଟଣା

୨୦୧୪ ଡିସେମ୍ବର ୩୧ରେ ଶାଂଘାଇରେ ନୂଆବର୍ଷ ପ୍ରାକ୍ ଉତ୍ସବ ପାଳନ ବେଳେ ଦଳାଚକଟା ଯୋଗୁ ଅନ୍ୟୁନ ୩୬ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୪୯ଜଣ ଆହତ ହୋଇଥିଲେ। ଚାଇନାର ଶାଂଘାଇ ସହର ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ନଗରୀ। ୨୦୧୭ ସୁଦ୍ଧା ଏହି ନଗରୀର ଲୋକସଂଖ୍ୟା ୨୪.୧୮ ନିୟୁତ। ଏହା ବିଶ୍ୱର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ମଧ୍ୟରୁ ଅନ୍ୟତମ।

୧୯୯୯ ଡିସେମ୍ବର ୩୧ରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୮୧୪ ଅପହରଣ ନାଟକର ଅନ୍ତ ଘଟିଥିଲା। ଅପହରଣକାରୀଙ୍କ କବଳରେ ୭ଦିନ ରହିବା ପରେ ଆଫଗାନିସ୍ତାନର କାନ୍ଦାହାର ବିମାନ ବନ୍ଦରରେ ୧୯୦ ଯାତ୍ରୀଙ୍କୁ ନିରାପଦରେ ମୁକ୍ତ କରାଯାଇଥିଲା।

# ହନିମୁନ୍ ପାଇଁ ବିଦେଶରେ ଦୀପିକା-ରଣବୀର

**ମୁମ୍ବାଇ:** ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ଇଟାଲିର ଲେକ୍ କୋମୋରେ ନଭେମ୍ବର ୧୪ ଓ ୧୫ରେ ଦୁହିଁଙ୍କର ହାତଗଣ୍ଠି ପଡିଥିଲା। ଶନିବାର ରାତିରେ ସେମାନେ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ତେବେ ଏହି ଲକ୍ଷ୍ୟସ୍ଥଳ କେଉଁଠି ତାହା ଜଣାପଡିନାହିଁ। ଉଭୟ କଳା ଡ୍ରେସ ଓ କଳା ଚଷମା ପରିଧାନ କରି ସହାସ୍ୟ ବଦନରେ ହାତ ଧରାଧରି ହୋଇ ବିମାନବନ୍ଦରକୁ ଯାଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଦୀପିକା ଏକ ସାକ୍ଷାତକାରରେ କହିଛନ୍ତି, ରଣବୀରଙ୍କ ଅଭିନୀତ ଫିଲ୍ମ 'ସିମ୍ବା' ରିଲିଜ ହେବା ପର୍ଯ୍ୟନ୍ତ ସେମାନେ ବାହାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଦୀପିକାଙ୍କ ଜନ୍ମଦିନ ଥିବା ବେଳେ ଏହି ନବଦମ୍ପତି କର୍ମକ୍ଷେତ୍ରକୁ ଫେରିବା ପୂର୍ବରୁ ହଲିଡେକୁ ପୂରା ଦମ୍‌ରେ ଉପଭୋଗ କରିବେ ବୋଲି ସୂଚନା ମିଳିଛି। ଆଗକୁ ଉଭୟ ଦୀପିକା ଓ ରଣବୀର ଖୁବ୍ କାର୍ଯ୍ୟବ୍ୟସ୍ତ ରହିବେ। ରଣବୀରଙ୍କ ପରବର୍ତ୍ତୀ ଫିଲ୍ମ 'ଗୁଲି ବଏ' ଫେବୃୟାରୀରେ ରିଲିଜ ହେବାର ଥିବାବେଳେ ଦୀପିକା ତାଙ୍କର ପ୍ରଥମ ପ୍ରଯୋଜନାର ଫିଲ୍ମ 'ଛପକ'ରେ ଏସିଡ ଆକ୍ରମଣରୁ ବର୍ତ୍ତିଯାଇଥିବା ଲକ୍ଷ୍ମୀ ଅଗ୍ରୱାଲ୍ ଭୂମିକାରେ ଦେଖିବାକୁ ମିଳିବେ।





ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ






## ସଂକ୍ଷେପରେ

### ୧୨ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୩୦।୧୨(ଡିଏନଏ):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ରବିବାର ଗୋଟିଏ ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏହାର ଲମ୍ବ ୧୨ ଫୁଟ ଓ ଏହା ମାଈ କୁମ୍ଭୀର ବୋଲି ଜଣାପଡିଛି। ପୂର୍ବାହ୍ନ ୧୦ଟା ସମୟରେ ରାଜକନିକା ବ୍ଲକର ଜୟନଗର ନିକଟ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀରଟି ମରି ଭାସୁଥିବାର ବନବିଭାଗ ଖବର ପାଇଥିଲା। ବନପାଳ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ମୃତ କୁମ୍ଭୀରକୁ ବୋଟରେ ଟାଣି ଟାଣି ଖୋଳା ନଦୀକୂଳକୁ ଆଣିଥିଲେ। ପରେ କୁମ୍ଭୀରକୁ ରାଜନଗର ପଶୁ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପୋତି ଦିଆଯାଇଛି। କୁମ୍ଭୀରଟି ସମ୍ପୂର୍ଣ୍ଣ ପଚି ଯାଇଥିବା ଦେଖିବାକୁ ମିଳିଥିଲା। ତେଣୁ ୩-୪ ଦିନ ତଳୁ ଏହା ମରି ଯାଇଥିବା ଅନୁମାନ କରାଯାଉଛି। କୁମ୍ଭୀର ମୃତ୍ୟୁର କାରଣ ଜଣା ପଡିନାହିଁ।

### ଜଳିଗଲେ ୨୮ ଗୃହପାଳିତ ପ୍ରାଣୀ
#### ୩ ଗୋରୁ, ୧୫ ଛେଳି ସହ ୧୦ କୁକୁଡ଼ା ମୃତ

**ଭଣ୍ଡାରିପୋଖରୀ, ୩୦।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଯୋରାଗଡ଼ିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସହ ୧ ବଖରା ଘର ଜଳି ଯାଇଥିବା ବେଳେ ୨୮ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପୋଡ଼ି ଯାଇଥିବା ଗୃହପାଳିତ ପ୍ରାଣୀ ମଧ୍ୟରେ ୩ ଗୋରୁ, ୧୫ ଛେଳି ଓ ୧୦ କୁକୁଡ଼ା। ୪ ଗୋରୁ ଆହତ ହୋଇଛନ୍ତି। ଏଥିସହ ଗ୍ରାମର ଅମରେନ୍ଦ୍ର ପାଲ, ତିଳୋତ୍ତମା ପାଲ, ଯତିନ୍ଦ୍ର ପାଲ ଓ ସମରଶେଖର ପାଲଙ୍କର ୪ଟି ଧାନ ଗଦା ପୋଡ଼ି ଯାଇଛି। ଅମରେନ୍ଦ୍ରଙ୍କ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭିନ୍ନ ରାଜନେତା ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ରାଜ୍ୟର ସବୁ ପୌରାଞ୍ଚଳରେ ମେ' ସୁଦ୍ଧା ଏଲ୍‌ଇଡି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଏଲ୍‌ଇଡି ଦ୍ୱାରା ଆଲୋକିତ କରାଯିବ। ଏଥିପାଇଁ ଏକ ଏମ୍‌ଓୟୁ ରାଜ୍ୟ ସରକାର ସ୍ୱାକ୍ଷର କରିଛନ୍ତି। ଆସନ୍ତା ମେ' ସୁଦ୍ଧା ରାଜ୍ୟର ୧୧୩ଟି ପୌରାଞ୍ଚଳରେ ଏହି ସୁବିଧା ଉପଲବ୍ଧ କରାଯିବ। ଏଥିପାଇଁ ପ୍ରାୟ ୬୧,୦୦୦ରୁ ଅଧିକ ସ୍ମାର୍ଟ ଏଲ୍‌ଇଡିର ଆବଶ୍ୟକତା ପଡିବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ଶନିବାର ନଗର ଉନ୍ନୟନ ବିଭାଗ, ପୌରସଂସ୍ଥା ଏବଂ ସଂପୃକ୍ତ ଏଲ୍‌ଇଡି ଲଗାଉଥିବା ସଂସ୍ଥା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି।

## ସରକାରଙ୍କ ଦୃଷ୍ଟିରେ ଶ୍ରୀମନ୍ଦିର ଅତିରିକ୍ତ ଦାୟିତ୍ୱ

# 'କା'ରେ ଚାଲିଛି ପରିଚାଳନା

**ପୁରୀ ଅଫିସ,୩୦।୧୨**

ଶ୍ରୀମନ୍ଦିରର ରୀତିନୀତି, ସେବାପୂଜା, ଦର୍ଶନ, ପ୍ରସାଦ ସବୁଥିରେ ଦେଖାଦେଇଛି ଚରମ ବିଶୃଙ୍ଖଳା। ମନଇଚ୍ଛା ମନ୍ଦିରକୁ ବନ୍ଦ କରିଦିଆଯାଉଛି। ମହାପ୍ରଭୁଙ୍କୁ ଉପବାସ, ଅନିଦ୍ରା ରଖାଯାଉଛି। ଭକ୍ତଙ୍କ ଦର୍ଶନ ଅଧିକାରଙ୍କୁ ବି ଛଡାଇ ନିଆଯାଉଛି। ହିନ୍ଦୁ ଧର୍ମର ଏହି ମହାନ ପବିତ୍ର ପୀଠରେ ଏଭଳି ବିଭ୍ରାଟ ଘଟୁଥିଲେ ମଧ୍ୟ ସରକାରଙ୍କ କିଛି ପରବାୟ ନାହିଁ। ମନ୍ଦିର ପରିଚାଳନା ସରକାରଙ୍କ ନଜରରେ ଏକ ଅତିରିକ୍ତ ଦାୟିତ୍ୱ। ୨୦୦୪ରେ ଯେତେବେଳେ ସଂସ୍କାର ବ୍ୟବସ୍ଥା ଲାଗୁ ହେଲା ଜଣେ କମିଶନର ପାହ୍ୟାର ଅଧିକାରୀଙ୍କୁ ପୂର୍ଣ୍ଣକାଳୀନ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତାହାକୁ ପାସୋରି ଦେଇଛନ୍ତି ସରକାର। ଆଜି ବି 'କା'ରେ ଚଳାଇଛନ୍ତି ଶ୍ରୀମନ୍ଦିର ପରିଚାଳନା। କୌଣସି ବିଭାଗୀୟ ସଚିବ ବା ପ୍ରମୁଖ ସଚିବଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ସରକାର ତାଙ୍କ କର୍ତ୍ତବ୍ୟକୁ ସୀମିତ ରଖିଛନ୍ତି।

ଶ୍ରୀମନ୍ଦିରରେ ସକାଳୁ ବିଳମ୍ବିତ ରାତିଯାଏ ଗହଳି ଲାଗେ। ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଆସୁଥିବା ବେଳେ ବିଭିନ୍ନ ପର୍ବପର୍ବାଣି ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଦପଡେ। ୧୯୬୦ରୁ ରାଜ୍ୟ ସରକାର ଗଜପତି ମହାରାଜାଙ୍କଠାରୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହାର ପରିଚାଳନା ପାଇଁ ମୁଖ୍ୟ ପ୍ରଶାସକ ପଦବୀ ରହିଛି। ଗତ କିଛି ବର୍ଷ ହେଲା ଜଣେ ଆଇଏଏସ୍ ଅଫିସରଙ୍କୁ ସରକାର ଏହି ପଦବୀରେ ରଖୁଛନ୍ତି। କିନ୍ତୁ ପୂର୍ଣ୍ଣକାଳୀନ ନୁହେଁ। ପ୍ରଦୀପ୍ତ ମହାପାତ୍ର ହୁଅନ୍ତୁ କି ଅରବିନ୍ଦ ପାଢୀ, ସୁରେଶ ମହାପାତ୍ର ହୁଅନ୍ତୁ କି ପ୍ରଦୀପ ଜେନା ଏହି ଆଇଏଏସ୍ ଅଫିସରଙ୍କ କାନ୍ଧରେ ପ୍ରମୁଖ ବିଭାଗର ଦାୟିତ୍ୱ ଥିବାବେଳେ ସରକାର ସେମାନଙ୍କୁ ଶ୍ରୀମନ୍ଦିର ପରିଚାଳନା ପାଇଁ ପଠାଇଆସିଛନ୍ତି। ବର୍ତ୍ତମାନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରହିଥିବା ପ୍ରଦୀପ୍ତ ମହାପାତ୍ର ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅଛନ୍ତି।

ବୁଦ୍ଧିଜୀବୀ ସରୋଜ କୁମାର ବେହେରା କହିଛନ୍ତି ଯେ, ମୁଖ୍ୟ ପ୍ରଶାସକମାନେ ସପ୍ତାହକୁ ଥରେ କିମ୍ବା ଦୁଇଥର ପୁରୀ ଆସିବା କଷ୍ଟକର। ସେମାନେ ମୁଖ୍ୟ ଦାୟିତ୍ୱକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରରେ ରାତି କାଟୁଥିବାବେଳେ ଏପଟେ ଅସହାୟ ହୋଇପଡେ ଶ୍ରୀମନ୍ଦିର। କୌଣସି ସମୟରେ କିଛି ବି ଘଟଣା କିମ୍ବା ବିଶୃଙ୍ଖଳା ହେଲେ ହଠାତ୍ ସେମାନଙ୍କ ଦେଖା ମିଳି ନ ଥାଏ। ଫଳରେ ବିଶୃଙ୍ଖଳା ଚରମ ବିଭ୍ରାଟ ଆଡକୁ ଗତି କରେ। ନିକଟରେ ତାହା ହୋଇଛି। ଭିତରଚ୍ଛୁ ଭବାନୀ ଶଙ୍କର ମହାପାତ୍ରଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ସେ ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣାଇଥିଲେ। ମୁଖ୍ୟ ପ୍ରଶାସକ ଭୁବନେଶ୍ୱରରେ ଥିବାରୁ ଟେଲିଫୋନରେ ସମାଧାନ ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। ଟେଲିଫୋନରେ ବି ତାଙ୍କୁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଶୃଙ୍ଖଳା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଗଲା। ହେଲେ ସକାଳକୁ ଖୋଲିନାହିଁ ଦ୍ୱାର। ସେବାୟତମାନେ ଧାରଣା ଦେଲେ। ଠାକୁର ଉପବାସରେ ରହିଲେ, ଭକ୍ତ ଦର୍ଶନ ନ କରି ଫେରିଲେ। ସମାଧାନ ପାଇଁ ମୁଖ୍ୟ ପ୍ରଶାସକ ଟେଲିଫୋନରେ ଜିଲାପାଳ ଏବଂ ଏସ୍‌ପିଙ୍କୁ କହିଲେ। ହେଲେ ଜିଲାପାଳ କିମ୍ବା ଏସ୍‌ପିଙ୍କୁ ଭରସି ପାରିଲେନି ସେବାୟତ। ମୁଖ୍ୟ ପ୍ରଶାସକ ଆସନ୍ତୁ ବୋଲି ଅଡି ବସିଥିଲେ। ଏମିତି ଭିତରେ ଠାକୁରଙ୍କ ନୀତିରେ ୧୪ ଘଣ୍ଟା ବିଳମ୍ବ ହେଲା।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି ଯେ, ଠିକଣା ସମୟରେ ମୁଖ୍ୟ ପ୍ରଶାସକଙ୍କ ଅନୁପସ୍ଥିତିକୁ ନେଇ ପୂର୍ବରୁ ବହୁ ପ୍ରକାର ସମସ୍ୟା ଉପୁଜିଛି। ତେଣୁ ଶ୍ରୀମନ୍ଦିର ପରିଚାଳନା ପାଇଁ ସରକାର ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତି ଦେବା ଦରକାର। ସମ୍ପୃକ୍ତ ଅଫିସର ପୁରୀରେ ରହି ସେବାୟତ ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ଉଚିତ। ନଚେତ ଆଗକୁ ଶ୍ରୀମନ୍ଦିରର ପରିଚାଳନା ଆହୁରି ବିଗିଡ଼ିଯିବ।






### ଆଜି ମୋହରିର ମହାସଂଘର କଲମଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘ ସୋମବାର ପ୍ରତିବାଦ ଦିବସ ପାଳନ କରିବ। ଏହି ଅବସରରେ ରାଜ୍ୟର ସମସ୍ତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ମୋହରୀରମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ବଂଶୀଧର ବେହେରା ସୂଚନା ଦେଇଛନ୍ତି।

# ବିଜୁ କୃଷକ ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

## ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲା ସଭାପତିଙ୍କ ନାମ ଘୋଷଣା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମ୍‌ରେ ବିକ୍ଷୋଭ ପ୍ରଦର୍ଶନ ହେବ। ଏହା ପୂର୍ବରୁ କୃଷକ ଜନତା ଦଳର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳ ପକ୍ଷରୁ ରବିବାର ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି।

କମିଟିର ଉପସଭାପତି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, କଳାହାଣ୍ଡି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂ, ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ସମିତି ସଭାପତି ଅଲେଖ ଚୌଧୁରୀ, ସମ୍ବଲପୁର କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ କିଶୋର ମେହେର, ଅନ୍ତର୍ଯ୍ୟାମୀ ରାଉତ, ଘନଶ୍ୟାମ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମନୋଜ ମହାପାତ୍ର, ତିରୁପତି ବନାଗାଡି, ସରୋଜ ପ୍ରଧାନ, ଉତ୍ତମ କୁମାର ପାତ୍ର ଏବଂ ଜୟନ୍ତ ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ସମସ୍ତ ଜିଲା ସଭାପତିଙ୍କ ନାଁ ମଧ୍ୟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଘୋଷଣା କରାଯାଇଛି। କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନାଙ୍କ ସମ୍ମତିକ୍ରମେ ଏହି ତାଲିକା ଘୋଷଣା କରାଯାଇଛି। ଏହାର ତାଲିକା ପ୍ରକାଶ କରାଗଲା।

### ବିଜୁ କୃଷକ ଜନତାଦଳ ଜିଲା ସଭାପତି

| ଜିଲା | ନାମ | | |
|---|---|---|---|
| ଅନୁଗୋଳ | ବ୍ରଜ କିଶୋର ପ୍ରଧାନ | କେନ୍ଦ୍ରାପଡା | ସୌମେନ୍ଦ୍ର ଦାସ |
| ବାଲେଶ୍ୱର | ଅଜୟ ସାମଲ | କେନ୍ଦୁଝର | ଦୀପକ ରାଜ |
| ବରଗଡ | ଗୌରହରି ମିଶ୍ର | ଖୋର୍ଦ୍ଧା | ରାମଚନ୍ଦ୍ର ସାମନ୍ତରାୟ |
| ଭଦ୍ରକ | ଜଗନ୍ନାଥ ସ୍ୱାଇଁ | କୋରାପୁଟ | ରମା ସାମନ୍ତରାୟ |
| ବଲାଙ୍ଗୀର | ଅଜୟ ଦାସ | | ଉପସଭାପତି-ସୁକୁରିଆ ପ୍ରଧାନ |
| ବୌଦ୍ଧ | ଶାନ୍ତନୁ ଥାଟି | ମାଲକାନଗିରି | ସୁଭାଷ ଚନ୍ଦ୍ର ପ୍ରଧାନ |
| କଟକ | ପ୍ରଶାନ୍ତ କୁମାର ବେହେରା | ମୟୂରଭଞ୍ଜ (୧) | ରାଜ କିଶୋର ଆଚାର୍ଯ୍ୟ, |
| ଦେବଗଡ | ଚିତ୍ତ ରଞ୍ଜନ ପ୍ରଧାନ | ମୟୂରଭଞ୍ଜ(୨) | ଦୁର୍ଗା ହେମ୍ବ୍ରମ୍ |
| ଢେଙ୍କାନାଳ | ନରୋତ୍ତମ ସାହୁ | ନବରଙ୍ଗପୁର | ଯୋଗେନ୍ଦ୍ର ସ୍ୱାଇଁ |
| ଗଜପତି | ରବି ନାଇଡୁ | ନୟାଗଡ | ଜଗନ୍ନାଥ ପଣ୍ଡା |
| ଗଞ୍ଜାମ | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ନୂଆପଡା | ସନ୍ତୋଷ କୁମାର ନିଆଲ୍ |
| ଜଗତସିଂହପୁର | ପ୍ରକାଶ ଚନ୍ଦ୍ର ବସ୍ତିଆ | ପୁରୀ | ବିଧାୟକ ଉମାକାନ୍ତ ସାମନ୍ତରାୟ |
| | | | କାର୍ଯ୍ୟକାରୀ ସଭାପତି-ପ୍ରଫୁଲ୍ଲ ଜେନା |
| ଯାଜପୁର | ନିତ୍ୟ ନନ୍ଦନ ରାଉତ | ରାୟଗଡା | ଜ୍ୟୋତି ପ୍ରସାଦ ସାହୁ |
| ଝାରସୁଗୁଡା | ମିତ୍ରଭାନୁ ସାହୁ | ସମ୍ବଲପୁର | ଆନନ୍ଦ ଜେନା |
| କଳାହାଣ୍ଡି | ଦିଲ୍ଲୀପ ଠାକୁର | ସୋନପୁର | ମନୋରଞ୍ଜନ ପ୍ରଧାନ |
| କନ୍ଧମାଳ | କୁନା ଦଣ୍ଡସେଣା | ସୁନ୍ଦରଗଡ | ଗୋପାଳ ଚନ୍ଦ୍ର ପ୍ରଧାନ |






### ୩ ଅଧିକାରୀଙ୍କ ଏଏସ୍‌ପି ର୍ୟାଙ୍କକୁ ପଦୋନ୍ନତି

**କଟକ ଅଫିସ,୩୦।୧୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ଡିଏସ୍‌ପି ର୍ୟାଙ୍କର ୩ ଅଧିକାରୀଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପୋଲିସ(ଏଏସ୍‌ପି) ର୍ୟାଙ୍କକୁ ପଦୋନ୍ନତି ମିଳିଥିବାବେଳେ ଏଏସ୍‌ପି ର୍ୟାଙ୍କର ଦୁଇ ଅଧିକାରୀଙ୍କ ବଦଳି ହୋଇଛି। ରବିବାର ଓଡ଼ିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏଚ୍‌ଆରସିର ଡିଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଭାବେ ନିୟୋଜିତ କରାଯାଇଛି। ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସଙ୍କୁ କୋରାପୁଟ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କମିଶନରେଟ ପୋଲିସର ଏସିପି ତ୍ରିନାଥ ମିଶ୍ରଙ୍କୁ ଅତିରିକ୍ତ ଡିସିପି ଭାବେ ନିଯୁକ୍ତ କରାଯାଇଛି। କୋରାପୁଟ ଡିଏସ୍‌ପି ଉଦ୍ଧବ ଚନ୍ଦ୍ର ନାୟକଙ୍କୁ କୋରାପୁଟ ଏଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ସୋନପୁର ଏଏସ୍‌ପି ଭାବେ ବଦଳି କରାଯାଇଛି।






ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................



ହାପୁନ୍
ପରିବାରବର୍ଗ



ତ୍ରିଲୋଚନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ କାଳିଆ ଯୋଜନା

## ଶାସକ- ବିରୋଧୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ କାଳିଆ(କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗମେଣ୍ଟେଶନ୍) ଯୋଜନାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଏହି ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦୈନିକ ମୁହାଁମୁହିଁ ହେଉଛନ୍ତି। ଅନ୍ୟପଟେ କାଳିଆ ଯୋଜନାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶନିବାର କ୍ୟାବିନେଟ୍ ବୈଠକ ଡାକି ଅର୍ଥର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ଏଥିପାଇଁ ବଜେଟ୍‌ର ବ୍ୟବସ୍ଥା ନ ଥିବାରୁ ଅର୍ଥ ଖର୍ଚ୍ଚ କରିବାକୁ କଣ୍ଟିଜେନ୍ସି ଫଣ୍ଡ ବ୍ୟବହାର ପାଇଁ ଯୋଜନା କରାଯାଇଛି। ଏହି ଫଣ୍ଡ ପରିମାଣ ବଢାଯାଇ ୧୬୦୦ କୋଟି ଟଙ୍କା କରାଯାଇଛି। ଏହି ଯୋଜନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିବେ। ତେବେ ପୂର୍ବରୁ ଶନିବାର କ୍ୟାବିନେଟ୍‌ରେ ନିଷ୍ପତ୍ତି କରି କଣ୍ଟିଜେନ୍ସି ଫଣ୍ଡ ବୃଦ୍ଧି କରିବା ଘଟଣାକୁ ନେଇ ବିରୋଧୀ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି।

ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଚାଷୀଙ୍କଠାରୁ କଳାକନା ବୁଲାଇଥିବା ଲୋକମାନେ କାଳିଆର ସାହାରା ନେଉଛନ୍ତି। ଏ ସରକାରଙ୍କ ମନ ଭିତରେ କି ଯୋଜନାରେ ସ୍ୱଚ୍ଛତା ନାହିଁ। ଓଡ଼ିଶାରେ ନିଜେ କରିବୁନି କି କାହାକୁ କରାଇ ଦେବୁନି ଏଭଳି ମାନସିକତାରେ ରାଜ୍ୟ ସରକାର ପହଞ୍ଚିଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ କିଛି ସ୍ୱଚ୍ଛତା ନାହିଁ। କେବଳ ଭୋଟ ହାତେଇବା ପାଇଁ ସୁଆଙ୍ଗ କରୁଛନ୍ତି। କାଳିଆ ଯୋଜନା ପାଇଁ ବିଧାନସଭା ବସାଇ ଅତିରିକ୍ତ ବଜେଟର ବ୍ୟବସ୍ଥା କ'ଣ ପାଇଁ କଲେନାହିଁ। ଶହେ ଟଙ୍କାର ବୋନସ ଦେବେ ବୋଲି କହିଥିଲେ, ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାର କଥା କହିଥିଲେ, ଏହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କାଳିଆକୁ ଉପାସ ରଖି ଏଭଳି ଯୋଜନା କରିବାରେ କୌଣସି ଲାଭ ନାହିଁ। ଅଣ୍ଟିରେ ନାହିଁ ଧନ ପୁଅ ବାହାଘର ପାଇଁ ମନଭଳି ଏହି ଯୋଜନା। କେବଳ ଭୋଟ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ନାଟକବାଜି, ରାଜ୍ୟବାସୀ ଏହାକୁ ଭଲରେ ବୁଝି ସାରିଲେଣି ବୋଲି ନିରଞ୍ଜନ କହିଛନ୍ତି।

ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ୮୦ରୁ ୯୦ପ୍ରତିଶତ ଚାଷୀ ସୁବିଧା ପାଇବେ। କାଳିଆ ଏକ ବାସ୍ତବଧର୍ମୀ ଯୋଜନା। ଏହାଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ। ବିରୋଧୀ ଅସହିଷ୍ଣୁ ହୋଇ ଏଭଳି ମତ ରଖୁଥିବା ଶଶି କହିଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବୋଲଗଡ଼,୩୦।୧୨ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ରାଜସୁନାଖଳା ଗଣେଶ ବଜାର ନିକଟ ଏକ ପୋଖରୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ମଲିକାପୁର ଗ୍ରାମର ଉତ୍ତମ ସାହୁ (୩୨)। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ରାଜସୁନାଖଳା ବଜାରରେ ଥିବା ବିନୋଦ କୁମାର ପଣ୍ଡାଙ୍କ କାର ଗ୍ୟାରେଜରେ ଜଣେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ୨ଦିନ ପୂର୍ବରୁ ସେ ଗ୍ରାମକୁ ଯିବାକୁ କହି ବିନୋଦଙ୍କଠାରୁ ୧୫ଶହ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ରବିବାର ସକାଳେ ତାଙ୍କ ମୃତଦେହ ରାଜସୁନାଖଳା ବଜାର ଯାମଳା ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବୋଲଗଡ ଦମକଳ କେନ୍ଦ୍ର କର୍ମଚାରୀଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ସମ୍ପର୍କୀୟ ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ବାଙ୍କୋଇ ଫାଣ୍ଡି ଅଧିକାରୀ ସଞ୍ଜୟ ଜେନା କହିଛନ୍ତି। ଏ ସଂକ୍ରାନ୍ତରେ ମୃତକଙ୍କ ପରିବାର ପକ୍ଷରୁ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

## Classified



### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65313

**Prime land on Puri Konark Marine drive on NH 2800 sqft. Cost 35 lakhs (Negotiable). Contact: 9778579645.** D-10303

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398



1000, 750, 700, 650, 450 sqft. available for office purpose at centrally located, Unit-9, 2300 sqft. office space available at Metro house Vanivihar, 3BHK available for rent at Damayanti Apartment Nayapally. Mob: 9861256148, 9439483674. D-10289

Three rooms dining, kitchen, verandah on Pandara road, Rasulgarh. 8270894870. D-10320

### AFFIDAVIT

By virtue of an affidavit before the Executive Magistrate, Bhubaneswar, C.F.No-42/ 29.12.2018, I do here by declare that Prasant Kumar Nayak & Prasanta Kumar Nayak son of Pravakar Nayak is one and same person for all purpose. D-61911

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଜନ୍ମଦିନ ଶୁଭେଚ୍ଛା



**ସରସ୍ୱତୀ ସିଂଙ୍ଗ**

ତୁମ ଶୁଭ ଜନ୍ମଦିନରେ ଶୁଭକାମନା। ତାଙ୍କ ଜୀବନରେ ସବୁବେଳେ ଖୁସିର ସମୟ ଆସୁ ଓ ନୂତନବର୍ଷ ତାଙ୍କ ପାଇଁ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ପରିବାରବର୍ଗ, ଟିକି ସିଂଙ୍ଗ, ସୁନା ସିଂଙ୍ଗ, ସମଶେର ସିଂଙ୍ଗ, କ୍ରିଷ୍ଣା ସିଂଙ୍ଗ, ସୁକାନ୍ତି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ। ଧ-୧୦୨୮୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସଭାରେ...

ଅନ୍ୟପକ୍ଷରେ ତିନି ତଲାକ୍ ବିଲ୍ ଆଇନରେ ପରିଣତ ହେଲେ ଏହା ବହୁ ପରିବାରକୁ ବରବାଦ କରିଦେବ ବୋଲି ଅଖିଳ ଭାରତ ମୁସଲମାନ ମହିଳା ପର୍ସୋନେଲ୍ ଲ ବୋର୍ଡ (ଏଆଇଏମ୍‌ଡବ୍ଲ୍ୟୁପିଏଲ୍‌ବି) ପକ୍ଷରୁ କୁହାଯାଇଛି। ଏହା ବିରୋଧରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆଇନ କୋରାନ ଅନୁଯାୟୀ ହେବା ଉଚିତ ବୋଲି ଏଆଇଏମ୍‌ଡବ୍ଲ୍ୟୁପିଏଲ୍‌ବି ଅଧ୍ୟକ୍ଷ ଶୈଷ୍ଟା ଅମ୍ବର କହିଛନ୍ତି।

■ ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ଆଜି ରାତି ସାଢେ ୯ ସୁଦ୍ଧା ପହୁଡ଼

**ପୁରୀ ଅଫିସ,୩୦।୧୨**

ଆଉ ମାତ୍ର କିଛି ମୁହୂର୍ତ୍ତ ପରେ ସ୍ପର୍ଶ କରିବ ନୂଆବର୍ଷ। ସହରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିଥିବାବେଳେ ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୩୧ ତାରିଖ ରାତି ସାଢେ ୯ଟା ସୁଦ୍ଧା ଠାକୁରଙ୍କ ପହୁଡ଼ ହୋଇ ରାତି ୨ଟାରେ ଦ୍ୱାର ଫିଟାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।

ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ବ୍ୟବସ୍ଥା ହୋଇଛି। ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ କର୍ମଚାରୀ ମୁତୟନ ରହିବେ। ଧାଡିରେ ଯିବା ଲାଗି ଆବଶ୍ୟକ ଅନୁଯାୟୀ ଅସ୍ଥାୟୀ ବ୍ୟାରିକେଡ୍ ତିଆରି ହୋଇଛି। ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ନିଷ୍ପତ୍ତି ହୋଇଛି। ଭକ୍ତମାନେ ଯେପରି ମୋବାଇଲ ଫୋନ ନେଇ ଭିତରକୁ ଯିବେ ନାହିଁ ସେଥିପାଇଁ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭିତରେ ସାଦା ପୋଷାକଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନା ଥିବାରୁ ସମୟ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ଚାଲିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ସୋମବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ ପରେ ଶ୍ରଦ୍ଧାଳୁ ପର୍ଯ୍ୟଟକମାନେ ଭୋର୍‌ରୁ ସମୁଦ୍ରରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିବେ। ଛୁଟିଦିନ ଯୋଗୁ ରବିବାର ସକାଳୁ ଶ୍ରୀକ୍ଷେତ୍ରରେ ଗହଳି ଚହଳି ଆରମ୍ଭ ହୋଇଛି।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ଦେବଯାନୀ ପଣ୍ଡା**

ସ୍ୱାମୀ-ନବକିଶୋର ପଣ୍ଡା
ପଣ୍ଡାଭବନ, ଅଶୋକ ନଗର, ଭୁବନେଶ୍ୱର
ତିରୋଧାନ: ତା ୭।୧।୨୦୧୩ରିଖ
ପୌଷ କୃଷ୍ଣ ଦଶମୀ
ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଆଲୋକ, ମିତା, ଛବି, ପ୍ରଭାତ, ରୁବି, ସରୋଜ, ଶିଲୁ, ବଣ୍ଟି, ପୂଜା, ଲିଟି, ରୋଜା ଓ ପରିବାରବର୍ଗ।
ଧ-୧୦୨୧୬

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନିରୋଜ କୁମାର ସାମଲ (କୁନିଆଁ)**

ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୪
କୁନିଆଁ, ତୁ ଯିବାର ଗୋଟେ ଯୁଗ ବିତିଗଲା। ବଦଳିଗଲା ଦୁନିଆ, ବଦଳିଗଲା ଅନେକ କିଛି, କିନ୍ତୁ ବଦଳିନି ତୋର ସ୍ମୃତି ଓ ହସହସ ମୁହଁ। ତୋର ସ୍ମୃତି ପ୍ରତିକ୍ଷଣରେ ନାଚୁଛି। ଲାଗୁଛି ତୁ ଏଇଠି ଅଛୁ। ତୁ ଯେଉଁଠି ଥା ଶାନ୍ତିରେ ଥା। ଭଗବାନ ତୋ ଅମର ଆତ୍ମାକୁ ସର୍ବଦା ଶାନ୍ତିରେ ରଖନ୍ତୁ ଏତିକି ପ୍ରଭୁଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ବୋଉ- ଲକ୍ଷ୍ମୀପ୍ରିୟା, ନନା- ସରୋଜ, ମନୋଜ, ଭାଉଜ- ଅର୍ଚ୍ଚନା, ସୁଚରିତା, ଭଉଣୀ- ଝରଣା, ମାନ୍ସୀ ମନସ୍ୱୀତା, ପ୍ରଜ୍ଞା, ଭିଣୋଇ- ପ୍ରଶାନ୍ତ, ଅଶୋକ, ଜ୍ୟୋତି, ପୁତୁରା- ଅରବିନ୍ଦ, ଅଂଶୁମାନ, ଭଣଜା- ଅର୍ପଣ, ଝିଆରୀ- ଆକାଂକ୍ଷା, ଐଶ୍ୱର୍ଯ୍ୟା, ଭାଣିଜୀ- ସ୍ୱାତୀ, ଶ୍ରେଷ୍ଠା।
ଧ-୧୦୨୬୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପ୍ରିୟଦର୍ଶିନୀ ମିଶ୍ର (ଟୁଇଁ)**

ପୁରୀ
ଆବିର୍ଭାବ: ୧୭।୦୧।୨୦୦୧
ତିରୋଧାନ: ୩୧।୧୨।୨୦୦୮
ତୋର ଅମର ଆତ୍ମାର ସଦ୍‌ଗତି ଲାଭ କରୁ।
ତୋ'ର ମା, ନନା, ବୋଉ ଓ ନାନୀ।
ଧ-୬୪୦୩୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରାମଚନ୍ଦ୍ର ସାହୁ**

ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୫।୦୭।୧୯୪୩
ତିରୋଧାନ: ୨୧।୧୨।୨୦୧୮
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଭୁଲିପାରିବୁ ନାହିଁ। ଆଜି ଏହି ପବିତ୍ର ତିଥିରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପ୍ରଫୁଲ୍ଲ, ପ୍ରମୋଦ, ଦେବନ, ତପନ, ସପି, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୫୬୧୫୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହିମଚନ୍ଦ୍ର ପଣ୍ଡା**

ଓକିଲ, ବରଗଡ଼
ଆବିର୍ଭାବ: ୧୮।୦୨।୧୯୫୧
ତିରୋଧାନ: ୧୨।୧୨।୨୦୧୭
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କ ମନ ଭିତରେ ସର୍ବଦା ପ୍ରତିଫଳିତ। ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସଦା ଅପୂରଣୀୟ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: -ପଣ୍ଡା ପରିବାର ଓ ବନ୍ଧୁବର୍ଗ। ଶକ୍ତିନଗର, ବରଗଡ଼
ଧ-୧୦୩୧୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

### ପ୍ରଥମ ପୃଷ୍ଠାରୁ...

## ଫାଇଦା...

ସୂଚନାଯୋଗ୍ୟ ଯେ, ମହାନଦୀ ବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ହେବ ବିବାଦ ଲାଗି ରହିଛି। ଛତିଶଗଡ ମହାନଦୀ ଉପର ମୁଣ୍ଡରେ ଶହେରୁ ଅଧିକ ବେଆଇନ ବ୍ୟାରେଜ ଓ ଡ୍ୟାମ୍ ନିର୍ମାଣ କରି ମହାନଦୀ ପାଣି ଅଟକାଇ ରଖିଛି। ଯାହାଫଳରେ ଓଡିଶାକୁ ମହାନଦୀ ଜଳ ପ୍ରବାହ କମିଯାଇଛି। ତେଣୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଓ ଛତିଶଗଡ ଭିତରେ ଆଇନଗତ ଲଢେଇ ଜାରି ରହିଛି। କଂଗ୍ରେସ ଛତିଶଗଡ଼ରେ ସରକାର କରିବାପରେ ଓଡ଼ିଶା ପିସିସି ସଭାପତି ଏହି ବିବାଦର ସମାଧାନ କରିପାରିବେ ବୋଲି ସାମାନ୍ୟ ଇସାରା ଦେଇଥିଲେ। ଛତିଶଗଡ଼ ସରକାରର ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ଫେରିବାପରେ ନିରଞ୍ଜନ ଏ ନେଇ ନୂଆ ମୁଖ୍ୟମନ୍ତ୍ରୀ ବାଘେଲଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଥିଲେ। ହେଲେ ରବୀନ୍ଦ୍ର ଚୌବେ କହିଛନ୍ତି ଯେ, ମହାନଦୀ ଉପରେ ଛତିଶଗଡ଼ର ପୂରା ଅଧିକାର ରହିଛି। ମହାନଦୀର ଉତ୍ପତ୍ତି ସ୍ଥଳରୁ ଶେଷ ପର୍ଯ୍ୟନ୍ତ ଆମର ଅଧିକାର ରହିଛି। ଟ୍ରିବ୍ୟୁନାଲରେ ଆମେ ପକ୍ଷ ରଖିବୁ ବୋଲି ଚୌବେ କହିଛନ୍ତି। ଚୌବେଙ୍କ ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ ନିରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପାଇଦା ନେବାକୁ ଚେଷ୍ଟା କରି ନିରଞ୍ଜନ ଅକଳରେ ପଡିଯାଇଛନ୍ତି ନା ସତରେ ତାଙ୍କ ଲକ୍ଷ୍ୟରେ ସଫଳ ହେବେ ତାକୁ ନେଇ ବର୍ତ୍ତମାନ ନାନା ଚର୍ଚ୍ଚା। ଆସନ୍ତା ଫେବୃୟାରୀ ୭ରେ ଟ୍ରିବ୍ୟୁନାଲରେ ମହାନଦୀ ପ୍ରସଙ୍ଗରେ ଶୁଣାଣି ହେବ।

ଏ ନେଇ ନିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ସେମାନଙ୍କର ମହାନଦୀ ଉପରେ କେତେ ଏବଂ ଆମର କେତେ ଅଧିକାର ଅଛି ସେନେଇ ଆଲୋଚନା କରିବା ପାଇଁ କହିଛି। ଏ ପ୍ରସଙ୍ଗରେ ଏକ ବୈଷୟିକ ଆଲୋଚନା ମାଧ୍ୟମରେ ବିବାଦକୁ ସମାଧାନ କରିବା ନେଇ ଆଶାବାଦୀ ରହିଥିବା ନିରଞ୍ଜନ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ନିରଞ୍ଜନ ବାବୁ ପୂର୍ବରୁ ଗୋଟେ କଥା କହୁଥିଲେ ଏବେ ଛତିଶଗଡ ଜଳ ସମ୍ପଦ ମନ୍ତ୍ରୀ ଅନ୍ୟ ଏକ କଥା କହିଲେଣି। ମହାନଦୀ ପାଇଁ ବିଜେଡି ଲଢେଇ ଜାରି ରଖିଛି ଓ ରଖିବ ବୋଲି ସମୀର କହିଛନ୍ତି।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ନିରଞ୍ଜନ ବାବୁ ଛତିଶଗଡ ମନ୍ତ୍ରୀ କିମ୍ବା ସେହି ରାଜ୍ୟର ଦାୟିତ୍ୱରେ ନାହାନ୍ତି। ଛତିଶଗଡବାସୀ ନିଜ କଥା କହିଛନ୍ତି। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚନ ଲଢନ୍ତୁ। ମିଛ କଥା କହି କଂଗ୍ରେସ ରାଜ୍ୟରେ ୫୦ବର୍ଷ ଶାସନ କରିଛି। ଏବେ ରାଜ୍ୟ ନେତୃତ୍ୱ କଂଗ୍ରେସର ସମାନ ନୀତି ଆପଣାଇଛନ୍ତି। ସେତେବେଳେ ଭାଜପା ସରକାର ଥିବାବେଳେ କଂଗ୍ରେସ ଓ ବିଜେଡି ଆମକୁ ଟାର୍ଗେଟ କରୁଥିଲେ। ଏବେ ତ ଉଚିତ୍ ସମୟ ଆସିଛି, ରାଜ୍ୟ ସ୍ୱାର୍ଥ ପାଇଁ ଉଭୟ ବିଜେଡି ଓ କଂଗ୍ରେସ ମିଶି ଏହାର ସମାଧାନ କରନ୍ତୁ ବୋଲି ବସନ୍ତ କହିଛନ୍ତି।

## ଦାରିଙ୍ଗବାଡ଼ିରେ...

ଗବାଟବାଡ଼ି, ତିଲୋରୀ, କିରିକୁଟିଆଦି ଅଞ୍ଚଳରେ ଅଧିକ ତୁଷାରପାତ ହୋଇଛି। ଫଳରେ ଶୀତ ଲହରି ଦ୍ୱିଗୁଣିତ ହୋଇଯାଇଛି। ବିଭିନ୍ନ କାର୍ ଛାତ ସମେତ ଖୋଲା ପଡ଼ିଆ, ଶୁଖିଲା କାଠଗଣ୍ଡି, ଚାଳ ଛପର ଏବଂ ଧାନବିଲଗୁଡ଼ିକରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଏଠାରେ ତାପମାତ୍ରା ମାପିବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରକୃତ ତଥ୍ୟ ମିଳିପାରିନାହିଁ। ଶୀତ ଯୋଗୁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଶୀତର ମଜା ନେବା ସହ ତୁଷାରପାତ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିବା ଜଣାପଡ଼ିଛି। ରାତ୍ର ଆଶ୍ରୟସ୍ଥଳୀ ବ୍ୟବସ୍ଥା ନ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକ ବିଳମ୍ବିତ ରାତିରେ ପହଞ୍ଚି ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିରେ ଗତ ବୁଧବାର ୫.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଗୁରୁବାର ପାଗ ମେଘୁଆ ରହିବା ସହ ତାପମାତ୍ରା ବୃଦ୍ଧି ପାଇ ୧୦ ଡିଗ୍ରୀ ଓ ଶୁକ୍ରବାର ୧୩ ଡିଗ୍ରୀରେ ପହଞ୍ଚିଥିଲା। ପୁଣି ଶନିବାର ତାପମାତ୍ରା କମି ୬ ଡିଗ୍ରୀରେ ପହଞ୍ଚିଥିଲା। କ୍ରମେ ଶୀତ ବଢିବା ସହ ରବିବାର ସକାଳୁ ତୁଷାରପାତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରେ ଉତ୍ସାହିତ ରହିବା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅଟକି ରହିଯାଇଥିବା କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ଆତ୍ମୀୟସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯାଇପାରନ୍ତି।

**ବୃଷ** — ସାମାଜିକ ସ୍ତରରେ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇ ପାରନ୍ତି। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ** — ଆଜି ଆପଣ ବନ୍ଧୁଙ୍କ ନିକଟରୁ ଯେତିକି ପାଇବେ ପ୍ରତିଦାନରେ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କୌଣସି କାମ କଲେ ସେଥିସକାଶେ ଅନୁତାପ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** — ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି ସକାଳୁ ସକାଳୁ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ କିଛି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସା ସୂଚକ ପଦୁଟିଏ କଥା ମଧ୍ୟ ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ।

**ସିଂହ** — ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡ଼ିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପଡିବ। ସରକାରୀ କାମରେ ଉପରିସ୍ଥଙ୍କ ଚାପରେ ପଡ଼ି ମାନସିକ ସନ୍ତୁଳନ ହରାଇପାରନ୍ତି। ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିପାରେ।

**କନ୍ୟା** — ଆଜି ବନ୍ଧୁ ଗହଣରେ ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନ ଥାଇପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଦ୍ୱନ୍ଦ୍ୱ ଅନୁଭବ କରିପାରନ୍ତି। ବ୍ୟବସାୟ କିମ୍ବା କ୍ରୟବିକ୍ରୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। ପ୍ରଶାସନିକ ଆଲୋଚନା,ସଭାସମିତି, ଆନୁଷ୍ଠାନିକ କାମରେ ସଫଳତା ଲାଭ କରିବେ।

**ତୁଳା** — ହଠାତ୍ କୌଣସି ଆତ୍ମୀୟସ୍ୱଜନଙ୍କ ନିକଟରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡେ ମିଳାଇ ଯିବ। ଅବଶ୍ୟ ଏହିଭଳି ପରିସ୍ଥିତିରେ ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା,ସଙ୍ଗୀତ,ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତାର ହେତୁ ସ୍ୱରୂପ ଉତ୍ସବାନୁଷ୍ଠାନ ମନେଇ ପାରନ୍ତି।

**ବିଛା** — ଭଲ ସମ୍ପର୍କରହିଥିବା ବନ୍ଧୁମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରି ମାନସିକ ସ୍ଥିତି ଭଲ ରହିବ ନାହିଁ। କଳା,ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ଓ ପ୍ରଶଂସିତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ଅର୍ଥାତ ଉତ୍ସବାନୁଷ୍ଠାନରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କୌଣସି କାମ ହାସଲ କରିବା ସକାଶେ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହୋଇପାରନ୍ତି।

**ଧନୁ** — ବନ୍ଧୁ ମେଳରେ ଅଥବା ଆଲୋଚନା ପରିସରରେ ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତରର ସମ୍ଭାବନା ମଧ୍ୟ ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ ମାତ୍ର ଋଣପାଇବାରେ ବିଳମ୍ବ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** — ସରକାରୀ କିମ୍ବା କମ୍ପାନୀ ତରଫରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ସାଧାରଣ ସମ୍ପର୍କଥିବା ବନ୍ଧୁଟି ପୂର୍ବରାଗର ପ୍ରତିଶୋଧ ନେବା ଆଳରେ ବେଳକାଳ ଉଣ୍ଡି ଅସୁବିଧାରେ ପକାଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଦୂରସ୍ଥ ସନ୍ତାନଙ୍କ ସକାଶେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦବେଳିତ ହୋଇପାରେ।

**କୁମ୍ଭ** — କର୍ମକ୍ଷେତ୍ରରେ ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ବାଧ୍ୟବାଧକତାରେ ସବୁ କାମ କଲେ ମଧ୍ୟ କୌଣସିଥିରେ ଆନ୍ତରିକତା ନ ଥିବା କର୍ମକ୍ଷେତ୍ରରେ, ଧାର୍ମିକ କାର୍ଯ୍ୟରେ କୌଣସି ବିଶିଷ୍ଟବ୍ୟକ୍ତି ସହାୟତା ଦେଇପାରନ୍ତି। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମୀନ** — ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଗତକାଲିର ଯୋଜନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ।

ଆଜି ପୌଷ କୃଷ୍ଣ ଦଶମୀ ସୋମବାର, ଡିସେମ୍ବର ୩୧ ତାରିଖ, ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍ ସମ୍ମେଳନର ପ୍ରଥମ ଦିବସ, ରାଶି ନକ୍ଷତ୍ର-ଦିବା ଘ୯।୧୮ମି. ପର୍ଯ୍ୟନ୍ତ, ଚିତ୍ରା/କନ୍ୟା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୪୯ମି. ମଧ୍ୟେ, ଘ୧।୧୩ମି. ଗତେ ଘ୨।୩୫ମି ମଧ୍ୟେ ଘ୩।୫୬ମି, ଗତେ ଘ୫।୧୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୧୧ମି. ଗତେ ଘ୧୦।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୪୬ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ରବେଳା।







# ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ

## ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରାଇବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୩୦।୧୨

ଦେଶର ରାଷ୍ଟ୍ରାୟତ୍ତ ତୈଳ ବୀପଣନ କମ୍ପାନୀ (ଓଏମ୍‌ସି) ଗୁଡ଼ିକର କର୍ପୋରେଟ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ରାଜ୍ୟରେ ୧୦୦ ସାନିଟାରୀ ନାପକିନ ମାନୁଫାକଚରିଂ ୟୁନିଟ ସ୍ଥାପନ ଲକ୍ଷ୍ୟ ରଖାଯାଇଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ୨.୫ କୋଟି ମହିଳାଙ୍କୁ ସଶକ୍ତ ତଥା ଆତ୍ମନିର୍ଭରଶୀଳ କରାଇବ ବୋଲି ପ୍ରଧାନ ଏହି ଅବସରରେ କହିଛନ୍ତି। ରାଜ୍ୟର ୯୩ ବ୍ଲକରେ ଥିବା କମନ୍ ସର୍ଭିସ ସେଣ୍ଟରଗୁଡ଼ିକରେ ତୈଳ ବୀପଣନ କମ୍ପାନୀଗୁଡ଼ିକ ସାନିଟାରୀ ନାପକିନ୍ ୟୁନିଟ ବସାଇବାରେ ସହାୟତା କରିବେ। ଏଥି ପାଇଁ ୨.୯୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ।

ମହିଳାଙ୍କ ସ୍ୱଚ୍ଛତାକୁ ଧ୍ୟାନରେ ରଖି ସୁଲଭ ମୂଲ୍ୟରେ ସାନିଟାରୀ ପ୍ୟାଡ୍ ଯୋଗାଣ ଲାଗି ଓଏମ୍‌ସିଗୁଡ଼ିକ ଆଗେଇ ଆସିଛନ୍ତି। ସେଣ୍ଟର ପିଛା ଅନ୍ତତଃ ପକ୍ଷେ ୧୦ ମହିଳା ନିଯୁକ୍ତି ପାଇବେ। ଏହା ମଧ୍ୟରେ ମାନୁଫାକଚରିଂରେ ୫ ମହିଳା ନିଯୁକ୍ତ ହେବାକୁ ଥିବା ବେଳେ ଅନ୍ୟମାନେ ପ୍ରଡକ୍ଟ ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତି ଫାସିଲିଟିରେ ଦୈନିକ ୧୨୦୦ରୁ ୨୦୦୦ ପ୍ୟାଡ୍ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କମ୍ପାନୀଗୁଡ଼ିକ ପକ୍ଷରୁ ଆବଶ୍ୟକୀୟ କଞ୍ଚାମାଲ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ସିଏସ୍‌ସି ଓଡ଼ିଶା ମୁଖ୍ୟ ସ୍ୱର୍ଣ୍ଣପ୍ରଭା ସିଂ, ଆଇଓସିଏଲ୍ ଏଲ୍‌ପିଜି ଜିଏମ୍ ସଞ୍ଜୟ କୁମାର ଝା, ବିପିସିଏଲ୍ ଏଲ୍‌ପିଜି ରାଜ୍ୟ ମୁଖ୍ୟ ଓଡ଼ିଶା ତଥା ଝାଡ଼ଖଣ୍ଡ ଧର୍ମେନ୍ଦ୍ର ବେହୁରା, ଓଡ଼ିଆ ଅଭିନେତ୍ରୀ ମହେଶ୍ୱତା ରାଏ, ଅପରାଜିତା ମହାନ୍ତି, ଅନୁ ଚୌଧୁରୀ,ପିଙ୍କି ପ୍ରଧାନ ଏବଂ ଡ. ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସାନିଟାରୀ ନାପକିନ୍ ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।



ସବୁ କର୍ମ ଏକ ଖେଳ ହେବା ଉଚିତ। କିନ୍ତୁ ଏହା ହେବ ଏକ ଦିବ୍ୟକ୍ରୀଡା ବା ଭଗବତୀ ଖେଳ। ଏ ଖେଳ ତୁମେ ଭଗବାନଙ୍କ ପାଇଁ ଖେଳିବ ଓ ଭଗବାନଙ୍କ ସହିତ ଖେଳିବ।
-ଶ୍ରୀମା



# ବିପଦରେ ଜୀବନ

ଚିଲିର ଆଟାକାମା ମରୁଭୂମିରେ ଥିବା ଏକ ତମ୍ବା ଓ ସୁନା ଖଣିରେ ୨୦୧୦ରେ ୩୩ ଜଣ ଲୋକ ଫସି ଯାଇଥିଲେ। ବିଶ୍ୱସ୍ତରୀୟ ସୁଦକ୍ଷ ଉଦ୍ଧାରକାରୀ ଦଳ ଓ ଉନ୍ନତ ଯାନ୍ତ୍ରିକ କୌଶଳ ବ୍ୟବହାର କରାଯାଇ ୭୦୦ ମିଟର ତଳେ ରହିଯାଇଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ଲାଗି ଏକ ଜୋରଦାର ଉଦ୍ୟମ କରାଯାଇଥିଲା। ଅତ୍ୟନ୍ତ କଠୋର ଶ୍ରମ ସ୍ୱୀକାର କରିବା ପରେ ଉଦ୍ଧାରକାରୀ ଦଳ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହିତ ସୌଭାଗ୍ୟକ୍ରମେ ଖଣିରେ ଫସିଯାଇଥିବା ଲୋକଙ୍କୁ ଜୀବନ୍ତ ଭାବେ ଉପରକୁ ଆଣିପାରିଥିଲେ। ସେତେବେଳେ ସେଠାକାର ସରକାର ଓ ଖଣି କମ୍ପାନୀ ସର୍ବାଧିକ ମାନବ ଓ ଯାନ୍ତ୍ରିକ ସମ୍ବଳ ବ୍ୟବହାର କରି ଉଦ୍ଧାରକାର୍ଯ୍ୟକୁ ଫଳପ୍ରଦ କରିଥିଲେ। ୨୦୧୮ ଜୁଲାଇରେ ଥାଇଲାଣ୍ଡର ଏକ ଫୁଟବଲ୍ ଖେଳାଳିଙ୍କ ଟିମ୍ କିଭଳି ଗୁମ୍ଫା ଭିତରେ ଫସିଯାଇଥିଲେ ତାହା ଅନେକଙ୍କ ମନେଥିବ। ଖେଳାଳି ଓ ତାଙ୍କ କୋଚଙ୍କୁ ଉଦ୍ଧାର କରିବା ଲାଗି ବିଶ୍ୱସ୍ତରରୁ ସହାୟତା ମିଳିବା ପରେ ସେମାନେ ନବଜୀବନ ପାଇପାରିଥିଲେ।

ଏବେ ଭାରତର ମେଘାଳୟର ଏକ କୋଇଲା ଖଣିରେ ୧୫ ଜଣ ଶ୍ରମିକ ଫସି ରହିବା ବିଷୟ ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ଏକ ବେଆଇନ କୋଇଲା ଖଣିକୁ ଡିସେମ୍ବର ୧୩ରେ ଶ୍ରମିକମାନେ ପ୍ରବେଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଭଳି ଖଣିକୁ ଶ୍ରମିକମାନେ ମୂଷା ଭଳି ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରୁଥିବାରୁ ଏହାକୁ 'ର୍ୟାଟ୍-ହୋଲ୍ ମାଇନ୍ସ' କୁହାଯାଇଥାଏ। ସମ୍ପୂର୍ଣ୍ଣ ଅବୈଜ୍ଞାନିକ ପଦ୍ଧତିରେ ଏଥିରୁ କୋଇଲା ଉତ୍ତୋଳନ କରାଯାଉଥିବାରୁ ସରକାର ୨୦୧୪ରେ ଏଗୁଡ଼ିକୁ ବେଆଇନ ଘୋଷଣା କରିସାରିଛନ୍ତି। ମିଳିଥିବା ଖବର ଅନୁଯାୟୀ ୨୦ ଜଣ ଶ୍ରମିକ ୩୭୦ ଫୁଟ ଗଭୀର ଉକ୍ତ ଖଣିକୁ ପ୍ରବେଶ କରୁଥିବା ବେଳେ ହଠାତ୍ ନିକଟସ୍ଥ ନଦୀରୁ ପାଣି ମାଡ଼ି ଆସିଥିଲା। ୫ ଶ୍ରମିକ କୌଶଳକ୍ରମେ ସେଠାରୁ ବର୍ତ୍ତି ଯାଇଥିବା ବେଳେ ୧୫ ଜଣ ପାଣି ଘେରରେ ରହିଯାଇଥିଲେ। ଇତିମଧ୍ୟରେ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ହେଁ ସେମାନଙ୍କ ବଞ୍ଚିବା ନେଇ ସନ୍ଦେହ ଉପୁଜିଛି। ସାଧାରଣରେ ଯାହା ଭାରତବର୍ଷରେ ଦେଖାଯାଏ, ତାହା ଏଠାରେ ମଧ୍ୟ ପରିଲକ୍ଷିତ ହୋଇଛି। ଉଦ୍ଧାର କାର୍ଯ୍ୟ ଆରମ୍ଭରେ ଏକ ଛୁଟି ଦିନର ଆଳ ଦେଖାଇ ନିୟୋଜିତ କ୍ରେନ୍ ଚାଳକ ନିଜ କାମ କରିବାକୁ ମନା କରିଦେଇଥିଲେ। ଏହା ମେଘାଳୟ ପାଇଁ ଏକ ବିଶେଷତ୍ୱ ନୁହେଁ। ଆମ ଦେଶରେ ଯେତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲେ ମଧ୍ୟ ଛୁଟି ପଡ଼ିଗଲେ କେହି କାଣି ଆଙ୍ଗୁଠି ଉଠାଇବା ପାଇଁ ପ୍ରସ୍ତୁତ ହୁଅନ୍ତି ନାହିଁ। ଏଭଳି ମାନସିକତା ସହିତ ଏହି ଦେଶରେ ୫୨ଟି ରବିବାର ବ୍ୟତୀତ ପ୍ରାୟ ୩୦୦ରୁ ଅଧିକ ଦିନ ପର୍ବପର୍ବାଣିରେ ଯାଇଥାଏ। ଏଥିସହିତ ଯୋଡ଼ିଦିଆଯାଉ କେତୋଟି ଶନିବାର ଛୁଟି। ଯଦି ଏହିସବୁ ଦିବସଗୁଡ଼ିକୁ ମିଶାଇ ଦିଆଯାଏ, ତେବେ ବର୍ଷରେ ଥିବା ୩୬୫ ଦିନଠାରୁ ଏହା ବଳିପଡ଼ିବ। ଏଥିରୁ ବୁଝିବାକୁ ହେବ ଯେ ଏହି ଦେଶରେ ଯେତେବଡ଼ ସଙ୍କଟ ପଡ଼ିଲେ ମଧ୍ୟ କାର୍ଯ୍ୟ କରିବାକୁ ଆମେ ସମସ୍ତେ କେତେ ଆଗ୍ରହୀ।

ବର୍ତ୍ତମାନର ପରିସ୍ଥିତି ଦେଖିଲେ ଖଣିରେ ଫସିଯାଇଥିବା ସେହି ୧୫ ଜଣଙ୍କ ଜୀବନ ଅନ୍ଧାର ହେଲା ଭଳି ମନେହେଉଛି। ଏପରି କି ଜିଲା କର୍ତ୍ତୃପକ୍ଷଙ୍କ ପାଖରେ ଏହି ବେଆଇନ ଖଣିର ସ୍ୱାଭାବିକ ଭାବେ ନକ୍ସା ନାହିଁ। ତେଣୁ ଏହା ଭିତରେ ଉଦ୍ଧାର କାର୍ଯ୍ୟ କରିବା କାଠିକର ପାଠ ହୋଇପଡ଼ିଲାଣି। ଆଉ ଏକ ଅସୁବିଧା ହେଲା ଉପଯୁକ୍ତ ଯନ୍ତ୍ରାଂଶ ଯୋଗାଇ ଦିଆଯାଇ ନ ଥିବାରୁ ଖଣିରୁ ପାଣି ବାହାର କରାଯାଇପାରୁନାହିଁ କି ବୁଡ଼ାଳିମାନେ ଫସି ରହିଥିବା ଲୋକଙ୍କୁ ଠାବ କରିପାରୁ ନାହାନ୍ତି। ଯେତେବେଳେ ପ୍ରସ୍ତୁତି ଏଭଳି ସ୍ଥିତିରେ ରହିଛି ସେତେବେଳେ ସମ୍ପୃକ୍ତ ଶ୍ରମିକଙ୍କ ଉଦ୍ଧାର ଆଶା କ୍ଷୀଣ ହେବାରେ ଲାଗିଛି।

ଏଠାରେ ମନେପଡ଼େ ୨୦୧୬ରେ ସିଆଚେନ୍ ଗ୍ଲେସିୟରରେ ଭାରତୀୟ ସୈନ୍ୟମାନେ ବରଫ ତଳେ ପୋତି ହୋଇଯାଇଥିବା ଘଟଣା। ସାମରିକ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗି ଲାନ୍ସ ନାଏକ ହନୁମନ୍ଥାପାଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କ ମୃତ୍ୟୁ ହୋଇଥିଲା। ପ୍ରତ୍ୟେକ ସନ୍ଧାନ ଓ ଉଦ୍ଧାର ଭଳି ଜରୁରିକାଳୀନ କାର୍ଯ୍ୟରେ ଦ୍ରୁତ ପଦକ୍ଷେପ ନିଆଯିବା ଉଚିତ। କାରଣ ସମୟ ହିଁ ଜନ୍ମ ଓ ମୃତ୍ୟୁ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ବର୍ତ୍ତମାନ ପରିପ୍ରେକ୍ଷୀରେ ମେଘାଳୟ ଖଣିରେ ଚାପି ହୋଇ ରହିଥିବା ଶ୍ରମିକଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଭଳି ପରିସ୍ଥିତିରେ ସାମ୍ନା କରିବା ଲାଗି ଦେଶ ଫଳପ୍ରଦ ଉଦ୍ଧାର ବ୍ୟବସ୍ଥା ବିକଶିତ କରିବାର ଆବଶ୍ୟକତା ରହିଛି। ଯଦିଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଉକ୍ତ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନେ ଉପଯୁକ୍ତ ପ୍ରଶିକ୍ଷଣ, ବିଶେଷଜ୍ଞ, ଯନ୍ତ୍ରାଂଶ ଓ ଆର୍ଥିକ ସମ୍ବଳର ଅଭାବ ଦେଇ ଗତି କରୁଥିବା ଭଳି ମନେହେଉଛି। ଏହି ପ୍ରଚ୍ଛଦପଟରେ ଓଡ଼ିଶା ସରକାର ୨୦ ଜଣିଆ ଅଗ୍ନିଶମ କର୍ମଚାରୀଙ୍କୁ ମେଘାଳୟ ପଠାଇବା ସ୍ୱାଗତଯୋଗ୍ୟ। ଏଭଳିସ୍ଥଳେ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍) କଥା କୁହାଯାଇପାରେ। ବିଭିନ୍ନ ପ୍ରକାର ଉଦ୍ଧାର କାର୍ଯ୍ୟରେ ରାଜ୍ୟର ଏହି ଦଳକୁ ନିୟୋଜିତ କରାଯାଇପାରିଲେ ସଦସ୍ୟମାନଙ୍କର ଅଭିଜ୍ଞତା ବୃଦ୍ଧି ପାଇପାରନ୍ତା। ପ୍ରତିଟି ଅଭିଜ୍ଞତାକୁ ନେଇ ଓଡ୍ରାଫ୍ ତରଫରୁ ଏକ 'ରିଲିଫ୍ ମାନିଫେଷ୍ଟୋ' ପ୍ରସ୍ତୁତ କରାଯିବା ଉଚିତ। ଏହା ହେଲେ ଭବିଷ୍ୟତରେ ଏହିସବୁ କାର୍ଯ୍ୟ ଦ୍ୱାରା ଓଡ୍ରାଫ୍‌ର ଦକ୍ଷତା ବୃଦ୍ଧି ପାଇପାରନ୍ତା ଏବଂ ତାହା ଦେଶର ଏକ ଉତ୍ତମ ସାହାଯ୍ୟକାରୀ ଦଳ ଭାବେ ପରିଗଣିତ ହୁଅନ୍ତା।

ଅତଏବ କେନ୍ଦ୍ର ସରକାର ଅନ୍ୟାନ୍ୟ ସ୍ୱାଧୀନ ବିଭାଗ ଭଳି ଜରୁରିକାଳୀନ ସେବାକୁ ଅଗ୍ରାଧିକାର ଦେବା ଆବଶ୍ୟକ ହୋଇପଡ଼ିଲାଣି। ଦେଖାଯାଉଛି ଉଦ୍ଧାର ବା ଯୁଦ୍ଧ ଭଳି ପରିସ୍ଥିତିରେ ଭାରତ ସର୍ବଦା ଝୁଣ୍ଟିପଡୁଛି। ସାମରିକ କ୍ଷେତ୍ର ଲାଗି ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅବଶ୍ୟ ସେହି ଅର୍ଥ କେଉଁ ଆଡ଼େ ଓ କିଭଳି ଖର୍ଚ୍ଚ ହେଉଛି ତାହା ଭିନ୍ନ କଥା। ତେବେ ପ୍ରାକୃତିକ ହେଉ ବା ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା କରିବା ଲାଗି ନିର୍ଦ୍ଦିଷ୍ଟ କୌଶଳ ଅନୁସରଣ କରାଯାଉଥିବା ଭଳି ମନେହେଉ ନାହିଁ। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଇପାରିଲେ ତାହା ନାଗରିକଙ୍କ ପାଇଁ ଆଶାର କିରଣ ହୋଇପାରନ୍ତା। ବର୍ତ୍ତମାନ ସ୍ଥିତିରେ ଖଣିରେ ଫସି ରହିଥିବା ଶ୍ରମିକଙ୍କ ଉଦ୍ଧାର ପାଇଁ କେବଳ ଭଗବାନଙ୍କୁ ସ୍ମରଣ କରାଯାଇପାରେ। କାରଣ ସେମାନଙ୍କୁ ବଞ୍ଚାଇବା ପାଇଁ ଯୁଦ୍ଧକାଳୀନ ଭାବେ ଯେଉଁ ତତ୍ପରତା ଆବଶ୍ୟକ ତାହା ଥିଲାଭଳି ମନେହେଉ ନାହିଁ।

# ପୁଅପିଲା ବି ବିପଦରେ



ସୌମ୍ୟା ପରିଡ଼ା

ଘରେ ଯେତେବେଳେ ଛୋଟ କି ବଡ଼ ଝିଅଟିଏ କାନ୍ଦେ, ସାଧାରଣତଃ ଆମେ ତା' କଥା ଶୁଣୁ, ବୁଝୁ ଆଉ ସମାଧାନ କରିବାକୁ ଚେଷ୍ଟା କରୁ। ହେଲେ ସେଇ ସମାନ କଥା ପୁଅଟିଏ କଲେ ଆମେ କ'ଣ କରୁ! ଝିଅପିଲା ପରି କ'ଣ କାନ୍ଦୁଚୁ, ପୁଅମାନେ କାନ୍ଦନ୍ତିନି, ତୁ ମୋର ଷ୍ଟ୍ରଙ୍ଗ ବୟ ଏମିତି ଅନେକ କଥା କହି ତାକୁ ବୁଝାଇବାକୁ ଚେଷ୍ଟା କରୁ। ହେଲେ ଏସବୁ ଭିତରେ ଆମେ ତାକୁ ଆଉ ତା' ମନକୁ ବୁଝିବାକୁ ଭୁଲିଯାଉ। ଏସବୁ ଶୁଣି ଶୁଣି ଧୀରେ ଧୀରେ ଆମ ପିଲା ଆମକୁ ତା'ର ମନକଥା କହିବା ଛାଡ଼ିଦିଏ। କାନ୍ଦିବା, ଅଳି କରିବା ବି ଧୀରେ ଧୀରେ ସୀମା ସରହଦ ଭିତରେ କରିବାକୁ ଚେଷ୍ଟା କରେ। ଆମ ପିଲା ଆମ ପାଖରେ ଅଭିନୟ କରିବା ଆରମ୍ଭ କରେ। ଏସବୁ ଭିତରେ ଅଜାଣତରେ ଆମେ ତା'ଠୁ ଆଉ ସିଏ ଆମଠୁ ମାନସିକ ସ୍ତରରେ ଦୂରେଇଯାଉ। ମହିଳା ହିସାବରେ ଆମେ ଝିଅଙ୍କର ଇଚ୍ଛା, ଆକାଂକ୍ଷା ଓ ସୁରକ୍ଷା ପ୍ରତି ଧ୍ୟାନ ଦେଉ। ସେମିତି ସମାଜର ଚଳନି ହିସାବରେ ଜଣେ ବାପା, ଭାଇ, ବନ୍ଧୁ କି ସ୍ୱାମୀ ହିସାବରେ ପୁଅମାନେ ମହିଳାମାନଙ୍କୁ ସୁରକ୍ଷା ଦିଅନ୍ତି। ହେଲେ ଏସବୁ ଭିତରେ ଆମେ ପୁଅମାନଙ୍କୁ ଅବହେଳିତ ଅବସ୍ଥାରେ ଅନ୍ଧାରଗଳିକୁ ଠେଲିଦେଉ। ଝିଅମାନଙ୍କ ପରି ପୁଅମାନଙ୍କ ସୁରକ୍ଷା ଦରକାର। କାରଣ ଝିଅମାନଙ୍କ ପରି ସେମାନେ ବି ଯୌନଶୋଷଣର ଶିକାର ହୋଇ ତିଳତିଳ ମରନ୍ତି ବୋଲି ଆମେ ଭୁଲିଯାଉ। ଜଣେ ପୁଅକୁ ଆଉ ଜଣେ ପୁରୁଷ କି ମହିଳା ଯୌନଶୋଷଣ କରୁଥିବା କଥାର ସମାଧାନ ପାଇଁ ଆମେ ସାହାଯ୍ୟର ହାତ ବଢ଼ାଇବା ତ ଦୂରର କଥା, ବରଂ ଏସବୁ ଘଟଣା ଯେ ଆମ ଚାରିପଟେ ନିତିଦିନ ଘଟୁଛି, ସେ କଥା ମାନିବାକୁ ନାରାଜ।

୨୦୦୭ ମସିହାରେ ସରକାରଙ୍କ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ ପୁଅପିଲାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାର ସର୍ଭେ କରାଯାଇଥିଲା। ସେଥିରୁ ଯାହା ଜଣାପଡ଼ିଲା ସେଇଟି ହେଲା ଶିଶୁକନ୍ୟାଙ୍କ ଅପେକ୍ଷା ଶିଶୁପୁତ୍ରମାନେ ବେଶି ଯୌନଶୋଷଣର ଶିକାର ହୁଅନ୍ତି। ଦେଶର ବିଭିନ୍ନ ରାଜ୍ୟରେ କରାଯାଇଥିବା ଏହି ସର୍ଭେ ଅନୁସାରେ ପାଖାପାଖି ୫୫ ପ୍ରତିଶତ ପୁଅପିଲା ଯୌନଶୋଷଣର ଶିକାର ହୁଅନ୍ତି। ଆଉ ସେଥିରୁ ୫ ପ୍ରତିଶତ କଥା ବି ବାହାରକୁ ଆସେନି।

ହରିଶ ପଦ୍ମବିଶ୍ୱନାଥ ଆୟାର୍ ଜଣେ ସମାଜସେବୀ, ଯିଏକି ପିଲାମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଉପରେ ବର୍ଷବର୍ଷ ଧରି କାମ କରୁଛନ୍ତି। ଏହାବ୍ୟତୀତ ମହିଳାମାନଙ୍କ ଅଧିକାର, ଏଲ୍‌ଜିବିଟି କମ୍ୟୁନିଟିର ଅଧିକାର, ପଶୁପକ୍ଷୀଙ୍କ ଅଧିକାର ଓ ସୁରକ୍ଷା ଦିଗରେ ମଧ୍ୟ ସେ କାମ କରନ୍ତି। ସେ ନିଜେ କିପରି ସାତବର୍ଷ ବୟସରୁ ବର୍ଷବର୍ଷ ଧରି ବଳାତ୍କାରର ଶିକାର ହୋଇଥିଲେ, ସେ କଥା କହିଛନ୍ତି। ଘରେ ନିଜ ମା'ଙ୍କୁ ସେ ଏସବୁ ସେତେବେଳେ କହିଥିଲେ, ହେଲେ ତାଙ୍କ ମା' ଏସବୁକୁ ହେୟଜ୍ଞାନ କରି ତାଙ୍କୁ ବିଶ୍ୱାସ କରି ନ ଥିଲେ। କାରଣ ଆମ ସମାଜର ମାନସିକତା ହେଲା, ଯୌନ ଅତ୍ୟାଚାର କେବଳ ଝିଅମାନଙ୍କ ଉପରେ ହିଁ ହୋଇପାରେ, ପୁଅମାନଙ୍କ ଉପରେ ନୁହେଁ।

ଘରଠୁ ସ୍କୁଲ ଓ ଟ୍ୟୁଶନ୍ ଜାଗା ଦୂର। ତେଣୁ ସପ୍ତମ ଶ୍ରେଣୀରେ ପଢୁଥିବା ସୂର୍ଯ୍ୟ (ଛଦ୍ମନାମ) ସ୍କୁଲ୍ ପରେ ସମ୍ପର୍କୀୟ ମାମୁ ଘରେ ଖାଇପିଇ, ବିଶ୍ରାମ ନେଇ ଟ୍ୟୁଶନ୍ ଯାଆନ୍ତି। ସନ୍ଧ୍ୟା ଟ୍ୟୁଶନ୍ ସାରି ଏକାଥରେ ଘରକୁ ଫେରନ୍ତି। ମାସେ ପନ୍ଦର ଦିନ ସବୁ ଠିକ୍ ଚାଲିଲା। ହେଲେ ତା'ପରଠୁ ଘରେ କେହି ନ ଥିବାର ସୁଯୋଗ ନେଇ ମାଇଁଙ୍କର ଯୌନ ଶୋଷଣ ଆରମ୍ଭ ହେଲା। ଏମିତି ସାତଆଠ ଦିନ ଚାଲିଲା ପରେ ହଠାତ୍ ସୂର୍ଯ୍ୟ ଆଉ ସେଠାକୁ ଯିବାକୁ ମଙ୍ଗିଲା ନାହିଁ। କିନ୍ତୁ ଘର ଲୋକେ ପାଠ ପଢ଼ିବା ପାଇଁ ଇଚ୍ଛା ନାହିଁ କହି ମାଡ଼ଗାଳି ଆରମ୍ଭ କଲେ। ସୂର୍ଯ୍ୟ ମାଡ଼ଗାଳି ସିନା ସହିଲା କିନ୍ତୁ ଲୋକଲଜ୍ଜାରୁ ସେଦିନ ସେ ସେସବୁ କହିପାରି ନ ଥିଲା। ଦୀର୍ଘ ୩୦ବର୍ଷ ତଳେ ଘଟିଥିବା ସେସବୁ ଘଟଣା ଏବେ ବି ସେ ଭୁଲିନାହାନ୍ତି।

ସେମିତି ଅଲ୍ଲୀର ବାପାଙ୍କ ଆକସ୍ମିକ ମୃତ୍ୟୁ ପରେ ଜଣେ ସମ୍ପର୍କୀୟ ଭାଇ ତାଙ୍କୁ ନିଜ ସହ କାମ ଶିଖିବା ପାଇଁ ମୁମ୍ବାଇ ନେଇଆସିଲେ। ସେତେବେଳେ ତାଙ୍କୁ ବାର ବର୍ଷ ହୋଇଥିଲା। ହେଲେ ମାତ୍ର କେଇ ଦିନର ବ୍ୟବଧାନ ପରେ ସବୁଦିନ ରାତିରେ ତାଙ୍କ ଉପରେ ଯୌନ ଅତ୍ୟାଚାର ଆରମ୍ଭ ହେଲା। ସହି ନ ପାରି ଦିନେ ସେ ସେଠୁ ଲୁଚି ପଳାଇଗଲେ। ହେଲେ ତା'ପରେ ବି ସେ କାମ କରୁଥିବା ଗ୍ୟାରେଜ୍ ମାଲିକ ଓ ପରେ ପୁଣି ଆଉ ଗୋଟେ ହୋଟେଲର ଅନ୍ୟ କର୍ମକର୍ତ୍ତା ବି ତାଙ୍କ ସହ ସମାନ କଥା କରିଥିଲେ। ସେ ସେତେବେଳେ ଅନୁଭବ କଲେ ଯେ ସେ ବାହାରେ ସୁରକ୍ଷିତ ନୁହନ୍ତି। ଏବେ ତାଙ୍କୁ ପାଖାପାଖି ୩୦ବର୍ଷ ହେଲାଣି। ହେଲେ ଏବେ ବି କାଲିପରି ସେସବୁ ତାଙ୍କର ମନେପଡ଼ିଯାଏ। ଆଉ ସେ ଭୟରେ ଥରିଉଠନ୍ତି।

ଝିଅମାନଙ୍କ ଉପରେ ହେଉଥିବା ଯୌନ ବ୍ୟଭିଚାର ରୋକିବାକୁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ଆଜି ବି ପୁଅମାନଙ୍କୁ ଏଥିରୁ ବଞ୍ଚାଇବା ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଅଧିକାଂଶ ପୁଅଙ୍କ ଉପରେ ଯୌନ ଅତ୍ୟାଚାର କରିଥାନ୍ତି ତାଙ୍କ ଦୂର କି ନିକଟ ସମ୍ପର୍କୀୟ ପୁରୁଷମାନେ ଓ ସେମାନେ ଶିଶୁଶ୍ରମିକ ଭାବେ କାମ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତାମାନେ। ଯେହେତୁ ପିଲାଙ୍କ ବୟସ ତୁଳନାରେ ଅତ୍ୟାଚାର କରୁଥିବା ଲୋକଙ୍କ ବୟସ ଖୁବ୍ ବେଶି ଥାଏ, ତେଣୁ ପିଲାମାନେ ଡରରେ ଏସବୁ କାହାକୁ କୁହନ୍ତି ନାହିଁ। ଏହା ସହ ପୁଣି ପୁଅମାନେ ଏସବୁ ଅଭିଯୋଗ କରିବା ସମାଜରେ ସେମିତି ଗ୍ରହଣୀୟ ହୁଏନାହିଁ। ତେଣୁ ଏସବୁ ନେଇ କୌଣସି ଜାଗାରେ କେସ୍ ରେଜିଷ୍ଟର୍ ହେବା ବି ଅତି କମ୍ ଦେଖିବାକୁ ମିଳେ। ଆମ ଦେଶରେ ପ୍ରତି ୬ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ପିଲାଦିନେ ଯୌନଶୋଷଣର ଶିକାର ହେଉଥିବା କଥା ସର୍ଭେରୁ ଜଣାପଡ଼ିଛି। ପିଲାଦିନେ ଯୌନଶୋଷଣର ଶିକାର ହେଉଥିବା ପୁରୁଷମାନଙ୍କ ମଧ୍ୟରେ ଷ୍ଟ୍ରେସ୍, ଡିଜ୍‌ଅର୍ଡର, ଡିପ୍ରେସନ୍ ଆଦି ସହଜରେ ଦେଖାଦିଏ। ସ୍କୁଲ୍, କଲେଜ କି କର୍ମକ୍ଷେତ୍ରରେ ସେମାନେ ଚାହିଁଲେ ବି ଭଲ କରନ୍ତି ନାହିଁ। ଅନେକ ସମୟରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଦିଏ। ବଡ଼ ହେଲେ କି ବିବାହ ପରେ ସେମାନେ କାହାସହ ସହଜରେ ଶାରୀରିକ ସମ୍ପର୍କ ରଖିପାରନ୍ତି ନାହିଁ। ଜୀବନରେ ଯେତେ ଖୁସି ଆସିଲେ ବି ସେମାନେ ତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ବରଂ ପଛ କଥାର ଛାପ ତାଙ୍କ ଜୀବନରୁ କେବେ ବି ଯାଏ ନାହିଁ। ଅଧିକାଂଶ ସମୟରେ ଏସବୁ କାହାକୁ ନ କହି ସେମାନେ ନିଜ ଭିତରେ ନିଜେ ଧନ୍ଦିହୁଅନ୍ତି।

ମା'ବାପା ହିସାବରେ ଆମେ ହୁଏତ ଆମ ପିଲାକୁ ସବୁ ସୁବିଧା ସୁଯୋଗ ଦେବାକୁ ଚେଷ୍ଟାକରୁ। କିନ୍ତୁ ନିଜ ଅଜାଣତରେ ବା ଖାମଖିଆଲି ସ୍ୱଭାବରୁ ପୁଅମାନେ ଯେ ଯୌନଶୋଷଣର ଶିକାର ହୋଇଯିବେ ସେ କଥା ଭୁଲିଯାଉ। ଫଳରେ ଆମେ ତାଙ୍କୁ ଏକୁଟିଆ ଅନ୍ଧାରଗଳିକୁ ଠେଲିଦେଉ। ପିଲାଦିନୁ ଆମ ଅଜାଣତରେ ଆମ ପିଲା ନିଜ ମନ ଆଉ ଶରୀର ସହ ସଂଘର୍ଷ ଆରମ୍ଭ କରେ। ତେଣୁ ଡେ ବୋର୍ଡ଼ିଂ, ଅଜଣା ଲୋକ, ପଡ଼ୋଶୀ, ସ୍କୁଲ୍, କଲେଜ, ଟ୍ୟୁଶନ, ହଷ୍ଟେଲ କି କେଉଁ ଜାଗାରେ ବି ଆମେ ଝିଅକୁ ଛାଡ଼ିବା ପୂର୍ବରୁ ଯେତିକି ସଚେତନ ହେଉ, ପୁଅଙ୍କୁ ବି ଛାଡ଼ିବା ବେଳେ ସେତିକି ସଚେତନ ହେବା କଥା, ଅନ୍ତତଃ ଯେପର୍ଯ୍ୟନ୍ତ ଆମ ପିଲାଏ ନିଜ କଥା ବୁଝିବାକୁ ସକ୍ଷମ ହୋଇନାହାନ୍ତି। ତା'ହେଲେ ଯାଇ ଆମେ ଆମ ଝିଅମାନଙ୍କ ପରି ପୁଅମାନଙ୍କୁ ବି ଏ ଅନ୍ଧାରଗଳିରୁ ବଞ୍ଚାଇପାରିବା।

ମୋ- ୯୩୩୮୫୬୬୫୮୭,
saumya.consultant@gmail.com

# ନୂଆବର୍ଷରେ ନୂଆ ଭାରତର ସ୍ୱପ୍ନ



ବିମଳ ପ୍ରସନ୍ନ ଦାସ

ଇଂଲିଶ ସାହିତ୍ୟର ପ୍ରଖ୍ୟାତ କବି ପି.ବି. ସେଲି ତାଙ୍କର ଏକ ସ୍ମରଣୀୟ ତଥା ପ୍ରେରଣାଦାୟୀ କବିତାରେ ଲେଖିଥିଲେ- If winter comes can spring be far behind ? ଅର୍ଥାତ୍ ''ମହୀରେ ଆସେ ଯେବେ ଦାରୁଣ ଶୀତ, ଦୂରେ ଥାଏ କି ଆଉ ଚାରୁ ବସନ୍ତ ?'' ଏହା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଅନେକ ଦୁଃଖ, ଦୁର୍ଦ୍ଦଶା, ହସ, କାନ୍ଦ, ଖେଳକୌତୁକର ଫେଣ୍ଟାଫେଣ୍ଟି ଅନୁଭୂତି ନେଇ ୨୦୧୮ ବିଦାୟ ନେବାକୁ ଯାଉଛି ଏବଂ ସମୟର ଚୋରାବାଲିରେ ପାଦଚିହ୍ନ ଆଙ୍କି ପ୍ରବେଶ କରୁଛି ୨୦୧୯। ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ରିରୁ ଆରମ୍ଭ ହୋଇଯିବ ଧାଁ ଦଉଡ଼, ଆତସବାଜି ଏବଂ ଆହୁରି କେତେ କ'ଣ ବାଇଦ ବାଜଣା ସହିତ ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ପୂଜା-ପ୍ରାର୍ଥନା। ବାସ୍ତବରେ ଏହା ସମୟର ଏକ ସାମୟିକ ସନ୍ଧିକ୍ଷଣ। ବିଦାୟୀ ବର୍ଷ ୨୦୧୮ରେ ଯେଉଁ କେତେକ ପ୍ରମୁଖ ସମସ୍ୟା ଦେଶକୁ ଆକ୍ରାନ୍ତ କରିଥିଲା, ସେଥିରୁ ଯଦି କୌଣସି ଏକ ସମସ୍ୟା ଆଗାମୀ ବର୍ଷରେ ମଧ୍ୟ ଅଧିକ ଗୁରୁତର ରୂପ ନେବାର ଆଶଙ୍କା ରହିଛି ତା' ହେଲା ବେକାରି। ପୂର୍ବବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଯାହା ଥିଲା ୨୦୧୭-୧୮ରେ ତା'ଠାରୁ ଅଧିକ ଉତ୍କଟ ହୋଇଗଲା। ଆସନ୍ତା ବର୍ଷ ମଧ୍ୟରେ ପରିବର୍ତ୍ତନର ଆଶା ଦୁରାଶା ନ ହେଲେ ମଧ୍ୟ କ୍ଷୀଣ। ୨୦୧୯ ପୁଣି ନିର୍ବାଚନ ବର୍ଷ। ପରିବର୍ତ୍ତନ ଯାହା ହେଲେ ମଧ୍ୟ ସବୁ ସେଇ 'ପୁରୁଣା ମଦ ନୂଆ ବୋତଲ' ସଦୃଶ। ବରଂ ଏ ଧାରା ଆହୁରି ବିଗିଡ଼ିପାରେ। ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ଯେଉଁ ଅନୁସାରେ ବଢ଼ିଚାଲିଛି ସେ ଅନୁପାତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ଗୋଟିଏ ପକ୍ଷରେ ନିଯୁକ୍ତି ଆଶାୟୀଙ୍କ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ଓ ଅନ୍ୟପକ୍ଷରେ ନିଯୁକ୍ତି ସୁଯୋଗର ସଙ୍କୋଚନ ସମସ୍ୟାକୁ ଗୁରୁତର କରିଦେଇଛି, ଯାହା କେବଳ ଅର୍ଥନୀତି ଉପରେ ନୁହେଁ, ସମାଜ ଉପରେ ପ୍ରତିକୂଳ ପ୍ରଭାବ ରଖୁଛି।

୨୦୧୭ ଓ ୨୦୧୮ରେ ପ୍ରକାଶିତ ବିଭିନ୍ନ ପରିସଂଖ୍ୟାନ ବିଶେଷତଃ 'ବିଏସ୍‌ଇ-ସିଏମ୍‌ଆଇ' ଦ୍ୱାରା ହୋଇଥିବା ସର୍ଭେ ଅନୁଯାୟୀ ଗତ ଅଗଷ୍ଟ ସୁଦ୍ଧା ୨ କୋଟି ୬୦ ଲକ୍ଷ ନିଯୁକ୍ତି ତଲାସରେ ଥିଲେ। ଏହା ମାତ୍ର ବାରମାସର ଚିତ୍ର। ଏହି ସଂସ୍ଥାର ଆକଳନ ଅନୁଯାୟୀ ୧୫ରୁ ୨୪ ବର୍ଷ ବୟସ ଗୋଷ୍ଠୀର ସଂଖ୍ୟା ୯୬୮ ନିୟୁତରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୪୦୩ ରୁ ୪୦୫ ନିୟୁତଙ୍କ ବିଭିନ୍ନ କ୍ଷେତ୍ରରେ କର୍ମସଂସ୍ଥାନ ହୋଇପାରିଛି। ଏହି ସଂସ୍ଥା ପକ୍ଷରୁ ପ୍ରତିବର୍ଷ ୨୫ଟି ରାଜ୍ୟରେ ଅନ୍ତତଃ ତିନିଥର ଏ ପ୍ରକାର ସର୍ଭେ କରାଯାଇଥାଏ। ଉଲ୍ଲେଖନୀୟ ହେଲା ସର୍ଭେ ଅନ୍ତର୍ଗତ ୨୫ଟି ରାଜ୍ୟ ମଧ୍ୟରୁ କୌଣସି ଗୋଟିଏ ରାଜ୍ୟରେ ହେଲେ ସୁଦ୍ଧା ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ନୂଆ ନିଯୁକ୍ତି ସୃଷ୍ଟି କରାଯାଇପାରି ନାହିଁ। ଉଦାହରଣସ୍ୱରୂପ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତି ସୁଯୋଗ ମଧ୍ୟରେ ନିଅଣ୍ଟ ପରିମାଣ ଥିଲା ୪୫ ଲକ୍ଷ। ଏହା କେବଳ ନିରାଶାଜନକ ଚିତ୍ର ପ୍ରଦାନ କରୁନାହିଁ, ଭବିଷ୍ୟତରେ ପରିବର୍ତ୍ତନ ନେଇ ବିଶେଷ ଆଶାର ମଧ୍ୟ ସଞ୍ଚାର କରୁନାହିଁ। ଖୋଦ୍ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟର ତଥ୍ୟ କ୍ରମାଗତ ଭାବରେ ନିଯୁକ୍ତି ସଙ୍କୋଚନ ଏବଂ ବେକାର ସମସ୍ୟାର ନିରାଶାଜନକ ସ୍ଥିତି ବୟାନ କରୁଛି। ମିଳିତ ଜାତିସଂଘର ଏକ ଆକଳନ ଅନୁଯାୟୀ ୨୦୫୦ ପର୍ଯ୍ୟନ୍ତ ପ୍ରତିବର୍ଷ ଭାରତରେ ୧ କୋଟି ୨୦ ଲକ୍ଷ ଲୋକ କର୍ମସଂସ୍ଥାନ ତଲାସରେ ବାହାରିବେ। ବାର୍ଷିକ କୋଟିଏରୁ ଅଧିକ ସଂଖ୍ୟାରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ନିଶ୍ଚିତ ଏକ ହିମାଳୟ ତୁଲ୍ୟ ଲକ୍ଷ୍ୟ। ସୁତରାଂ ଗୋଟିଏ ପକ୍ଷରେ ନୂଆ ନିଯୁକ୍ତି କରାଯାଇ ପାରୁନାହିଁ। ଅନ୍ୟ ଦିଗରେ ସ୍ୱୟଂକ୍ରିୟ ଅବସ୍ଥା ଓ ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରଚଳନ ଫଳରେ ବହୁ ସଂଖ୍ୟାରେ ନିଯୁକ୍ତି ଉଚ୍ଛେଦ ହେଉଛି। ଅନେକେ ନିଯୁକ୍ତି ହରାଉଛନ୍ତି। ଏକ ଆକଳନ ଅନୁଯାୟୀ ୨୦୨୨ ସୁଦ୍ଧା କେବଳ ସୂଚନାପ୍ରଯୁକ୍ତି ଓ ଆନୁଷଙ୍ଗିକ କ୍ଷେତ୍ରରେ ପରବର୍ତ୍ତୀ ଗୋଟିଏ ଦଶକରେ ୩୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ନିଯୁକ୍ତି ସଙ୍କୋଚନର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ଦିଗରେ ସମାଧାନ ପାଇଁ ଯାହା ଉଦ୍ୟମ ହେଉଛି ତାହା ଆଦୌ ପର୍ଯ୍ୟାପ୍ତ ନୁହେଁ। ଏନ୍‌ଡିଏ ସରକାରଙ୍କ ପକ୍ଷରୁ 'ମେକ୍-ଇନ୍-ଇଣ୍ଡିଆ, ଷ୍ଟାର୍ଟ-ଅପ୍-ଇଣ୍ଡିଆ, ମୁଦ୍ରା ବ୍ୟାଙ୍କ ଆଦି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାର୍ଷିକ କୋଟିଏ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଯେଉଁ ଲକ୍ଷ୍ୟ ଘୋଷଣା କରିଥିଲେ, ତାହା ହୋଇପାରିନାହିଁ। ଦୁର୍ଭାଗ୍ୟକୁ ଏହି ସମୟରେ ଅର୍ଥନୀତିରେ ମାନ୍ଦାବସ୍ଥା ଓ କୃଷି କ୍ଷେତ୍ରରେ ଲାଗିରହିଥିବା ସଙ୍କଟ ଅଧିକ ଜଟିଳ ଓ ଗୁରୁତର ରୂପ ଧାରଣ କରିଛି। ଏହା ନିଃସନ୍ଦେହ ଯେ ନିଯୁକ୍ତି କ୍ଷେତ୍ରରେ ଦୁର୍ଭିକ୍ଷ ଦେଶ ପାଇଁ ସବୁଠାରୁ ବଡ଼ ସମସ୍ୟା ଏବଂ ସମାଜ ପାଇଁ ଏକ 'ଟାଇମ୍ ବୋମା' ସଦୃଶ। ଯେକୌଣସି ସମୟରେ ଏହାର ବିସ୍ଫୋରଣ ଘଟି ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ସ୍ଥିତିକୁ ଛାରଖାର କରିଦେଇପାରେ। ୨୦୧୯ ନିର୍ବାଚନ ବର୍ଷ। ନିଯୁକ୍ତି ସଙ୍କୋଚନର ଧାରାକୁ ରୋକାଯାଇ ଯେପରି ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ, ସେଥିପାଇଁ ଯୋଜନାବଦ୍ଧ ଉଦ୍ୟମ ତୁରନ୍ତ ଆବଶ୍ୟକ। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏପରି ଉଦ୍ୟମ ଅପରିହାର୍ଯ୍ୟ। ଆତ୍ମନିଯୁକ୍ତି କ୍ଷେତ୍ରରେ ପ୍ରୋତ୍ସାହନ ଜରୁରୀ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଗ୍ରାମାଞ୍ଚଳର ବିକାଶ, କୃଷି ଓ କୃଷକର ସମୁନ୍ନତି ଆଜିର ଆହ୍ୱାନ। ସମସ୍ୟା ଥିଲେ ସମାଧାନ ଅଛି। ଯୁବପିଢ଼ିଙ୍କ ମଧ୍ୟରେ ଆଶାର ସଞ୍ଚାର ହିଁ ଦେଶକୁ 'ନୂଆ ଭାରତ' ଆଡ଼କୁ ଆଗେଇନେବ ଏବଂ ଶୀତ ପରେ ବସନ୍ତ ଆସିବ।

ମୋ-୯୪୩୮୧୮୬୨୨୬

## ଏଇ ଭାରତରେ

ମାନବ ଭଳି ଦେଖାଯାଉଥିବା ସବୁ ଜୀବଙ୍କୁ ମଣିଷ କୁହାଯାଇ ପାରିବ ନାହିଁ। କାରଣ ମାନବ ରୂପଧାରୀ ଅନେକ ଦାନବ ଅଛନ୍ତି, ଯେଉଁମାନେ ନରମାଂସ ଭକ୍ଷଣ କରନ୍ତି। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ଏଭଳି ଜନଜାତି ଅଛନ୍ତି, ଯେଉଁମାନେ ମଣିଷ ମାଂସ ଭକ୍ଷଣ କରିବାକୁ ପସନ୍ଦ କରିଥାଆନ୍ତି। ଏଭଳି ନରଖାଦକ ଜନଜାତି ଆମ ଦେଶର ନାଗାଲାଣ୍ଡ ରାଜ୍ୟରେ ଥିବା ଘଞ୍ଚ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି। ଏହି ଅଞ୍ଚଳକୁ ଶିକ୍ଷା ଓ ସଭ୍ୟତାର ଆଲୋକ ସ୍ପର୍ଶ କରି ନ ଥିବାରୁ ଉକ୍ତ ଜନଜାତିର ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ରହିଛି। ଏହି ଜନଜାତି ଲଢ଼େଇ କରିବା ବେଳେ ଶତ୍ରୁର ମୁଣ୍ଡକାଟି ଘରକୁ ଆଣିବାକୁ ସୌଭାଗ୍ୟ ମନେ କରିଥାଆନ୍ତି। ସମ୍ପୃକ୍ତ ଅଞ୍ଚଳକୁ କୌଣସି ଅଜଣା ବ୍ୟକ୍ତି ପ୍ରବେଶ କଲେ, ନରଭକ୍ଷୀମାନେ ତାକୁ ହତ୍ୟାକରି ତା'ର ମାଂସ ଖାଇଥାଆନ୍ତି। ଏ ବିଷୟ ଜାଣିଥିବା ବ୍ୟକ୍ତିମାନେ ସେହି ଅଞ୍ଚଳକୁ ପ୍ରବେଶ କରନ୍ତି ନାହିଁ। କିନ୍ତୁ ଅଜାଣତରେ କୌଣସି ବ୍ୟକ୍ତି ସେହି ଅଞ୍ଚଳ ମଧ୍ୟରେ ପ୍ରବେଶ କଲେ ସେ ଆଉ ଜୀବନ ଧରି ଫେରି ନ ଥାଏ। ପ୍ରଥମେ ଅନୁପ୍ରବେଶକାରୀ ବ୍ୟକ୍ତିର ଶରୀରରେ ଏକ ମୁନିଆଁ ଗଛଡାଳ ପ୍ରବେଶ କରାଯାଇ ଏହାକୁ ଏକ ଖୋଲା ସ୍ଥାନରେ ପୋତି ଦିଆଯାଏ। ଏହାପରେ ଚାରିପଟେ ନିଆଁ ଜଳାଇ ଜନଜାତିର ଲୋକମାନେ ନଗ୍ନ ନୃତ୍ୟ କରିଥାଆନ୍ତି। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହର ମାଂସକୁ ଖଣ୍ଡଖଣ୍ଡ କରି କାଟି ଆନନ୍ଦରେ ଖାଇଥାଆନ୍ତି। ସେଥିପାଇଁ ଏହି ଅଞ୍ଚଳକୁ ଯିବାକୁ ସମସ୍ତେ ଭୟ କରନ୍ତି।

### ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ କଲ ମହା ମରୁ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଡିସେମ୍ବର ୧୯୯୩**

- ଜମ୍ମୁ-କଶ୍ମୀର ମୁକ୍ତି ସାମ୍ମୁଖ୍ୟ ନାମକ ଉଗ୍ରପନ୍ଥୀ ସଙ୍ଗଠନର ଅଧ୍ୟକ୍ଷ ତଥା କଶ୍ମୀରର ଉଗ୍ରପନ୍ଥୀଙ୍କ ନେତା ଅମାନୁଲ୍ଲା ଖାଁଙ୍କୁ ବେଲଜିୟମ ସରକାର ଖଲାସ କରିଛନ୍ତି।
- ଭାଜପା ସଭ୍ୟ ହରିଶଙ୍କର ଭାବରା ରାଜସ୍ଥାନ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨୩- ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରଘୁବୀର ଦାସ ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଭାବେ ନିଯୁକ୍ତ।

୨୪- ଅଲ୍ ଅଜିଜିଆ ଷ୍ଟିଲ୍ ମିଲ୍‌ସ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ଅଦାଲତ ୭ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

୨୫- ଆସାମର ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ଭାରତର ଦୀର୍ଘତମ ତଥା ଏସିଆର ଦ୍ୱିତୀୟ ବୃହତ୍ତମ ରେଳ-ସଡ଼କ ବ୍ରିଜ୍ 'ବୋଗିବିଲ୍ ସେତୁ' ଲୋକାର୍ପିତ।

୨୬- ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ଏନ୍‌ଆଇଏ ଚଢ଼ାଉ କରି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ଅନୁବନ୍ଧିତ ହରକତ-ଉଲ୍-ହର୍ବ୍-ଇ-ଇସଲାମର ୧୬ ଜଣଙ୍କୁ ଧରିଛି ଏବଂ ସେମାନଙ୍କଠାରୁ ବିପୁଳ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି।

୨୭- ମେଘାଳୟର ଏକ କୋଇଲା ଖଣିରେ ଦୁଇ ସପ୍ତାହ ହେଲା ୧୫ ଶ୍ରମିକ ଫସି ରହିଛନ୍ତି ଏବଂ ଖଣିରେ ପାଣି ଭର୍ତ୍ତି ହୋଇଥିବାରୁ ସେମାନଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି କୁହାଯାଉଛି।

## ଆମ ସମସ୍ୟା

### ଟ୍ରାଫିକ ପୋଲିସ ମୁତୟନ କରାଯାଉ

ମହାଶୟ,

ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଖଣ୍ଡଗିରିରୁ ଖୋର୍ଦ୍ଧା ଗଲାବେଳେ ଏକପାର୍ଶ୍ୱରୁ ଅନ୍ୟପାର୍ଶ୍ୱକୁ ଯିବା ଲାଗି କେତେକ ସ୍ଥାନରେ ଡିଭାଇଡରକୁ କଟାଯାଇଛି। କିନ୍ତୁ ସେ ସ୍ଥାନମାନଙ୍କରେ କୌଣସି ଟ୍ରାଫିକ ପୋଲିସ ମୁତୟନ କରାଯାଇନାହିଁ। ଏହାଦ୍ୱାରା ଅନେକ ସମୟରେ କଳିଙ୍ଗବିହାର ଛକ, ଗୋହିରା ଛକ ଏବଂ ବାଟ ଭୂଆଷୁଣୀ ଛକରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେଉଛି। ଏହି ସ୍ଥାନମାନଙ୍କରେ ଭୂତଳ ପଥ କିମ୍ବା ଓଭରବ୍ରିଜ ନିର୍ମାଣ ପାଇଁ ଅନେକ ଦିନରୁ ଦାବି ହୋଇଆସୁଛି। କିନ୍ତୁ ସରକାରଙ୍କର ଚିନ୍ତା ନାହିଁ କି ପୋଲିସ ପ୍ରଶାସନର ନିଘା ନାହିଁ। ତେଣୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହି ସ୍ଥାନମାନଙ୍କରେ ଜେବ୍ରା ଲାଇନ ଟାଣି ନିୟମିତ ଭାବରେ ଯାଞ୍ଚ ପ୍ରକ୍ରିୟା ଜାରି ରଖନ୍ତୁ କିମ୍ବା ଟ୍ରାଫିକ ପୋଲିସ ମୁତୟନ କରନ୍ତୁ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା

### ଦାରିଦ୍ର୍ୟ ପ୍ରତି ଉପହାସ

ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ଏବେ ରାଜ୍ୟର ୪୩ ଲକ୍ଷ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ମାସିକ ୩୦୦ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ରାଜ୍ୟ ସରକାର ଏବେ ଆଉ ୫ ଲକ୍ଷ ଲୋକଙ୍କୁ ଏହି ଭତ୍ତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅତି ସ୍ୱାଗତଯୋଗ୍ୟ । ମାତ୍ର ଏହି ଭତ୍ତା ପରିମାଣ ଦୃଷ୍ଟିରୁ ଆଦୌ ଯଥେଷ୍ଟ ନୁହେଁ। ତେଣୁ ଯେପରି ଏହି ଯୋଜନାରେ ସବୁ ଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବା ସହ ଏହି ଭତ୍ତା ପରିମାଣକୁ ଅନ୍ୟୂନ ମାସିକ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଉ। ଆଜିକାଲିର ମହାର୍ଘ ବଜାରରେ ଜଣେ ଅସହାୟ, ନିରାଶ୍ରୟ ଓ ବେରୋଜଗାରୀ ଲୋକ ପାଇଁ ଦିନକୁ ମାତ୍ର ୧୦ ଟଙ୍କାର ସରକାରୀ ସହାୟତାକୁ ଦାରିଦ୍ର୍ୟ ପ୍ରତି ଉପହାସ କହିଲେ ଭୁଲ ହେବନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚାଷୀଙ୍କ ଅଖାକିଣା ଦୁଃଖ

ଚାଷୀମାନେ ଉତ୍ପାଦିତ ଧାନ, ମୁଗ, ବିରି, ଆଳୁ, ପିଆଜ, ଟମାଟୋ ସବୁକୁ ଅଖାରେ ରଖନ୍ତି ଓ କିଣାବିକା କରନ୍ତି। ଏ ବାବଦରେ ସେମାନେ ଅଖା ପିଛା ପନ୍ଦର ଟଙ୍କାରୁ ପଚିଶ ଟଙ୍କା ଖର୍ଚ୍ଚ କରିଥାନ୍ତି। ସେଥିରୁ କିଛି ମୂଷା ଖାଇ ନଷ୍ଟ କରିଥାନ୍ତି। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ/କୃଷି ଉତ୍ପାଦନ ବିଭାଗ ଧାତବ ଡୋଲି ଚାଷୀର ଶ୍ରେଣୀ ବିଭାଗ କ୍ରମରେ ରିହାତିରେ ବିକ୍ରି କରୁଥିଲେ। ତେଣୁ କୃଷି ବିଭାଗ ପକ୍ଷରୁ ଏହି ଧାତବ ଡୋଲି ପ୍ରତ୍ୟେକ ବ୍ଲକ୍ କୃଷି କାର୍ଯ୍ୟାଳୟ ଜରିଆରେ ବିକ୍ରୟ କରାଯାଉ। ତା'ହେଲେ ଚାଷୀଙ୍କ ଅଖାକିଣା ଓ ମୂଷାଙ୍କ ଦ୍ୱାରା ଶସ୍ୟ ନଷ୍ଟ ହେବା ଦୁଃଖ ଦୂର ହୋଇପାରନ୍ତା।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 8 | | | | | | | | 7 | 1 | | | D | 9 |
| | 9 | 7 | | | | 8 | | E | | | | | | 0 |
| | E | | 3 | | | | 1 | C | | | | B | 8 | |
| | | 5 | | | | | | | | | | | 3 | 7 |
| C | | 2 | 1 | | | | | | 5 | | B | | | |
| | | E | | | | | | 4 | C | 9 | | A | | |
| 9 | | D | | | | B | | 3 | | | E | C | | |
| 0 | | 6 | | | C | | | | 3 | | 7 | | | 2 |
| | | 4 | | | | | E | | | | 6 | | B | 8 |
| A | | | D | 7 | | | | | | 2 | | | | |
| 5 | 4 | B | | | | E | | 1 | | D | 9 | | | A |
| | | | | | | | A | | | | 2 | E | | D |
| | 1 | 9 | A | | 3 | D | | 0 | | | | 4 | | |
| | | | 5 | | | | | 7 | | C | A | | 6 | |
| | 7 | | B | 4 | | 2 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 6 | B | 3 | E | 5 | 1 | 4 | 0 | 8 | A | D | 7 | 2 |
| 0 | D | 5 | A | 1 | 2 | B | 7 | 3 | 4 | 9 | 6 | C | 8 | E |
| 4 | 1 | 7 | C | 9 | 5 | 8 | E | D | B | 3 | 2 | 0 | 6 | A |
| A | 2 | B | 8 | 7 | D | 0 | 6 | 9 | 1 | E | C | 4 | 3 | 5 |
| 3 | 8 | E | 6 | 4 | 0 | 2 | C | A | D | 5 | 7 | 1 | 9 | B |
| 7 | E | 4 | 1 | C | 9 | 6 | 5 | 2 | 3 | D | B | A | 0 | 8 |
| D | 5 | 2 | 3 | B | 4 | C | 8 | 7 | E | A | 0 | 6 | 1 | 9 |
| 8 | B | C | 0 | E | A | 3 | D | 1 | 9 | 6 | 4 | 2 | 5 | 7 |
| 1 | 0 | 9 | 2 | D | 6 | 4 | A | E | 8 | 7 | 5 | B | C | 3 |
| 6 | A | 3 | 5 | 8 | 7 | 9 | 0 | B | 2 | C | 1 | E | 4 | D |
| E | 4 | D | 7 | A | 8 | 1 | B | 5 | C | 0 | 9 | 3 | 2 | 6 |
| C | 9 | 8 | E | 6 | 1 | 7 | 2 | 0 | A | B | 3 | 5 | D | 4 |
| 5 | 3 | A | 4 | 2 | C | D | 9 | 8 | 6 | 1 | E | 7 | B | 0 |
| 2 | 6 | 0 | D | 5 | B | A | 3 | C | 7 | 4 | 8 | 9 | E | 1 |
| B | 7 | 1 | 9 | 0 | 3 | E | 4 | 6 | 5 | 2 | D | 8 | A | C |

ଗତକାଲିର ଉତ୍ତର



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ

## ସଂକ୍ଷେପରେ

### ବିଜୁ କୃଷକ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ

ବୌଦ୍ଧ,୩୦।୧୨(ସ୍ୱ.ପ୍ର.)- ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କୃଷକ ଜନତା ଦଳର ସଂଗଠନକୁ ସୁଦୃଢ କରିବା ପାଇଁ ନିକଟରେ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି ଓ ମହାସଚିବ ଭାବେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦେବା ପରେ ରାଜ୍ୟ କର୍ମକର୍ତ୍ତା ଓ ଜିଲା କର୍ମକର୍ତ୍ତା ନିଯୁକ୍ତି ଦେଇଛନ୍ତି। ବୌଦ୍ଧ ଜିଲାର ଦହ୍ୟା(ରକ୍ସା) ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କିଶୋର କୁମାର ମେହେରଙ୍କୁ ବିଜୁ କୃଷକ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜୁ କୃଷକ ଜନତା ଦଳର ବୌଦ୍ଧ ଜିଲା ସଭାପତି ଭାବେ ଶାନ୍ତନୁ ଥାଟିଙ୍କୁ ନିଯୁକ୍ତି ଦିଆଯାଇଛି।

### ୧୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୩୦।୧୨(ସ୍ୱ.ପ୍ର.)- ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବୌଦ୍ଧ ଅବକାରୀ ବିଭାଗ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ବଙ୍କୁରା ଜିଲା ଓନା ଥାନା ଅଧୀନ ପୁନିସୋଲ ଗ୍ରାମର ଅବଦୁଲ ସାମିନ ମଣ୍ଡଳ(୩୨) ଓ ଲାଲଚାନ୍ଦ ଖାନ(୩୦)। ମିଳିଥିବା ସୂଚନା ମୁତାବକ, ରବିବାର ବୌଦ୍ଧ ଅବକାରୀ ବିଭାଗ ଏକ ଟିମ୍ ସହରର ଏନ୍‌ଏସି ଛକ ନିକଟରେ ଉପସ୍ଥିତ ଥିଲେ। ସେତିକିବେଳେ କର୍ମଚାରୀମାନେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖବର ପାଇଥିଲେ। ଏନେଇ କର୍ମଚାରୀମାନେ ବସଷ୍ଟାଣ୍ଡ ନିକଟରେ ଚଢାଉ କରିଥିଲେ। ଚଢାଉ ବେଳେ କର୍ମଚାରୀମାନେ ରାଜପଥ ନିକଟସ୍ଥ ଶୌଚାଳୟ ନିକଟରେ ୨ଜଣ ଯୁବକଙ୍କୁ ଧରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୨ଟି ବସ୍ତାରେ ଥିବା ୫ କେଜି ଲେଖାଁଏ ୧୦ କେଜି ଗଞ୍ଜେଇ ଜବତ କରିଥିଲେ । ଏନେଇ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲାରେ ଅବଦୁଲ ଏବଂ ଲାଲଚାନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ସବ୍ ଇନ୍‌ସପେକ୍ଟର କୃଷ୍ଣଚନ୍ଦ୍ର ପରିଡା, ଏଏସ୍‌ଆଇ ରୁପେଶ ମୁଖି, କନଷ୍ଟେବଲ ଜୟନ୍ତ ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ରେଳ ଧାରଣାରେ ପଡିଛି ମୃତଦେହ

ବରଗଡ଼ ଅଫିସ୍,୩୦।୧୨- ବରଗଡ଼ ସହର ଉପକଣ୍ଠ ଖୁଣ୍ଟପାଲି ଜୀରାବ୍ରିଜ ନିକଟ ରେଳ ଧାରଣା ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ି ରହିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ଗତ ୨ଦିନ ହେଲା ସେଠାରେ ମୃତଦେହ ପଡ଼ି ରହିଥିବା ବେଳେ ଜିଆରପି କିମ୍ବା ପୋଲିସ ପହଞ୍ଚି ନ ପାରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଯୁବକଙ୍କ ମୃତ୍ୟୁକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଜମିଆବଣ୍ଟନରେ ୧.୧୮କୋଟିର ଟେଣ୍ଡର

ବରଗଡ଼ ଅଫିସ୍,୩୦।୧୨

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୧୨ଦିନ ବାକି । ଆସନ୍ତା ଜାନୁୟାରୀ ୧୧ରୁ ଆରମ୍ଭ ହୋଇ ସେହିମାସ ୨୧ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । କୌଣସି ସରକାରୀ ଅନୁଦାନ ଉପରେ ନିର୍ଭର କରୁ ନ ଥିବା ଧନୁଯାତ୍ରା ମହୋତ୍ସବ ଟ୍ରେଡ୍ ଫେୟାର, ଫୁଡ୍ ଫେଷ୍ଟ, ମୀନାବଜାର ଆଦି କ୍ଷେତ୍ରରେ ଜମି ଆବଣ୍ଟନ ଲବ୍ଧ ରାଶିରୁ ଏହି ମହୋତ୍ସବ ଚାଲିଥାଏ । ଫଳରେ ମହୋତ୍ସବରେ ବ୍ୟବସାୟିକ ଦିଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କ୍ରମରେ ଏଭଳି ବ୍ୟବସାୟିକ ଦୃଷ୍ଟିକୋଣର ବିଭିନ୍ନ ଦିଗକୁ ନେଇ ରବିବାର ଟେଣ୍ଡର ଚାଲିଥିଲା । ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଟେଣ୍ଡର ପ୍ରକ୍ରିୟାରେ ମୋଟ୍ ୧କୋଟି ୧୮ଲକ୍ଷ ୫୧ହଜାର ୩୪୮ ଟଙ୍କାର ଟେଣ୍ଡର ସରିଛି।ତେବେ ସ୍ଥାନୀୟ ମହାରାଜା ଗଳିଠାରୁ ଏସବିଆଇ ଗଳି ପର୍ଯ୍ୟନ୍ତ ୪୫୯୬୩ ବର୍ଗଫୁଟ୍‌ର ଝୁଲାଜୋନର ଟେଣ୍ଡର ହୋଇପାରି ନାହିଁ । ଏହାର ସର୍ବନିମ୍ନ ମୂଲ୍ୟ ୧୬ଲକ୍ଷ ୧୦ହଜାର ଟଙ୍କା ରହିଥିବା ବେଳେ ଏଥିପାଇଁ ଦରଖାସ୍ତ ଅବଧିକୁ ଆସନ୍ତା ଜାନୁୟାରୀ ୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିଦିନ ଅପରାହ୍ନ ୩ଟା ସମୟରେ ଟେଣ୍ଡର ଖୋଲାଯାଇ ଚୂଡ଼ାନ୍ତ କରାଯିବ ଏବଂ ଯଦି କୌଣସି ବିଡ୍ ଦାଖଲ ନ ହେଲେ, ସେହି



ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ଧନୁଯାତ୍ରା କମିଟିର ସମ୍ପାଦକ ଓ ଅନ୍ୟମାନେ ଉପଜିଲାପାଳଙ୍କ ଅଫିସରୁ ବାହାରୁଛନ୍ତି ।

ଜୋନକୁ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟ ନିମନ୍ତେ ଉପଯୋଗ କରାଯିବା ପାଇଁ ଜମି ଆବଣ୍ଟନ କମିଟି ସ୍ଥିର କରିଛି ବୋଲି କମିଟିର ସଂଯୋଜକ ତଥା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସୂଚନା ଦେଇଛନ୍ତି ।

ଅନ୍ୟପଟେ ଟ୍ରେଡ ଫେୟାର ୧୭ଲକ୍ଷ ୧୧ହଜାର ୧୧୧ ଟଙ୍କା ଟେଣ୍ଡରରେ ଯାଇଛି ।ସେହିପରି ଟ୍ରେଡ ଫେୟାର ନିକଟ ଝୁଲା ପାଇଁ ଶେକ୍ ନଜିମୁଦ୍ଦିନ ୨୧ଲକ୍ଷ ୫୧ହଜାର ୭୮୬ ଟଙ୍କାରେ ନେଇଛନ୍ତି । ପଲ୍ଲିଶ୍ରୀ ମେଳା ଓ ଟ୍ରେଡ ଫେୟାର ନିକଟ ମୀନାବଜାର ପାଇଁ ସେହି ସ୍ଥାନକୁ ଏସ.କେ ସବୱର ୧୬ଲକ୍ଷ ୨୫ହଜାର ଟଙ୍କାରେ ନେଇଛନ୍ତି । ଏସ୍‌ବିଆଇ ଗଳି ଜାଗାକୁ ଛୋଟ ଦୋକାନ ପାଇଁ ଶୟନ ପଣ୍ଡା ୧୭ଲକ୍ଷ ୧୭ହଜାର ୩୫ ଟଙ୍କାରେ ନେଇଥିବାବେଳେ ଫୁଡ୍ ଫେୟାର ନିକଟ ଜାଗାକୁ ଛୋଟ ଦୋକାନ ପାଇଁ ନରେଶ ଅଗ୍ରୱାଲ ୧୨ଲକ୍ଷ ୧୨ହଜାର ଟଙ୍କାରେ ନେଇଛନ୍ତି । ଫୁଡଫେଷ୍ଟ ପାଇଁ ଉଦ୍ଦିଷ୍ଟ ଜାଗାକୁ ପ୍ରିୟରଞ୍ଜନ ଦାଶ ୨୦ଲକ୍ଷ ୫୧ହଜାର ୭୮୬ ଟଙ୍କାରେ ନେଇଛନ୍ତି । ସେହିପରି ଠେଲା ପାଇଁ ରହିଥିବା ଜାଗାକୁ ସନ୍ତୋଷ ମହାନନ୍ଦ ୬ଲକ୍ଷ ୩୫ହଜାରଟଙ୍କା ନେଇଥିବାବେଳେ ଫୁଟ୍‌ପାଥ୍ ପାଇଁ ଉଦ୍ଦିଷ୍ଟ ସ୍ଥାନ ୩ଲକ୍ଷ ୩ହଜାର ୨୦୯ ଟଙ୍କାରେ ଯାଇଛି । କଚେରୀ ପଡ଼ିଆରେ ରହିଥିବା ଜାଗାକୁ ରାଜକିଶୋର ଚୌଧୁରୀ ୧ଲକ୍ଷ ୬୧ହଜାର ଟଙ୍କା ଟେଣ୍ଡରରେ ନେଇଥିବାବେଳେ ସେଲ୍ସ ଟ୍ୟାକ୍ସ ପାଖ ପଡ଼ିଆକୁ ରାଜେଶ ଅଗ୍ରୱାଲ ୧ଲକ୍ଷ ୩୬ ଟଙ୍କାରେ ନେଇଛନ୍ତି । ମହାଦେବ ମନ୍ଦିର ପାଖ ଜାଗାକୁ ଘନଶ୍ୟାମ ଭେସ୍ରା ୧ଲକ୍ଷ ୬ହଜାର ୧୬୦ ଟଙ୍କା ଏବଂ ମହିଳା କଲେଜ ପଛପଟ ଜାଗାକୁ ମନୋଜ ନାଗ ୨୩ହଜାର ୨୨୨ଟଙ୍କା ଟେଣ୍ଡରରେ ନେଇଛନ୍ତି । ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ସଭ୍ୟମାନେ ଉପସ୍ଥିତ ଥିବାବେଳେ ପୋଲିସ ମୁତୟନ ରହିଥିଲା।

## ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ବାମରା, ୩୦।୧୨ (ଡି.ଏନ୍.ଏ.)

ଗୋବିନ୍ଦପୁରରେ ନିର୍ମାଣାଧୀନ ଗାୟତ୍ରୀ ମନ୍ଦିରରେ ୩ଦିନ ଧରି ଏକ ଗାୟତ୍ରୀ ମହାଯଜ୍ଞର ଶୁଭାରମ୍ଭ ହୋଇଛି। ରବିବାର ପ୍ରଥମ ଦିବସର କଳସ ଶୋଭାଯାତ୍ରା ବାହାରିଥିଲା। ଟୋଲି ନାୟକ, କେଦାରନାଥ ଡନସେନା, ଦେବେନ୍ଦ୍ର କୁମାର ନାୟକ, କ୍ଷୀର ସାଗର ପେଟଲ, ରାମଚରଣ ସିଦାର୍, ଫକୀର ଚରଣ ସିଦାର, ଦେବ କୁମାର ଗୁପ୍ତା ଓ ନେତ୍ରାନନ୍ଦ ପ୍ରଧାନ ପ୍ରମୁଖ ଯଜ୍ଞ ସଞ୍ଚାଳନ କରୁଛନ୍ତି। ବିନୟ ପଣ୍ଡା, ସତ୍ୟଜିତ ସରାଫ, ଖଗେଶ୍ୱର ସା, ପ୍ରୟାଗ ଚୌଧୁରୀ, ଅନୀଲ ପାଣ୍ଡେ, ଶିବ ଶଙ୍କର ପଣ୍ଡା, ନୃପଲାଲ ପିଙ୍ଗ, କଲୁ ଦୀକ୍ଷିତ ଓ ଆକାଶ ଦୀକ୍ଷିତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ବାମରା ରେଞ୍ଜର ବିଶ୍ୱନାଥ ମେହେର ଯୋଗ ଦେଇଥିଲେ।



ଗାୟତ୍ରୀ ଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

## ବଡ଼ଟିକ୍ରାକୁ ହରାଇ ଡୁମ୍ବେରପାଲି ଚାମ୍ପିୟନ

ବରଗଡ଼ ଅଫିସ୍,୩୦।୧୨

ବରଗଡ଼ ଜିଲା ଆମ୍ବସଡ଼ା ଗ୍ରାମରେ ଜୟ ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲକୁ ଡୁମ୍ବେରପାଲି ଏବଂ ବଡ଼ଟିକ୍ରା ଦଳ ଉନ୍ନିତ ହୋଇଥିଲା। ଫାଇନାଲରେ ଡୁମ୍ବେରପାଲି ପ୍ରତିପକ୍ଷ ବଡ଼ଟିକ୍ରାକୁ ହରାଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ମୁଖ୍ୟଅତିଥି ଏବଂ ହୃଷିକେଶ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ହେମନ୍ତ ଭୋଇ, ସତ୍ୟନାରାୟଣ ଭୋଇ, ହୃଷିକେଶ ମହାନନ୍ଦ, ସୁଶାନ୍ତ ସାହୁ, ବିଜୟ ଭୋଇ, କୃପାସିନ୍ଧୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ଜମନକିରାକୁ ଉପଖଣ୍ଡ ଘୋଷଣା କରିବା ଆବଶ୍ୟକ



ଜମନକିରା ବ୍ଲକ୍ ବିକାଶ ପରିଷଦ ଏବଂ ବରିଷ୍ଠ ନାଗରିକଙ୍କ ଏହି ମିଳିତ ବୈଠକରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ।

ଜମନକିରା, ୩୦ । ୧୨ (ଡି.ଏନ୍.ଏ)

ଜମନକିରାକୁ ଉପଖଣ୍ଡ ଘୋଷଣା କରିବା ଆବଶ୍ୟକ। ଏଥିପାଇଁ ପଞ୍ଚାୟତିରାଜ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଠା ଯାଇଛି। ରବିବାର ମୁକ୍ତେଶ୍ୱର ମନ୍ଦିର ନିକଟ ନଦୀ ମୁହାଁଣରେ ଅନୁଷ୍ଠିତ ଏକ ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ଜମନକିରା ବ୍ଲକ୍ ବିକାଶ ପରିଷଦ ଏବଂ ପୋଲିସ ପକ୍ଷରୁ ଗଠନ କରାଯାଇଥିବା ବରିଷ୍ଠ ନାଗରିକଙ୍କ ଏହି ମିଳିତ ବୈଠକ ବସିଥିଲା। ଏଥିରେ ସନ୍ତୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବିକାଶ ପରିଷଦର ସଭାପତି ଗୋକୁଳାନନ୍ଦ ଦାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ସରୋଜ ପଟ୍ଟନାୟକ ବରିଷ୍ଠ ନାଗରିକ କମିଟିର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିଭଳି ଦାନୀ ବ୍ଲକ୍ ବିକାଶ ପରିଷଦର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ପୋଲିସ ପକ୍ଷରୁ ବ୍ଲକ୍ ଅଞ୍ଚଳର ଥିବା ବରିଷ୍ଠ ନାଗରିକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ବାକି ରହିଯାଇଥିବା ବରିଷ୍ଠ ନାଗରିକଙ୍କୁ ପରବର୍ତ୍ତୀ ସମୟରେ ତାଲିକାଭୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ବ୍ଲକ୍ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଯେଉଁମାନେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିବେ ସେମାନଙ୍କୁ ସାମିଲ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିକାଶ ପରିଷଦକୁ କିଛି ଦିନ ପୂର୍ବରୁ ପଞ୍ଜୀକୃତ କରାଯାଇଛି। ପଞ୍ଜୀକୃତ କରାଯିବା ପାଇଁ ଆବଶ୍ୟକ ପଡ଼ିଥିବା ଜମିକୁ ସନ୍ତୋଷ ପଟ୍ଟନାୟକ ଦାନରେ ଦେଇଥିବା ଯୋଗୁ ଉଭୟ କମିଟି ପକ୍ଷରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏଥିରେ ବ୍ଲକ୍ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଓ ବିକାଶ ପରିଷଦର ସଭ୍ୟମାନେ ଉପସ୍ଥିତ ଥିଲେ। ଉପସଭାପତି ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବୌଦ୍ଧଜିଲା ଗଠନର ରୌପ୍ୟଜୟନ୍ତୀ ପାଳନ ପ୍ରସ୍ତୁତି

ବୌଦ୍ଧ,୩୦।୧୨ (ସ୍ୱ.ପ୍ର.)

ବୌଦ୍ଧ ଜିଲା ଗଠନର ରୌପ୍ୟଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ଜିଲାର ୨୫ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଜିଲା ଆନ୍ଦୋଳନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୌଦ୍ଧ ସାଇମନ୍ଦିର ନିକଟସ୍ଥ ଖୋଲାସ୍ଥାନରେ ଏହି ଉତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିବା ବେଳେ ସେହିଦିନ ସମ୍ବର୍ଦ୍ଧନା ସଭା ପରେ ଆତସବାଜୀ ଓ ମେଲୋଡି କାର୍ଯ୍ୟକ୍ରମ କରିବାକୁ ବୈଠକରେ କୁହାଯାଇଥିଲା।

# ବରଗଡ଼ରେ ଜୈବିକ କୃଷିଦ୍ରବ୍ୟ ପ୍ରଦର୍ଶନୀ

ବରଗଡ଼ ଅଫିସ୍,୩୦।୧୨

ବରଗଡ଼ ସହରସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ରବିବାର ଜୈବିକ କୃଷିଦ୍ରବ୍ୟ ବିକ୍ରୟ ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିବା ସହିତ ଆୟୋଜକ ଏବଂ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀରେ ବିଭିନ୍ନ କିସମର ଧାନ, ଚାଉଳ, ତରଳ ଗୁଡ଼ ଏବଂ ପରିବା ସ୍ଥାନିତ ହୋଇଥିଲା । ସେଥିମଧ୍ୟରେ ଝିଲ୍ଲି, କୁସୁମକଳି, ସୁନାକାଠି, କଳାବତୀ, କଳା ମଲ୍ଲିଫୁଲ, ବାସପତ୍ରି, ଧୋବଜିରା, କାଲାନମକ୍ କିସମ ଚାଉଳ, ଚକଡ଼ାମୁକ୍ତ କିସମ ତାଲମୂଳୀ, ଅଧିକ ଅମଳକ୍ଷମ କିସମ ବହୁରୂପୀ ଆଦି ଧାନ ବିହନ ରହିଥିଲା । ସୁକୁଡ଼ାର ଜପଧନ ସାହୁ, କଟାପାଲିର ସୁଦାମ ସାହୁ, ଆଦିତ୍ୟ ଭୋଇ, ନେହେରୁ ସେଠ, ସ୍ୱାଧୀନ ସାହୁ, ଦିବ୍ୟ ସାହୁ, ବାରଗାଡ଼ର ଶଦ୍ଧ ପ୍ରଧାନ, ଶ୍ୟାମଘନ ପ୍ରଧାନ, ସଫେଦ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଶ୍ରୀଗିଡ଼ାର ପୁଷ୍ପରଞ୍ଜନ ସାହୁ, ବରଗଡ଼ର ପୁଷ୍ପଲତା ପ୍ରଧାନ ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ । ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତା, ସଭ୍ୟବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ବରଗଡ଼ ଜିଲାପାଳ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

## ପତ୍ରିକା ସ୍ୱୟଂସିଦ୍ଧା ଉନ୍ମୋଚିତ

ବରଗଡ଼ ଅଫିସ୍/ବରପାଲି,୩୦।୧୨

ବରପାଲିସ୍ଥିତ କବିଭବନରେ ରବିବାର ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ସ୍ୱୟଂସିଦ୍ଧା ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୌସ୍ତୁଭ ବୁଢ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ବୃନ୍ଦାବନ ବିହାରୀ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇ ଥିବାବେଳେ ମହେନ୍ଦ୍ର କୁମାର ମେହେର ଏବଂ ରୋହିତ ରଣା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ପରେ ସ୍ୱୟଂସିଦ୍ଧା ପତ୍ରିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ପକ୍ଷରୁ ସମ୍ମାନଜନକ ଡିଲିଟ୍ ଉପାଧି ପାଇବା ପାଇଁ ମନୋନୀତ ବାଦ୍ୟଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ୱୟଂସିଦ୍ଧା ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ସୁଶୀଳ ବାଗ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

## ନାଗପୁରକୁ ହରାଇ ଖୋର୍ଦ୍ଧା ଚାମ୍ପିୟନ

ପାଇକମାଲ,୩୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଚନ୍ଦ୍ରଶେଖର ଖେଳ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଛିନ୍ଦେଇକେଲ କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳରେ ନାଗପୁରକୁ ୨୯ରନ୍‌ରେ ହରାଇ ଖୋର୍ଦ୍ଧା ଚାମ୍ପିୟନ ହୋଇଛି । ଖୋର୍ଦ୍ଧା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରୀତ ୨୫ ଓଭରରେ ୯ଉଇକେଟ୍ ହରାଇ ୨୦୪ ରନ୍ ସଂଗ୍ରହ କରିଥିଲା । ଜବାବରେ ନାଗପୁର ଦଳ ନିର୍ଦ୍ଧାରୀତ ୨୫ଓଭରରେ ୯ଉଇକେଟ୍ ହରାଇ ମାତ୍ର ୧୭୫ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ସତ୍ୟଜିତ ଶାଶ୍ୱତ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସନ୍ଦୀପ ମୁହିଆ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ । ଫାଇନାଲ ଖେଳକୁ ସତ୍ୟଭୂଷଣ ସାହୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ୭ ଦିନ ଧରି ଏହି ପ୍ରତିଯୋଗିତା ଚାଲିଥିଲା।




ବିଧାୟକ ପ୍ରଦୀପ ପୁରୋହିତ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ମହିଳା ସଂରକ୍ଷଣ ଆଇନ ଜରୁରୀ

ବରଗଡ଼ ଅଫିସ୍,୩୦।୧୨–

ପରିବାରଠାରୁ ଆରମ୍ଭ କରି ଦେଶର ବିକାଶରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହେଲେ ମହିଳାଙ୍କ ସାମାଜିକ ସୁରକ୍ଷା, ବିକାଶ ଓ ସ୍ୱାଭିମାନ ପାଇଁ କିଛି ପଦକ୍ଷେପ ନିଆଯାଇ ନାହିଁ। ସାମ୍ପ୍ରତିକ ସ୍ଥିତିରେ ମହିଳାଙ୍କ ବିକାଶ, ସାମାଜିକ ନ୍ୟାୟ ପାଇଁ ମହିଳା ସଂରକ୍ଷଣ ଆଇନ ଅତ୍ୟନ୍ତ ଜରୁରୀ । ରବିବାର ଅମ୍ବାପାଲି କୁଲତା ମହିଳା ସଂଗଠନର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏହା ମତପ୍ରକାଶ ପାଇଛି । ମହିଳାଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରା ନ ଯାଇ ବ୍ୟବସାୟ, ବାଣିଜ୍ୟ, ଉଦ୍ୟୋଗ ପ୍ରତିଷ୍ଠା ଆଦି ଦିଗରେ ସୁଯୋଗ ଦେବାକୁ ମତପୋଷଣ କରିଥିଲେ । ଅମ୍ବାପାଲି କୁଲିତା ମହିଳା ସଂଗଠନ ଉଦ୍ୟମକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ପୂର୍ବତନ ବିଧାୟକ ସ୍ୱର୍ଗତ ନିତ୍ୟାନନ୍ଦ ଗଡ଼ତିଆଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୟାନିଧି ପ୍ରଧାନ, ଦିବାକର ପ୍ରଧାନ ଉଦବୋଧନ ଦେଇଥିଲେ।

# କଳାନିକେତନର ବାର୍ଷିକୋତ୍ସବ

ବରଗଡ଼ ଅଫିସ୍,୩୦।୧୨

ବରଗଡ଼ର ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ବୁର୍ଲା ଡିଏଭି ପବ୍ଲିକ ସ୍କୁଲର କଳା ଶିକ୍ଷକ ଶଶଧର ପତି ମୁଖ୍ୟବକ୍ତା, ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ବଲପୁରର ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲୀଙ୍କୁ କଳା ଗୌରବ ସମ୍ମାନରେ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର ମାନପତ୍ର ପାଠ କରିଥିଲେ । ଅରବିନ୍ଦ ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସେହିପରି ତୃତୀୟ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ରଙ୍ଗୋଲୀ ପ୍ରତିଯୋଗିତାର ୧୧୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ ୭ଟି ଗ୍ରୁପର ୭ଜଣ ଅର୍ଥାତ୍ ତଭଲିନ କୌର, ଜାଗୃତି ଦାଶ, ସାନଭି ପିପ୍‌ଲାନୀ, ମଞ୍ଜିଲ ଗିରି, ସୋନମ ପ୍ରଧାନ, ମୁକେଶ ବରିହା ଏବଂ ବିଷ୍ଣୁ ଜୟସ୍ୱାଲକୁ ଷ୍ଟେଟ୍ ଚାମ୍ପିୟନଭାବେ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ଶାଶ୍ୱତୀ ଭୋସାଗର, ସୋନମ ପ୍ରଧାନ, ସିଦ୍ଧିମୟୀ ମହାପାତ୍ର ନୃତ୍ୟ ଏବଂ କାମିନୀ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କମଳ ଯୋଷୀ, ରାମକୃଷ୍ଣ ଠାକୁର, ନିଳାମ୍ବର ମେହେର, ଶିଶିର ବାରିକ, ସୁଦନ ସେଠ, ହେମନ୍ତ ବିଶି, ପ୍ରଭାକର ପାତ୍ର, ସୁବ୍ରତ ସରାଫ, ଚିରଞ୍ଜିବ ନାମଦେଓ, ଅଭିଳାଷ ପ୍ରଧାନ, ଶାଳିନୀ ଗୁପ୍ତା, ସୁନନ୍ଦା ହାତୀ, ମନୋଜ ଜେନା, ଦୀକ୍ଷା ପ୍ରଧାନ, ସୁନୀଲ ଅଗ୍ରୱାଲ, ପ୍ରହଲ୍ଲାଦ କେୱଟ୍ ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ପୁରସ୍କୃତ ଶିଶୁ ଚିତ୍ରଶିଳ୍ପୀମାନେ ।



"ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



## ସଂକ୍ଷେପରେ

### ଆନ୍ଧ୍ରବ୍ୟାଙ୍କର ଚୁମ୍ବକୀୟ କାର୍ଡ ବନ୍ଦ, ଇଏମ୍‌ଭି କାର୍ଡ ବ୍ୟବହାର

**ସମ୍ବଲପୁର,୩୦।୧୨(ବ୍ୟୁରୋ)-** ଡିସେମ୍ବର ୩୧ ତାରିଖ ପରେ ଆନ୍ଧ୍ରବ୍ୟାଙ୍କର ଗ୍ରାହକ ବ୍ୟବହାର କରୁଥିବା ଚୁମ୍ବକୀୟ ଏଟିଏମ୍ କାର୍ଡ ଆଉ କାମ କରିବନି। ଜାନୁୟାରୀ ୧ ତାରିଖଠାରୁ ଇଏମଭି ଚିପ୍ସ୍ ଲଗା ଏଟିଏମ କାର୍ଡ ବ୍ୟବହାର କରିବାକୁ ହେବ। ଏହା ଗ୍ରାହକଙ୍କ ପାଇଁ ନିରାପଦ। ଏଣୁ ଗ୍ରାହକମାନେ ନିଜ ନିଜ ବ୍ୟାଙ୍କ ଶାଖା ଗୁଡିକରୁ ମାଗଣାରେ ଏହି ଏଟିଏମ କାର୍ଡ ପାଇ ପାରିବେ। ପ୍ରତି ଶାଖାରେ ପର୍ଯ୍ୟପ୍ତ ମାତ୍ରାରେ ଇଏମଭି ଚିପ୍ସ୍ ଲଗା କାର୍ଡ ଗୁଡିକ ଗଚ୍ଛିତ ରହିଛି । ଶୀଘ୍ର ଯୋଗାଯାଗ କରି ନୂତନ କାର୍ଡ ଦାବି କରିବାକୁ ବ୍ୟାଙ୍କ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ସମ୍ବଲପୁର ମନ୍ଦଲିଆ ପଡିଆରେ ଯୋଗ ଦେଇଥିବା ସାଧୁସନ୍ଥ ।

### ସମ୍ବଲପୁରରେ ବିଶ୍ୱ ହିନ୍ଦୁ ପରିଷଦ ବୈଠକ

# ରାମ ମନ୍ଦିର ନିଶ୍ଚିତ ନିର୍ମାଣ ହେବ

**ସମ୍ବଲପୁର,୩୦।୧୨ (ବ୍ୟୁରୋ)**

ରାଜନୈତିକ ଦଳ ଗୁଡିକ ନିର୍ବାଚନ ସମୟରେ ରାମ ମନ୍ଦିରଙ୍କୁ ପ୍ରସଙ୍ଗ କରି ନିର୍ବାଚନୀ ପ୍ରଚାର କରନ୍ତି । ହେଲେ ଭୋଟ ପରେ ଏହି ରାମ ମନ୍ଦିର ନିର୍ମାଣ କଥା ମନେ ପକାନ୍ତି ନାହିଁ । ପରେ ସୁପ୍ରିମକୋର୍ଟରେ ମାମଲା ବିଚାରଧୀନ ଥିବା ଦର୍ଶାଇଥାନ୍ତି । ହେଲେ ଜଣେ ପୀଡିତାକୁ ନ୍ୟାୟ ପ୍ରଦାନ କରିବା, ଜଣେ ଆତଙ୍କବାଦୀଙ୍କୁ ଦଣ୍ଡାଦେଶ ଦେବା ପାଇଁ ରାତି ଅଧିଆ ସୁପ୍ରିମ କୋର୍ଟ ଖୋଲି ବିଚାର କରାଯାଇଛି । ହେଲେ ରାମ ମନ୍ଦର ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ମାମଲା ବିଚାରଧୀନ ରହିଛି । ଏହି ମାମଲାର ବିଚାର ଶୀଘ୍ର କାହିଁକି ହୋଇ ପାରୁନାହିଁ । ଯଦି ସରକାର ଓ ସୁପ୍ରିମକୋର୍ଟ ଟାଳଟୁଳ ନୀତି ଅବଲମ୍ବନ କରିବେ ତାହା ହେଲେ କର ସେବାରେ ରାମ ମନ୍ଦିର ନିର୍ମାଣ କରାଯିବ । ମନ୍ଦଲିଆ ପଡିଆରେ ରବିବାର ଆୟୋଜିତ ବିଶ୍ୱ ହିନ୍ଦୁ ପରିଷଦ ବୈଠକରେ ବକ୍ତାମାନେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି ସଭାରେ ମହାମଣ୍ଡେଲଶ୍ୱର ସ୍ୱାମୀ ଅଖିଲେଶ୍ୱରାନନ୍ଦ ଗିରିଜା ମହାରାଜ ମାର୍ଗ ଦର୍ଶନ ଦେଇଥିଲେ । ବଲାଙ୍ଗୀର ବିଶ୍ୱ ଚେତନା ପରିଷଦର ସନ୍ଥ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ବିଶ୍ୱ ହିନ୍ଦୁ ପରିଷଦର ସନ୍ଥ ଗିରି ମହାରାଜ, ଦେବଗଡ ଅଭୟ ଚୈତ୍ୟ ମହରାଜ, ପ୍ରଭୁଭକ୍ତି ଆଶ୍ରମର ରାମଦେବ ବାନହସ୍ଥ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିନି ବିହାରୀ ନନ୍ଦ, ଭକ୍ତ ଚରଣ ସାହୁ, ଗୁଣ ସାଗର ଦାସ, ଅଶୋକ ସୁକନିଆ, ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡା, ଶରତଚନ୍ଦ୍ର ପଣ୍ଡା, ଲାଲ ବିହାରୀ ବାଗ ମଞ୍ଚରେ ଉପସ୍ଥିତ ଥିଲେ । ପ୍ରଥମେ ଏକ ବାଇକ୍ ରାଲି କରାଯାଇଥିଲା । ଶତାଧିକ ବାଇକ ଅଇଁଠାପାଲି ପିଏଚଡି ପଡିଆରୁ ବାହାରି ସହର ପରିକ୍ରମା କରି ମନ୍ଦଲିଆ ପଡିଆରେ ପହଞ୍ଚି ଥିଲା ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଜିଗଲେ ଖୋଜିବାକୁ ନାହିଁ
କି ମରିଗଲେ କାନ୍ଦିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଣଇ ମାରଇ ଯେ
ଗାଁ ବାହାର ସେ
ଲଇଁ ତୋଳୁଥାଇ ଶାଗ
ତା' ବରତନ ଆଗ ।**

ସବୁବେଳେ ଯିଏ ମାରଧର କରେ, ହଣାକଟା କରେ ତା'ପ୍ରତି ସମସ୍ତଙ୍କ ମନରେ ଏକପ୍ରକାର ଭୟଭାବନା ରହିଥାଏ । ସମସ୍ତେ ତାଙ୍କୁ ଦୂରୁ ଜୁହାର କରିଥାନ୍ତି। ଏପରି ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କେହି ପାଖ ପୂରାଇ ଦେଇ ନ ଥାନ୍ତି। ପରନ୍ତୁ ଯିଏ ନମ୍ର ଶାନ୍ତ ସ୍ୱଭାବର ହୋଇଥାଏ ତା'ପ୍ରତି ସମସ୍ତଙ୍କର ଆଦରଭାବ ରହିଥାଏ । ଏପରି ସୁଗୁଣ ବ୍ୟକ୍ତିଙ୍କ ପ୍ରତି ସମସ୍ତଙ୍କ ଆତ୍ମୀୟତାଭାବ ସୃଷ୍ଟିହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଆମ୍ବପାଲିରେ ଫୁଟବଲ ଟୁର୍ନାମେଣ୍ଟ

# ରୋହିଦାସ କ୍ଲବ ଚାମ୍ପିୟନ, ଜୁଜୁମୁରା ରନର୍ସ ଅପ୍

**ରେଢ଼ାଖୋଲ,୩୦।୧୨ (ଡି.ଏନ.ଏ.)**

ରେଢ଼ାଖୋଲ ଏନଏସି ୯ନଂ ୱାର୍ଡ ଆମ୍ବପାଲରେ ଆଦିବାସୀ କ୍ଲବ ଆନୁକୂଲ୍ୟରେ ଗତ ୨ ଦିନ ଧରି ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲା ବେଳେ ସାଲେସିଂ ରୋହିଦାସ କ୍ଲବ ଚାମ୍ପିୟନ ହୋଇଛି। ଜୁଜୁମୁରା ଫୁଟବଲ ଟିମ୍ ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚ ଜୁଜୁମୁରା ଓ ସାଲେସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକର ଯୋଗେ ୨-୧ ଗୋଲରେ ସାଲେସିଂ ଦଳ ବିଜୟୀ ହୋଇଛି। କାଉନସିଲର ଲକ୍ଷ୍ମଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଉପଜିଲାପାଳ ବିଶିକେସନ ଦେହୁରୀ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଶନିବାର ଉଦ୍‌ଘାଟନ କରିଥିଲେ। ଅମୂଲ୍ୟ ପ୍ରଧାନ, ସୁକାନ୍ତ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଆଦିବାସୀ କ୍ଲବର ସଭାପତି ପିଣ୍ଟୁ ଗିଲୁଆ, ସମ୍ପାଦକ ମଣ୍ଟୁ ସାମାଡ, ବନମାଳି ଷଣ୍ଢ, ଜଗଦୀଶ ଗିଲୁଆ, ସବିତ କୁଜୁର, ମଙ୍ଗଳ ସାମାଡ, ଲକ୍ଷ୍ମଣ ଗିଲୁଆ, ଅର୍ଜୁନ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।


ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



### ଖବରକାଗଜ ବିତରକଙ୍କ ପିତୃ ପରଲୋକ

**ବାମରା, ୩୦।୧୨ (ଡି.ଏନ୍.ଏ.)**

ବାମରାର ଖବରକାଗଜ ବିତରକ ଗୋରଖ ପ୍ରସାଦ ଖତ୍ରୀଙ୍କ ପିତା ବାଲ୍‌ଗୋବିନ୍ଦ ଖତ୍ରୀ (୬୮)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନରୁ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ସ୍ଥାନୀୟ ଶ୍ମଶାନଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଗୋରଖ ମୁଖାଗ୍ନି ଦେଇଥିଲେ। ବାଲଗୋବିନ୍ଦଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପ୍ରଥମ ରୋଟାରି ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ

# ବରଗଡ଼ ଚାମ୍ପିୟନ, ମଝାପଡ଼ା ରନର୍ସ ଅପ୍

**ସମ୍ବଲପୁର, ୩୦।୧୨ (ବ୍ୟୁରୋ)**

ପ୍ରଥମ ରୋଟାରି ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍ ଶନିବାର କ୍ଷେତରାଜପୁର ଇଣ୍ଡିଆନ୍ ପବ୍ଲିକ ସ୍କୁଲ ପରିସରସ୍ଥ ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ବରଗଡ ଚାମ୍ପିୟନ ଓ ମଝାପଡା ରନର୍ସ ଅପ୍ ଟ୍ରଫି ହାସଲ କରିଛି। ମ୍ୟାଚକୁ ଅମ୍ପାୟର ରାଜେଶ୍ୱର ଖଡିଆ, ବୁଧୁଆ ମୁଣ୍ଡା ପରିଚାଳନା କରିଥିଲେ । ରବିବାର ଏକ୍କା, ବାବୁଲା ତିର୍କୀ ଓ ଅଜୟ ରାଏ ଟେକ୍‌ନିକାଲ ଟେବୁଲ ଦାୟିତ୍ୱ ତୁଲାଇଥିଲେ । ଇଣ୍ଡିଆନ୍ ପବ୍ଲିକ ସ୍କୁଲ ଓ ରୋଟାରି ହକି ଏକାଡେମୀ ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ମହିଳା ହକି ଟୁର୍ନାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, କ୍ରୀଡାବିତ ନିଲିମା ମିଞ୍ଜ ଓ ଏ. ବାର୍ଲା ଯୋଗ ଦେଇଥିଲେ । ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ରାଜେନ୍ଦ୍ର କୁଜୁର, ଜତିନ୍ଦର ଶର୍ମା, ଉପଦେଷ୍ଟା ଲକ୍ଷ୍ମୀଧର ମହାନ୍ତି ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ । ଅନୁରାଗ ଡାଲମିଆ ସୁଚନା ପ୍ରଦାନ କରିଥିବା ବେଳେ ପୂଜା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।


ପ୍ରଥମ ରୋଟାରି ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍ ଟ୍ରଫି ସହ ବିଜୟୀ ବରଗଡ ଦଳ ।

# ନକଲି ଆରଟିଓ ଗିରଫ

**ଚିପିଲିମା, ୩୦।୧୨ (ଡି.ଏନ୍.ଏ.)**

ବୁର୍ଲା ପିସି ବ୍ରିଜ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ଗାଡିମୋଟର ଚେକିଂ ବାହାନାରେ ଜୁଲମ କରି ଟଙ୍କା ଆଦାୟ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ଏହି ଯୁବକ ଜଣକ ହେଲେ ହୀରାକୁଦର ରାମ ମେହେର (୨୫)। ନିଜକୁ ସେ ଆରଟିଓ କହି ବିଳମ୍ବିତ ରାତିରେ ସେହିବାଟେ ଯାଉଥିବା ଗାଡିମୋଟରକୁ ଅଟକାଇଥିଲେ। ସାଙ୍ଗରେ କିଛି ସହଯୋଗୀ ବି ଥିଲେ। ଏକ ଗାଡି ମଧ୍ୟ ଥୁଆ ହୋଇଥିଲା। ଏଣୁ ଗାଡି ଚାଳକମାନେ ସନ୍ଦେହ କରିବାର ଅବକାଶ ନ ଥିଲା। କାଗଜପତ୍ର ଯାଞ୍ଚ ଆଳରେ ଟଙ୍କା ଆଦାୟ କରୁଥିଲେ। ଏହି ସମୟରେ ସେହିବାଟେ ଦେଇ ଯାଉଥିବା ବୁର୍ଲା ଥାନାର ପିସିଆର ଭ୍ୟାନ ଅଟକି ଥିଲା। ପୋଲିସକୁ ଦେଖି ସହଯୋଗୀ ଖସି ପଳାଇଥିଲେ। ହେଲେ ମେହେରଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିବା ସହ ପଚରାଉଚରା କରିଥିଲା। ରବିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ନକଲି ଆରଟିଓ ରାମ ମେହେର

# ଉଜ୍ଜ୍ୱଳା ସାନିଟାରି ନାପକିନ ବ୍ୟବସ୍ଥାର ଶୁଭାରମ୍ଭ

**ନାକଟିଦେଉଳ,୩୦।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍ ଉତ୍ପାଦନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି । ସହଜ ଜନସେବା କେନ୍ଦ୍ରର ସମ୍ବଲପୁର ଜିଲା ପରିଚାଳକ ସୌମ୍ୟ ନନ୍ଦ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓ କନଫରେନ୍ସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ଅଏଲ କର୍ପୋରେସନର ମାର୍କେଟିଂ ଅଧିକାରୀ ଅଭୟ କୁମାର ବର୍ଗୀ, ସମ୍ବଲପୁର ଜିଲା ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ସବିତା ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରାପାଲି ପଞ୍ଚାୟତର ଗ୍ରାମିଣ ଉଦ୍ୟୋଗୀ ରୋଜାଲିନ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ରଞ୍ଜିତ ସାହୁ ଧନ୍ୟବାଦ ଦେଇଥିଲେ । ଏଥିରେ ବହୁ ମହିଳା ଓ ଏସଏଚଜି ଗ୍ରୁପର ସଦସ୍ୟା ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଓଡ଼ିଶାର ୧୦୦ଟି ସ୍ଥାନରେ ସାନିଟାରୀ ନାପ୍‌କିନ ଉତ୍ପାଦନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏଥି ମଧ୍ୟରୁ ସମ୍ବଲପୁର ଜିଲାର ୩ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରୁ ନାକଟିଦେଉଳ ବ୍ଲକର ସରାପାଲିର ଏହି କେନ୍ଦ୍ର ଅନ୍ୟତମ। ଏହା ଦ୍ୱାରା ଗରିବ ମହିଳାଙ୍କ ନିମନ୍ତେ ଉତ୍ପାଦ ଗୁଡ଼ିକୁ ସହଜରେ ଉପଲବ୍ଧ କରାଇବାକୁ କେନ୍ଦ୍ର ସରକାରଙ୍କ ତୈଳ କମ୍ପାନୀ ଗୁଡ଼ିକର ସହଯୋଗରେ ଏକ ପ୍ରୟାସ । ମହିଳାମାନଙ୍କ କ୍ଷେତ୍ରରେ ସାମାଜିକ ଏବଂ ପର୍ଯ୍ୟାବରଣଗତ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ୩ ତୈଳବିପଣନ କମ୍ପାନୀ ଏଚ୍‌ପି, ଇଣ୍ଡେନ ଓ ଭାରତ ପେଟ୍ରୋଲିୟମ ସହଯୋଗରେ ମହିଳାମାନଙ୍କ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ମହିଳାମାନଙ୍କର ମାସିକ ଧର୍ମର ସ୍ୱଚ୍ଛତା କ୍ଷେତ୍ରରେ ସୁଧାରିବା ପାଇଁ ଓଡ଼ିଶାର ସମସ୍ତ ୩୦ଟି ଜିଲା ଅନ୍ତର୍ଗତ ୯୩ଟି ବ୍ଲକରେ ଜନସେବା କେନ୍ଦ୍ରଗୁଡ଼ିକରେ ଉଜ୍ଜ୍ୱଳା ସାନିଟାରୀ ନାପକିନ ଉପକ୍ରମ ଅଧୀନରେ ୨.୯୪କୋଟି ଟଙ୍କା ମୂଲ୍ୟରେ ୧୦୦ଟି ଆଞ୍ଚଳିକ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ କରାଯାଇଛି।



ସରାପାଲି ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍ ଯୋଜନାର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

## ଫଟୋରେ ଖବର


ସମ୍ବଲପୁର ଜମାଦାରପାଲି ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳି ଓ ଅତିଥି।


କୁଚିଣ୍ଡା-ସାତକମା ବିଜୁ ସେତୁକୁ ରବିବାର ବିଧାୟକ ରବିନାରାୟଣ ନାୟକ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

**କୁହାଯାଏ ସମୟକୁ ସମୟ ହିଁ ଗୋଡାଏ, ଯେମିତି ଦୁଇହଜାର ଉଣେଇଶ ନୂଆ ସମ୍ଭାବନାର ସମ୍ଭାର ନେଇ ଧରାପୃଷ୍ଠକୁ ଛୁଇଁବାକୁ ଆସୁଛି ଆଉ ଘଟଣାବହୁଳ ବିଦାୟୀ ବର୍ଷ ଛାଡିଯାଉଛି ୩୬୫ ଦିନର ଅଲିଭା ସନ୍ତକ । ୨୦୧୮ ବିଶ୍ୱ ଚିତ୍ରପଟ୍ଟର ଅନେକ ଘଟଣାର ମୂକସାକ୍ଷୀ। କେଉଁଠି ବିବାଦ କେଉଁଠି ବିଦ୍ରୋହ । କେବେ କ୍ଷମତା ପରିବର୍ତ୍ତନ ପାଇଁ ସଂଘର୍ଷ ତ ପୁଣି କେତେବେଳେ ସମୟ ସହ ଯୋଡିହୋଇଯାଇଛି ସମ୍ପର୍କର ନୂଆ ଅଧ୍ୟାୟ । ଇତିହାସରେ ସ୍ମରଣୀୟ ହୋଇରହିବା ଭଳି କେତୋଟି ଅନ୍ତର୍ଜାତୀୟ ପ୍ରସଙ୍ଗ ଓ ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।**

# ବିଶ୍ୱର କଡ଼ ଲେଉଟାଣି

ୱାଇଲ୍ଡ ବୋର୍‌ସ ଟିମ୍‌ର ୧୨ ଜଣ ଫୁଟବଲ ଖେଳାଳି ଓ ସେମାନଙ୍କ କୋଚ ଚଳିତବର୍ଷ ଜୁନ୍ ୨୩ରେ ଥାଇଲାଣ୍ଡର ଏକ ଗୁମ୍ଫା ଭିତରକୁ ଯାଇଥିଲେ। ପ୍ରବଳ ବର୍ଷାରେ ଥାମ ଲୁଆଙ୍ଗ ଗୁମ୍ଫାରେ ପାଣି ଭର୍ତ୍ତି ହୋଇଯିବାରୁ ସେମାନେ ବହୁତ ଭିତରକୁ ଚାଲିଯାଇଥିଲେ। ବିନା ଖାଦ୍ୟ ଏବଂ ସାମାନ୍ୟ ଅମ୍ଳଜାନରେ ସେମାନେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଗୁମ୍ଫାରେ ରହିଯାଇଥିଲେ। ଥାଇଲାଣ୍ଡର ନେଭି ସିଲ୍ ୟୁନିଟ୍, ବିଦେଶୀ ବୁଡାଳି ଏବଂ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କ ଉଦ୍ୟମକ୍ରମେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଦୁଃସାହସିକ ଉଦ୍ଧାର କାର୍ଯ୍ୟ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା।

## ମୃତ୍ୟୁଗୁମ୍ଫାରୁ ଫେରିଲେ ଖେଳାଳି



## ସୁନାମି ନେଲା ୧୬୮୦ ଜୀବନ

ଇଣ୍ଡୋନେସିଆରେ ଚଳିତ ବର୍ଷ ଦୁଇଟି ସୁନାମି ଆସି ୧୬୮୦ ଲୋକଙ୍କ ଜୀବନ ନେଇଥିଲା। ସେପ୍ଟେମ୍ବର ୨୮ରେ ଏଠାର ୭.୫ ତୀବ୍ରତାର ଭୂକମ୍ପ ଯୋଗୁ ସୁଲାୱେସୀ ଦ୍ୱୀପ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ସୁନାମି ଆସି ଉପକୂଳବର୍ତ୍ତୀ ପାଲୁ ସହରକୁ ଜଳାର୍ଣ୍ଣବ କରିଥିଲା। ଏହି ସୁନାମିରେ ୧୩୪୮ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଡିସେମ୍ବର ୨୨ ରାତିରେ ଏକ ଆଗ୍ନେୟଗିରି ଉଦ୍‌ଗିରଣରୁ ସମୁଦ୍ର ତଳେ ଭୂସ୍ଖଳନ ଘଟି ସୁନାମି ଆସିଥିଲା, ଯେଉଁଥିରେ ୪୩୦ ଜଣଙ୍କ ଜୀବନ ଯାଇଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ହଜାର ହଜାର ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଜାଭା ଓ ସୁମାତ୍ରା ଦ୍ୱୀପପୁଞ୍ଜ ମଝିରେ ଅବସ୍ଥିତ ଲାମ୍ପୁଙ୍ଗ୍ ପ୍ରଦେଶ ଅନ୍ତର୍ଗତ ସୁନ୍ଦା ପ୍ରଣାଳୀର କ୍ରାକାଟୋଆ ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ସମୁଦ୍ର ତଳେ ଭୂସ୍ଖଳନ ଘଟିଥିଲା। ଫଳରେ ୧୫ରୁ ୨୦ ମିଟର ଉଚ୍ଚ ଜୁଆର ଉପକୂଳକୁ ମାଡ଼ିଆସିଥିଲା। ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଆକାଶରେ ପାଉଁଶର ବଳୟ ସୃଷ୍ଟି ହୋଇଥିଲା। ଏଥିରେ ଜାଭାର ପଣ୍ଡେଗଲାଙ୍ଗ, ସୁମାତ୍ରାର ଦକ୍ଷିଣ ଲାମ୍ପୁଙ୍ଗ୍, ସେରାଙ୍ଗ୍ ଓ ତଙ୍ଗଗାମୁସ ସର୍ବାଧିକ ପ୍ରଭାବିତ ହୋଇଥିଲେ।



## ତେଜିଲା # ମିଟୁ ଝଡ଼

ମିଟୁ ଅଭିଯାନ ୨୦୧୭ରେ ଆରମ୍ଭ ହୋଇଥିବାବେଳେ ୨୦୧୮ରେ ଏହା ଅନ୍ତର୍ଜାତୀୟ ସ୍ତରରେ ବ୍ୟାପିଥିଲା। ହଲିଉଡ ପ୍ରଯୋଜକ ହାର୍ଭି ୱିନଷ୍ଟାଇନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ହୋଇଥିବାବେଳେ ଲୋକପ୍ରିୟ ହାସ୍ୟାଭିନେତା ବିଲ୍ କସ୍‌ବିଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଜେଲଦଣ୍ଡ ହୋଇଥିଲା। ଆମେରିକା ସୁପ୍ରିମକୋର୍ଟ ପାଇଁ ଟ୍ରମ୍ପଙ୍କ ପ୍ରତିନିଧି ବ୍ରେଟ କାଭାନୌଘଙ୍କ ବିରୋଧରେ କ୍ରିଷ୍ଟିନେ ବ୍ଲାସେ ଫୋର୍ଡ ଯୌନ ନିର୍ଯାତନା ଅଭିଯୋଗ ଆଣିବା



ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ହତ୍ୟା ଧମକ ମିଳିଥିଲା। ଆମେରିକା ସିନେଟରେ ଅକ୍ଟୋବରରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ବିତର୍କ ହୋଇଥିଲା। କ୍ରିଷ୍ଟିନେ ହାଇସ୍କୁଲରେ ପଢୁଥିବାବେଳେ ବ୍ରେଟ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ସିନେଟରମାନେ ଉଭୟଙ୍କ ସାକ୍ଷ୍ୟ ଗ୍ରହଣ କଲାବେଳେ ଲକ୍ଷ ଲକ୍ଷ ଆମେରିକୀୟ ଏହାକୁ ଟିଭିରେ ଦେଖିଥିଲେ।



## ଥେରେସାଙ୍କୁ ବ୍ରେକ୍‌ଜିଟ ଅଡୁଆ

ବ୍ରେକ୍‌ଜିଟକୁ ନେଇ ବ୍ରିଟେନରେ ପ୍ରତିବାଦ ଜାରି ରହିଥିବାବେଳେ ଏହି ଚୁକ୍ତିନାମା ଉପରେ ଭୋଟଦାନକୁ ପ୍ରଧାନମନ୍ତ୍ରୀ ଥେରେସା ମେ ସ୍ଥଗିତ ରଖିଥିଲେ। ଗତ ଜାନୁୟାରୀରେ ୟୁରୋପୀୟ ସଂଘ (ଇୟୁ) ସହ ପ୍ରଧାନମନ୍ତ୍ରୀ ଏଥିପାଇଁ ବୁଝାମଣା କରିଥିଲେ। ତେବେ ସେ ହାରିଯିବେ ବୋଲି ଜାଣିବା ପରେ ଭୋଟଦାନକୁ ସ୍ଥଗିତ ରଖିଥିଲେ। ତାଙ୍କ ସରକାର ବିରୋଧରେ ପାର୍ଲାମେଣ୍ଟ ଅବମାନନା ଅଭିଯୋଗ ହୋଇଥିଲା। ଥେରେସାଙ୍କ ନେତୃତ୍ୱକୁ ବିରୋଧ କରି ତାଙ୍କ ନିଜ ଦଳରୁ ଅନାସ୍ଥା ପ୍ରସ୍ତାବ ଆସିଥିଲା। ତେବେ ସେ ଅନାସ୍ଥାରୁ ବର୍ତ୍ତିଯାଇଥିଲେ। ଇୟୁରୁ ବ୍ରିଟେନ ବାହାରିଯିବା ନେଇ ଆଉଥରେ ଗଣଭୋଟ କରାଯାଉ ବୋଲି ଦାବି ଜୋର ଧରିଛି।



## ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ



ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନା ଗତ ଅକ୍ଟୋବର ୨୬ରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ବହିଷ୍କାର କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ଏହାକୁ ନେଇ ସେଠାରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଦୀର୍ଘ ୫୧ ଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟର ଅବସାନ ଘଟିଥିଲା। ରାଜପାକ୍ସେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ସିରିସେନା ପାର୍ଲାମେଣ୍ଟ ଭଙ୍ଗକରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ କହିବା ସହ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଥିଲେ।

## ଇମ୍ରାନ ପାକିସ୍ତାନ କ୍ୟାପ୍‌ଟେନ

୧୯୯୨ରେ ପାକିସ୍ତାନ କ୍ରିକେଟ ଟିମ୍‌କୁ ବିଶ୍ୱକପ୍ ଭେଟି ଦେଇଥିବା କ୍ୟାପ୍‌ଟେନ ଇମ୍ରାନ ଖାନ୍ ଚଳିତବର୍ଷ ଦେଶର କ୍ୟାପଟେନ ହୋଇଥିଲେ। କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ ପାକିସ୍ତାନ-ତେହରିକ-ଇ-ଇନ୍‌ସାଫ୍ ଗତ ପାର୍ଲାମେଣ୍ଟ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠ ଦଳ ହେବା ପରେ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ।

## ସୌଦିର ଷଡ଼ଯନ୍ତ୍ର

ଅକ୍ଟୋବର ମାସରେ ୱାଶିଂଟନ ପୋଷ୍ଟ ସ୍ତମ୍ଭକାର ଜମାଲ ଖାଶୋଗି ଇସ୍ତାନବୁଲସ୍ଥିତ ସୌଦି ବାଣିଜ୍ୟିକ ଦୂତାବାସକୁ ଯାଇ ଜୀବନ୍ତ ଫେରି ନ ଥିଲେ। ତାଙ୍କ ସମ୍ପର୍କରେ ରିୟାଧ ପକ୍ଷରୁ ଭିନ୍ନ ଭିନ୍ନ କଥା କୁହାଯାଇଥିଲା। ଶେଷରେ ତାଙ୍କୁ ସୌଦିର କେତେଜଣ ଅଧିକାରୀ ଦୂତାବାସ ଭିତରେ ହତ୍ୟା କରିଥିବା ସୌଦି ମାନିଥିଲା। ଦେଶ ସହ ମତଭେଦ ଥିବା ଖାଶୋଗିଙ୍କୁ ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ଦେଖାଦେଇଥିଲା।



## ସିରିଆରେ ରାସାୟନିକ ଆକ୍ରମଣ

ବିଦ୍ରୋହୀଙ୍କ କବ୍‌ଜାରେ ଥିବା ସିରିଆର ଗୋଉଟା ସହରରେ ଏପ୍ରିଲ ୮ରେ ରାସାୟନିକ ଆକ୍ରମଣ କରିଥିଲା ସେନା। ଏଥିରେ ୮୦ ଜଣ ନିହତ ଓ ହଜାର ହଜାର ବିଦ୍ରୋହୀ ଆହତ ହୋଇଥିଲେ। ଅଲ୍-ଆସାଦ ସରକାର ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ଅନ୍ତର୍ଜାତୀୟ ସମୁଦାୟ ଏହାକୁ ନିନ୍ଦା କରିଥିଲେ। ଏହି ଆକ୍ରମଣ ପାଇଁ ବଶର-ଅଲ୍-ଆସାଦ୍ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଥିଲେ।

## ଜେଲ୍‌ରେ ଶରିଫ



ପାନାମା ପେପର୍ସ ଦୁର୍ନୀତି ମାମଲାରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତ ଜୁଲାଇ ୬ରେ ସେ, ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ ସଫଦର ଅୱାନ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଶରିଫଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ଡିସେମ୍ବର ମାସରେ ଅନ୍ୟ ଏକ ଦୁର୍ନୀତି ମାମଲାରେ ଶରିଫ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଅନ୍ୟପକ୍ଷରେ ଭାରତରେ ପାକିସ୍ତାନ ଭଳି ଦଣ୍ଡବିଧାନ ହେଉନାହିଁ କାହିଁକି ବୋଲି ସାଧାରଣାରେ ପ୍ରଶ୍ନ ଉଠୁଛି।

## ଟ୍ରମ୍ପ, କିମ୍ ଭେଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନଙ୍କ ମଧ୍ୟରେ ସାକ୍ଷାତ ଥିଲା ଚଳିତବର୍ଷର ଚର୍ଚ୍ଚିତ ଘଟଣା। ଦୁଇ ନେତା ପୂର୍ବ ଶତ୍ରୁତାକୁ ଭୁଲି ଗତ ସେପ୍ଟେମ୍ବର ମାସରେ ସିଙ୍ଗାପୁରରେ ପରସ୍ପରକୁ ଭେଟି କୋରିଆ ଉପଦ୍ୱୀପକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ଦିଗରେ ଏକାଠି କାର୍ଯ୍ୟ କରିବା ଲାଗି ସହମତ ହୋଇଥିଲେ। ଚିଠି ଦିଆନିଆରୁ ସେମାନଙ୍କ ମଧ୍ୟରେ ପ୍ରେମ ହୋଇଯାଇଥିବା ଟ୍ରମ୍ପ କହିଥିଲେ। ନୂଆବର୍ଷରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ହେବାକୁ ଯାଉଛି।



## ଖସିପଡ଼ିଲା ଜେଟି ୬୧୦

ଅକ୍ଟୋବର ୨୯ରେ ଇଣ୍ଡୋନେସିଆର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୮୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଲାଏନ ଏୟାରର ବିମାନ ଜେଟି ୬୧୦ ଜାକର୍ତ୍ତାରୁ ବାଙ୍ଗକା ଦ୍ୱୀପର ପାଙ୍ଗକାଲ ପିନାଙ୍ଗକୁ ଯାତ୍ରା କରୁଥିବାବେଳେ ସମୁଦ୍ର ମଧ୍ୟରେ ଖସିପଡିଥିଲା। ଏହି ବିମାନ ଉଡାଣ ଆରମ୍ଭ କରିବାର ୧୩ ମିନିଟ ପରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଯିବାରୁ ଫେରାଇ ଆଣିବା ଲାଗି ପାଇଲଟଙ୍କୁ କୁହାଯାଇଥିଲା। ଏହା ପରେ ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

**୧୮୯ ମୃତ**




## ୟେଲୋ ଜାକେଟ ଦଙ୍ଗା

ଫ୍ରାନ୍ସରେ ତୈଳ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରବୃଦ୍ଧିରୁ ସୃଷ୍ଟ ଜନଅସନ୍ତୋଷ ଡିସେମ୍ବର ଆରମ୍ଭରେ ଚରମ ସୀମାରେ ପହଞ୍ଚିଥିଲା। ସରକାର ବିରୋଧୀ ଆନ୍ଦୋଳନ ଦଙ୍ଗାର ରୂପ ନେଇଥିଲା। ରାଜଧାନୀ ପ୍ୟାରିସ୍ ରାଜରାସ୍ତା ରଣକ୍ଷେତ୍ର ପାଲଟିଥିଲା। ଚାରିଆଡେ ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଜଳାପୋଡ଼ା, ପିଟାମରା ଓ ଲୁଟତରାଜ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଇସ୍ତଫା ଦାବି କରିଥିଲେ 'ୟେଲୋ ଜାକେଟ୍' ପରିହିତ ଆନ୍ଦୋଳନକାରୀ। ଗଣହିଂସାରେ ଏକାଧିକ ଲୋକ ମୃତ ଓ ୨୬୩ ଆହତ ହୋଇଥିବାବେଳେ ପୋଲିସ ହଜାରେରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରଥିଲା

## ଭେନିଜୁଏଲା ସଙ୍କଟ

ତୈଳ ଖଣି ପାଇଁ ଏକଦା ଧନୀ ରାଷ୍ଟ୍ରରେ ଗଣାହେଉଥିବା ଭେନିଜୁଏଲା ଦରିଦ୍ର ଦେଶରେ ପରିଣତ ହୋଇଛି। ଏହାର ଅର୍ଥନୀତି ଦ୍ରୁତବେଗରେ ହ୍ରାସପାଇବାରେ ଲାଗିଛି। ଆକାଶଛୁଆଁ ଦର ବୃଦ୍ଧି, ପ୍ରଚୁର ଖାଦ୍ୟାଭାବ, ଦାରିଦ୍ର୍ୟ ଯୋଗୁ ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ପଳାୟନ କରିଥିଲେ। ସର୍ବାଧିକ ଲୋକ କଲମ୍ବିଆ, ଚିଲି, ଇକ୍ୟୁଏଡରକୁ ଗଣପଳାୟନ କରିବା ଫଳରେ ମାନବୀୟ ସଙ୍କଟ ଦେଖାଦେଇଛି। ଏଭଳି ସଙ୍କଟ ପାଇଁ ରାଷ୍ଟ୍ରପତି ନିକୋଲାସ ମାଡୁରୋ ଓ ତାଙ୍କ ସରକାରକୁ ଅଧିକାଂଶ ଦାୟୀ କରିଛନ୍ତି।



# ସ୍ମରଣୀୟ ହକି ମହାକୁମ୍ଭ

ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି ହକି ବିଶ୍ୱକପର ୧୪ତମ ସଂସ୍କରଣ। କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଆୟୋଜିତ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ। ଶେଷରେ ବେଲଜିୟମ ଓ ନେଦରଲାଣ୍ଡ୍ସ ମଧ୍ୟରେ ହୋଇଥିଲା ଟାଇଟଲ ଟକ୍କର। ନେଦରଲାଣ୍ଡ୍ସକୁ ଶୁଟ୍ଆଉଟ/ସଡନ୍‌ଡେଥ୍‌ରେ ହରାଇ ବେଲଜିୟମ ହୋଇଥିଲା ନୂଆ ଚାମ୍ପିୟନ। ପୂର୍ବ ୨ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିବାବେଳେ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ଏହି ବିଶ୍ୱକପ ଅନେକ କାରଣରୁ ସ୍ମରଣୀୟ ହୋଇଥିଲା। ପୂର୍ବରୁ କୌଣସି ହକି ବିଶ୍ୱକପରେ ଉଦ୍‌ଘାଟନୀ ଉତ୍ସବ ନ ଥିଲା। ମାତ୍ର ଓଡ଼ିଶା ସରକାର ଆଖି ଝଲସାଇ ଦେଲାଭଳି ୨ଟି ଉଦ୍‌ଘାଟନୀ ସମାରୋହ କରି ବିଶ୍ୱକୁ ଚକିତ କରି ଦେଇଥିଲେ। ନଭେମ୍ବର ୨୭ରେ ଉଦ୍‌ଘାଟନୀ ଉତ୍ସବରେ ଆକର୍ଷଣର କେନ୍ଦ୍ରରେ ରହିଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନ, ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓ ଅଭିନେତା ଶାହରୁଖ ଖାନ୍। ସେହିପରି ୨୮ରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସମାରୋହରେ ରହମନଙ୍କ ସହିତ ଦର୍ଶକଙ୍କ ମନ ମୋହିଥିଲେ ସଲମାନ ଖାଁ। ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିଲେ କିମ୍ବଦନ୍ତୀ କ୍ରିକେଟର ଭାରତ ରତ୍ନ ସଚିନ ତେନ୍ଦୁଲକର।



## ହଟ ଫେଷ୍ଟ

## ଚର୍ଚ୍ଚାରେ ଶ୍ରୀମନ୍ଦିର





ବିଦାୟ ନେଉଛି ୨୦୧୮। ଏହି ବର୍ଷର ଶେଷ ଭାଗରେ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ସାରା ବିଶ୍ୱରେ ଗର୍ବିତ ହୋଇଛି। ହେଲେ ସହିଛି ପ୍ରକୃତିର କୋପ। ସାମୁଦ୍ରିକ ଝଡ଼ 'ତିତ୍‌ଲି' ଉଜାଡ଼ି ଦେଇଛି ବହୁ ଲୋକଙ୍କ ସଂସାର। କେତେକ ବଡ଼ ଦୁର୍ଘଟଣାରେ ରାଜ୍ୟବାସୀ ଗଡ଼ାଇଛନ୍ତି ଲୁହ। କର୍ତ୍ତବ୍ୟରେ ଅବହେଳା ଓ ଦାୟିତ୍ୱହୀନତାର ପରିଣାମସ୍ୱରୂପ ହାତୀ ଓ ବାଘଙ୍କ ମୃତ୍ୟୁ ପ୍ରାଣୀପ୍ରେମୀଙ୍କୁ ଗଭୀର ମର୍ମାହତ କରିଛି। ଫସଲ ଉଜୁଡ଼ିବା ଓ ଋଣ ଭାର ଯୋଗୁ ଚାଷୀ ଜୀବନ ହାରିଥିବାବେଳେ କେତେଜଣଙ୍କ ସ୍ୱାର୍ଥ ପାଇଁ ଶ୍ରୀକ୍ଷେତ୍ରରେ ଧର୍ମୀୟ ଭାବନାକୁ ପହଞ୍ଚିଛି ଆଘାତ। ମହାପ୍ରଭୁଙ୍କୁ ଉପବାସ, ଅନିଦ୍ରା ରହିବାକୁ ପଡ଼ିଛି। ରାଜନୀତିରେ ଆରୋପ ପ୍ରତ୍ୟାରୋପ, ବିବାଦୀୟ ମନ୍ତବ୍ୟ, ଦଳ ଛାଡ଼ିବା ଏବଂ ବିଦା ହେବା ଭଳି ଘଟଣା ବର୍ଷ ସାରା ଚର୍ଚ୍ଚା ସୃଷ୍ଟି କରିଥିଲା। ଆଲୋଚ୍ୟ ବର୍ଷର ଏଭଳି ଘଟଣାବଳୀର କିଛି ଝଲକ...

## ଦଳରୁ ଅନ୍ତର

ରାଜ୍ୟ ରାଜନୀତି

ରାଜ୍ୟ ରାଜନୀତିରେ ୨୦୧୮ ଏକ ଭିନ୍ନ ଚିତ୍ର ପ୍ରଦର୍ଶନ କରିଛି। ଶାସକ ବିଜେଡି ଓ ବିରୋଧୀ ଭାଜପା ଶିବିରରୁ ଦୁଇ ଜଣ ଲେଖାଏ ବରିଷ୍ଠ ନେତା ବାଦ୍ ପଡ଼ିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ସେପ୍ଟେମ୍ବର ୧୨ରେ ବିଜେଡିରୁ ବାହାର କରିଦିଆଯାଇଥିଲା। ୪୪ ବର୍ଷର ରାଜନୈତିକ ଜୀବନରେ ଅନେକ ସଫଳତା ପାଇଥିଲେ ମଧ୍ୟ ବିଜେଡିରୁ ବିଦା ହେବା ତାଙ୍କୁ ଦେଇଥିଲା ବୃହତ୍ ଧକ୍କା। ଇତିମଧ୍ୟରେ ସେ 'ବିଜୁ ସମତା କ୍ରାନ୍ତି' ଦଳ ଗଢ଼ିଛନ୍ତି। ହେଲେ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହୋଇପାରୁ ନ ଥିବା ଭଳି ମନେହେଉଛି। ଦାମଙ୍କ ପୂର୍ବରୁ ଅନୁରୂପ ଅଭିଯୋଗରେ ଦଳରୁ ବିଦା ହୋଇଛନ୍ତି କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା। ଦଳ ବିରୋଧୀ ଆଚରଣ ତାଙ୍କ ପାଇଁ ମହଙ୍ଗା ହୋଇଥିଲା। ବିଜେଡି ତାଙ୍କୁ ଜାନୁୟାରୀ ୨୪ରେ ନିଲମ୍ବନ କରିଥିଲା। କିନ୍ତୁ ସେ ମେ ୨୮ରେ ଦଳ ପରିତ୍ୟାଗ କରିଥିଲେ। କୌଣସି ଦଳରେ ସାମିଲ ହୋଇ ନ ଥିବା ବୈଜୟନ୍ତ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବେ ବୋଲି କହିଚାଲିଛନ୍ତି। ଭାଜପା ପାଇଁ ବୋଝ ପାଲଟିଥିଲେ ବୋଲି କୁହାଯାଉଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ କେହି ବାହାର କରି ନ ଥିଲେ ହେଁ ସେ ନଭେମ୍ବର ୩୦ରେ ଦଳରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପୂର୍ବରୁ ସେ ଦଳର ଅନ୍ୟ ନେତାଙ୍କୁ ଘୋର ସମାଲୋଚନା କରୁଥିଲେ, କିନ୍ତୁ ପରେ ଚୁପ୍ ହୋଇଯାଇଛନ୍ତି। ସେ ବିଜେଡିରେ ମିଶିବେ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ତାହାର ଆଭାସ ଏଯାଏ ମିଳିନାହିଁ। ସେହିଭଳି ଭାଜପାର ଅନ୍ୟତମ ବିଶିଷ୍ଟ ନେତା ତଥା ରାଉରକେଲା ବିଧାୟକ ଦିଲୀପ ରାୟ ମଧ୍ୟ ଦଳ ପରିତ୍ୟାଗ କରିଛନ୍ତି। ଇସ୍ତଫା ଦେବା ପରେ ବିଜେଡିରେ ସାମିଲ ହେବା ସକାଶେ ଜୋରଦାର ଆଲୋଚନା ଆରମ୍ଭ ହୋଇଯାଇଥିଲା। ମାସେ ବିତିଯାଇଥିଲେ ମଧ୍ୟ ତାଙ୍କ ରାଜନୈତିକ ଗତିପଥ ପାହୁଣ୍ଡେ ବଢ଼ିନାହିଁ। ସାଧାରଣ ନିର୍ବାଚନ ପୂର୍ବରୁ ଦଳରୁ ଅନ୍ତର ଅଥବା ବାହାରି ଯାଇଥିବା ପ୍ରମୁଖ [illegible]

## ଦ୍ୱିତୀୟ ବିମାନବନ୍ଦର

୨୦୧୮ ସେପ୍ଟେମ୍ବର ୨୨ ବିମାନ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ପାଇଁ ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଏହିଦିନ ରାଜ୍ୟକୁ ମିଳିଥିଲା ଦ୍ୱିତୀୟ ବିମାନବନ୍ଦର। ଝାରସୁଗୁଡ଼ାଠାରେ ନିର୍ମିତ ବିମାନବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିଥିଲେ। ଉଦ୍‌ଘାଟନୀ ସଭାରେ ଏହି ବିମାନବନ୍ଦରର ନାମ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିଥିଲେ। ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆର୍‌ସିଏସ୍) ଅନ୍ତର୍ଗତ ଉଡାନ୍ ଯୋଜନାରେ ସେଦିନ ଏୟାର ଓଡ଼ିଶା ବିମାନ ଝାରସୁଗୁଡ଼ାରୁ ଉଡ଼ିଥିଲା। ତେବେ ଅକ୍ଟୋବର ୬ରୁ ଏୟାର ଓଡ଼ିଶା ବିମାନ ଆଉ ଉଡ଼ି ନ ଥିଲା। ଶେଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ କରିଥିଲା। ଇତିମଧ୍ୟରେ ବିମାନ ଉଡ଼ାଣ ପାଇଁ ପୁନର୍ବାର ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବରୁ ଭୁବନେଶ୍ୱରରେ ରହିଛି ବିମାନବନ୍ଦର।



ଆସିକା

## ସଂସାର ଉଜାଡ଼ିଲା 'ତିତ୍‌ଲି'

ଗଞ୍ଜାମ-ଗଜପତି ଜିଲାରେ ଅକ୍ଟୋବର ୧୦ ଓ ୧୧ରେ ତାଣ୍ଡବ ରଚିଥିଲା ସାମୁଦ୍ରିକ ଝଡ଼ 'ତିତ୍‌ଲି'। ବିଭିନ୍ନ ସ୍ଥାନରେ ଘରଦ୍ୱାର, ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ଅନେକ ସଂସାର ଉଜାଡି ଦେଇଥିଲା। ବାତ୍ୟା ପରେ ୨ ଦିନ ଧରି ଲାଗି ରହିଥିଲା ବର୍ଷା। ଗଞ୍ଜାମ ଜିଲାର ୧୫ ଜଣଙ୍କ ଜୀବନ ଯାଇଥିଲା। ୩ ଜଣ ନିଖୋଜ ହୋଇଥିଲେ । ବର୍ଷା ଯୋଗୁ ଜିଲାର ଋଷିକୁଲ୍ୟା, ବଡନଦୀ ଓ ବାହୁଦା ନଦୀରେ ଆସିଥିଲା ବନ୍ୟା। ଏଥି ଯୋଗୁ ଆସିକା, ପୁରୁଷୋତ୍ତମପୁର ସହର ଜଳାର୍ଣ୍ଣବ ହୋଇଯାଇଥିଲା। ତିତ୍‌ଲି ବାତ୍ୟା ଓ ବନ୍ୟାରେ ଜିଲାର ୧୯,୩୭୬୮.୪୧ ହେକ୍ଟର ଜମିରେ ହୋଇଥିବା ଧାନ ଓ ଅନ୍ୟାନ୍ୟ ଫସଲ କ୍ଷତି ହୋଇଥିଲା । ସେହିପରି ଗଜପତି ଜିଲାରେ ବାତ୍ୟାରେ ପ୍ରାୟ ୮୦ଜଣଙ୍କ ଜୀବନ ଯାଇଥିଲା। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪୮ ବୋଲି ଦର୍ଶାଯାଇଥିଲା। ରାୟଗଡ ବ୍ଲକରେ ସବୁଠୁ ଅଧିକ କ୍ଷତି ଘଟିଥିଲା। ପ୍ରାୟ ୫୦ଜଣ ପ୍ରାଣ ହରାଇଥିଲେ। ଗଙ୍ଗାବାଡ଼ ପଞ୍ଚାୟତର ବାରଘର ଗାଁରେ ପାହାଡ଼ ଧସି ୧୮ଜଣଙ୍କ ମୃତ୍ୟୁ ଘଟିଥିଲା।





## ଅଭୟାରଣ୍ୟରେ ମହାବଳ ମୃତ୍ୟୁ

ମହାବଳ ମୃତ୍ୟୁକୁ ନେଇ ଅନୁଗୋଳର ସାତକୋଶିଆ ଓ ବରଗଡ଼ ଜିଲାର ଡେବ୍ରିଗଡ଼ ଅଭୟାରଣ୍ୟ ଚର୍ଚ୍ଚାରେ ଥିଲା। ଅକ୍ଟୋବର ୨୮ରେ ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ଏକ ମହାବଳକୁ ମାରି ପୋତି ଦିଆଯାଇଥିଲା। ଏହାର ଚର୍ଚ୍ଚା ନ ସରୁଣୁ ସାତକୋଶିଆକୁ ମଧ୍ୟପ୍ରଦେଶରୁ ଅଣାଯାଇଥିବା ମହାବୀର ନାମକ ବାଘ ମୃତ୍ୟୁ ଘଟଣା ନଭେମ୍ବର ୧୪ରେ ପଦାକୁ ଆସିଥିଲା। ଏହାକୁ ନେଇ ରାଜ୍ୟରେ ହଇଚଇ ଖେଳିଯାଇଥିଲା। ଏଥିପୂର୍ବରୁ ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ସାତକୋଶିଆକୁ ଆସିଥିବା ବାଘୁଣୀ ସୁନ୍ଦରୀର ଆତଙ୍କ ବେଶ୍ ଆଲୋଚନାର ବିଷୟ ହୋଇଥିଲା। ସୁନ୍ଦରୀ ମୁହଁରେ ୨ ମଣିଷଙ୍କ ଜୀବନ ଯିବା ସହ ଏହାକୁ ନେଇ ଅଭୟାରଣ୍ୟ ମଧ୍ୟରେ ବ୍ୟାପକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା।



## ବିଦ୍ୟୁତ୍ ଟ୍ରେନ୍ ନେଇଛି ୧୪ ହାତୀ ଜୀବନ

ବିଦାୟୀ ବର୍ଷରେ ବିଦ୍ୟୁତ୍ ଓ ଟ୍ରେନ୍ ନେଇଛି ୧୪ ହାତୀ ଜୀବନ। ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା କମଲାଙ୍ଗଠାରେ ବିଦ୍ୟୁତ୍ ତାରରେ ଛନ୍ଦିହୋଇ ଏକାବେଳେ ୭ ହାତୀଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେବା ସହ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରିଥିଲେ। ୬ଜଣଙ୍କୁ ନିଲମ୍ବନ କରିଥିଲେ। ୩ଜଣଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏପରି କି ଏନ୍‌ଜିଟି ପକ୍ଷରୁ ସେସୁକୁ ୫ କୋଟି ଟଙ୍କାର ଜରିମାନା ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ୩ ହାତୀଙ୍କ ଜୀବନ ଯାଇଥିଲା। ଏପ୍ରିଲ ୧୫ରେ ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ୍ ତେଲିଡିହିଠାରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ୪ ହାତୀଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ସରକାରଙ୍କ ପକ୍ଷରୁ ୪ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।



## ମହଙ୍ଗା ପଡ଼ିଲା ବିବାଦୀୟ ମନ୍ତବ୍ୟ

ଅଭିଜିତ

## ପାର୍ସଲ ବୋମା ବିସ୍ଫୋରଣ

ନବଦମ୍ପତିଙ୍କ ଖୁସି ଛାରଖାର

ବିବାହର ମାତ୍ର ବିତିଥିଲା ୫ଦିନ। ନବବଧୂ ହାତରୁ ଲିଭି ନ ଥିଲା ମେହେନ୍ଦି। ଏମିତି ଏକ ମୁହୂର୍ତ୍ତରେ ଘଟିଲା ଏକ ପାର୍ସଲ ବୋମା ବିସ୍ଫୋରଣ, ଛାରଖାର ହୋଇଗଲା ନବଦମ୍ପତିଙ୍କ ଖୁସି । ଫେବୃୟାରୀ ୨୩ରେ ବଲାଙ୍ଗୀର ଜିଲା ପାଟଣାଗଡ଼ ସହରରେ ଘଟିଥିଲା ଏହି ଘଟଣା। ଏଥିରେ ପାଟଣାଗଡ଼ ଜବାହରଲାଲ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ଭଇଁଷା ଜ୍ୟୋତି ବିକାଶ କଲେଜର ଇତିହାସ ବିଭାଗ ଅଧ୍ୟାପିକା ସଂଯୁକ୍ତା ସାହୁଙ୍କ ନବବିବାହିତ ପୁଅ ସୌମ୍ୟ ଶେଖର ସାହୁ ଓ ତାଙ୍କ ସମ୍ପର୍କୀୟ ଜେଜେମା'ଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ଗୁରୁତର ଆହତ ହୋଇଥିଲେ। କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା। ଏବେ ସେ ପାଟଣାଗଡ଼ ଉପ କାରାଗାରରେ ବିଚାରାଧୀନ କଏଦୀ। କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ଘଟଣାକୁ ନେଇ ଏବେ ଏକ ସିନେମାର ଶୁଟିଂ ଚାଲିଛି।



ପୁଞ୍ଜିଲାଲ

## ହାଜତ ମୃତ୍ୟୁରୁ ଥାନା ପୋଡ଼ି

ଫେବୃୟାରୀ ୮ରେ ସମ୍ବଲପୁର ସହରର ଅଇଁଠାପାଲି ଥାନା ହାଜତରେ ଭାଲୁପାଲି ଗ୍ରାମର ଅବିନାଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଏକ ଚୋରି ଅଭିଯୋଗରେ ପୋଲିସ ତାଙ୍କୁ ଘରୁ ଉଠାଇ ନେଇ ହାଜତରେ ଅଟକ ରଖିଥିଲା। ପୋଲିସ ପିଟି ପିଟି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରି ଭାଲୁପାଲିର କେତେଜଣ ଲୋକ ଫେବୃୟାରୀ ୯ ତାରିଖରେ ଥାନାରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ।

## ଚାଷୀ ଆତ୍ମହତ୍ୟା

## କଳାହାଣ୍ଡିରୁ ୫

## ୮ ଜଣଙ୍କୁ ଫାଶୀଦଣ୍ଡ

## ଐତିହାସିକ ରାୟ

## ୧୦ ଗାଁରେ ନାଗ ଆତଙ୍କ

## ୨ ସେତୁ ଉପହାର



## ୭ ବଡ଼ ଦୁର୍ଘଟଣା

୫୩ ଜୀବନହାନି

ଆଲୋଚ୍ୟ ବର୍ଷର ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଅକାଳରେ ଝଡ଼ିଯାଇଛି ବହୁ ଜୀବନ। ସେଥିମଧ୍ୟରୁ ୭ଟି ବଡ଼ ଦୁର୍ଘଟଣା ଥିଲା ଲୋମଟାଙ୍କୁରା। ଯେଉଁଥିରେ ଲିଭିଯାଇଥିଲା ୫୩ଜଣଙ୍କ ଜୀବନ ଦୀପ। ସବୁଠୁ ବଡ଼ ଘଟଣା ଥିଲା କଟକ ମହାନଦୀ ପୋଲ ଉପରୁ ଯାତ୍ରୀବାହୀ ବସ୍ ନଦୀକୁ ଖସିପଡ଼ିବା। ନଭେମ୍ବର ୨୦ ସନ୍ଧ୍ୟାରେ ଘଟିଥିବା ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ତାଳଚେରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଜଗନ୍ନାଥ ନାମକ ବସ୍‌ଟି ପୋଲ ଉପରେ ମଇଁଷିକୁ ଧକ୍କା ଦେବା ପରେ ନଦୀଗର୍ଭକୁ ଖସିଯାଇଥିଲା।

**ଅକ୍ଟୋବର ୧୬**
ରାତି ପ୍ରାୟ ୨ଟାରେ ଘଟିଥିଲା ଏକ ହୃଦୟବିଦାରକ ଘଟଣା। ନୂଆପଡ଼ା-ଖରିଆରରୋଡ୍ ୩୫୩ ନଂ. ଜାତୀୟ ରାଜପଥର ସିଲଦା ନାଳ ନିକଟରେ ଏକ ଟ୍ରକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବାରୁ ୧୦ ଜଣ ପ୍ରାଣ ହରାଇଥିଲେ। ମୃତକମାନେ ଛତିଶଗଡ଼ ମହାସମୁନ୍ଦ ଜିଲା ସାକରା ଗାଁର ହୋଇଥିବାବେଳେ ସେମାନେ ବୋଲେରୋରେ ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋଦେବୀ ମନ୍ଦିରକୁ ଆସି ଫେରୁଥିଲେ।

**ଫେବୃୟାରୀ ୧୩**
ଗଜପତି ଜିଲା ଗୁମ୍ମା ବ୍ଲକବାସୀଙ୍କ ପାଇଁ ଦୁଃଖଦ ଦିନ। ୧୫ଜଣ ଶ୍ରମିକଙ୍କୁ ନେଇ ଗୁମ୍ମାରୁ ପାରଳାଖେମୁଣ୍ଡି ଯାଉଥିବା ଏକ ଟିପ୍ପର ଘାଟି ରାସ୍ତାର ୫୦ ଫୁଟ ତଳକୁ ଖସି ପଡିବାରୁ ୯ଜଣଙ୍କ ଜୀବନ ଯାଇଥିଲା।

**ଜୁନ୍ ୧୬**
ଏହି ଦିନ ଘଟିଥିଲା ଏକ ଭିନ୍ନ ଘଟଣା। ଝଡ଼ତୋଫାନରେ ଚିଲିକା କାଳିଜାଇ ଗଣ୍ଡରେ ବୁଡ଼ିଯାଇଥିଲା ପର୍ଯ୍ୟଟକ ଡଙ୍ଗା। ୧୦ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬ଜଣଙ୍କ ମୃତ୍ୟୁ ଘଟିଥିଲା।

**ଅକ୍ଟୋବର ୧୯**
ଦଶହରା ରାତିରେ ଭୁବନେଶ୍ୱର ଉପକଣ୍ଠ ସିଙ୍ଗା ସମ୍ମୁଖରେ ଏକ କାର ଗୋଟିଏ ବାଇକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଦଳ ପୋଖରୀକୁ ଓଲଟିପଡ଼ିଥିଲା। ଫଳରେ କାର୍‌ରେ ଥିବା ୪ଜଣ ଓ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

**ଜୁଲାଇ ୧୯**
ଅପରାହ୍ନ ସାଢେ ୪ଟାରେ ଏକ ଦ୍ରୁତଗାମୀ ଟ୍ରକ ଚକ ତଳେ ଚାପି ହୋଇ ପ୍ରାଣ ହରାଇଥିଲେ ୫ ଛାତ୍ରୀଛାତ୍ର। ଭଦ୍ରକ ନିକଟ ରାହାଞ୍ଜ ଛକରେ ଘଟିଥିଲା ଏହି ଘଟଣା। ମୃତକମାନେ ଥିଲେ ରାଣୀତଲାଓ ହାଇସ୍କୁଲ ଛାତ୍ରୀଛାତ୍ର।

**ସେପ୍ଟେମ୍ବର ୨୫**
ଏକ ଦୁର୍ଘଟଣାରେ ଗୋଟିଏ ପରିବାରର ୫ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ଏକ ଟାଟା ମ୍ୟାଜିକ୍‌ରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ୍ ଲାଲକମାଗାଁରୁ ପୁରୀ ମହୋଦଧିରେ ଅସ୍ଥି ବିସର୍ଜନ କରିବାକୁ ଯାଉଥିଲେ। ପୁରୀ ନୂଆ ଜଗନ୍ନାଥ ସଡ଼କର ଭାଇଲିପୁର ଓ ରୁଆ ଛକ ମଝିରେ ଗାଡ଼ିଟି ରାସ୍ତାକଡ଼କୁ ଓଲଟି ଖାତକୁ ଖସି ପଡ଼ିଥିଲା।



## କ୍ରାଇମ୍‌ବ୍ରାଞ୍ଚ ଜାଲରେ ଗ୍ୟାଙ୍ଗଷ୍ଟର ଟିଟୋ

ଗୁଳିକାଣ୍ଡ, ହତ୍ୟା, ଟେଣ୍ଡର ଫିକ୍ସିଂ ଭଳି ଘଟଣାରେ ସମ୍ପୃକ୍ତ ଥିବା ନେଇ ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ୍ ଉସ୍‌ମାନ ଅଲିଙ୍କୁ ଜୁନ୍ ୩୦ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ କେନ୍ଦ୍ରାପଡାର ଦିଲାରପୁରସ୍ଥିତ ତାଙ୍କ ବାସଭବନ ନିକଟସ୍ଥ କାର୍ଯ୍ୟାଳୟରୁ ଉଠାଇ ନେଇଥିଲା। ଯାଜପୁର ଜିଲାର ଚଣ୍ଡିଖୋଲଠାରେ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ପରେ ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କ ୧୭ ସହଯୋଗୀଙ୍କୁ ଗିରଫ କରିଛି। ଜିଲାର ବିଭିନ୍ନ ଥାନାରେ ଟିଟୋଙ୍କ ନାମରେ ଥିବା ୫ ପୁରୁଣା ମାମଲାକୁ ପୁନର୍ବାର ତଦନ୍ତ କରାଯାଇଥିଲା। ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୫୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା।



## ହାରିଲା ଶିଳ୍ପ, ଜିତିଲା ଗଛ

ଶିଳ୍ପ ସ୍ଥାପନ ପାଇଁ ଅନେକ ସମୟରେ ହଜାର ହଜାର ଗଛ ବଳିପଡ଼େ। କିନ୍ତୁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ବଳରାମପୁରରେ ଗଛ ରକ୍ଷା ପାଇଁ ବିୟର ବଟ୍‌ଲିଂ ଶିଳ୍ପକୁ ବଳି ପକାଗଲା। ୨୦୧୮ ନଭେମ୍ବରର ଏହି ଘଟଣା ରାଜ୍ୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ନିଜ ଭାବାବେଗ ସହିତ ଜଡ଼ିତ ଗଛଗୁଡ଼ିକ କଟାଯିବାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଅଞ୍ଚଳବାସୀ। ତେଣୁ ଗଛ ରକ୍ଷା ପାଇଁ ସେମାନେ ଆରମ୍ଭ କରିଥିଲେ ଲଢ଼େଇ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନଭେମ୍ବର ୧୮ରେ ପ୍ରସ୍ତାବିତ ପ୍ଲାଣ୍ଟ ଉପରେ ରୋକ୍ ଲଗାଇଥିଲେ।

## ପୋଲିସ-ଓକିଲ-ଓକିଲ ବିବାଦ

କଟକରେ ଏକ ଚିନ୍ତାଜନକ ପରିସ୍ଥିତି ଉପୁଜିଥିଲା ପୋଲିସ-ଓକିଲ ବିବାଦ ଏବଂ ପରେ ଓକିଲ-ଓକିଲ ମୁହାଁମୁହିଁକୁ ନେଇ। ଅଗଷ୍ଟ ୨୮ରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ୩୦୭ ଦଫାରେ ମାମଲା ରୁଜୁ କରିବାକୁ ଓକିଲମାନେ ଦାବି କରିଥିଲେ। ତାହା ନ ହେବାରୁ ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଉକ୍ତ ଘଟଣାରେ ୩ ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ଆନ୍ଦୋଳନ ଜାରି ରହିଥିଲା। ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶକୁ ମାନି ନ ଥିଲେ ଓକିଲମାନେ। କିନ୍ତୁ ଅକ୍ଟୋବର ଶେଷ ସପ୍ତାହରେ ଆନ୍ଦୋଳନ ଭିନ୍ନ ରୂପ ନେଇଥିଲା। ଆନ୍ଦୋଳନକୁ ନେଇ ରାଜନୀତି ହୋଇଥିବା ଦର୍ଶାଇ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଓକିଲମାନେ ଓହରି ଯାଇଥିଲେ। ଅକ୍ଟୋବର ୨୯ରେ ସାମ୍ମୁଖ୍ୟର ସଦସ୍ୟମାନେ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରିବା ବେଳେ ହାଇକୋର୍ଟ ପରିସର ରଣକ୍ଷେତ୍ର ପାଲଟିଥିଲା। କିଛିଦିନ ପରେ ଆଡଭୋକେଟ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ୪ ପୋଲିସ କର୍ମଚାରୀ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମାଗିବା ପରେ ନଭେମ୍ବର ୧୪ରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଥିଲେ।



## ବିଦେଶରେ ବେଲଟିକିରି ଚେର

ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ବିରୋଧରେ ଆସିଥିବା ସଙ୍ଗିନ ଅଭିଯୋଗ ବିଦାୟୀ ବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ଏହି ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନଶୋଷଣ, ଅକଥନୀୟ ନିର୍ଯାତନା ସାଙ୍ଗକୁ ଧର୍ମାନ୍ତରୀକରଣ ହେଉଥିବା ଅନ୍ତେବାସୀ ଅଭିଯୋଗ କରିବା ପରେ ରାଜ୍ୟ ସରକାର ଅନୁଷ୍ଠାନକୁ ସିଲ୍ କରିଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ ରେହମାନ, ସହଯୋଗୀ ଉଦିତ କୁମାର ଲିମା ଏବଂ ସୀମାଞ୍ଚଳ ନାୟକଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ଏହି ଅନୁଷ୍ଠାନର ଚେର ବିଦେଶକୁ ଲମ୍ବିଥିବା ଜଣାପଡ଼ିଥିଲା।



## ଚାପରୁ ଉର୍ଜିତଙ୍କ ଇସ୍ତଫା

# ଆର୍‌ବିଆଇ-ସରକାର ବିବାଦ

ପୁଞ୍ଜିନିବେଶ ହ୍ରାସ, ଜିଏସ୍‌ଟି ଆଦାୟ କମିବା, ସର୍ବବୃହତ ବ୍ୟାଙ୍କ ଠକେଇ, ନଗଦ ସଙ୍କଟ ଭିତରେ ଚଳିତ ବର୍ଷ ସବୁଠୁ ଚର୍ଚ୍ଚାର ବିଷୟ ଥିଲା କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବିବାଦ। ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)କୁ କୋହଳ କରିବା, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଏନ୍‌ବିଏଫସି ଓ ଏମଏସ୍‌ଏମ୍‌ଇଙ୍କ ଲାଗି ନଗଦ ଯୋଗାଣ, ଫେବୃୟାରୀ ୧୨ ସର୍କୁଲାରକୁ କୋହଳ କରିବା ତଥା ବଳକା ଅର୍ଥ ଦେବା ନେଇ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ମତଭେଦ ରହିଛି। ଚଳିତ ବର୍ଷ ଅକ୍ଟୋବରରେ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଆର୍‌ବିଆଇର ସ୍ୱାୟତ୍ତତାରେ ହସ୍ତକ୍ଷେପ କରାଯାଉଛି ବୋଲି ଏକ ଖୋଲା ମଞ୍ଚରେ ପ୍ରକାଶ କରିବା ପରେ ବିବାଦ ଲୋକଲୋଚନକୁ ଆସିଥିଲା। ପରିଣାମସ୍ୱରୂପ, ଡ. ଉର୍ଜିତ ପଟେଲ ଅଚାନକ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଇସ୍ତଫା ଦେଲେ। ବ୍ୟାଙ୍କିଙ୍ଗ ଉଦ୍ୟୋଗରେ ଏହାକୁ ନେଇ ହଇଚଇ ସୃଷ୍ଟି ହେଲା। ଉର୍ଜିତ ରିଜର୍ଭ ବ୍ୟାଙ୍କର ଦୀର୍ଘ ୪୩ ବର୍ଷର ଇତିହାସରେ ପ୍ରଥମ ଗଭର୍ନର ଭାବେ ନିଜ ପଦରୁ ଇସ୍ତଫା ଦେଲେ। ଏଥିପୂର୍ବରୁ ୧୯୭୫ରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ରଘୁରାମ ରାଜନଙ୍କୁ ଛାଡ଼ି ଦେଲେ ୧୯୯୨ ପରେ କୌଣସି ଗଭର୍ନର ନିଜ କାର୍ଯ୍ୟକାଳ ପୂର୍ଣ୍ଣ କରିପାରିନାହାନ୍ତି। ଉର୍ଜିତ ୪ର୍ଥ ଗଭର୍ନର ଭାବେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ପୂର୍ବରୁ ସାର୍ ଓସ୍‌ବର୍ନ ସ୍ମିଥ୍(୧୯୩୫-୧୯୩୭), ବେନେଗାଲ ରାମାରାଓ(୧୯୪୯-୫୭), ଏସ୍.ଜଗନ୍ନାଥନ(୧୯୭୦-୧୯୭୫) ଇସ୍ତଫା ଦେଇଥିଲେ। ଉର୍ଜିତଙ୍କ ଅଚାନକ ଇସ୍ତଫା ସମସ୍ତ ଭାରତୀୟଙ୍କ ପାଇଁ ଚିନ୍ତାର ବିଷୟ ବୋଲି ନିରାଶ ପୂର୍ବତନ ଗଭର୍ନର ରଘୁରାମ ରାଜନ କହିବାକୁ ପଛାଇ ନ ଥିଲେ।

## ଓଡ଼ିଆ ଗଭର୍ନର ଶକ୍ତିକାନ୍ତ



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା ପରେ କେନ୍ଦ୍ରୀୟ ବ୍ୟାଙ୍କର ମଙ୍ଗ ଧରିଛନ୍ତି ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ। ଦ୍ୱନ୍ଦ୍ୱଠାରୁ ଦୂରରେ ରହି ସମାଧାନ ଲାଗି ସହମତି ଉପରେ ଜୋର ଦେଉଥିବା ଶକ୍ତିକାନ୍ତ ଜଣେ ବ୍ୟୁରୋକ୍ରାଟ୍ ଭାବେ ନର୍ଥ ବ୍ଲକରୁ ମିଣ୍ଟ ଷ୍ଟ୍ରିଟରେ ପଦାର୍ପଣ କରିଛନ୍ତି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ସେ ପ୍ରଥମ ଓଡ଼ିଆ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ସର୍ବଦା ଟିମ୍‌କୁ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଥିବା ଶକ୍ତିକାନ୍ତ ଏକ ଘଡିସନ୍ଧି ମୁହୂର୍ତ୍ତରେ କେନ୍ଦ୍ରୀୟ ବ୍ୟାଙ୍କର ଭାର ସମ୍ଭାଳିଛନ୍ତି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଉଭୟ ତାମିଲନାଡୁ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି।



## ଚନ୍ଦା କୋଚର ଗଲେ

ଭିଡିଓକନ ଗ୍ରୁପ୍‌କୁ ଋଣ ଦେବା ମାମଲାରେ ବ୍ୟକ୍ତିଗତ ସ୍ୱାର୍ଥସାଧନ ହୋଇଥିବା ଅଭିଯୋଗ ଉଠିବା ପରେ ଚନ୍ଦା କୋଚର ଶେଷରେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ତଥା ଏମ୍‌ଡି ପଦରୁ ଇସ୍ତଫା ଦେଲେ। ସେ ସମୟ ପୂର୍ବରୁ ଅବସର ନେବା ପାଇଁ ଆବେଦନ କରିଥିଲେ, ଯାହାକୁ ବ୍ୟାଙ୍କ ଗ୍ରହଣ କରିନେଇଥିଲା।




## ବିକ୍ରି ହେଲା ହର୍ଲିକ୍ସ

ବର୍ଷର ଶେଷ ଦିଗରେ ଦେଶର ଏଫ୍‌ଏମ୍‌ସିଜି କ୍ଷେତ୍ରରେ ସବୁଠୁ ବଡ଼ ଡିଲ୍ ହୋଇଛି। ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍) ଗ୍ଲାକ୍ସୋସ୍ମିଥ୍‌କ୍ଲାଇନ (ଜିଏସ୍‌କେ) ଇଣ୍ଡିଆ କମ୍ପାନୀକୁ କିଣି ନେଇଛି। ଅର୍ଥାତ୍ ଏବେ ହର୍ଲିକ୍ସ, ସେନ୍ସୋଡାଇନ, ଇନୋ, କ୍ରୋସିନ, ସମସ୍ତ ଓଟିଜି ସାମଗ୍ରୀ ଏଚ୍‌ୟୁଏଲ୍ ହାତକୁ ଚାଲିଯାଇଛି। ଏଚ୍‌ୟୁଏଲ୍ ୩.୮ ବିଲିୟନ ଡଲାର (ପ୍ରାୟ ୩୧,୭୦୦କୋଟି ଟଙ୍କା)ରେ ଜିଏସ୍‌କେକୁ କିଣିଛି। ଏହାଦ୍ୱାରା ମୃଦୁ ପାନୀୟ, ହାଲ୍‌କା ବ୍ୟବହାର୍ଯ୍ୟ ସାମଗ୍ରୀ କ୍ଷେତ୍ରରେ ଏଚ୍‌ୟୁଏଲ୍ ଏକଚାଟିଆ କାରବାର କରିବ।




## ଫ୍ଲିପ୍‌କାର୍ଟ ଛାଡିଲେ ବିନ୍ନି-ସଚିନ ବଂଶଲ

ଫ୍ଲିପ୍‌କାର୍ଟ ସିଇଓ ବିନ୍ନି ବଂଶଲଙ୍କ ବିରୋଧରେ ମହିଳା କର୍ମଚାରୀଙ୍କ ସହ ଅନୈତିକ ସମ୍ପର୍କ ନେଇ ଅଭିଯୋଗ ଉଠିବା ପରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ସମ୍ପର୍କରେ ଉଭୟ ଫ୍ଲିପ୍‌କାର୍ଟ ଓ ୱାଲମାର୍ଟ ଘୋଷଣା କରିଥିଲା। ଅନ୍ୟପକ୍ଷରେ ଫ୍ଲିପ୍‌କାର୍ଟକୁ ୱାଲମାର୍ଟ କିଣିବ ବୋଲି ଘୋଷଣା ହେବା ମାତ୍ରେ ଏହାର ସହ ପ୍ରତିଷ୍ଠାତା ସଚିନ ବଂଶଲ କମ୍ପାନୀରୁ ଇସ୍ତଫା ଦେଇ ବାହାରି ଆସିଥିଲେ। ଫ୍ଲିପକାର୍ଟର ଜଣେ ପ୍ରତିଷ୍ଠାତାଙ୍କୁ ବୋର୍ଡରେ ସ୍ଥାନ ମିଳିବ ବୋଲି ୱାଲମାର୍ଟ ଘୋଷଣା କରିବା ମାତ୍ରେ ସଚିନ ଉକ୍ତ ପଦକ୍ଷେପ ନେଇଥିଲେ।

## ପିଏନ୍‌ବି ମହାଦୁର୍ନୀତି





ହୀରା ବ୍ୟବସାୟୀ ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଠକି ବିଦେଶ ପଳାଇଛନ୍ତି। ଏହା ଭାରତୀୟ ବ୍ୟାଙ୍କିଙ୍ଗ ଇତିହାସରେ ମହାଦୁର୍ନୀତି କୁହାଯାଉଛି। ମୁମ୍ବାଇର ଫୋର୍ଟସ୍ଥିତ ବ୍ରାଡି ହାଉସ ଶାଖାରେ ଏହି ଠକେଇ ହୋଇଥିବାର ଧରାପଡିଥିଲା। ଏହି ଶାଖାର କିଛି ଅଧିକାରୀଙ୍କୁ ହାତବାରିସି କରି ନୀରବ ମିଥ୍ୟା ଲେଟର ଅଫ୍ ଅଣ୍ଡରଟେକିଂ(ଏଲଓୟୁ) ଜରିଆରେ ଉକ୍ତ ଟଙ୍କା ହଡ଼ପ କରିଥିଲେ। ତାଙ୍କୁ ସହାୟତା କରିଥିଲେ ତାଙ୍କର ମାମୁ ତଥା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ। ଟଙ୍କା ଫେରସ୍ତ କରିବା ଦୂରର କଥା ସେମାନେ ଏବେ ବିଦେଶକୁ ପଳାଇଛନ୍ତି। ନୀରବଙ୍କ ପତ୍ତା ମିଳୁ ନ ଥିବା ବେଳେ ମେହୁଲ ଏବେ ଆଣ୍ଟିଗୁଆରେ ରହୁଛନ୍ତି। ଦୁହିଁଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ ଜାରି କରାଯାଇଛି। ମେହୁଲ ଏବେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରିବା କଷ୍ଟକର ହେବ। ଅନ୍ୟପକ୍ଷରେ ନୀରବଙ୍କ ବର୍ତ୍ତମାନ ଅବସ୍ଥାନ କାହାକୁ ଜଣା ନ ଥିବା ବେଳେ ସେ ଲଣ୍ଡନରେ ଲୁଚିଥିବା କୁହାଯାଉଛି।



## ମୁହଁ ଖୋଲିଲେ ସୁବ୍ରମଣ୍ୟନ

ବିମୁଦ୍ରୀକରଣର ଦୁଇବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତତ୍କାଳୀନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ପ୍ରଥମଥର ମୁହଁ ଖୋଲିଥିଲେ। ବିମୁଦ୍ରୀକରଣ ଭଳି ଏକ କଠୋର ନିଷ୍ପତ୍ତି ଯୋଗୁ ଅର୍ଥନୀତିକୁ ବଡ଼ ଝଟକା ଲାଗିଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ଦେଶର ଅର୍ଥନୀତି ୮%ରୁ ହ୍ରାସ ପାଇ ୬.୮%ରେ ପହଞ୍ଚିଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଆଇଏଲଆଣ୍ଡଏଫ୍‌ଏସ୍‌ରେ ସଙ୍କଟ ଆର୍‌ବିଆଇ ଯୋଗୁ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସଙ୍କଟ

ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ପୁଞ୍ଜି ବଜାରକୁ ଦୋହଲାଇ ଦେଇଛି। ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଉକ୍ତ ଗ୍ରୁପ କମ୍ପାନୀ ସୁଧ ଦେଇ ପାରୁନାହିଁ। ଫଳରେ ଏହା ଦେବାଳିଆ ହେବାର ଦ୍ୱାରଦେଶରେ ପହଞ୍ଚିଛି। ଭାରତୀୟ ଜୀବନ ବୀମା ନିଗମ ଏହି କମ୍ପାନୀର ସର୍ବବୃହତ ପ୍ରମୋଟର ହୋଇଥିବା ବେଳେ ଏସ୍‌ବିଆଇ ସମେତ ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏଥିରେ ସାମିଲ ହୋଇଛନ୍ତି। ଭିତ୍ତିପ୍ରସ୍ତର ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ



ଏହି କମ୍ପାନୀ ହାତରେ ଦେଶର ୧.୮ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ରହିଛି। ଚଢ଼ା ସୁଧରେ ସ୍ୱଳ୍ପମିଆଦୀ ଋଣ ନେବା କମ୍ପାନୀ ପାଇଁ ମୁଣ୍ଡବ୍ୟଥା ହୋଇଛି। ବିବାଦ କାରଣରୁ ସରକାରଙ୍କ ପାଖରୁ ପାଇବାକୁ ଥିବା ପ୍ରାୟ ୯୦ ନିୟୁତ ଟଙ୍କା ଅଟକି ଯାଇଛି। ଆସନ୍ତା ୬ ମାସ ମଧ୍ୟରେ କମ୍ପାନୀକୁ ପ୍ରାୟ ୩୫୦୦ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ହେବ। ମ୍ୟାନେଜମେଣ୍ଟର ଅପରିଣାମଦର୍ଶିତା ଯୋଗୁ କମ୍ପାନୀ ଏଭଳି ସ୍ଥିତିରେ ପହଞ୍ଚିବା ପରେ କେନ୍ଦ୍ର ସରକାର ଆଗକୁ ଆସି ଅଚାନକ ଏହାର ବୋର୍ଡକୁ ଭାଙ୍ଗି ଦେଲେ ଓ ଟପ୍ ବ୍ୟାଙ୍କର୍ ଉଦୟ କୋଟାକଙ୍କ ଅଧ୍ୟକ୍ଷତାରେ ନୂଆ ବୋର୍ଡ ଗଠନ କଲେ।

## ଇଣ୍ଡିଆପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ

ଚଳିତବର୍ଷ ସେପ୍ଟେମ୍ବର ପହିଲାରୁ ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଆରମ୍ଭ ହୋଇଛି। ଗାଁଠାରୁ ସହର ଯାଏ ଏହି ବ୍ୟାଙ୍କ ସେବା ମିଳିବ। ଦେଶର ୧,୫୫,୦୧୫ ପୋଷ୍ଟ ଅଫିସ ଓ ୩ ଲକ୍ଷ ପୋଷ୍ଟାଲ କର୍ମଚାରୀଙ୍କ ମାଧ୍ୟମରେ ଏହି ବ୍ୟାଙ୍କ ସେବା ଏବେ ଘରେ ଘରେ ପହଞ୍ଚାଇ ଦିଆଯାଇପାରୁଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାରରୁ ଅଧିକ ପୋଷ୍ଟମ୍ୟାନଙ୍କୁ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ନିଯୁକ୍ତ କରାଯାଇଛି। ୨୦୧୫ ଅଗଷ୍ଟ ୧୯ରେ ଇଣ୍ଡିଆ ପୋଷ୍ଟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଲାଇସେନ୍ସ ପ୍ରଦାନ କରିବା ପରେ ୨୦୧୬ ଅଗଷ୍ଟ ୧୭ରେ ଏହା ଏକ ପବ୍ଲିକ ଲିମିଟେଡ ସରକାରୀ କମ୍ପାନୀ ଭାବେ ପଞ୍ଜୀକୃତ ହେଲା। ୨୦୧୭ ଜାନୁୟାରୀ ୩୦ରେ ରାଇପୁର ଓ ରାଞ୍ଚିରେ ପାଇଲଟ ଭିତ୍ତିରେ ଏହାକୁ ଆରମ୍ଭ କରାଯାଇଥିଲା। ବ୍ୟାଙ୍କ ପ୍ରତିଷ୍ଠା ଲାଗି ଭିତ୍ତିଭୂମି ଓ ଆନୁଷଙ୍ଗିକ ନିର୍ମାଣ ଉଦ୍ଦେଶ୍ୟରେ ୧୪୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

India Post Payments Bank
Aapka bank, aapke dwaar



## ମାଲ୍ୟାଙ୍କୁ ଲଗାମ୍

ଶେଷରେ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତକୁ ପ୍ରତ୍ୟର୍ପିତ ହେବେ। ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ତାଙ୍କର ପ୍ରତ୍ୟର୍ପଣ ଲାଗି ରାୟ ଦେଇଛନ୍ତି। ଏ ସଂକ୍ରାନ୍ତରେ ଅଦାଲତ ବ୍ରିଟେନ ସରକାରଙ୍କ ନିକଟକୁ ରାୟର କପି ପଠାଇଛନ୍ତି। ମାଲ୍ୟାଙ୍କ ବିରୋଧରେ ଯାଞ୍ଚ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିବିଆଇକୁ ବଡ଼ ସଫଳତା ମିଳିଛି। ଦୁଇଟି ଦେଶର ନାଗରିକତ୍ୱ ବଳରେ ଲଣ୍ଡନରେ ରହୁଥିବା ମାଲ୍ୟା ଏବେ ଭାରତ ଫେରିବା ପାଇଁ ଦିନ ଗଣିବା ଛଡ଼ା ଅନ୍ୟ ବାଟ ନାହିଁ। ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଙ୍ଗଫିଶର ଏୟାରଲାଇନ୍ସ ନାମରେ ମାଲ୍ୟା ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ପରିଶୋଧ କରିନାହାନ୍ତି।

## ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍

ଫ୍ଲିପ୍‌କାର୍ଟକୁ ୱାଲମାର୍ଟ କିଣିନେବା ଚଳିତବର୍ଷ ଚର୍ଚ୍ଚାର ବିଷୟ ହୋଇଛି। ଫ୍ଲିପ୍‌କାର୍ଟର ୭୭ ପ୍ରତିଶତ ଅଂଶଧନ କିଣିଥିବା ୱାଲମାର୍ଟ ଇ-କମର୍ସ କ୍ଷେତ୍ରରେ ଦେଶରେ ଏକଚାଟିଆ କାରବାର କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଜନେସ ସ୍କୁଲ୍‌ରେ ଏହା ଆଲୋଚନାର ମୁଖ୍ୟ ବିଷୟ ହୋଇଥିବା ବେଳେ ଦେଶର ଇ-କମର୍ସ ବ୍ୟବସାୟରେ ଏକ ବିରାଟ ପରିବର୍ତ୍ତନ ଆସିବ ବୋଲି ମନେକରାଯାଉଛି। ତେବେ ଖାଉଟି କେତେ ଦୂର ଏହାଦ୍ୱାରା ଲାଭାନ୍ୱିତ ହେବେ ଭବିଷ୍ୟତ କହିବ।




ପିଏନ୍‌ବି ଦୁର୍ନୀତି ଠକେଇ ମାମଲା ଲୋକେ ଭୁଲିବା ପୂର୍ବରୁ ୨୦୧୮ରେ ଚର୍ଚ୍ଚାକୁ ଆସିଥିଲା ରୋଟୋମାକ୍ ପେନ୍ ଗ୍ଲୋବାଲର ୩୭୦୦ କୋଟି ଟଙ୍କାର ଆଉ ଏକ ବ୍ୟାଙ୍କ ଘୋଟାଲା। କମ୍ପାନୀର ପ୍ରମୋଟର ତଥା ମାଲିକ ବିକ୍ରମ କୋଠାରୀ ଏହି ବ୍ୟାଙ୍କ ଠକେଇରେ ସମ୍ପୃକ୍ତ। ତାଙ୍କ ସମ୍ପର୍କରେ ସିବିଆଇ ଯାଞ୍ଚ କରୁଛି। ୭ଟି ବ୍ୟାଙ୍କରୁ ସେ ଋଣ

## ୩୭୦୦ କୋଟିର ରୋଟୋମାକ୍ ସ୍କାମ୍



ନେଇଥିବା କୁହାଯାଉଛି। ସେହିପରି କନିଷ୍କ ଗୋଲ୍ଡ ନାମକ ଏକ ସଂସ୍ଥା ୧୪ ବ୍ୟାଙ୍କରୁ ୮୨୪ କୋଟି ଟଙ୍କା ଠକି ନେଇଛି। ଅନୁରୂପ ଭାବେ ଆର୍ ପି ଇନଫୋସିଷ୍ଟମ କମ୍ପ୍ୟୁଟର ପକ୍ଷରୁ ୫୧୫ କୋଟି ଟଙ୍କାର ସ୍କାମ୍ କରାଯାଇଛି।

## ଢୋଲକିଆଙ୍କ ବଦାନ୍ୟତା



ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ସୁରଟର ହୀରା ବ୍ୟବସାୟୀ ସାବଜୀ ଢୋଲକିଆ ଦୀପାବଳିରେ ନିଜ କର୍ମଚାରୀଙ୍କୁ ଦାମିକା ଉପହାର ଦେଇ ଚର୍ଚ୍ଚାକୁ ଆସିଥିଲେ। ସେ ଚଳିତ ବର୍ଷ ୬୦୦ ଜଣଙ୍କୁ କାର ଉପହାର ଦେଇଥିବା ବେଳେ ୯୦୦ କର୍ମଚାରୀଙ୍କୁ ଏଫ୍‌ଡି ପ୍ରଦାନ କରିଛନ୍ତି। ସୁରଟର ଡାଇମଣ୍ଡ କିଙ୍ଗ ଭାବେ ସେ ବେଶ୍ ଜଣାଶୁଣା।




## ପ୍ରଥମ ବିଟ୍ କଏନ୍ ଏଟିଏମ୍

ଦେଶରେ ଭର୍ଚୁଆଲ କରେନ୍ସି ବା ଇଲେକ୍ଟ୍ରୋନିକ୍ସ ମୁଦ୍ରା କାରବାରକୁ ଆର୍‌ବିଆଇ ବେଆଇନ୍ ବୋଲି ଘୋଷଣା କରିଥିଲେ ମଧ୍ୟ ଚଳିତବର୍ଷ ଦେଶରେ ପ୍ରଥମ ବିଟ୍ କଏନ୍ ଏଟିଏମ୍ ବାଙ୍ଗାଲୋରରେ ଖୋଲିଥିଲା। ୟୁରୋକଏନ୍ ପକ୍ଷରୁ ଏହାକୁ ସ୍ଥାପନ କରାଯାଇଥିଲା। ପରେ ବିବାଦ ଉପୁଜିବାରୁ ଏହାକୁ ବନ୍ଦ କରି ଦିଆଯାଇଥିଲା।

## ବଦଳିଲା ୟୁପିଏ ସମୟର ଜିଡିପି




ୟୁପିଏ ସମୟର ଜିଡିପି ଆକଳନକୁ ସରକାର ଚଳିତବର୍ଷ ନଭେମ୍ବର ୨୮ରେ ବଦଳାଇ ଦେଇଥିଲେ। ଏହା ଫଳରେ ଉଦାରୀକରଣ ପରବର୍ତ୍ତୀ ସମୟରେ ଦେଶର ଅର୍ଥନୀତି ହାସଲ କରିଥିବା ଦୁଇଅଙ୍କ ବିଶିଷ୍ଟ ହାରରେ ୧% ହ୍ରାସ ଘଟିଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଜିଡିପି ୯% କିମ୍ବା ଏହାଠାରୁ କମ୍ ରହିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ୨୦୧୧-୧୨ ବର୍ଷକୁ ମୂଳବର୍ଷ ଭାବେ ଗ୍ରହଣ କରାଯିବା ସହ ୨୦୧୦-୧୧ରେ ଅଭିବୃଦ୍ଧି ହାର ପରିବର୍ତ୍ତନ କରାଯାଇ ୮.୫% ଧାର୍ଯ୍ୟ କରାଯାଇଛି। ସେହିଭଳି ୨୦୦୫-୦୬ ଏବଂ ୨୦୦୬-୦୭ର ଅଭିବୃଦ୍ଧି ଯଥାକ୍ରମେ ୭.୯ ଏବଂ ୮.୧% କରାଯାଇଛି। ୨୦୦୭-୦୮ରେ ଅଭିବୃଦ୍ଧି ୭.୭%କୁ ହ୍ରାସ ପାଇଛି।

୨୦୧୮ ବର୍ଷଟି ଆର୍ଥିକ ଜଗତରେ ବେଶ ଘଟଣାବହୁଳ ଥିଲା। ବର୍ଷ ଆରମ୍ଭରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଦୁର୍ନୀତି ଘଟଣାର ପର୍ଦ୍ଦାଫାଶ ଦେଶର ବ୍ୟାଙ୍କିଙ୍ଗ ସେକ୍ଟରକୁ ଦୋହଲାଇ ଦେଇଥିଲା। ପଛକୁ ପଛ ଆଉ କେତେକ ବ୍ୟାଙ୍କିଙ୍ଗ ସ୍କାମ୍ ଘଟଣା ଜଣାପଡିବା ପରେ ଲୋକେ ନିଜର ସଞ୍ଚିତ ଅର୍ଥ ନେଇ ଆଶଙ୍କିତ ହେଲେ। ଏହାରି ଭିତରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ମତଭେଦ ପଦାକୁ ଆସିଲା। ସରକାରଙ୍କ ଚାପ ସହି ନ ପାରି ଗଭର୍ନର ପଦରୁ ଡ.ଉର୍ଜିତ ପଟେଲ ଅଚାନକ ଇସ୍ତଫା ଦେବା ପରେ ଆର୍ଥିକ ଜଗତରେ ହଇଚଇ ପଡିଯାଇଛି। କେହି କିଛି ଭାବିବା ପୂର୍ବରୁ କେନ୍ଦ୍ର ସରକାର ଅବସରପ୍ରାପ୍ତ ଓଡ଼ିଆ ଆଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ନିଯୁକ୍ତ କଲେ। ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ଚନ୍ଦା କୋଚର ଫଶିବା ପରେ ଇସ୍ତଫା ଦେବା, ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଆର୍ଥିକ ସଙ୍କଟ ଅର୍ଥ ଜଗତକୁ ଏକ ସ୍ପଷ୍ଟ ସଙ୍କେତ ମିଳିଛି। ତେବେ ଘରୋଇ କ୍ଷେତ୍ରରେ ଦୁଇଟି ବୃହତ ଅଧିଗ୍ରହଣ ସାଙ୍ଗକୁ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଲଣ୍ଡନ କୋର୍ଟ ଦ୍ୱାରା ପ୍ରତ୍ୟର୍ପଣ ରାୟ, ଇଣ୍ଡିଆପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପ୍ରତିଷ୍ଠା ଚଳିତ ଆର୍ଥିକ ବର୍ଷର ପ୍ରମୁଖ ଘଟଣା କୁହାଯାଇପାରେ।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ



**ସଂକ୍ଷେପରେ**

## ସରକାରୀ ଯୋଜନାର ଲାଭ ନେବାକୁ ଚାଷୀଙ୍କୁ ଆହ୍ୱାନ

ଧମା, ୩୦।୧୨ (ଡି.ଏନ୍.ଏ.)- ମାନେଶ୍ୱର ବ୍ଲକ ସାହାସପୁରଠାରେ ରବିବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ବ୍ଲକର ୧୨ଟି ଯାକ ପଞ୍ଚାୟତର ଚାଷୀମାନଙ୍କୁ ନେଇ ଆୟୋଜିତ ଏହି ମେଳାରେ ଡିଏଓ ରବିନାରାୟଣ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ସଭାରେ ମୁଖ୍ୟବକ୍ତାଭାବେ ଡିଡିଏ ଖଗେଶ୍ୱର ନାଥ ଜେନା ଯୋଗଦେଇ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ଲାଭଦାୟକ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ହୃଷୀକେଶ ପୁରୋହିତ ଯୋଗଦେଇ ମାଛଚାଷୀମାନଙ୍କୁ ପାଞ୍ଚ ଏକର ଚାଷ ପାଇଁ ୧୨ଲକ୍ଷ ଟଙ୍କାର ଋଣ ଦିଆଯାଉଥିବା ଏବଂ ତହିଁରେ ୫୦ ପ୍ରତିଶତ ରିହାତି ମିଳିପାରିବ ବୋଲି ସୂଚନା ଦେଇଥିଲେ। ଧାନଚାଷରେ ଧାଡ଼ି ରୁଆ କରି ଚାଷୀମାନେ ଏକର ପିଛା ୧୨୫୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଆଲୋଚନାରେ କଦଳୀଚାଷ, ମୃତ୍ତିକା ପରୀକ୍ଷା ଏବଂ ତଦନୁସାରେ କେଉଁ ପ୍ରକାର ଫସଲ କରି ଚାଷୀ ବେଶୀ ଉପାର୍ଜନ କରିପାରିବେ ସେ ସମ୍ପର୍କରେ ବକ୍ତାମାନେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ସାହୁ, ଉମାକାନ୍ତ ସାହୁ, ସୁଦର୍ଶନ ନନ୍ଦ, ବିଶ୍ୱଜିତ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଓ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ‘ରଙ୍ଗବତୀ’ରେ ନାଚିଲେ ନଚେଇଲେ ଜିତେନ୍ଦ୍ର, କ୍ରିଷ୍ଣା








ରବିବାର ତପସ୍ୱିନୀ ପ୍ରେକ୍ଷାଳୟରେ ଜିତେନ୍ଦ୍ର ହରିପାଲ ଓ କ୍ରିଷ୍ଣା ପଟେଲ ଗୀତ ଗାଉଛନ୍ତି (ବାମ)। ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରର କଳାକାରଙ୍କ ନୃତ୍ୟ (ମଝି)। ଅସୀମ ପ୍ରଧାନ ଓ ଜାପାନର କାଜୁକୋ ନୃତ୍ୟ ପରିବେଷଣ କରୁଛନ୍ତି ।

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ରଙ୍ଗବତୀ, ଡାଲଖାଇ, ମାଏଲାଜଡ ଭଳି ସମ୍ବଲପୁରୀ ଗୀତରେ ରବିବାର ତପସ୍ୱିନୀ ପ୍ରେକ୍ଷାଳୟ ଗୁଞ୍ଜରିତ ହୋଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ଡ. କ୍ରିଷ୍ଣା ପଟେଲ ‘ରଙ୍ଗବତୀ’ ଗୀତ ଗାଇ ଏମିତି ନାଚି ଉଠିଥିଲେ ଯେ, ଦର୍ଶକ ଓ ବିଦେଶୀ ଆଗନ୍ତୁକମାନେ ନ ନାଚି ରହି ପାରି ନ ଥିଲେ। ସେହିପରି ବିଦେଶିନୀମାନଙ୍କ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିମୋହିତ ହୋଇ ଉଠିଥିଲେ । କୁଚିଣ୍ଡା ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ପ୍ରଥମ ଅନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବରେ ଏଭଳି ଝଲକ ଦେଖିବାକୁ ମିଳିଥିଲା ।

ଦେଶ ଓ ଦେଶ ବାହାରୁ କଳାକାରମାନେ ସାମିଲ ହୋଇଥିଲେ। ଏଥିରେ ପାରମ୍ପରିକ ଓ ମୌଳିକ ଶୈଳୀରେ ନୃତ୍ୟ ପରିବେଷିତ ହୋଇଥିଲା । ଏହା ସହ ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା । ଜାପାନର କାଜୁକୋ ୟସୁନାବୋ ଓ ୟୁକୋକିଡା, ସ୍ପେନର ମାୟା ଦାଲମା ଓ କେଲେଣ୍ଡେସ ନଚନିଆ, ଗୁଞ୍ଜୁରୁଗୁଞ୍ଜା, ଡାଲଖାଇ, ରଙ୍ଗବତୀ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଅସୀମ ପ୍ରଧାନ, ରିଙ୍କୁ ସାହୁ, ରଞ୍ଜିତା ଦାସ, ଜ୍ୟୋତି ମୁଣ୍ଡା, କୀର୍ତ୍ତି ଶର୍ମା ସହଯୋଗ କରିଥିଲେ। ସେହିପରି ବରଗଡ ଜିଲା ଗାଇସିଲେଟ କନ୍ଦାଗାଡର ଡାଲଖାଇ ନୃତ୍ୟ, ବରଗଡ କଳାଜୀବୀର ସଙ୍ଗୀରୀ ନାଚ, ଆଲୋକ ପଣ୍ଡା ଓ ସାଥୀଙ୍କ ଦଣ୍ଡ ନୃତ୍ୟ ଓ ମାଇଲାଜଡ ନୃତ୍ୟ, ପଦ୍ମିନୀ ପାଣିଗ୍ରାହୀ, ରଣଜିତ ନାଗ, ଗାନ୍ଧୀ ବାରିକ, ତୁଳାରାମ ମହାନନ୍ଦ, ଘୁଙ୍ଗୁରୁ ହରିପାଲ, ସନତ ରାଜହଂସ, ଶ୍ୱେତା ପାଢୀଙ୍କ ସମେତ ଅନେକ କଳାକାର ନୃତ୍ୟ ପରିବେଷଣ କରିଥିଲେ । ଡ. ଶ୍ୟାମସୁନ୍ଦର ଧର ‘ଉଜଳମତି ରାଧା ମାଇଁ’ ଏବଂ ତୁଳାରାମ କଲେତ ‘କଁଶି ବାଉଶଁର ପାତି’ ଗୀତ ଗାଇଥିଲେ । ଏହି ଉତ୍ସବରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲାପାଳ ସମର୍ଥ ବର୍ମା, ନୃତ୍ୟଗୁରୁ ରଣଜିତ ନାଗ, ରଙ୍ଗବତୀ ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଗବେଷକ ମୋହନ ସାହୁ, ଡ. ପ୍ରଦୀପ କୁମାର ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅଭୟ ଆର୍ଟ ଓ ସମ୍ବଲପୁରର କଳାକାରମାନେ ସହଯୋଗ କରିଥିଲେ । ଗୁରୁ ପ୍ରଫୁଲ୍ଲ ମିତ୍ର ସଙ୍ଗୀତ ପରିଚାଳନା କରିଥିଲେ । ସୀମାନ୍ତିକା ଦାସ, ସସ୍ମିତା ପଟ୍ଟନାୟକ, ମାନସ ମିଶ୍ର ଓ ମାନସ ନାଏକ ଉତ୍ସବରେ ସଂଯୋଜନା କରିଥିଲେ ।



କାର୍ଯ୍ୟକ୍ରମରେ ଦୁଇ ବିଦେଶିନୀ ନୃତ୍ୟାଙ୍ଗନା ସମ୍ବଲପୁରୀ ନୃତ୍ୟ ମୁଦ୍ରାରେ ।



ସୀମାନ୍ତିକା ଦାସ ଓ ମାନସ ମିଶ୍ର ସଂଯୋଜନା କରୁଛନ୍ତି ।

- ପ୍ରଥମ ଅନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବ
- ବିଦେଶିନୀଙ୍କ ନୃତ୍ୟରେ ଦର୍ଶକ ବିମୋହିତ

## ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ: ବିସିସି ଦେବଗଡ ଚାମ୍ପିୟନ

**ଦେବଗଡ, ୩୦।୧୨(ସ୍ୱ.ପ୍ର)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ୨୪ରୁ ଚାଲିଥିବା ୨୯ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରବିବାର ରାଇଜିଂ ଷ୍ଟୁଡେଣ୍ଟ କଟକକୁ ହରାଇ ବାମଣ୍ଡା କ୍ରିକେଟ କ୍ଲବ (ବିସିସି) ଦେବଗଡ ଚାମ୍ପିୟନ ଆଖ୍ୟା ଲାଭ କରିଛି। ଫାଇନାଲରେ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ ଟସ୍ ଜିଣି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କଟକ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୭ ରନ କରିଥିଲା। ଦଳ ପକ୍ଷରୁ ମିତ୍ରଭାନୁ ପଣ୍ଡା ୩୯ବଲରେ ୩୬ରନ, ରାକେଶ ପ୍ରଧାନ ୪୪ ବଲରେ ୨୬, ଶୁଭେନ୍ଦୁ ସାମଲ ୩୮ବଲରେ ୨୧ରନ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବର ଦୁଷମନ୍ତ ସାହୁ ଏବଂ ଆଶିଷ ପଟ୍ଟନାୟକ ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ବାମଣ୍ଡା କ୍ରିକେଟ କ୍ଲବ ୨୮ ଓଭରରେ ମାତ୍ର ୫ ଉଇକେଟ ହରାଇ୧୩୮ରନ୍ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଚର୍ଚ୍ଚିଲ ସେଠୀ ୭୯ ବଲରେ ୩୭ ରନ, ଦୁଷମନ୍ତ ସାହୁ ୩୫ ବଲରେ ୩୦ ରନ, ସିପୁନ ଭଞ୍ଜ ୩୩ ବଲ ୨୮ରନ କରି ଟିମକୁ ଜିତାଇ ଥିଲେ। ରାଇଜିଂ ଷ୍ଟୁଡେଣ୍ଟର ସିଦ୍ଧାର୍ଥ ସିନ୍ହା ୩ଟି ଉଇକେଟ ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିଡିଡିଆରଡିଏ ଭାନ୍‌ସେଣ୍ଟ ପୁନମ କାନ୍ତ ଏକ୍କା, ବାମଣ୍ଡା କ୍ରିକେଟ କପ୍‌ର ପ୍ରତିଷ୍ଠାତା ପ୍ରଣବ ପ୍ରଧାନ, ମାରକେଣ୍ଡେଶ୍ୱର ଶତପଥି, ନାସିର ଖାନ୍, କ୍ଲବ ସଭାପତି ନବୀନ ପାଣି, କ୍ଲବ୍‌ର ସମ୍ପାଦକ ଇଂ ସୁଜିତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଚାମ୍ପିୟନ ବାମଣ୍ଡା କ୍ରିକେଟ କ୍ଲବକୁ ଟ୍ରଫି ସହ ୩୧ହଜାର ଟଙ୍କା ଏବଂ ରନର୍ସ ଅପ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ଟ୍ରଫି ସହ ୨୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡର ସିପୁନ ଭଞ୍ଜ ବେଷ୍ଟ ବ୍ୟାଟସମ୍ୟାନ, ରାଇଜିଂ ଷ୍ଟୁଡେଣ୍ଟ କଟକ ଗିରିଜା ବାରିକ, ବେଷ୍ଟ ବୋଲର ଦେବଗଡ ସିପୁନ ଭଞ୍ଜ, ମ୍ୟାନ ଅଫ ଦି ଫାଇନାଲ ଦୁଷମନ୍ତ ସାହୁ ଏବଂ ଦେବଗଡର ଚର୍ଚ୍ଚିଲ ସେଠୀଙ୍କୁ ଏମର୍ଜିଂ ପ୍ଲେୟାର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ଓ.ସି.ଏ. ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସତ୍ୟ ପ୍ରକାଶ ରଥ, ଚିନ୍ମୟକାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ। ସ୍କୋରର ଭାବେ ମନୋଜ ସେଠୀ, ସୌମ୍ୟରଞ୍ଜନ ତିୱାରି, ଏବଂ ଚିତ୍ତରଞ୍ଜନ ଦାସ ଓ ବେଣୁଧର ଗଡନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ସୂଚନା ଥାଉକି ଦୀର୍ଘ ୨୯ବର୍ଷ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଭିତରେ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିବାରୁ ଦେବଗଡରେ ଖୁସିର ଲହରି ଖେଳି ଯାଇଛି।



ଚାମ୍ପିୟନ ଟ୍ରଫି ସହ ବାମଣ୍ଡା କ୍ରିକେଟ କ୍ଲବ (ବିସିସି)ର ଖେଳାଳି।

## ସାନିଟାରି ନାପକିନ, ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ

ରିଆମାଳ, ୩୦।୧୨(ଡି.ଏନ.ଏ.)- ରିଆମାଳ ଜନସେବା କେନ୍ଦ୍ର (୧) ପକ୍ଷରୁ ରବିବାର ରିଆମାଳ କଲ୍ୟାଣ ମଣ୍ଡପ ପଡ଼ିଆରେ ସାନିଟାରୀ ନାପକିନ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ ହୋଇଯାଇଛି। ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ସଭାପତି ବିଳାସିନି ଥାପା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାନିଟାରୀ ନାପକିନ ବାବଦରେ ବକ୍ତବ୍ୟ ରଖିଥିଲେ। ଅଜିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌଲସ୍ତି କୁମାର ପ୍ରଧାନ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ୟାସ ଇନ୍ସୁରାନ୍ସ କରାଯାଇଥିଲା। ୨୬ଟି ପଞ୍ଚାୟତରୁ ୬ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଅଶ୍ୱିନ କୁମାର ସାହୁ, ରଞ୍ଜନ କୁମାର ଦେହୁରୀ, ଗିରିଶଚନ୍ଦ୍ର ବେହେରା, ନାରାୟଣ ବିଶ୍ୱାଳ, ଅବିନାଶ ଦାସ ଓ ଗାୟତ୍ରୀ ଇଣ୍ଡେନ ଗ୍ୟାସ ଏଜେନ୍ସି ସହଯୋଗ କରିଥିଲେ।



# ମନ ମୋହିଲା ବଡମାଳ ଉତ୍ସବ



ରବିବାର ଷଷ୍ଠ ବଡ଼ମାଳ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରେଢ଼ାଖୋଲ,/ଅମରପାଲି, ୩୦।୧୨ (ଡି.ଏନ.ଏ.)**

ଲୋକ କଳା ଓ ସଂସ୍କୃତି ଅଞ୍ଚଳର ବିକାଶରେ ସହାୟକ ହୁଏ। ରେଢ଼ାଖୋଲ ବ୍ଲକ ବଡମାଳ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଷଷ୍ଠ ବଡମାଳ ଉତ୍ସବରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିଧାୟକ ରୋହିତ ପୂଜାରୀ, ଯୁବ ବିଜେଡି ନେତା ସଞ୍ଜିତ ମହାନ୍ତି, ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଜିଲା ବିଜେଡି ସଭାପତି ଡ. ପ୍ରମୋଦ ରଥ, ସରପଞ୍ଚ ଷଡାନନ ପ୍ରଧାନ, ଗରଗଡବାହାଲ ସରପଞ୍ଚ ଦୀପ୍ତିବାଳ ଗଡନାୟକ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ସରପଞ୍ଚ ସସ୍ମିତା ମଲ୍ଲିକ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବରିଷ୍ଠ ନାଗରିକ ଶମ୍ଭୁ ପ୍ରସାଦ ହୋତା, ଶିକ୍ଷକ ପଦ୍ମନାଭ ପ୍ରଧାନ, ରମେଶ ମାଝି, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ପ୍ରମୁଖ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ ଜଗତ ଏଥିରେ ଅଧ୍ୟକ୍ଷତା କରିଥିଲେ। କମିଟିର ସଭାପତି ଅଶୋକ ବାଘ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଗୁପ୍ତେଶ୍ୱର ରଣା ଧନ୍ୟବାଦ ଦେଇଥିଲେ। ରୁଦ୍ର ପ୍ରସାଦ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୁଷ୍ପରାଜ ସୋନାଙ୍କ ଦ୍ୱାରା ସମଲେଇ ବନ୍ଦନା ଗାନ କରାଯାଇଥିଲା। ବରଗଡ ବରପାଲିର କଳାଜୀବୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଡାଲଖାଇ ଓ ସିଂଘାରୀ ନୃତ୍ୟ, ରେହାନ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ, କଳାହାଣ୍ଡି କସ୍ତୁରୀ ସାଂସ୍କୃତିକ ଅନୁଷ୍ଠାନର କୁଠି ଡାଲଖାଇ ଓ ନୂଆଖାଇ ନୃତ୍ୟ, ବରପାଲି ଭାରତୀ ନୃତ୍ୟ କଳା ପରିଷଦର ଘୁଡୁକା ନୃତ୍ୟ, ମାନେଶ୍ୱର ଲିଟିଲ ଷ୍ଟାର ଡ୍ୟାନ୍ସ ଗ୍ରୁପର ପାରମ୍ପାରିକ ଲୋକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଢୋଲ, ନିଶାଣ, ତାସା ଆଦି ପଞ୍ଚ ବାଦ୍ୟରେ ଦୁଲୁକି ଉଠିଥିଲା ମଣ୍ଡପ।

*ଫଟୋ ଓ ଉପସ୍ଥାପନା: ଅଚ୍ୟୁତାନନ୍ଦ ପୁରୋହିତ ଏବଂ ପୀତାମ୍ବର ସାହୁ ।*

### ଏମାନେ ଯାହା କହନ୍ତି...



“ଆମେ ଏଠାରେ ପ୍ରଥମ ଥର ପାଇଁ ନୃତ୍ୟ ପରିବେଷଣ କରିବାକୁ ଆସିଛୁ। ଏ ଅଞ୍ଚଳର ଲୋକଙ୍କ ଆଗରେ ଆମେ ଡାଲଖାଇ ଓ ସିଘାରୀ ନୃତ୍ୟ ପରିବେଷଣ କରି ବହୁତ ଖୁସି ଲାଗୁଛି। **–ଟିଙ୍କି ରାଣୀ ମେହେର, ସସ୍ମିତା ନାଗ (କଳାଜୀବୀ ଅନୁଷ୍ଠାନ, ବରପାଲି)**



“ପଶ୍ଚିମଓଡିଶାର କଳା ସଂସ୍କୃତିକୁ ପ୍ରଚାର କରିବା ଉଦ୍ଦେଶ୍ୟ ନେଇ ଆମେ ବିଭିନ୍ନ ଉତ୍ସବରେ ଯୋଗ ଦେଇ ନୃତ୍ୟ ପରିବେଷଣ କରୁଛୁ। ଆମେ କୁଠି ଡାଲଖାଇ ଓ ଗଣପର୍ବ ନୂଆଖାଇ ଉପରେ ଲୋକ ନୃତ୍ୟ ପରିବେଷଣ କରିଛୁ।
**–ରିଙ୍କି ମହାନନ୍ଦ, ସୋଫିଆ ସୁନା (କସ୍ତୁରୀ ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡି)**



“ଶବର ଜାତିର ଲୋକେ ଦିନ ବେଳା ଜଙ୍ଗଲରେ ଶିକାର କରନ୍ତି। ଯାଯାବର ଜୀବନ ଯାପନ କରନ୍ତି। ଯେଉଁଠି ରାତିରେ ରହନ୍ତି ସେଠାରେ ନୃତ୍ୟ ପରିବେଷଣ କରନ୍ତି। ଆମେ ଶବର ମାନଙ୍କର ଘୁଡୁକା ନୃତ୍ୟ ପରିବେଷଣ କରିଛୁ।
**–ଉମାକାନ୍ତ ବେହେରା (ଭାରତୀ ନୃତ୍ୟ କଳାପରିଷଦ, ବରପାଲି)**



“୬ ବର୍ଷ ହେଲା ବଡମାଳ ଉତ୍ସବ ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଉତ୍ସବ ଆୟୋଜନ କରାଯାଇଛି। ଏହା ଅଞ୍ଚଳବାସୀଙ୍କ ପାଇଁ ପ୍ରମୁଖ ଉତ୍ସବ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳର ନୃତ୍ୟଗୀତକୁ ଉପଭୋଗ କରୁଛନ୍ତି।
**ଅଶୋକ ବାଘ (ସଭାପତି, ବଡମାଳ ଉତ୍ସବ କମିଟି)**



“ଆମେ ପ୍ରଥମ ଥର ପାଇଁ ବଡମାଳକୁ ନୃତ୍ୟ ପରିବେଷଣ କରିବାକୁ ଆସିଛୁ। ବହୁତ ଖୁସି ଲାଗୁଛି। ଆମେ ପୂଜା ଥାଳି ଓ ରସରକେଳି ନୃତ୍ୟ ପରିବେଷଣ କରିଛୁ।
**–ମନିସା ଝାଙ୍କର, ତନୁଶ୍ରୀ ବେହେରା (ଲିଟିଲ ଷ୍ଟାର, ମାନେଶ୍ୱର)**

DADLS-232

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in

ଓଡ଼ିଶା ସରକାର
ବିନା ସୁଧରେ କୃଷି ଋଣ
୧% ସୁଧରେ ଋଣ ପାଉଥିବା ଚାଷୀ ଏଣିକି ବିନା ସୁଧରେ ପାଇବେ କୃଷି ଋଣ
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ- ୦୮୦୬୧୧୭୪୨୨୨



15001/13/0522/1819

# ଆରଏସ୍‌ବିୱାଇ ହିତାଧିକାରୀଙ୍କୁ ମିଳିବ ବିକେକେୱାଇ କାର୍ଡ

- ପୂର୍ବଭଳି ଉପଲବ୍ଧ ହେବ ମାଗଣା ଚିକିତ୍ସା ସୁବିଧା
- ତୁରନ୍ତ କାର୍ଡ ଯୋଗାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ପହିଲାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା(ଆରଏସ୍‌ବିୱାଇ)ର ସମସ୍ତ ୪୪ ଲକ୍ଷ ୮ ହଜାର ୭୦ ହିତାଧିକାରୀ ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ)ରେ ସାମିଲ ହେବେ। ସମସ୍ତ ହିତାଧିକାରୀ ବିକେକେୱାଇ ଷ୍ଟ୍ରିମ୍-୨ କାର୍ଡ ପାଇବା ସହିତ ପୂର୍ବଭଳି ୧ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇବେ। ଏଥିସହିତ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମଧ୍ୟ ପାଇବେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଏସ୍‌ବିୱାଇର ଅବଧି ଚଳିତ ବର୍ଷ ଡିସେମ୍ବର ୩୧ରେ ସମାପ୍ତ ହେଉଛି। ତେଣୁ ରାଜ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେଭଳି ପୂର୍ବଭଳି ମାଗଣା ଚିକିତ୍ସା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏ ସମ୍ପର୍କରେ ସମସ୍ତ ଜିଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

ଆରଏସ୍‌ବିୱାଇ ହିତାଧିକାରୀମାନେ ଯେପରି ତୁରନ୍ତ ବିକେକେୱାଇ କାର୍ଡ ପାଇବେ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ନିକଟ ବିକେକେୱାଇ କିଓସ୍କରୁ ପୁରୁଣା ଆରଏସ୍‌ବିୱାଇ କାର୍ଡ ବଦଳରେ ନୂତନ ବିକେକେୱାଇ(ଷ୍ଟ୍ରିମ×-୨) କାର୍ଡ ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କୃଷି ଉପନିର୍ଦ୍ଦେଶକ, ଅନୁବନ୍ଧିତ ଘରୋଇ ଡାକ୍ତରଖାନାଗୁଡ଼ିକ ସହିତ ବୈଠକ କରି ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍)ର ନୂତନ ମାର୍ଗଦର୍ଶିକା ଆଧାରରେ ନୂତନ ବିକେକେୱାଇ କାର୍ଡଧାରୀଙ୍କୁ ସହଜରେ ନିରବଚ୍ଛିନ୍ନ ସେବା ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି।

ଓଏସ୍‌ଟିଏଫ୍‌ର ନୂତନ ମାର୍ଗଦର୍ଶିକା ଅନୁଯାୟୀ ମାରାତ୍ମକ ରୋଗରେ ପୀଡ଼ିତ ସମସ୍ତ ଗରିବଙ୍କୁ ସରକାରଙ୍କ ଚିକିତ୍ସା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ବିକେକେୱାଇ କାର୍ଡଧାରୀଙ୍କ ବ୍ୟତୀତ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ହଜାର ଓ ସହରାଞ୍ଚଳରେ ୬୦ହଜାର ଟଙ୍କାରୁ କମ ଆୟକାରୀମାନେ ଏହି ସୁବିଧା ପାଇପାରିବେ। ଏହାଛଡ଼ା ହୃଦ୍‌ରୋଗ, କିଡ୍‌ନୀ ଏବଂ କର୍କଟରେ ପୀଡ଼ିତ ରୋଗୀଙ୍କ କ୍ଷେତ୍ରରେ ବାର୍ଷିକ ୩ଲକ୍ଷ ଟଙ୍କାରୁ କମ୍ ଆୟକାରୀ ରାଜ୍ୟ ଚିକିତ୍ସା ପାଣ୍ଠିରୁ ସୁବିଧା ପାଇପାରିବେ। ଏ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୫୩୬୯ରେ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି।

■ ଚିକିତ୍ସା ଲାଗି ଟଙ୍କା ବାଧକ୍

# ବାପ୍ ଛେଉଣ୍ଡ୍ ପୁଓର ଚକିତ୍ସା ଲାଗି ମା'ର ଗୁହାରି

ବିଜେପୁର,୩୦।୧୨(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ୍ ବୈରଖପାଲି ଗାଁର ସୁମନ୍ତ ସାହୁ(୩)। ଗାଁର ରାହାସ ସାହୁ ଆର କଏଁଫୁଲ ସାହୁକଁର ୩ଟା ଟୁକେଲ ଉତାରୁ ତାକର କୁଲ ଉଜଲ କରିଥିଲେ ସୁମନ୍ତ। ହେଲେ ଜନମୁ ଛୁଆକେ ହାର୍‌ନିଆ ହେଇଥିବାର ସୁନି ମା'ବାପ୍‌ର ଖୁସିଟା ଦୁଖିଥି ବଦ୍‌ଲି ଯାଇଥିଲା। ଛୁଆଟା ଟିକେ ବଡ଼ ହେଲେ ତାର ଅପରେଶନ କଲେ ନୁକୋ ହେଇଯିବା ବଲି ଡାକ୍ତର ମା'ବାପ୍‌କେ ଆଶାସନା ଦେଲେ। ହେଲେ ଛୁଆକେ ବଛରେ ହେଲାବେଲେ ସଡ଼କ ଦୁରଘଟନାଥି ରାହାସ ଆରପାରକେ ଚାଲିଗଲେ। ଏନ୍‌ତାଥି ପରିବାରଟା ଅସାହା ହେଇଗଲା। ଚାଏର ଚାଏରଟା ଛୁଆକୁ ପାଲବାରଟା କଏଁଫୁଲକେ କାଠିକର ପାଠ୍ ହେଇଗଲା। ପାଖ୍‌ପଡ଼ିଶାକର ସହଯୋଗ୍‌ଥି କଏଁଫୁଲ ନିଜର ଦୁଇ ଝି ସପନା ଆର କାଜଲକେ ଗୁଟେ ଅନାଥାଶ୍ରମରେ ରଖିଲେ। ଏହେଦେ କଏଁଫୁଲ ପର୍‌ହର୍ କାମବୁତା କରି ବାକି ଦୁଇ ଛୁଆକର ଲାଗି ଆହାର ଯୁଗାଡ଼ କରୁଛନ୍। ପରିବାରଟା ମୁଲହୁ ସୁଖ୍‌ବାସୀ ଆଏ, ଜମିବାଡ଼ି ବଲି କିଛି ନାଇଁ। ବିଧବା ଭତା ଆର ରାଶନ କାର୍ଡ ଖଁଡ଼କ ଏହେଦେ କଏଁଫୁଲର ସଁପତି ହେଇଛେ। ଏନ୍‌ତା ଦହଗଁଜ୍, ଅଭାବ୍ ଅନାଟନରେ କଏଁଫୁଲ ପୁଓର କିକିତ୍ସା କରେଇ ନାଇଁପାରବାର। ସୁମନ୍ତ ଖିଆପିଆ ଚଲାବୁଲା ସବୁ କରୁଛନ୍। ହେଲେ ବରକସିଆ ଜାଡ କି ଖରା ହେଲେ ତାକର ବେମାର ବାହାରିପଡୁଛେ। ସେ ସମିଆରେ କଏଁଫୁଲ ପାଖ୍‌ପଡ଼ିଶା, ପରାପାଟକର ଲୁକ୍‌କର ହାତ୍‌ଗୋଡ଼ ଧରି ଯେନ୍ ଦୁଇ ପଏସା ପାଏସନ୍ ସେଥିରେ କ୍ୱାକ୍‌ନୁ ଚିକିଛା କରୁଛନ୍। ପୁଓର ଉଚ ଚିକିତ୍ସା ଲାଗି ଟଁକା ପଏସାର ବଡ଼ଭାରି ଅଭାବ ରହିଛେ, ଯେନ୍‌ଥିରଲାଗି କଏଁଫୁଲ ଉପେ ଶୂଇନ୍ ହେଇ ପୁଓର ବେମାରକେ ଦବେଇ ଚାଲିଛନ୍। ଡାକ୍ତରକଁର କହେବାର ହେଲା ଯେ ଅପରେଶନ କଲେ ସୁମନ୍ତ ପୂରା ଠିକ୍ ହେଇଯିବେ। ହେଲେ ପୁଓର ଅପରେଶନ, ଉଷୋକସାର ଲାଗି ଏତେ ଟଁକା ଯୁଗାଡ଼ କରବାର କଏଁଫୁଲ ପକ୍ଷେ ସମ୍ଭବ ନୁହେ। ଉପେ ଶୂଇନ୍ ହେଇ ସେ ପୁଓର ଗୁଲଗୁଲା ଦେଖୁଛନ୍। କଏଁଫୁଲ ପୁଓର ଚିକିତ୍ସା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପରଶାସନ ଆର ସହୃଦ୍ ଲୁକ୍‌କୁ ଗୁହାରି କରିଛନ୍।



ନିଜର ଭଂଗା ଦଦ୍‌ରା କୁରିଆରେ ମା'ର ସଂଗେ ସୁମନ୍ତ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

LOAN
ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି। (ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact :
1800120002563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାଙ୍କୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 14 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ହ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






# MOCK TEST PAPER # 2

## JEE (Main) (CHEMISTRY)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** Which of the following is the major solute species in solution of lysine at pH = 10.5?



**2.** What would happen when a solution of potassium chromate is treated with an excess of dilute nitric acid?

(1) $Cr_2O_7^{2-}$ and $H_2O$ are formed (2) $CrO_4^{2-}$ is reduced to +3 state of Cr

(3) $CrO_4^{2-}$ is oxidized to +7 state of Cr (4) $Cr^{3+}$ and $Cr_2O_7^{2-}$ are formed

**3.** Weakest intermolecular forces are present in:

(1) Neoprene (2) Terylene (3) Polystyrene (4) Bakelite

**4.** In the process of extraction of gold,

Roasted gold $O_2$ ore + $CN^-$ + $H_2O \xrightarrow{O_2}$ [X] + $OH^-$; [X] + Zn $\longrightarrow$ [Y] + Au

Identify the complexes [X] and [Y].

(1) $X=[Au(CN)_2]^-$; $Y=[Zn(CN)_4]^{2-}$ (2) $X=[Au(CN)_4]^{3-}$; $Y=[Zn(CN)_4]^{2-}$

(3) $X=[Au(CN)_2]^-$; $Y=[Zn(CN)_5]^{4-}$ (4) $X=[Au(CN)_4]^-$; $Y=[Zn(CN)_4]^{2-}$

**5.** Which of the following statements is **false**?

(1) $H_3PO_2$, $H_3PO_3$ and $H_3PO_4$ all are tribasic and reducing in nature

(2) Among anions $NO_3^-$, $SO_3^{2-}$, $CO_3^{2-}$ and $BO_3^{3-}$, only $SO_3^{2-}$ has pπ–dπ bonding.

(3) Among anions $SO_3^{2-}$ and $SO_4^{2-}$, $SO_3^{2-}$ is basic and reducing in nature.

(4) Number of lone pair(s) of electrons on Xe atoms in $XeF_2$, $XeF_4$ and $XeF_6$ are 3, 2 and 1 respectively

**6.** The product of the reaction between one mole of $XeO_3$ and two mole of $XeF_6$ is :

(1) $XeO_2F_2$ (2) $XeOF_4$ (3) $XeO_3F_2$ (4) $XeO_4$

**7.** Which of the following will not give acidic gas on heating ?

(1) $Pb(NO_3)_2$ (2) $CaCO_3$ (3) $NH_4NO_2$ (4) $NH_4Cl$

**8.** The number of isomers of $[M(gly)_3]$ are:

(1) 2 (2) 4 (3) 1 (4) 6

**9.** The correct order for the wavelengths of absorption in the visible region for the following:

I. $[Ni(NO_2)_6]^{4-}$ II. $[Ni(NH_3)_6]^{2+}$ III. $[Ni(H_2O)_6]^{2+}$ IV. $[NiF_6]^{4-}$

The **correct** choice is:

(1) IV > III > II > I (2) I > II > III > IV (3) III > IV > II > I (4) II > III > I > IV

**10.** A dark violet solid X reacts with $NH_3$ to form a mild explosive which decomposes to give a violet coloured gas. X also reacts with $H_2$ to give an acid Y. Y can also be prepared by heating it's salt with $H_3PO_4$. X and Y are:

(1) $Cl_2$, HCl (2) $SO_2$,$H_2SO_4$ (3) $Br_2$,HBr (4) $I_2$, HI

**11.** In the electrolysis of a $CuSO_4$ solution, how many grams of Cu are plated out on the cathode in the time that it takes to liberate 5.6 litre of $O_2$(g), measured at 1 atm and 273 K, at the anode?

(1) 31.75 (2) 14.2 (3) 4.32 (4) None of these

**12.** An ideal solution contains two volatile liquids A (P° = 100 torr) and B (P° = 200 torr). If mixture contain 1 mole of A and 4 mole of B then total vapour pressure of the distillate is:

(1) 150 (2) 180 (3) 188.88 (4) 198.88

**13.** A certain sample of cuprous sulphide is found to have composition $Cu_{1.8}S$, because of incorporation of $Cu^{2+}$ ions in the lattice. What is the mole % of $Cu^{2+}$ in total copper content in this crystal?

(1) 99.8% (2) 11.11% (3) 88.88% (4) None of these

**14.** Which of the following is correct structure of chloramphenicol ?



**15.** 3.6 gram of oxygen is adsorbed on 1.2 g of metal powder. What volume of oxygen adsorbed per gram of the adsorbent at 1 atm and 273 K? [Use R = 1/12 L atm $K^{-1}$ $mol^{-1}$]

(1) 0.19 L $g^{-1}$ (2) 1 L $g^{-1}$ (3) 2.1 L $g^{-1}$ (4) None of these

**16.** Calculate $E^\circ_{MnO_4^-/MnO_2} = ?$

Given that $E^\circ_{MnO_4^-/Mn^{2+}} = 1.51\,V$, $E^\circ_{MnO_2/Mn^{2+}} = 1.23\,V$

(1) 1.69 (2) –1.69 (3) 1.74 (4) 0.3

**17.** 0.1 M KI and 0.2 M $AgNO_3$ are mixed in 3 : 1 volume ratio. The depression of freezing point of the resulting solution will be : [$K_f(H_2O)$ = 1.86 K kg $mol^{-1}$] (Assume molality = molarity)

(1) 3.72 K (2) 1.86 K (3) 0.93 K (4) 0.279 K

**18.** Given below are a few electrolytes, indicate which one among them will bring about the coagulation of a gold sol quickest and in the least of concentration?

(1) NaCl (2) $MgSO_4$ (3) $Al_2(SO_4)_3$ (4) $K_4[Fe(CN)_6]$

**19.** What will be the order of reaction for a chemical change having log $t_{1/2}$ vs log a ? (where a = initial concentration of reactant; $t_{1/2}$ = half life)




(1) Zero order (2) First order (3) Second order (4) None of these

**20.** The specific conductance of a saturated solution of silver bromide is κ $Scm^{-1}$. The limiting ionic conductivity of $Ag^+$ and $Br^-$ ions are x and y, respectively. The solubility of silver bromide in $gL^{-1}$ is (Molar mass of AgBr = 188)

(1) $\frac{\kappa \times 1000}{x-y}$ (2) $\frac{\kappa}{x+y} \times 188$ (3) $\frac{\kappa \times 1000 \times 188}{x+y}$ (4) $\frac{x+y}{\kappa} \times \frac{1000}{188}$

**21.** 

Incorrect statements regarding above reaction is :

(1) Product A is 2, 4-DNP

(2) A to B is dehydration reaction

(3) A to B, geometrical isomerism will be obtained as a product

(4) B is known as oxime

**22.** Which of the following option is correct ?

I. $C_6H_5CH(C_6H_5)Br$ is more reactive in $S_N1$ reactions than $C_6H_5CH(CH_3)Br$

II. $C_6H_5CH(C_6H_5)Br$ is less reactive in $S_N2$ reactions than $C_6H_5CH(CH_3)Br$

III. An $S_N2$ reaction proceeds with complete stereochemical inversion

The **correct** option is :

(1) I and III (2) I and II (3) I, II and III (4) II and III

**23.** Arrange the following in increasing order of acidity ?

I. Phenol II. Methanol III. o-Nitrophenol IV. p-Nitrophenol V. Water

(1) II < V < I < IV < III (2) II < V < I < III < IV

(3) V < II < I < III < IV (4) V < II < I < IV < III

**24.** In the given setup, identify reagents $R_1$ and $R_2$.



(1) $NaBH_4/H_2O$ $LiAlH_4$ / EtOH ? $H_2O$ (2) $AlH(iso\,Bu)_2/H_2O$ $NaBH_4/H_2O$

(3) $AlH(iso\,Bu)_2/H_2O$ $LiAlH_4$ / EtOH ? $H_2O$ (4) $SnCl_2$/HCl DIBAL -H/$H_2O$

**25.** A mixture of $CH_3CHO$ and $CH_3CH_2CHO$ is heated with an alkaline solution to give a mixture of cross-products. The products obtained are treated with hot acidic $KMnO_4$ to give various products. Which of the following option about product is correct about oxidation products ?

(1) $CH_3CHO$, $CH_3COCOOH$, $(CHO)_2$, $CH_3COOH$

(2) $CH_3COOH$, $CH_3CH_2COOH$, $CH_3COCOOH$, $(COOH)_2$

(3) $CH_3COOH$, $CH_3CH_2COOH$, $CH_3COCHO$, $(CHO)_2$

(4) $CH_3COOH$, $CH_3COCHO$, $CH_3COCOOH$, CHO.COOH

**26.** The boiling point of following isomeric hexanes is in order:



(1) III < II < I < IV (2) III < II < IV < I (3) I < IV < II ~ III (4) III < IV < II < I

**27.** In the following reaction sequence :



The compound (C) is:

(1) p-nitro phenol (2) 2, 4-Dinitrophenol (3) 2,4,6-Trinitrophenol (4) o-nitrophenol

**28.**  Product.

The end product formed is:



**29.** The end product **(3)** of the reaction is:

Ethyl amine $\xrightarrow{HNO_2}$(1)$\xrightarrow{PCl_5}$(2)$\xrightarrow{KCN}$(3)

(1) Propanenitrile (2) triethylamine (3) diethylamine (4) propylamine

**30.** Which of the following represents the anomer of the compound shown?



 (4) None of these

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଉତ୍କୃଷ୍ଟ ନଡ଼ିଆ ତେଲ



ଡା.ଦ୍ୱିଜେଶ କୁମାର ପଣ୍ଡା



ନଡ଼ିଆ ତେଲ ଉତ୍ତମ ଖାଦ୍ୟମାନଙ୍କ ଭିତରେ ତୃତୀୟ। ଏଥିରେ ଥିବା ପରିତୃପ୍ତ ମେଦାମ୍ଳ(ମଧ୍ୟମ ଧରଣର ଟ୍ରାଇଗ୍ଲିସେରାଇଡ୍) ସ୍ୱାସ୍ଥ୍ୟକର ଚର୍ବି ମଧ୍ୟରେ ଅନ୍ୟତମ। ଲରିକ ଓ କାପ୍ରିଲିକ ଅମ୍ଳ (ଏସିଡ୍) ମଧ୍ୟମ ଧରଣ ଟ୍ରାଇଗ୍ଲିସେରାଇଡ୍‌ରୁ ଶରୀର ଶକ୍ତି ସଂଗ୍ରହ କରେ। ତେଣୁ ନଡ଼ିଆ ତେଲ ଖେଳାଳି ଓ ମଲ୍ଲ ଯୋଦ୍ଧାମାନଙ୍କୁ ଯଥେଷ୍ଟ ଶକ୍ତି ପ୍ରଦାନ କରେ; କିନ୍ତୁ ସାମାନ୍ୟ ଚର୍ବି ଦେହରେ ଜମିବାକୁ ଦିଏନାହିଁ। ୨୦୦୯ ବର୍ଷରେ ବ୍ରାଜିଲରେ ୨୦ ବର୍ଷରୁ ୪୦ ବର୍ଷ ମଧ୍ୟରେ ପେଟରେ ଅତ୍ୟଧିକ ଚର୍ବି ବସିଥିବା ମହିଳାମାନଙ୍କ ଉପରେ ଗବେଷଣା କରାଯାଇଥିଲା। ସେମାନଙ୍କୁ ନଡ଼ିଆ ଓ ସୋୟାବିନ୍ ତେଲରେ ତିଆରି ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କ୍ୟାଲରି ସମାନ ରଖାଯାଇଥିଲା। ପ୍ରତିଦିନ ୫୦ ମିନିଟ୍ ଚାଲିବାକୁ କୁହାଗଲା। ଗବେଷଣା ଶେଷରେ ଦେଖାଗଲା ନଡ଼ିଆ ତେଲ ଖାଇଥିବା ମହିଳାମାନଙ୍କର ରକ୍ତରେ କୋଲେଷ୍ଟରଲ ପରିମାଣ ହ୍ରାସ ଘଟିଲା। ଏହା ହୃଦ୍‌ଘାତ ନ ହେବାରେ ସାହାଯ୍ୟ କରେ। ନଡ଼ିଆ ତେଲ ତୁଳନାରେ ସୋୟାବିନ୍ ତେଲ ଖାଇଥିବା ମହିଳାମାନଙ୍କର ଶରୀରର ଘନତ୍ୱ ସମାନ ଥିଲେ ମଧ୍ୟ ଅଣ୍ଟାର ପରିଧି ବୃଦ୍ଧି ହେଲା। ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଓ ଅପ୍ରତ୍ୟାଶିତ ତଥ୍ୟ ଉନ୍ମୋଚିତ ହେଲା। ତାହା ହେଉଛି ନଡ଼ିଆ ତେଲ ଖାଉଥିବା ମହିଳାମାନଙ୍କର ସ୍ୱାଭାବିକ ଭାବରେ ଶ୍ୱେତସାର ଖାଦ୍ୟ ଖାଇବା କମିଗଲା ଏବଂ ପ୍ରୋଟିନ୍, ତନ୍ତୁ ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଇଲେ। ୨୦୦୩ ମସିହାରେ ପ୍ରକାଶିତ ଅନ୍ତଃରାଷ୍ଟ୍ରୀୟ ପୃଥୁଳତା ଗବେଷଣା ପତ୍ରିକା ଅନୁଯାୟୀ ନଡ଼ିଆ ତେଲ ଖାଇଲେ ଶରୀରର ଆବଶ୍ୟକଠାରୁ ଅଧିକ ଶକ୍ତିକ୍ଷୟ ହୋଇ ପେଟରେ ଜମିଥିବା ଚର୍ବି କମିଯାଏ।

ଊନବିଂଶ ଶତାବ୍ଦିର ସପ୍ତମ ଦଶକରେ ପ୍ରଶାନ୍ତ ମହାସାଗର ଓ ଏସିଆ ମହାଦେଶର ଦ୍ୱୀପମାନଙ୍କରେ ବାସ କରୁଥିବା ଅଧିବାସୀଙ୍କ ଉପରେ ଗବେଷଣା ହୋଇଥିଲା। ସେମାନଙ୍କ ଖାଦ୍ୟରେ ବେଶି ପରିମାଣର ନଡ଼ିଆ ତେଲ ବ୍ୟବହାର ହେଉଥିଲା। ଆଶ୍ଚର୍ଯ୍ୟର କଥା ସେମାନଙ୍କର ହୃଦ୍‌ଘାତ, କ୍ୟାନସର ଓ ଅବକ୍ଷୟ ଜନିତ ରୋଗଗୁଡ଼ିକ ହେଉ ନ ଥିଲା। ଦ୍ୱୀପ ଗୁଡ଼ିକର ଅଧିବାସୀମାନେ ନଡ଼ିଆକୁ ଖାଦ୍ୟରେ ଅଧିକ ବ୍ୟବହାର କରୁଥିବାରୁ ରକ୍ତବାହୀ ଧମନୀ କଠିନ ହେଉ ନ ଥିଲା, ବୃହଦନ୍ତ୍ରରେ କ୍ୟାନସର୍ ହେଉ ନ ଥିଲା, ଖାଦ୍ୟ ଭଲ ହଜମ ହେଉଥିଲା। ସେମାନେ ସୁସ୍ଥ ଓ ପତଳା ଥିଲେ। କିଡ୍‌ନୀ ରୋଗ ଓ ରକ୍ତଚାପ ରୋଗ ଦେଖା ନ ଥିଲା। ଦ୍ୱୀପର ଅଧିବାସୀମାନେ କାଳକ୍ରମେ ବଡ଼ ସହରକୁ ଆସି ବସବାସ କଲେ। ଖାଦ୍ୟ ପ୍ରଣାଳୀ ବଦଳି ଗଲା। ଆଉ ନଡ଼ିଆ ଖାଇଲେ ନାହିଁ, କିମ୍ବା ନଡ଼ିଆ ତେଲ ବ୍ୟବହାର କଲେ ନାହିଁ। ବହୁ ଅସଂତୃପ୍ତ ଉଦ୍ଭିଦ ତେଲ ଖାଇଲେ। ଫଳରେ ସେମାନଙ୍କର ହୃଦ୍‌ଘାତ ବହୁ ପରିମାଣରେ ବଢ଼ିଗଲା।

ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟ୍ରେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ। ଦଶ ପ୍ରକାର ଭୂତାଣୁ ନଡ଼ିଆରେ ଥିବା ଲରିକ ଏସିଡ୍ ଦ୍ୱାରା ଅକାମି ହୋଇଯାଆନ୍ତି। ଅନ୍ତ୍ରନଳୀରେ ଥିବା ଉପକାରୀ ଜୀବାଣୁ ଉପରେ ଏହାର କୁପ୍ରଭାବ ନ ଥାଏ। କିନ୍ତୁ ଅପକାରୀ ଜୀବାଣୁମାନଙ୍କୁ ନଷ୍ଟ କରିଦିଏ। ଫଙ୍ଗସ୍ ଅନ୍ତ୍ରରେ ତିଷ୍ଠି ପାରନ୍ତି ନାହିଁ। ଖାଦ୍ୟ ଭଲ ହଜମ ହୁଏ ଓ ଅନ୍ତ୍ର କାନସର୍ ଦୂର ହୁଏ।

> "ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟ୍ରେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ।"

ନଡ଼ିଆ ତେଲ ଗୋଟିଏ ପ୍ରାକୃତିକ ପ୍ରତିକାରକ। ଏହା ଶରୀରରେ ସୃଷ୍ଟି ହେଉଥିବା ଓ ଜୀବକୋଷମାନଙ୍କୁ ନଷ୍ଟ କରି ଦେଉଥିବା ରିକ୍ତାଣୁମାନଙ୍କୁ ଅକାମି କରିଦିଏ। ଅନ୍ତ୍ରରୁ କାଲସିଅମ, ମାଗ୍ନେସିଅମ ଓ ଆମିନୋ ଏସିଡ୍ ଗୁଡିକୁ ସହଜରେ ଅବଶୋଷଣ କରେ। ଘା'ରେ ଲଗାଇଲେ ଶୁଖିଯାଏ। ନଡ଼ିଆ ନିୟମିତ ଖାଇଲେ ହାଡ଼ର ଘନତ୍ୱ ବୃଦ୍ଧି ହୁଏ। ବାର୍ଦ୍ଧକ୍ୟରେ ଜାଲ ଅସ୍ଥି ଜନିତ ଗଣ୍ଠି ବିନ୍ଧା ହୁଏ ନାହିଁ। ନଡ଼ିଆ ତେଲରେ ପରିତୃପ୍ତ(Saturated) ମେଦାମ୍ଳ ଥାଏ। ତଥାପି ଅନ୍ୟ ତେଲ ପରି ଏଥିପାଇଁ ଭୟଭୀତ ହେବା ଉଚିତ ନୁହେଁ। ଏହି ତେଲ ରକ୍ତରେ ଥିବା ମନ୍ଦ କୋଲେଷ୍ଟରଲକୁ ଭଲ କୋଲେଷ୍ଟରଲରେ ରୂପାନ୍ତରିତ କରେ। ଏହାକୁ ଗ୍ରୀଷ୍ମମଣ୍ଡଳୀୟ ତେଲ କୁହାଯାଏ। ବହୁ ଯୁଗ ହେଲା ଅନେକ ଲୋକଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ହେଉଛି ନଡ଼ିଆ। ସେମାନେ ସୁସ୍ଥ ଜୀବନ ଯାପନ କରୁଛନ୍ତି। ଏହା ଆମେରିକାର ବିଖ୍ୟାତ ହାର୍ଭାଡ ମେଡିକାଲ ସ୍କୁଲର ଗବେଷକମାନଙ୍କର ମତ।

ଶ୍ୱେତସାର ଖାଦ୍ୟ ନ ଖାଇଲେ ଶରୀର କିଟୋନ ତିଆରି କରେ। କିଟୋନ ଚର୍ବି ଜାତୀୟ ଖାଦ୍ୟରୁ ମିଳେ। ଏହା ଶରୀର ପାଇଁ ଶକ୍ତିଦାୟକ ପଦାର୍ଥ। ମସ୍ତିଷ୍କ, ମାଂସପେଶୀ ଓ ହୃତପିଣ୍ଡକୁ ଶକ୍ତି ପ୍ରଦାନ କରେ। କିଟୋନ୍ ପ୍ରଦାନ କରୁଥିବା ନଡ଼ିଆ ନିୟମିତ ଖାଇଲେ ଶିଶୁମାନଙ୍କର ଅପସ୍ମାର ରୋଗ ଭଲ ହୋଇଯାଏ। ନଡ଼ିଆରେ ଥିବା ଖାଦ୍ୟ ନିୟମିତ ମସ୍ତିଷ୍କ ସୁସ୍ଥ ରଖେ। ଏହା ସହିତ ଶର୍କରା ଥିବା ଖାଦ୍ୟ ଯଥେଷ୍ଟ କମ୍ ଖାଇବା ଉଚିତ। ନଚେତ୍ ସୁଫଳ ମିଳିବ ନାହିଁ। ନଡ଼ିଆ ତେଲରେ ନିମ୍ନମାନର ପରିବର୍ତ୍ତିତ ତେଲ(Transfat)ମିଶା ଯାଇଥାଏ। ଏହା ଅଶେଷ କ୍ଷତିକାର। ତେଣୁ ଶୁଦ୍ଧ ନଡ଼ିଆ ତେଲ ବ୍ୟବହାର ବିଧେୟ। ଅଧିକ ଉତ୍ତାପରେ ତିଆରି ଓ ରସାୟନିକ ମିଶ୍ରିତ ତେଲ ବିପଜ୍ଜନକ। ମିଶ୍ରିତ ତେଲକୁ ୧୮୦ ଡିଗ୍ରୀ ଉତ୍ତାପରେ ଗରମ କଲେ ଧୂଆଁ ବାହାରେ। ଏହା ଖାଇବା ଅନୁଚିତ୍। ଘରେ ମରା କମ୍ ଉତ୍ତାପରେ ତିଆରି ନଡ଼ିଆ ତେଲ ଚର୍ମରେ ଲଗାଇଲେ ଓ ଗୋଡ଼ର ଆଙ୍ଗୁଠି ସନ୍ଧିରେ ନିୟମିତ ବ୍ୟବହାର କଲେ ଘା' ଶୁଖିଯାଏ ଓ ଫଙ୍ଗସ୍ ସଂକ୍ରମଣ ଦୂର ହୁଏ। ନଡ଼ିଆକୁ କୋଠରି ଉତ୍ତାପରେ କଳରେ ଚାପି କିମ୍ବା ଘଣାରେ ପେଶି ସଂଗୃହୀତ ତେଲକୁ ଖାଇଲେ କିମ୍ବା ଚର୍ମରେ ଲଗାଇଲେ ଅନେକ ସୁଫଳ ମିଳେ। ଏହା ଉତ୍କୃଷ୍ଟ ତେଲରେ ଗଣା। ବଜାରରେ ଉପଲବ୍ଧ ଅନେକ ନଡ଼ିଆ ତେଲ ବିଶୁଦ୍ଧ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ।

-ବରିଷ୍ଠ ବୈଜ୍ଞାନିକ (ପୁରସ୍କୃତ)
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭

## ସ୍ୱାସ୍ଥ୍ୟ ସୂଚନା



- ଆପଣ ଥଣ୍ଡାଜନିତ ସମସ୍ୟାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏଥିରୁ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଯଦି ଆପଣ ଛତୁ ଖାଆନ୍ତି ତେବେ ଥଣ୍ଡାରୁ ଆପଣ କେତେକାଂଶରେ ଉପଶମ ଲାଭ କରିପାରିବେ। ଛତୁରେ ଥିବା ବିଟା ଗ୍ଲୁକାନ୍ସ ନାମକ ତତ୍ତ୍ୱ ଥଣ୍ଡା ଯୋଗୁ ଶରୀରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆକୁ ପ୍ରତିହତ କରିଥାଏ।
- ଆପଣ ନିୟମିତ ମହୁ ଖାଇଲେ ତାହାର ଅନେକ ଉପକାରୀ ପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ଶରୀରରେ ଥିବା ଅନିଷ୍ଟକାରୀ ବ୍ୟାକ୍ଟେରିଆଗୁଡିକର ବଂଶ ବିସ୍ତାର କରିବାକୁ ଏହା ଦେଇ ନ ଥାଏ।
- ଯଦି ଆପଣ ଶରୀରରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ।
- ଔଷଧ ଖାଇବାକୁ କେତେକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ଏଭଳି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ। ଯଦି କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଅଛି ତେବେ ଡାକ୍ତରଙ୍କର ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।
- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଖାଇବାର ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଏକାଥରେ ପୁଳାଏ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।
- ଅଯଥା କଥାକୁ ନେଇ ଟେନସନକୁ ଡାକି ଆଣନ୍ତୁ ନାହିଁ। ଏହାଦ୍ୱାରା ଭବିଷ୍ୟତରେ ଆପଣ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ଅନିଦ୍ରା ସମସ୍ୟା ବଢ଼ାଏ ଚା'



ଚା' ପିଇବା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଥାଏ। ଅନ୍ୟପକ୍ଷରେ କ୍ଳାନ୍ତ ତଥା ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲକା କରେ ଚା'। ହେଲେ ଏହାର ପରିମାଣ ଅଧିକ ହୋଇଗଲେ ତାହା ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା ସୃଷ୍ଟି କରିଥାଏ। ବିଶେଷକରି ଏହା ଅନିଦ୍ରା ପରି ସମସ୍ୟାକୁ ବଢ଼ାଇ ଦେଇଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। ଚା' ପିଇବାକୁ ଅଭ୍ୟାସରେ ପରିଣତ କରିଥିବା କେତେକ ବ୍ୟକ୍ତିଙ୍କର କି କି ଶାରୀରିକ ସମସ୍ୟା ରହୁଛି ତାହାକୁ ତର୍ଜମା କରାଯାଇଥିଲା। ବିଶେଷଭାବରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କଠାରେ ଅନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଆବଶ୍ୟକତାଠାରୁ ଅଧିକ ଥର ଚା' ପିଇଲେ ବହୁମୂତ୍ର ପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି କି ଏହାଦ୍ୱାରା ଯକୃତ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯାଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଟେନସନ୍ ଦୂର କରିବ ରୋବୋଟ



ରୋବୋଟର ବ୍ୟବହାର ଆଜିକାଲି ଅନେକ କ୍ଷେତ୍ରରେ କରାଗଲାଣି। ଦିନକୁଦିନ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ରୋବୋଟ ପ୍ରସ୍ତୁତ କରିବାରେ ବୈଜ୍ଞାନିକ ଲାଗିପଡିଛନ୍ତି। ନିକଟରେ ଏ କ୍ଷେତ୍ରରେ ଜାପାନର ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଆଉ ଏକ ସଫଳତା ଅର୍ଜନ କରିଛନ୍ତି । ସେମାନେ ଏଭଳି ଏକ ରୋବୋଟ ପ୍ରସ୍ତୁତ କରିଛନ୍ତି ଯାହା ଟେନସନ ଦୂର କରିବାରେ ସହାୟକ ହୋଇପାରିବ। ଯଦି ଆପଣ ଟେନସନ୍‌ରେ ଅଛନ୍ତି ତେବେ ଏହି ରୋବୋଟ ସାମନାରେ ବସି କଥା ହେଲେ ସେ ସେଥିରୁ ମୁକ୍ତି ପାଇବାର ସହଜ ଉପାୟ ସମ୍ପର୍କରେ ସୂଚନା ଦେବ। କେବଳ ସେତିକି ନୁହେଁ, ନିଜ ମନ ପସନ୍ଦର ଗୀତ ଶୁଣିବାକୁ ଏହାର ସହାୟତା ନେଇପାରିବେ। ନିଜ ମନ ପସନ୍ଦର ଗୀତ କିମ୍ବା ଭିଡିଓ ଦେଖିବା ଦ୍ୱାରା ଟେନସନଗ୍ରସ୍ତ ବ୍ୟକ୍ତିଙ୍କ ମନ କେତେକାଂଶରେ ହାଲକା ହୋଇଥାଏ। ତେବେ ଏହି ସମୟରେ ନିଜର ମାନସିକତା ସକାରାତ୍ମକ ରହିବା ନିହାତି ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟରକ୍ଷାରେ ବ୍ୟାୟାମ

(ଶେଷ ଭାଗ)

ଆମେ ଟିଭିରେ ଜଣେ ମାନବ ସମ୍ବାଦ-ଉପସ୍ଥାପନ କରିବା ବିଷୟ ସଂପ୍ରତି ଦେଖି ଆସୁଛେ। କିନ୍ତୁ ଚାଇନାର 'ୟାନୁହା' ସମ୍ବାଦ ସରବରାହ ସଂସ୍ଥା ୨୦୧୮ ନଭେମ୍ବରରେ ବିଶ୍ୱରେ ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିଯୁକ୍ତ ସମ୍ବାଦ ଉପସ୍ଥାପନ ବ୍ୟବହାର କଲା ଟେଲିଭିଜନ ଚ୍ୟାନେଲ୍‌ରେ। ସତେ ଯେମିତି ଆଉ କିଛିଦିନ ପରେ ରକ୍ତ ମାଂସର ଏହି ମଣିଷ ପୃଥିବୀ ପାଇଁ ଏକ ଅଲୋଡ଼ା ଜୀବ ହୋଇଯିବ। ଏଣିକି ଘର ଝାଡୁ କରିବା, ଧୁଆ ଧୋଇ କରିବା, ପରିବା କାଟିବା, ରୋଷେଇ ଶାଳରେ ରାନ୍ଧିବା ଇତ୍ୟାଦି ଜଣେ ବ୍ୟକ୍ତିକୁ ଦରକାର ପଡ଼ିବ ନାହିଁ। ବଜାରରୁ ପରିବା ଓ ହୋଟେଲରୁ ଖାଦ୍ୟ ମଗାଇବାକୁ ଥିଲେ ଅନ୍‌ଲାଇନ୍‌ରେ ମେସେଜ୍ ଦ୍ୱାରା କରାଯାଇପାରିବ। ବିଲ୍ ମଧ୍ୟ ଇ-ପେମେଣ୍ଟରେ କାର୍ଡ ଦ୍ୱାରା ପୈଠ କରିହେବ। ଫଳରେ ଘରୁ ବାହାରକୁ ଗୋଡ଼ ବାହାର ନ କରି ଆମେ ବସି ବସି ଯାବତୀୟ କାମ କରିପାରିବା।

କିନ୍ତୁ ଏହି ସୁଖ ସ୍ୱାଚ୍ଛନ୍ଦ୍ୟ ତତ୍କାଳିକ। ଏହାର ଭବିଷ୍ୟତରେ ପରିଣାମ ଭୟପ୍ରଦ ହେବା ସମ୍ଭବପର। ଆମ ବାପା ଗୋସେଇଁ ବାପା ବୃଦ୍ଧାବସ୍ଥାରେ ମଧ୍ୟ ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ଅତୁଟ ସ୍ୱାସ୍ଥ୍ୟ ଉପଭୋଗ କରୁଥିଲେ। ସେମାନଙ୍କ ଦାନ୍ତ ପଡୁ ନ ଥିଲା, ମୁଣ୍ଡରୁ କେଶ ଝଡୁ ନ ଥିଲା, ଏପରି କି କେଶ ପକ୍ୱ ହେଉ ନ ଥିଲା, ଅଣ୍ଟା ନଇଁ ନ ଥିଲା, ଦୃଷ୍ଟିଶକ୍ତି ତୀକ୍ଷ୍ଣ ଓ ଅତୁଟ ରହୁଥିଲା ଇତ୍ୟାଦି। ଏହାର ମୁଖ୍ୟ କାରଣ ହେଉଛି ସେମାନଙ୍କ ଶାରୀରିକ ପରିଶ୍ରମ। ସେମାନେ କର୍ମ-ବିମୁଖ ନ ଥିଲେ। ଆଜିକାଲି ଚାଷୀ, ମୂଲିଆ, ଖେଳାଳିଙ୍କୁ ଛାଡ଼ିଦେଲେ, ଅନ୍ୟମାନେ ଅନେକାଂଶରେ ରୁଗ୍ଣ ଓ ଅକାଳ ବାର୍ଦ୍ଧକ୍ୟର ଶିକାର। ଏପରି କି ମେଦବୃଦ୍ଧି ଆମମାନଙ୍କ ଏକ ସାଧାରଣ ଲକ୍ଷଣ ହୋଇଗଲାଣି। ଏହି ଦୁର୍ଦ୍ଦଶା ପାଇଁ ଆମେ ଅତ୍ୟାଧୁନିକ ଯାନ୍ତ୍ରିକ ବ୍ୟବସ୍ଥା(ଟେକ୍‌ନିକାଲ ଡିଭାଇସ)କୁ ଦୋଷ ଦେଇପାରୁ। ଅତୀତରେ ଭେଷଜ ବିଜ୍ଞାନ ଆଜିକାଲି ପରି ଏତେ ଉନ୍ନତ ନ ଥିଲେ ସୁଦ୍ଧା, ସେମାନଙ୍କ ସୁସଂଗତ ଜୀବନଶୈଳୀ ଯୋଗୁ ସେମାନେ ଅନେକ ରୋଗକୁ ଏଡ଼ାଇ ପାରୁଥିଲେ। ଆଜିକାଲି ବିଶ୍ୱବ୍ୟାପୀ ମେଦବହୁଳତା ବୃଦ୍ଧି ସୁସ୍ଥ ଜୀବନ ଯାପନ ସକାଶେ ଏକ ବିରାଟ ସମସ୍ୟା ରୂପେ ପରିଦୃଷ୍ଟ ହେଲାଣି। ସତରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଗୁରୁତ୍ୱ ଦୃଷ୍ଟିରୁ ଆମେ କରିବାକୁ ବାର୍ଦ୍ଧକ୍ୟବୟସ ନିର୍ବିଶେଷରେ ସ୍ଥୂଳତା ସମସ୍ୟାରୁ ଉଦ୍‌ବେଗଜନକ ସ୍ଥିତି ଉଦ୍‌ଭବ ହୋଇଛି। ଏହି ପ୍ରସଙ୍ଗଟି ବିଭିନ୍ନ ଗବେଷକ ଦଳ ଗମ୍ଭୀରତାର ସହ ଅନୁଧ୍ୟାନ କରିଛନ୍ତି। ଏହା ଅତ୍ୟନ୍ତ ଉପାଦେୟ ଏବଂ ଜରୁରୀ। ମେଦବହୁଳତାର ମାତ୍ରା ନିର୍ଣ୍ଣୟ କରିବା ପାଇଁ ଗୋଟିଏ ଅନୁସନ୍ଧାନକାରୀ ଦଳ ଗବେଷଣା ବିଶ୍ୱର ୧୯୫ଟି ଦେଶରେ ଦୀର୍ଘ ୧୯୮୦ ରୁ ୨୦୧୫ ମସିହା ମଧ୍ୟରେ ଡାଟା ସଂଗ୍ରହ କରିଛନ୍ତି। ସେମାନଙ୍କ ନିଷ୍କର୍ଷ ଦ ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶ ପାଇଛି। ଏଥିରୁ ଜଣାଯାଏ ଯେ ଶିଶୁ ଓ ବୟସ୍କଙ୍କୁ ମିଶାଇ ୨ ଦଶମିକ ୨ ବିଲିୟନ (ଶହେ କୋଟି ଏକରେ ନଅଟି ଶୂନ) ବ୍ୟକ୍ତିଙ୍କ କାୟା ସ୍ଥୂଳ। ଏଥିମଧ୍ୟରୁ ୬୦୦ ମିଲିୟନ (ନିୟୁତ ବା ଦଶ ଲକ୍ଷ) ହେଉଛନ୍ତି ବୟସ୍କ। କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ୭୯ ଦଶମିକ ୪ମିଲିୟନ ଜଣ ମୋଟା ଯାହାକି ସର୍ବାଧିକ ତା' ତଳକୁ ୭ ଦଶମିକ ୩ ମିଲିୟନ ସଂଖ୍ୟକ ମୋଟା ଲୋକ ଚାଇନାରେ ଅଛନ୍ତି। ତେବେ ଯେଉଁ ୧୦୮ ମିଲିୟନ ଶିଶୁ ସ୍ଥୂଳକାୟ, ଏମାନଙ୍କ ମଧ୍ୟରେ ଚାଇନା ରହିଛି ସର୍ବାଗ୍ରେ (୧୫ ଦଶମିକ ୩ ମିଲିୟନ ଏବଂ ଉଦ୍‌ବେଗର ବିଷୟ ହେଉଛି ଯେ, ୧୪ ଦଶମିକ ୪ ମିଲିୟନ ମୋଟା ଶିଶୁ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ଦୃଷ୍ଟିରୁ ଭାରତ ଉକ୍ତ ସମସ୍ୟାକୁ ଅଣଦେଖା କରିପାରିବ ନାହିଁ। ମେଦବୃଦ୍ଧି ପଛରେ ଏକାଧିକ କାରଣ ଅଛି, ଯଥା: ଅସନ୍ତୁଳିତ ଆହାର, ଯାନ୍ତ୍ରିକ ଉପକରଣର ପ୍ରାବଲ୍ୟ ଏବଂ ଜିନ୍‌ର ଅବଦାନ। ଜୀବନ ଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରିପାରିଲେ ପ୍ରଥମ ଦୁଇଟି କାରଣରୁ ଆମେ ବର୍ତ୍ତିଯିବା। କିନ୍ତୁ ଜିନ୍‌ଜନିତ ଦୋଷରୁ ମୁକୁଳିବା ଏକ ଭିନ୍ନ ପ୍ରସଙ୍ଗ ଏବଂ ପ୍ରତିକାର ଜଟିଳ ଓ କଷ୍ଟସାଧ।

ସମସ୍ତେ ଊଣା ଅଧିକେ ସଚେତନ ଯେ, ସୁସ୍ଥ ଶରୀର ପାଇଁ ବ୍ୟାୟାମ ଆବଶ୍ୟକ। ସକାଳୁ ଉଠି ସୂର୍ଯ୍ୟୋଦୟକାଳୀନ ଆଲୋକରେ ମୁକ୍ତ ବାୟୁ ପ୍ରଭାତ ଭ୍ରମଣ ବେଳେ ସେବନକଲେ, ଆମେ ରୋଗ ଦାଉରୁ ରକ୍ଷା ପାଇବା। ସେମିତି ଆମେ ଜୀବନ ସମୟ ଅନୁଗାମୀ ବୃତ୍ତିରେ ଏତେ ନିବିଡ଼ ଭାବେ ନିମଜ୍ଜିତ ଯେ, କାର୍ଯ୍ୟାଳୟରୁ ଘରକୁ ଫେରିଲେ ଆରାମରେ ବିଶ୍ରାମ ନେଉ ଏବଂ ଛୋଟ ମୋଟ କାମ କରିବାକୁ ପଶ୍ଚାତପଦ ହୋଇ ଖମ୍ବଆଳୁ ପରି ବସି ରହୁ। ତେଣୁ ଯଦି ଦୈହିକ ତତ୍ପରତା ପାଇଁ ଆମେ ପରାଂମୁଖ, ଏହା ପଛରେ କେବଳ ସାଂପ୍ରତିକ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରାବଲ୍ୟ ନୁହେଁ; ଦୀର୍ଘ ଅତୀତ ଆମ ଶରୀରରେ ଆସ୍ଥାନ ଜମାଇଥିବା ଜିନ ମଧ୍ୟ ଦାୟୀ। ମୋଟା ହେବା ମଣିଷର ଏକ ସହଜାତ ଲକ୍ଷଣ। ସ୍ଥୂଳ ହେବାରେ କିଛି ବୈଚିତ୍ର୍ୟ ନାହିଁ । ତେଣୁ ଏହି ପୃଷ୍ଠଭୂମିରେ ସତର୍କତା ବିଧେୟ। ଏହା ଅନସ୍ୱୀକାର୍ଯ୍ୟ ଯେ, ବର୍ତ୍ତମାନ ଯାନ୍ତ୍ରିକ ଯୁଗରେ ଉପକରଣର ବ୍ୟବହାରକୁ ଆମ ଦୈନନ୍ଦିନ ଜୀବନରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିପାରିବା ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ଅନୁକୂଳ ଜୀବନ ଶୈଳୀ (ସୁଷମ ଖାଦ୍ୟ ସହ ନିମ୍ନତମ ବ୍ୟାୟାମ) କଡ଼ାକଡି ଭାବେ ନିର୍ବାହ କରିବାକୁ ପଡିବ। ତତ୍ ସହ ଗ୍ୟାଜେଟ ପ୍ରତି ମୋହକୁ ଯଥା ସମ୍ଭବ ସଙ୍କୋଚନ କରିବା ଜରୁରୀ। କାରଣ ବିଗତ ଜିନ୍ ଆମର ଅନିଚ୍ଛା ସତ୍ତ୍ୱେ ଆମ ଶରୀରକୁ ମୋଟା ସୋଟା କରିବାକୁ ଅହରହ ଚେଷ୍ଟିତ ଥାଏ। ଆଳସ୍ୟ ପ୍ରବୃତ୍ତିକୁ ଉତ୍ସାହିତ କରି ବଳିଷ୍ଠ କରାଏ।



-ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର, ମୋ: ୯୪୩୭୦୨୬୬୫୧

## ସଂକ୍ଷେପରେ

### ମୋବାଇଲ ଆପ୍ ଜରିଆରେ ଦୃଷ୍ଟିବାଧିତ ଚିହ୍ନିପାରିବେ ନୋଟ୍



ନୂଆଦିଲ୍ଲୀ,୩୦-୧୨: ଦୃଷ୍ଟିବାଧିତ ଯେପରି ସହଜରେ ନୋଟ୍ ଚିହ୍ନିପାରିବେ ସେଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଏଥିଲାଗି ଆର୍‌ବିଆଇ ମୋବାଇଲ ଫୋନ ଆପ୍ ଆଧାରିତ ସମାଧାନ ଖୋଜିଛି। ବର୍ତ୍ତମାନ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନୋଟ୍‌କୁ ଏଭଳି ଭାବେ ଛପାଯାଇଛି(ଇଣ୍ଟେଗଲିୟୋ ପ୍ରିଣ୍ଟିଂ) ଯାହାଦ୍ୱାରା ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ଏହାକୁ ଛୁଇଁ ନୋଟ୍‌ର ମୂଲ୍ୟ ଜାଣିପାରିବେ। ସୂଚନାଥାଉ କି, ଦେଶରେ ବର୍ତ୍ତମାନ ୧୦,୨୦,୫୦, ୧୦୦, ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି। ଦେଶରେ ଏବେ ପ୍ରାୟ ୮୦ଲକ୍ଷ ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ରହିଛନ୍ତି,ଯେଉଁମାନେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ଯୋଗୁ ଉପକୃତ ହେବେ। ଉଲ୍ଲେଖ କରାଯାଇପାରେ ଯେ, ଦୃଷ୍ଟିବାଧିତ ଯେପରି ମୁଦ୍ରାକୁ ଚିହ୍ନିପାରିବେ ସେନେଇ ଏଭଳି ଉପକରଣ ଅଥବା ବ୍ୟବସ୍ଥା ବିକଶିତ କରିବା ଲାଗି ପ୍ରୟାସ କରାଯାଉଛି ବୋଲି ଜୁନ୍‌ରେ ଆର୍‌ବିଆଇ ପ୍ରକାଶ କରିଥିଲା। ଏଥିଲାଗି ନିଲାମ ଡକାଯାଇସାରିଛି।

### ଋଣଖିଲାପୀଙ୍କଠାରୁ ଆଦାୟ ହୋଇଛି ୪୦,୪୦୦କୋଟି

ମୁମ୍ବାଇ,୩୦-୧୨: ଚଳିତ ଆର୍ଥିକ ବର୍ଷରେ ଫଶିଯାଇଥିବା ଋଣ ବା ଅନାଦାୟ ଋଣ ଆଦାୟରେ ବ୍ୟାଙ୍କଗୁଡିକ ବେଶ ସଫଳତା ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାପଡିଛି। ମାର୍ଚ୍ଚ ୨୦୧୮ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୪୦,୪୦୦ କୋଟି ଟଙ୍କାର ଅନାଦାୟ ଋଣକୁ ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୧୭ରେ ଏହା ୩୮,୫୦୦ କୋଟି ଟଙ୍କାର ଅନାଦାୟ ଋଣ ଫେରି ପାଇଥିଲା। ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଯାହାକୁ ଦେବାଳିଆ ଆଇନ କୁହାଯାଉଛି ଏବଂ ସରଫେସି(ସିକ୍ୟୁରିଟାଇଜେଶନ ଆଣ୍ଡ୍ ରିକନଷ୍ଟ୍ରକଶନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ) ଆଇନରେ ସଂଶୋଧନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି। ଏହାଛଡ଼ା ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ଏବଂ ଲୋକ ଅଦାଲତଗୁଡିକ ଜରିଆରେ ମଧ ଫଶିଥିବା ଋଣକୁ ଆଦାୟ କରାଯାଇପାରିଛି। ଏଥିରେ କୁହାଯାଇଛି ଯେ, ଆଇବିସି ଜରିଆରେ ବ୍ୟାଙ୍କଗୁଡିକ ୪୯୦୦ କୋଟି ଟଙ୍କା ଓ ସରଫେସିରେ ୨୬,୫୦୦ କୋଟି ଟଙ୍କା ଆଦାୟ କରିପାରିଛନ୍ତି।

### ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟ ନିଯୁକ୍ତ କରାଯିବ ବିଶ୍ୱର ଟପ୍ ପେସାଦାର




ନୂଆଦିଲ୍ଲୀ,୩୦-୧୨: ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଶ୍ୱର ଟପ୍ ପେସାଦାରଙ୍କୁ ଶୀର୍ଷ ପଦରେ ନିଯୁକ୍ତି ଦେବେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ମେ'ରେ ସରକାର ଏକଦା ମହାରାଜା ବୋଲାଉଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର କିଛି ଶେୟାର ବିକ୍ରି କରିଦେବାକୁ ଆଗ୍ରହ ପ୍ରକାଶ କରିଥିଲେ ହେଁ ଏହା ବିଫଳ ହୋଇଥିଲା। ଲାଭଜନକ ନ ହେବା ପର୍ଯ୍ୟନ୍ତ ଏହି କମ୍ପାନୀ ବିକ୍ରି ହୋଇପାରିବ ନାହିଁ ଜାଣିବା ପରେ ସରକାର ଏବେ ଏହାକୁ ପେସାଦାରଙ୍କ ହାତରେ ଟେକିଦେବାକୁ ସ୍ଥିର କରିଛନ୍ତି। ବିଶ୍ୱସ୍ତରରେ ପେସାଦାରଙ୍କୁ ଖୋଜିବା ଲାଗି ସେ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ପ୍ରଭୁ ରବିବାର ଗଣମାଧ୍ୟମ ସହ ଆଲୋଚନାକାଳରେ କହିଛନ୍ତି। ଉଲ୍ଲେଖଥାଉ କି, ବର୍ତ୍ତମାନ ଏୟାର ଇଣ୍ଡିଆର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଦୁଇ ଜଣ ସଚିବଙ୍କ ସହିତ ମୋଟ୍ ୯ଜଣ ସଦସ୍ୟ ରହିଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ ସିଂ ଖରୋଲା କମ୍ପାନୀର ସିଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି।

---

"୨୦୧୯ ବର୍ଷରେ ମଧ ଦେଶର ଅଭିବୃଦ୍ଧି ଧାରା ଜାରି ରହିବ ନେଇ ଶିଳ୍ପ ଆଶାବାଦୀ।
– ଚନ୍ଦ୍ରଜିତ ବାନାର୍ଜୀ, ମହା ନିର୍ଦ୍ଦେଶକ, ସିଆଇଆଇ



"ଦେଶରେ ଜାହାଜ ଚଳାଚଳ କ୍ଷେତ୍ରରେ ଏକ ନିୟାମକ ଆଣିବାକୁ ସରକାରଙ୍କୁ ନିବେଦନ କରାଯାଇଛି।
– ସୁରଞ୍ଜନ ଗୁପ୍ତା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ଇଇପିସି ଇଣ୍ଡିଆ



# ନୂଆବର୍ଷରେ ଟିକସ ପରିସର ବୃଦ୍ଧି ଲକ୍ଷ୍ୟ

ନୂଆଦିଲ୍ଲୀ, ୩୦–୧୨

କେନ୍ଦ୍ର ସରକାର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଟିକସ କ୍ଷେତ୍ରରେ ରାଜସ୍ୱ ଭାଗୀଦାରି ବଢ଼ାଇବା ଉପରେ ଧ୍ୟାନ ଦେଉଛନ୍ତି। ଏଥିଲାଗି କଡାକଡ଼ି ନିୟମ ପାଳନ କରିବା ତଥା ଟିକସ ବାହାରେ ଥିବା କ୍ଷେତ୍ରକୁ ଏହାର ପରିସରକୁ ଆଣିବା ଉପରେ ସରକାର ଜୋର୍ ଦେବେ। ନୂଆବର୍ଷରେ ଟିକସ ପରିସର ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି।

ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ସଚ୍ଚୋଟ ଟିକସଦାତାଙ୍କୁ ଯେପରି ଅଯଥାରେ ହଇରାଣ ହରକତ କରା ନ ଯାଏ, ସେ ଦିଗରେ ଆୟକର ବିଭାଗ ଧ୍ୟାନ ଦେବ। ସେହିପରି ଠିକ୍ ସମୟରେ ଟିକସ ଦେଉ ନ ଥିବା ଅଥବା ରିଟର୍ନ ଦାଖଲ କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ଟିକସ ପରିସରକୁ ଅଣାଯିବ। ସେ କହିଛନ୍ତି ଯେ, ଆୟକର(ଆଇଟି) ବିଭାଗ ଟିକସ ଆକଳନ ବେଳେ ଅଧିକାରୀଙ୍କ ସହ ଟିକସଦାତା ଯେପରି ମୁହାଁମୁହିଁ ନ ହେବେ ସେଥିଲାଗି ନୂଆବର୍ଷରୁ ଏକ ପ୍ରଣାଳୀ ବିକଶିତ କରାଯିବ। ଏହାଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥସାଧନକୁ ରୋକାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଡିପିରେ ଟିକସ ଅନୁପାତ ବଢ଼ାଇବା ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ସରକାର ୨ଟି ପ୍ରସଙ୍ଗ ଉପରେ ବିଚାର କରୁଛନ୍ତି। ଟିକସ ପରିସରରୁ ବାଦ୍ ପଡିଥିବା କ୍ଷେତ୍ରକୁ ଏଥିରେ ସାମିଲ କରିବା ନେଇ ସରକାର ନୀତି ପ୍ରଣୟନ କରିବେ ଏହା ପ୍ରଥମ ପ୍ରସଙ୍ଗ ହୋଇଥିବା ବେଳେ ଟିକସ ନିୟମ ପାଳନ ଲାଗି ପଦକ୍ଷେପ ନେବା ଦ୍ୱିତୀୟ ପ୍ରସଙ୍ଗ ରହିଛି। ଏଭଳି ଭାବେ ଦେଖିବାକୁ ଗଲେ ପ୍ରତିକୂଳ ହେବ ନାହିଁ ଅଥଚ ବାଦ୍ ପଡିଥିବା କ୍ଷେତ୍ରକୁ ଚିହ୍ନଟ କରି ସେମାନଙ୍କୁ ଟିକସ ପରିସରକୁ ଆଣିବାକୁ ହେବ। ଗତ ୪ ବର୍ଷରେ ଦେଶର ଜିଡିପି–ଟିକସ ଅନୁପାତ ୧୦ ପ୍ରତିଶତରୁ ବୃଦ୍ଧି ପାଇ ୧୧.୫% ହୋଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଚାକିରି କରୁଥିବା କର୍ମଚାରୀ ନିଜର ଟିକସ ଠିକ୍ ସମୟରେ ଦେଉଛନ୍ତି। କିନ୍ତୁ ଅନ୍ୟ କ୍ଷେତ୍ରର ଟିକସ ରେକର୍ଡରେ ଅଧିକ ଉନ୍ନତି ଆଣିବାକୁ ହେବ। ଏହି କାରଣରୁ ଉନ୍ନତ ଟିକସ ପ୍ରଦାନକାରୀ ଦେଶ ଭିତରେ ଭାରତ ପରିଗଣିତ ହୋଇପାରୁ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରି କହିଥିଲେ।

ଅନ୍ୟପକ୍ଷରେ ପାଣ୍ଡେ କହିଛନ୍ତି ଯେ, ଆକଳନ ବର୍ଷ ୨୦୧୮–୧୯ରେ ଆୟକର ରିଟର୍ନ ଦାଖଲ କରିଥିବା ଟିକସଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୬ କୋଟିରୁ ଅଧିକ ହେଲାଣି। ଗତ ବର୍ଷ ତୁଳନାରେ ଏହା ୫୦% ଅଧିକ। ଟିକସ ନିୟମ ପାଳନରେ ସୁଧାର, ସଚ୍ଚୋଟ ଟିକସଦାତାଙ୍କୁ ସୁବିଧା ଦେବା ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛି। ଜିଏସ୍‌ଟି ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହି ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଫାଙ୍କି ରୋକିବା ସରକାରଙ୍କ ପ୍ରାଥମିକତା ରହିଛି। କାରଣ ଏହାଦ୍ୱାରା ସରକାରଙ୍କୁ କମ୍ ରାଜସ୍ୱ ମିଳୁଛି ଏବଂ ସଚ୍ଚୋଟ ଟିକସଦାତା ପ୍ରତିଯୋଗିତାରୁ ବାଦ୍ ପଡିଯାଉଛି। ଜିଏସ୍‌ଟି ସମ୍ପର୍କରେ ସୂଚନା ଦେଇ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଏହା ଲାଗୁ ହେବା ପରେ ୧.୧୬ କୋଟିରୁ ଅଧିକ ବ୍ୟବସାୟୀ ଓ କମ୍ପାନୀ ପଞ୍ଜୀକୃତ ହୋଇସାରିଛନ୍ତି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମାସିକ ଆଧାରରେ ହାରାହାରି ୯୭, ୧୦୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଗତ ବର୍ଷ ଏହା ୮୯,୧୦୦ କୋଟି ଟଙ୍କା ଥିଲା।

**ସ୍ପଷ୍ଟ କଲେ ରାଜସ୍ୱ ସଚିବ**

- ବାଦ୍ ପଡିଥିବା କ୍ଷେତ୍ରକୁ ସାମିଲ କରାଯିବ
- ସଚ୍ଚୋଟ ଟିକସଦାତାଙ୍କୁ ହଇରାଣ କରାଯିବନି
- ଅଧିକାରୀ-ଟିକସଦାତା ମୁହାଁମୁହିଁ ହେବେନି





# ଡିଲରଶିପ୍ ନେଟୱାର୍କ ବଢାଉଛି ଟାଟା ମୋଟର୍ସ

ନୂଆଦିଲ୍ଲୀ, ୩୦–୧୨

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ଏହାର ଡିଲରଶିପ ନେଟୱାର୍କକୁ ବୃଦ୍ଧି କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ରାଜସ୍ଥାନରେ ୬ ନୂଆ ଡିଲରଶିପ ଖୋଲିଛି। ଜୟପୁରରେ ୩ ଏବଂ ଉଦୟପୁର, ବିକାନେର ଏବଂ ଗଙ୍ଗନଗରରେ ଗୋଟିଏ ଲେଖାଏ ଡିଲରଶିପ କମ୍ପାନୀ ଶୁଭାରମ୍ଭ କରିଛି। ଏହା ଦ୍ୱାରା କମ୍ପାନୀର ସେଲସ ଟଚ୍ ପଏଣ୍ଟ ବୃଦ୍ଧି ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ଟର୍ନ ଆରାଉଣ୍ଡ ୨.୦ ଯୋଜନା ମୁତାବକ ନୂଆ ନୂଆ ଡିଲରଶିପ ମାନ ଖୋଲାଯାଉଥିବା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ୍ ୟୁନିଟ ସଭାପତି ମୟଙ୍କ ପାରିକ୍ ସୂଚନା ଦେଇଛନ୍ତି।

# ସାମଗ୍ରୀ, ସେବା ଦେବା ବଦଳରେ ରେଳରେ ମିଳିବ ବିଜ୍ଞାପନ ସୁଯୋଗ

ନୂଆଦିଲ୍ଲୀ,୩୦–୧୨

**ରେଳୱେର ନୂଆ ନୀତି**

ବହୁ ପୁରାତନ ଯୁଗରେ ଚାଲିଥିବା 'ବସ୍ତୁ ବିନିମୟ' ବ୍ୟବସ୍ଥାକୁ ଭାରତୀୟ ରେଳୱେ ନୂଆ ଧାରାରେ ଆପଣାଇବାକୁ ଯାଉଛି। କମ୍ପାନୀମାନେ ସାମଗ୍ରୀ ଓ ସେବା ଯୋଗାଇବା ବଦଳରେ ରେଳରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ। ପଦ୍ଧତି ପୁରୁଣା, କିନ୍ତୁ ଏହାକୁ ଆପଣାଇବାର ଢ଼ଙ୍ଗ ନୂଆ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କର କହିବାନୁଯାୟୀ, ନୂଆ ବ୍ୟବସ୍ଥା ନେଇ ରେଳୱେ ପକ୍ଷରୁ ସମସ୍ତ ଜେନେରାଲ ମ୍ୟାନେଜରଙ୍କୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ଏକ ନୂଆ ପ୍ରୟୋଗ ହେବ। ପୁରୁଣା କାଳରେ ବସ୍ତୁ ବିନିମୟ ବ୍ୟବସ୍ଥାରେ ଟଙ୍କାର ଆଦାନପ୍ରଦାନ କରାଯାଉ ନ ଥିଲା। କମ୍ପାନୀମାନେ ନିଜ ଉତ୍ପାଦିତ ସାମଗ୍ରୀ ଅଥବା ସେବା ଯୋଗାଇ ଟ୍ରେନରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ, ଯାହା କମ୍ ଖର୍ଚ୍ଚରେ ସମ୍ଭବ ହେବ ଓ ଅଧିକ ଦର୍ଶକଙ୍କ ନିକଟରେ ଏହା ପହଞ୍ଚି ପାରିବ। ନିର୍ଦ୍ଦେଶରେ କୁହାଯାଇଛି ଯେ, ଜଣେ କୋଚିଂ ଡିପୋ ଅଫିସର(ସିଡିଓ)ଙ୍କୁ ଏଭଳି ପ୍ରସ୍ତାବ ମିଳିଲେ ସେ ରେଳୱେର ୱେବ୍‌ସାଇଟରେ ଏହାକୁ ୨୧ ଦିନ ପାଇଁ ପ୍ରଦର୍ଶିତ କରିବାର ସୁଯୋଗ ପାଇବେ। ଏଣୁ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଙ୍କ ଭିତରେ ବିଜ୍ଞାପନ ପ୍ରଦର୍ଶନକୁ ନେଇ ପ୍ରତିଯୋଗିତା ବଢ଼ିବ। ଅପେକ୍ଷାର ଅବଧି ଶେଷ ପରେ ସିଡିଓ ଗୋଟିଏ ପାର୍ଟିକୁ ବାଛିପାରିବେ। ପ୍ରତ୍ୟେକ ଡିପୋର ଦୁଇଟି ଟ୍ରେନରେ ୩ ମାସ ଲାଗି ଏଭଳି ବିଜ୍ଞାପନ ପାଇଁ ଅନୁମତି ଦିଆଯିବ। ପ୍ରାରମ୍ଭରେ ରେଳୱେ ସେବା ବଦଳରେ ସାମଗ୍ରୀକୁ ନେଇ ନୂଆ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। କମ୍ପାନୀମାନେ ଟଙ୍କା ବଦଳରେ ନିଜର ଉତ୍ପାଦିତ ସାମଗ୍ରୀ ରେଳୱେକୁ ଦେଇ ବିଜ୍ଞାପନ ପାଇବାର ଅଧିକାରୀ ହେବେ ବୋଲି ସେ କହିଛନ୍ତି। ଟ୍ରେନରେ ବ୍ୟବହୃତ ସାମଗ୍ରୀର ୬ ଇଞ୍ଚ ଚଉଡା ଓ ୬ ଇଞ୍ଚ ଲମ୍ବର ବିଜ୍ଞାପନକୁ ଟଏଲେଟ ଭିତରେ ଓ ଏହାର ସମ୍ମୁଖ ଦରଜାରେ ପ୍ରକାଶ କରାଯାଇପାରିବ।

# ଛାତ୍ରୀଛାତ୍ରଙ୍କ ସୃଜନଶୀଳତକୁ ଏଲ୍‌ଆଣ୍ଡଟି ଫାଇନାନ୍ସର ପ୍ରୋତ୍ସାହନ

L&T Finance Holdings

ଭୁବନେଶ୍ୱର,୩୦–୧୨

ଏଲ୍‌ଆଣ୍ଡଟି ଫାଇନାନ୍ସ ହୋଲ୍ଡିଂସର ସହଯୋଗୀ ସଂସ୍ଥା ଏଲ୍‌ଆଣ୍ଡଟି ଫାଇନାନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ସମ୍ବଲପୁରର ହୀରାକୁଦ, ବୁର୍ଲା, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, କଟକର ବାଙ୍କୀ, ଗୋପାଳପୁର ଭଳି ସ୍ଥାନଗୁଡ଼ିକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୱାର ସରାଉଣ୍ଡିଂ ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ୬ରୁ ୧୩ ବର୍ଷ ବୟସର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ନାଲ୍‌କୋ ପ୍ରଦର୍ଶନକୁ ଏକ୍ସିଲେଣ୍ଟ ରେଟିଂ

ଭୁବନେଶ୍ୱର,୩୦–୧୨



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)କୁ ୨୦୧୭–୧୮ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସର ଆନ୍ତଃ ମନ୍ତ୍ରଣାଳୟ କମିଟି ଏବଂ କ୍ୟାବିନେଟ ସେକ୍ରେଟାରିଏଟ ପକ୍ଷରୁ ଏକ୍ସିଲେଣ୍ଟ ଏମ୍‌ଓୟୁ ରେଟିଂ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ଆଧାରରେ ଏହି ରେଟିଂ ମିଳିଛି। ଏମ୍‌ଓୟୁରେ ଉଲ୍ଲେଖ ଥିବା ପ୍ରାୟ ସମସ୍ତ ପରିମାପକରେ କମ୍ପାନୀ ପୂର୍ଣ୍ଣ ମାର୍କ ହାସଲ କରିପାରିଛି। ୨୦୧୭–୧୮ ଆର୍ଥିକ ବର୍ଷର ଫଳାଫଳ ଅନୁସାରେ କମ୍ପାନୀ ଗତ ବର୍ଷରେ ସର୍ବାଧିକ ନିଟ୍ ଲାଭ କରିବାକୁ ସକ୍ଷମ ହୋଇଥିଲା।

କମ୍ପାନୀର ନିଟ୍ ଲାଭ ୧୩୪୨.୧୯ କୋଟି ଥିଲା ଥିଲା ଯାହା ଗତ ବର୍ଷ ତୁଳନାରେ ୬୬୯ କୋଟି ଟଙ୍କାଥିଲା। ସେହିଭଳି ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ଏହା ପ୍ରମୁଖ କମ୍ପାନୀ ହୋଇପାରିଥିଲା। ୨୦୧୮–୧୯ ଆର୍ଥିକ ବର୍ଷରେ ପ୍ରଥମ ୬ ମାସରେ ନାଲ୍‌କୋ ୫୯୫୨ କୋଟି ଟଙ୍କାର ଟର୍ନଓଭର ଲାଭ କରିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ୪୨% ଅଧିକ। ୨୦୧୭–୧୮ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧ ବାର୍ଷିକରେ କମ୍ପାନୀର ନିଟ୍ ଲାଭ ୩୬୪ କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୨୯% ବୃଦ୍ଧି ଘଟି ୧୧୯୭ କୋଟି ଟଙ୍କା ରହିଛି। ଏହି ସଫଳତା ପାଇଁ ନାଲ୍‌କୋ ପରିବାରରୁ ଏହାର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

# କେ.ରାମଚନ୍ଦ୍ରନ ଆଲ୍ଲାହାବାଦ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦-୧୨: ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ କେ.ରାମଚନ୍ଦ୍ରନ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ କର୍ପୋରେଶନ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ସେ କର୍ପୋରେଶନ ବ୍ୟାଙ୍କରେ ପ୍ରୋବେସନାରୀ ଅଧିକାରୀ ଭାବେ ୧୯୮୫ରେ ଯୋଗ ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ କର୍ପୋରେଶନ ବ୍ୟାଙ୍କର ଜୋନାଲ ମୁଖ୍ୟ, ସର୍କଲ ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ କର୍ପୋରେଟ କାର୍ଯ୍ୟାଳୟରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି। ଋଣ ପରିଚାଳନା, ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ, ଯୋଜନା, ସୂଚନା ଏବଂ ପ୍ରଯୁକ୍ତି ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର କାର୍ଯ୍ୟଦକ୍ଷତା ରହିଛି।



# ବିରୁପାକ୍ଷ ମିଶ୍ର କର୍ପୋରେଶନ ବ୍ୟାଙ୍କର ନୂଆ ଇଡି

ଭୁବନେଶ୍ୱର,୩୦–୧୨



ବିରୁପାକ୍ଷ ମିଶ୍ର

କର୍ପୋରେଶନ ବ୍ୟାଙ୍କର ନୂଆ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ବିରୁପାକ୍ଷ ମିଶ୍ର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେ ୧୯୮୪ରେ ସେଣ୍ଟ୍ରାଲ ବ୍ୟାଙ୍କର ପ୍ରୋବେସନାରୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ମିଶ୍ର ସେଣ୍ଟ୍ରାଲ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଲକ୍ଷ୍ନୌ, ଚେନ୍ନାଇ, କଲିକତା ଏବଂ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ମିଶ୍ର କଣ୍ଟିଲୋଠାରେ ପ୍ରାଥମିକ ଶିକ୍ଷା ପରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର କଲେଜ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ପଦୋନ୍ନତିରେ ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ବିମାନ ଯାତ୍ରୀଙ୍କୁ ମିଳିପାରେ ୟୁନିକ୍ ଆଇଡି

ନୂଆଦିଲ୍ଲୀ,୩୦–୧୨

ଜାଲ୍ ଇ–ଟିକେଟ ଜରିଆରେ ବିମାନ ବନ୍ଦରରେ ବେଆଇନ ପ୍ରବେଶ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୪ ବର୍ଷ ମଧ୍ୟରେ ଚଳିତ ବର୍ଷ ଏହି ସଂଖ୍ୟା ସର୍ବାଧିକ କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡିକ ଯାତ୍ରୀଙ୍କ ଲାଗି ବାୟୋମେଟ୍ରିକ ଅଥବା ବାର୍‌କୋଡ୍ ଆଧାରିତ ପ୍ରବେଶ ବ୍ୟବସ୍ଥା (ୟୁନିକ୍ ଆଇଡି) ଆପଣାଇବାକୁ ବିଚାର କରୁଛି। ତେବେ ଆତଙ୍କବାଦ ଅଥବା ଅଧିକ କ୍ଷତି ପହଞ୍ଚାଇବା ଲାଗି ହେଉଥିବା ଉଦ୍ୟମକୁ ଭଣ୍ଡୁର କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇନି ବୋଲି ସୁରକ୍ଷା ଏଜେନ୍ସି ଗୁଡିକ ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ଜାଲ୍ ଇ–ଟିକେଟ ଜରିଆରେ ବିମାନ ବନ୍ଦରର ସୁରକ୍ଷା ଘେରା ଭାଙ୍ଗିବାକୁ ଉଦ୍ୟମ ହୋଇପାରେ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସିଆଇଏସ୍‌ଏଫ୍ ଡାଟା ଅନୁଯାୟୀ ଚଳିତ ବର୍ଷ ଡିସେମ୍ବର ଆରମ୍ଭ ପର୍ଯ୍ୟନ୍ତ ଜାଲ୍ ଅଥବା ବାତିଲ ଇ–ଟିକେଟ ଜରିଆରେ ବେଆଇନ ଭାବେ ବିମାନ ବନ୍ଦରରେ ପ୍ରବେଶର ୧୪୦ ଘଟଣା ସାମ୍ନାକୁ ଆସିଛି। ଗତ ବର୍ଷ ଏଭଳି ୧୧୧ ମାମଲା ସାମ୍ନାକୁ ଆସିଥିଲା। ୨୦୧୬ରେ ୭୪ ଓ ୨୦୧୫ରେ ଏହା ମାତ୍ର ୪୩ ଥିଲା। ନିୟମ ଜାଣି ନ ଥିବାରୁ ଅଥବା ପରିବାର ସଦସ୍ୟଙ୍କୁ ବିଦାୟ ଜଣାଇବାର ଅଦମ୍ୟ ଇଚ୍ଛା କାରଣରୁ ବିମାନ ବନ୍ଦରରେ ଅଧିକାଂଶ ବେଆଇନ ପ୍ରବେଶ ହେଉଥିବା ଦେଖାଯାଇଛି। ଧରାପଡିଥିବା ମାମଲାଗୁଡିକ ଗୁରୁତର ନ ଥିଲେ ହେଁ ଜାଲ୍ ଅଥବା ବାତିଲ ଇ–ଟିକେଟ ଜରିଆରେ ଆତଙ୍କବାଦ କାର୍ଯ୍ୟକଳାପକୁ ଏଡାଇ ଦିଆଯାଇ ନ ପାରେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।


**PARADIP PORT TRUST**

e-Tender Call Notice

Name of the work : **"Shore Protection work from North Oil Jetty entrance to existing Stone Pitching and balance portion at Paradip Port".** EMD cost : **₹ 14,19,485**. Last date & time of submission of Bid : **17.01.2019** upto **17.15 hrs.** For details please refer our website : **https://eprocure.gov.in/ eprocure/app**

**Executive Engineer**
**Harbour Works Division No. 1**
**PPT/PR/556/18-19 Dt : 29.12.2018**



'ଧରିତ୍ରୀ'ର ସ୍ୱନକ୍ଷତ୍ର ଅବସରରେ ଓଡ଼ିଶାର ଅଗଣିତ ପାଠକ/ପାଠିକାମାନଙ୍କୁ ଶୁଭେଚ୍ଛା ସହିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ କୃଷକ ଏବଂ ଗ୍ରାହକବନ୍ଧୁମାନଙ୍କୁ ଶୁଭ କାମନା ସହିତ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ।

**ଶ୍ରୀଯୁକ୍ତ ସୁଶାନ୍ତ କୁମାର ଖମାରୀ**, ସମ୍ପାଦକ
**ଶ୍ରୀଯୁକ୍ତ ସୁବାସ ପାଢ଼ୀ**, ସଭାପତି

**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବାଙ୍କୀ**



**N.P.C.C. Ltd.**
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.

**E-NOTICE INVITING FOR PRE-QUALIFICATION**

E-Tenders are invited for pre qualification from the interested, reputed construction agencies/ firms for the civil works in different districts of Odisha State by 15.01.2019.

1. NIT No. 600105/BZO/STSC/NIPQ/709 Date : 31.12.2018

| Pkg No. | Place | Est. Cost (in Cr.) |
|---|---|---|
| I | 100 seated hostel in Deogarh, Mayurbhanj & Nawarangpur | 3.38 |
| II | 100 seated OBC hostel in Baripada, Mayurbhanj Dist. | 5.37 |
| III | 100 seated OBC hostel in Jeypore, Koraput Dist. | 10.81 |
| IV | 100 seated OBC hostel in Kendrapara & Puri Dist. | 8.05 |
| V | 120 seated ITI hostel in Koraput, Mayurbhanj, Malkangiri & Sundargarh Dist. | 6.45 |
| VI | Upgradation to high school in Kotiya, Koraput Dist. | 5.60 |
| VII | Upgradation to high school in Budhikhamari, Mayurbhanj Dist | 3.20 |
| VIII | 100 seated hostel in Koraput Dist. | 1.33 |
| IX | 100 seated hostel in Jajpur Dist. | 1.33 |
| 14 | 4 nos. of 100 seated hostel in Malkangiri Dist. | 2.86 |
| 16 | 4 nos. of 120 seated hostel in Nawarangpur Dist. | 3.20 |
| - | Upgradation to higher secondary school at Bolangir Dist. | 5.26 |

2. NIT No. 600208/BZO/DFO/NIPQ/710 Date : 31.12.2018
Development of Govt. Heritage Fish Farm at Angul Dist. 4.70

For further details please visit our official website.
www.npcc.gov.in / https://npcc.tenderpro.in

*Zonal Manager*



**ORMAS**

**Odisha Rural Development & Marketing Society, Sundargarh, Panchayati Raj & Drinking Water Department, Govt. of Odisha**

Sealed tenders are invited from the Firm/ Agencies/ Organizations for tentage & Allied Works/ Light & Sound in Stage for JATRA-2019 (Sundargarh Mahotsav) to be held from 27th to 31st January' 2019 at Bhawani Bhawan Parade Ground, Sundargarh. The Tender Paper/ Quotations Call Notice along with detail specifications and eligibility criteria of the work are available at ORMAS Office, DRDA Building, Sundargarh, which can be obtained during office hours as well a can be downloaded from the official website **http://sundargarh.nic.in from 1st January to 9th January' 2019 till 1.00 PM.**

The other details along with corrigendum/ addendum/ cancellation of this tender, if any, can be seen from the same official website.

**Sd./-**
**Collector & DM, Sundargarh**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RWS&S DIVISION, BOUDH**
E-mail ID- rwssboudh@gmail.com

**National competitive Bidding through E-Procurement**

**Tender Identification No. 27 / E.E. RWSS, Boudh of 2018-19**

**No. 1239-O:-** The Executive Engineer, RWS&S Division, Boudh, on behalf of the Government of Odisha invites Percentage Rate Bids in single cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted on-line in the website www.tendersorissa.gov.in separately for the work.

| | | |
|---|---|---|
| 1. | Nature of work | Piped water supply work |
| 2. | Estimated Cost | 39.53 lakhs to 65.72 lakhs |
| 3. | No. of works | 03 Nos. |
| 4. | Tender Cost | 6000.00 to 10000.00 |
| 5. | Class of contractor | "C" & "B" and "B" & "A" |
| 6. | Availability of Bid document in the website | Dt. 05.01.2019 11 hours to 16.01.2019 17 hours |
| 7. | Date of seeking clarification | During the office hours of 05.01.2019 to 14.01.2019 |
| 8. | Date of opening Bid | 17.01.2019 at 12.00 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in subsequent corrigendum if required shall be appeared in the website: Authority reserves the right to reject any or all tenders without assigning any reason thereof.

*Sd./- Executive Engineer*
*RWS&S Division, Boudh*

25039/11/0019/1819

# ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟସ୍ ବ୍ୟୁରୋ) ପ୍ରବାସୀ ଓଡ଼ିଆଙ୍କ ଅନୁଷ୍ଠାନ ଉତ୍କଳ ସମାଜ ତରଫରୁ ପୁନେରେ ଅନୁଷ୍ଠିତ ଉତ୍କଳ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ ହୋଇଛି। ଫାଇନାଲ୍‌ରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ୬୧ ରନ୍‌ରେ ଢେଙ୍କାନାଳ ଡାଇନାମାଇଟ୍ସକୁ ପରାସ୍ତ କରିଥିଲା। ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା। ଆଲୋକ ସାହୁ ସର୍ବାଧିକ ୬୩ ଓ ଆଲୋକ ରାଉତ ୪୫ ରନ୍ କରିଥିଲେ। ଢେଙ୍କାନାଳ ପକ୍ଷରୁ ହାବୁ ଓ ଆଲୋକ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଢେଙ୍କାନାଳ ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ରହ୍ମପୁରର ଆଲୋକ ସାହୁ ୫ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଆଲୋକ ରାଉତ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମନୋଜ କୁମାର ମହାପାତ୍ର, ଜାଭେଦ୍ ଶେଖ୍ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାବର୍ଷ ନଭେମ୍ବରରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ ଓ ଅନେକ ନୂଆ ଦଳଙ୍କୁ ଏଥିରେ ସାମିଲ କରାଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ସମ୍ବଲପୁର ସମୁରାଇଜ୍, ଢେଙ୍କାନାଳ ଡାଇନାମାଇଟ୍‌ସ, ବାଲେଶ୍ୱର ବୁଲ୍ସ, ମୟୂରଭଞ୍ଜ ମାର୍ବଲ୍ସ, ଭଦ୍ରକ ଚାମ୍ପିୟନ୍ସ, ଭୁବନେଶ୍ୱର ଜାଗୁଆର୍ସ, ବ୍ରହ୍ମପୁର ବ୍ଲାଷ୍ଟର୍ସ ଓ ବଲାଙ୍ଗୀର ଷ୍ଟାଟର୍ସ ଏହିପରି ୮ଟି ଦଳ ସାମିଲ ହୋଇଥିଲେ। ପୁନେର ନିଗ୍‌ଡ଼ିସ୍ଥିତ ମଦନଲାଲ୍ ଡିଙ୍ଗରା ଷ୍ଟାଡିୟମ୍‌ରେ ଏହି ଟୁର୍ନାମେଣ୍ଟ ଖେଳାଯାଉଥିଲା।

# କ୍ରାଉନ୍‌କୁ ହରାଇ ଫାଇନାଲରେ ରାମେଶ୍ୱର

କାକଟପୁର, ୩୦।୧୨

ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ କ୍ରାଉନ୍ ସ୍ପୋର୍ଟିଂକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ୨ୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୬୬, ପରେଶ ପଟେଲ ୩୩ ରନ୍ କରିଥିଲେ। କ୍ରାଉନ୍ ପକ୍ଷରୁ ସୁଜିତ୍ କୁଲୁ ୩ ଓ ଓମ୍ ଆରିଆ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କ୍ରାଉନ୍ ସ୍ପୋର୍ଟିଂ ୨୩.୪ ଓଭରରେ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ସୂର୍ଯ୍ୟକାନ୍ତ ସାମଲ ୪୦, ଭରତ ଦାସ ୩୪ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପକ୍ଷରୁ ପୂର୍ଣ୍ଣ ମହାରଣା, ବିଶ୍ୱଜିତ୍ ଭୂୟାଁ, ପରେଶ ପଟେଲ ଓ ଦୀପକ ମଙ୍ଗରାଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ରାମେଶ୍ୱରର ବିଶ୍ୱଜିତ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ କ୍ରାଉନ୍‌ର ସୂର୍ଯ୍ୟକାନ୍ତ ସାମଲଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ଓଡ଼ିଶା ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ କୁମାର ବେହେରା ପୁରସ୍କୃତ କରିଥିଲେ। ନିର୍ମଳ କୁମାର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା ଏବଂ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପଦୀପ୍ତ ଦିକ୍ଷିତ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସ୍କୋରିଂରେ ଜ୍ୟୋତି ପ୍ରକାଶ, ସଚିନ ଏବଂ ତ୍ରିଲୋଚନ ସହାୟତା କରିଥିଲେ। ଆସନ୍ତା ଜାନୁୟାରୀ ୬ରେ ଦୁଇ ଭୁବନେଶ୍ୱର ଟିମ୍ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି।

---

## State Health Assurance Society, Odisha
## Deptt. of Health & Family Welfare, Govt. of Odisha

Bhubaneswar-751012, District-Khordha (Odisha)
Phone No.-0674-2560311, Email ID: snaodisha@gmail.com

No. 714-E:

**Adv. No.: 12/2018** **Contractual Appointment** **Date:29.12.2018**

Applications are invited from eligible candidates for filling up the following post under State Health Assurance Society (SHAS) on contractual basis with monthly remuneration as noted against and subject to renewal as per State Health Assurance Society terms and conditions. The position is purely temporary and co-terminus with the scheme.

| Name of the Post | Remuneration (Base + PI) | Vacancy |
|---|---|---|
| District Coordinator | Rs.28,300/- + Rs.7,075/- | 1. **Total vacancy-5**<br>2. **Categories: Schedule Tribe-5**(W-2)<br>3. Out of total vacancies one post for **Sport person** is reserved. This post shall be adjusted against the categories to which they belong.<br>4. In the event of non-availability of sufficient number of eligible women candidate(s) belongs to any particular category, the remaining vacancies will be filled up by male candidate(s) of that category. |

Interested candidates can log on to www.nrhmorissa.gov.in for details of vacancy, eligibility criteria, age, selection procedure etc. Online application form will be available from 31.12.2018 to 07.01.2019 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 11.01.2019 (by 5.00 P.M.).

Sd./- Chief Executive Officer
State Health Assurance Society, Odisha

10001/11/0048/1819

---

## BERHAMPUR MUNICIPAL CORPORATION

**No. 21226 A.12.11-02/2016** **Date: 28.12.18**

**QUOTATION CALL NOTICE**

**No.393-C:-** Sealed Quotations are invited to be reached by Speed Post/ Registered Post/ Courier only from reputed agencies/ firms for "Supply of Home appliances for Berhampur AAHAR Kitchen Centre". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 08.01.19 by 5.00 PM and will be opened on 09.01.19 at 11.00 PM in the office of undersigned.

The Authority reserves the right to accept or reject any quotation without assigning any reason thereof.

**Sd./- Commissioner**
13035/11/0178/1819 **Berhampur Municipal Corporation**

---

## STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA

**UNIT-VIII, NEAR RAJ BHAWAN, BHUBANESWAR-751 012**
**No.5141** **Dated 28.12.2018**

**Tender for Hiring of Manpower on Outsourcing Basis**

No.96-KK: Sealed Tenders are invited from reputed Manpower Agencies/Service Providers having related experience for providing Manpower service on outsourcing basis for the day to day official work of SCTE&VT, Odisha. The Tender document can be downloaded from the Council website **http://sctevtodisha.nic.in/en/** w.e.f. 29.12.2018.

For details please visit the council website.

44002/11/0014/1819 **Sd./- Vice-Chairman**

---

## BIJU PATTNAIK HOMOEOPATHIC MEDICAL COLLEGE AND HOSPITAL, BRAHMAPUR

E-mail:bphmch@gmail.com, Phone: 0680-2222539
No. 1835 BPHMC&H/2018 Date 26.12.2018

**TENDER CALL NOTICE**

No.718-E: Sealed tenders are invited from the reputed firms / publishers / book supplying agencies for supply of the library books for the college within 10.1.19 by 5 PM.

Details regarding the eligibility criteria, terms and conditions and forms for submission of tenders may be downloaded from the website **https://ganjam.nic.in**. The Tender may be obtained on payment of **Rs. 500/-** + GST in person from the O/O the undersigned on any working days. The tender paper will be submitted in a sealed cover super-scribing as **"Tender for supplying library books"** to the undersigned through **speed post/registered post only. The last date of receiving of the sealed tenders is on 10.01.2019 by 5.00 PM**. Tenders received after due date and time shall not be entertained. The tender paper will be opened on the next working day at 12.00 noon in presence of renderer or their authorized agents.

The undersigned reserves the right to reject any or all the tender without assigning any reason thereof.

10071/11/0006/1819 **Sd./- PRINCIPAL**

---

**Government of Odisha**
**Department Of Water Resources**

## OFFICE OF THE EXECUTIVE ENGINEER JARAKA IRRIGATION DIVISION, JARAKA

**E-Mail Id.- eeidjaraka@yahoo.com**

No.1032-A:- **"e" Procurement Notice**

**Bid Identification No.– JKID-06/2018-19**

| | | | |
|---|---|---|---|
| 1. | Name of the Work | : | Irrigation Project Works as per DTCN. |
| 2. | Total No. of Works | : | 22 (Twenty two) nos. works. |
| 3. | Estimated Cost | : | Varies from Rs. 9.13 Lakhs to Rs. 47.65 Lakhs. |
| 4. | Period of Completion | : | Sl. No. (1) to Sl. No.(22) - 06 (Six) calendar months. |
| 5. | Date & Time of Availability of Bid Document in the Portal | : | 10.00 A.M. of Dt. 04.01.2019 up to 05.00 P.M. of Dt. 15.01.2019. |
| 6. | Last Date & Time for Receipt of Bids in the Portal | : | Up to 05.00 P.M. of Dt. 15.01.2019 |
| 7. | Date of Opening of Bids | : | Dt. 16.01.2019 at 11.00 A.M. onwards. |
| 8. | Name and Address of the Officer inviting Tender | : | Executive Engineer, Jaraka Irrigation Division, Jaraka. |
| 9. | Further details can be seen from the e-Procurement Portal "https://tendersodisha.gov.in". | | |

**Executive Engineer,**
**Jaraka Irrigation Division,**
**Jaraka**

**32098/11/0010/1819**

---

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking), Email ID- eeliangul@gmail.com

**OFFICE OF THE EXECUTIVE ENGINEER, L.I. DIVISION, ANGUL**

e- Tender Notice

**Bid Identification No E.E. ANGUL (OLIC) 05/2018-19 Dt. 27.12.2018**

**NO. 4742 DATE 27.12.2018**

**No. CAD-1181:-** The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects in different Blocks of Angul District as described in the table below, from Civil 'D' / 'C' Class & above valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energaisation of new R.L. Projects and revival of defunct R.L. Projects under percentage wise rate contract on turn-key basis.

1. Name of Works : Installation & Energaisation of River Lift Projects with supply of all materials on Turnkey basis.
2. Total Nos. of Packages : 5 Nos.
3. Approximate Estimated Cost : Rs. 58.59 Lakh to 14.12 Lakh
4. Class of Contractor : "D", "C", "B" & "A" with H.T. License
5. Period of completion : 60 Days from the date of issue of work order.
6. Other details as follows.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 05/2018-19 | 04.01.2019, 10.00AM | 12.01.2019 Upto 5.00PM | 08.01.2019 | 14.01.2019, 11.00AM |

Due to some technical problem the Critical dates for the above tender notice has been extended as under.

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

32327/11/0007/1819 *Sd./- Executive Engineer, L.I. Division, Angul*

---

No.XXIX-54

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

RDM-LAC-ANG-0059-2017/405 /R&DM Dated : 03.01.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର–ସମ୍ବଲପୁର (ସମ୍ବଲପୁର–ବାମୁର ସେକସନ) ରେଳପଥ ଦୋହରୀକରଣ ନିମନ୍ତେ ମୌଜା : କୁମଣ୍ଡ, ଥାନା– ଅନୁଗୁଳ, ତହସିଲ– ବଅଁରପାଳ, ଜିଲ୍ଲା– ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୦୭ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ରେ ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର–ସମ୍ବଲପୁର ରେଳପଥ ଦୋହରୀକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା – ୨୯୭୩୧, ତା. ୦୬.୦୯.୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | କୁମଣ୍ଡ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୦୭ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ରେଳପଥ ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ମୌଜା : କୁମଣ୍ଡ, ତହସିଲ – ବଅଁରପାଳ, ଥାନା: ଅନୁଗୁଳ ନ. ୨୧, ଜିଲ୍ଲା : ଅନୁଗୁଳରେ
ସମ୍ବଲପୁର – ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ

| କ୍ର. ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪୩ | ଜଟିଆ ପ୍ରଧାନ, ପି. ପଠାଣି ପ୍ରଧାନ, ଜା. ଗଉଡ, ବା: ନିଜଗାଁ | ୩୪୩ | ଶାରଦ–୨ | ୦.୦୨୦ | ୦.୦୨୦ |
| ୨ | ୩୧୨ | ଦୁଖିଆ ସାହୁ, ପି. ଫକୀର ସାହୁ, ଜା. ଚଷା, ବା. ନିଜଗାଁ | ୩୯୭ | ଶାରଦ ଜଳ ଦୋଫସଲି–୧ | ୦.୦୯୦ | ୦.୦୯୦ |
| ୩ | ୫୪୯ | ବାନାମ୍ବର ସାହୁ, ପ୍ରଭାକର ସାହୁ, ପି. ଦିନବନ୍ଧୁ ସାହୁ, ବା. ନିଜଗାଁ | ୩୪୧ | ଶାରଦ–୨ | ୦.୦୫୦ | ୦.୦୩୦ |
| ୪ | ୭୭୫ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ବା. ନିଜଗାଁ | ୩୪୦ | ଶାରଦ–୨ | ୦.୦୬୦ | ୦.୦୨୦ |
| ୫ | ୭୭୬ | ଜମ୍ବୁ ନାୟକ, ସ୍ୱା. କାର୍ତ୍ତିକ ନାୟକ, ହରି ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା. କାର୍ତ୍ତିକ ନାୟକ, ହରି ନାୟକ, ପି. ଦୈତାରୀ ନାୟକ, ବାନାମ୍ବର ନାୟକ, ପ୍ରଭାକର ନାୟକ, ପି. ଦିନବନ୍ଧୁ ସାହୁ, ବା. ନିଜଗାଁ | ୩୩୯ | ଶାରଦ–୧ | ୦.୧୯୦ | ୦.୦୧୦ |
| ୬ | ୭୭୮ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି. ଦୈତାରୀ ନାୟକ, ଗୋପାଳ ନାୟକ, ପିତେଇ ନାୟକ, ଅଧିକାରୀ ନାୟକ, ଭିକାରୀ ନାୟକ, ହିନା ନାୟକ, ପି. ମଟୁ ନାୟକ, ବା. ନିଜଗାଁ, ଟାଁଲୁ ପ୍ରଧାନ, ପି. ଶୁକଦେବ ପ୍ରଧାନ, ପରତରା, ଭୀମ ନାୟକ, ଋଷି ନାୟକ, ପି. ମହାଦେବ ନାୟକ, ବିପ୍ର ଚରଣ ଜେନା, ପି. ଆକୁଳ ଜେନା, ଅନୁଗୁଳ ଟାଉନ, ହେମସୁରପଡା | ୩୪୫ | ତଇଳା–୧ | ୦.୧୮୦ | ୦.୦୧୦ |
| ୭ | ୯୧୪ | ହାଡିବନ୍ଧୁ ସାହୁ, ପି. ଗୌରାଙ୍ଗ ସାହୁ, ବା: ନିଜଗାଁ | ୩୯୫ | ତଇଳା–୧ | ୦.୨୬୦ | ୦.୧୨୭ |
| | | | | ମୋଟ | | ୦.୩୦୭ |

ସ୍ୱା./– ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ,
ତାଳଚେର–ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

24001/14/0494/1819

---

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3839 Date: 29.12.2018

**REQUEST FOR PROPOSAL**

**Notice inviting RFP for Engagement of Agencies with OSAMB for its out reach Programme**

**No. CAD-1186:-** Proposals are hereby invited for engagement of agencies by OSAMB for its outreach programme from competent agencies having experience and expertise in mass scale IEC activities involving mobile publicity vans with audio visuals display throughout Odisha for promotion for various government schemes. Proposals to be submitted are to be from individual applicants (Consortium not allowed) by participating in the tender process as per the terms and conditions detailed out in the RFP document.

| Sl. No. | Item Particulars | Bid Processing Fee | Bid Security Deposit |
|---|---|---|---|
| 1 | Selection of Agency for IEC Activities through Special publicity vans with audio visual display facilities. | Rs. 11,800/- (Inclusive of GST) | Rs. 10,000,000/- (Rupees Ten Lakhs only) |

The bid schedule include the details of pre-bid meeting for prospective bidders is as provided below:-

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 11.30AM in the conference hall of OSAMB |
| 3 | Last date of submission of proposal | 09.01.2019 upto 5.00PM |

The agencies interested to participate in the said RFP are required to submit their proposal by Registered Post / Speed Post or Courier only as per the RFP document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0003/1819 *Sd./- Member Secretary, OSAM Board*

---

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3838 Date: 29.12.2018

**EXPRESSION OF INTEREST**

**Notice inviting EOI for empanelment as Umbrella/LED Torchlight Manufacturers with OSAMB**

**No. CAD-1185:-** OSAMB intends to empanel the Original Equipment Manufacturers (OEMs) of umbrellas to supply required numebr of regular umbrellas with promotional branding of projects / schemes / plans / campaign of OSAMB or any other schemes by the Govt. of Odisha. The empanelment shall remain valid initially for a period of 3 (three) years. OSAMB reserves the right to extend the empanelment by another 2 (two) years on the same or mutually agreed terms & conditions subject to satisfactory performance by the empanelled agencies. Only OEMs umbrellas are permitted to participate in this EOI and the subsequent RFP stage. Any kind of suppliers, agents, traders, agencies, brokers, retail shops, wholesalers, dealers, vendors, merchants etc. who are involved in buying selling of umbrellas / LED Torchlight but not manufacturers shall not be eligible for this EOI. The detailed specifications of umbrellas and other terms and conditions will be provided during subsequent stage of bidding in the RFP, to the shortlisted (empanelled) manufacturers.

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 3.00PM in the conference hall of OSAMB |
| 3 | Last date of submission of proposal | 07.01.2019 upto 5.00PM |

The agencies interested in supplying of umbrellas / LED Torchlight are required to submit their proposal by Regd. Post / Speed Post / Couriers, as per EOI document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0002/1819 *Sd./- Member Secretary, OSAM Board*

---

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3837 Date: 29.12.2018

**EXPRESSION OF INTEREST**

**Notice inviting EOI for empanelment as Event Management Agency with OSAMB**

**No. CAD-1184:-** OSAMB intends to empanel Event Management Agencies to support, coordinate and conduct various events for promotion of projects / schemes / plans / campaign, as detailed out in the relevant sections of the EOI document. The empanelment shall remain valid initially for a period of 3 (Three) years. OSAMB reserves the right to extend the empanelment by another 2 (two) years on the same on mutually agreed terms & conditions subject to satisfactory performance by the empanelled agencies. The empanelment of agencies shall be made in two categories, namely, Category A and Category B as per details below:-

(i) Category A - for events with project cost of more than Rs. 50 Lakhs
(ii) Category B - for events with project cost of upto Rs. 50 Lakhs

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 3.30PM in the conference hall of OSAMB |
| 3 | Last date of submission of proposal | 07.01.2019 upto 5.00PM |

The agencies interested to participate for empanelment as Event Management Agency are required to submit their proposal through Registered Post / Speed Post / Courier as per the EOI document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0001/1819 *Sd./- Member Secretary, OSAM Board*




## ସର୍ଭିସେସ୍ ବିପକ୍ଷରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

କଟକ ଅଫିସ, ୩୦।୧୨

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଏଲିଟ୍ ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ପ୍ରଥମ ଦିବସରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୧୭୭ ରନ୍‌ରେ ଅଲଆଉଟ ହୋଇଛି। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୫ ରନ୍ ହୋଇଥିବା ବେଳେ ଓପ୍‌ନର ଅନୁରାଗ ଷଡ଼ଙ୍ଗୀ ଖାତା ଖୋଲିବା ଆଗରୁ ସଚ୍ଚିଦାନନ୍ଦ ପାଣ୍ଡେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ଓଡ଼ିଶାର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସର୍ଭିସେସ୍ ବୋଲରଙ୍କୁ ସାମ୍ନା କରି ନ ପାରିବାରୁ ଦଳ ୫୫ ରନ୍‌ରେ ୫ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଶାନ୍ତନୁ ମିଶ୍ର ୭, ଦେବାଶିଷ ସାମନ୍ତରାୟ ୨୬, ଶୁଭ୍ରାଂଶୁ ସେନାପତି ୩ ରନ୍‌ରେ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଚଳିତ ସିଜନ୍‌ରେ ତାଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ମାତ୍ର ୬ ରନ୍‌ରେ ଆଉଟ ହୋଇଥିଲେ। ତେବେ ୬ଷ୍ଠ ଉଇକେଟ ଭାଗୀଦାରିରେ ଅଧିନାୟକ ବିପ୍ଳବ ଓ ଅଲ୍‌ରାଉଣ୍ଡର ଅଭିଷେକ ୮୨ ରନ୍ ସଂଗ୍ରହ କରି ସ୍ଥିତି ସୁଧାରିଥିଲେ। ପାର୍ଟଟାଇମ ବୋଲର ନରେନ୍ଦର ସିଂଙ୍କୁ ବ୍ୟବହାର କରି ସର୍ଭିସେସ୍ ଏହି ଯୋଡ଼ିକୁ ଭାଙ୍ଗିଥିଲା। ଅଭିଷେକ ଅର୍ଦ୍ଧଶତକ (୫୬) ହାସଲ ପରେ ନରେନ୍ଦରଙ୍କ ଶିକାର ହୋଇଥିଲେ। ଏହାପରେ ସତର୍କତାର ସହ ଖେଳୁଥିବା ବିପ୍ଳବ (୧୨୮ ବଲ୍‌ରୁ ୪୧ ରନ୍) ବାମହାତୀ ସ୍ପିନର ଅରୁଣ ବାମଲଙ୍କ ଦ୍ୱାରା କ୍ୟାଚ୍‌ଆଉଟ ହୋଇଥିଲେ। ଏହାପରେ ନିମ୍ନକ୍ରମରେ ଉଇକେଟକିପର ପି. ରୋଶନ କୁମାର ରାଓ (୯), ସୂର୍ଯ୍ୟକାନ୍ତ ପ୍ରଧାନ (୦), ବସନ୍ତ ମହାନ୍ତି (୭) ନିରାଶ କରିବାରୁ ଓଡ଼ିଶା ୧୭୭ ରନ୍‌ରେ ସୀମିତ ରହିଥିଲା। ସର୍ଭିସେସ୍ ପକ୍ଷରୁ ଅରୁଣ ୪, ଗୁରୁଦେବ ପଠାନିଆ ଓ ସଚ୍ଚିଦାନନ୍ଦ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସର୍ଭିସେସ୍ ଗୋଟିଏ ଓଭର ଖେଳି ବିନା ଉଇକେଟରେ ୨ ରନ୍ କରିଛି।

# ଭାରତ ୧୩୭ ରନ୍‌ରେ ବିଜୟୀ

## ବକ୍ସିଂ ଡେ ଟେଷ୍ଟ: ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିଲା ବିରାଟ ବାହିନୀ

ମେଲବୋର୍ନ,୩୦।୧୨(ପି.ଟି.)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅନୁଷ୍ଠିତ ବକ୍ସିଂ ଡେ ଟେଷ୍ଟରେ ଭ୍ରମଣକାରୀ ଭାରତ ବୃହତ୍ ୧୩୭ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଏଥିସହିତ ଭାରତ ବର୍ଡର- ଗାଭାସ୍କର ଟ୍ରଫିକୁ ବଜାୟ ରଖିଛି। ଏହି ବୃହତ୍ ବିଜୟ ସହ ଭାରତ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଗତ ୭ ଦଶନ୍ଧି ମଧ୍ୟରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ସିରିଜ ବିଜୟ ହାସଲ କରିବାର ସୁଯୋଗ ପାଇଛି। ଜାନୁୟାରୀ ୪ ତାରିଖରେ ସିଡନୀରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟକୁ ଅତିକମରେ ଡ୍ର ରଖିପାରିଲେ ଏହି ହାଇପ୍ରୋଫାଇଲ ସିରିଜ ଜିତି ଇତିହାସ ସୃଷ୍ଟି କରିପାରିବ। ଅଧିନାୟକ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବିଶେଷ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କୋହଲି ଅଧିନାୟକ ହିସାବରେ ବିଦେଶରେ ୧୧ଟି ଟେଷ୍ଟ ଜିତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୦ଟି ଡିସ୍‌ମିସାଲ କରି ଭାରତୀୟ ଦୃଷ୍ଟିକୋଣରୁ ରେକର୍ଡ କରିଛନ୍ତି। ପୁଣି ଭାରତ ଏଥିସହିତ ୧୫୦ତମ ଟେଷ୍ଟ ବିଜୟ ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୩ ସଫଳତା ପାଇ ମୋଟ ୯ ଉଇକେଟ ହାସଲ କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଅଷ୍ଟ୍ରେଲିଆ ସମ୍ମୁଖରେ ୩୯୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରବିବାର ପଞ୍ଚମ ତଥା ଅନ୍ତିମ ଦିବସରେ ବିଜୟ ପାଇଁ ଭାରତ ଆଉ ୨ ଉଇକେଟ ଆବଶ୍ୟକ କରୁଥିବା ବେଳେ ଅଷ୍ଟ୍ରେଲିଆ ୧୪୧ ରନ ଆବଶ୍ୟକ କରୁଥିଲା। ତେବେ ଅନ୍ତିମ ଦିନରେ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ତେବେ ଦ୍ୱିତୀୟ ସେସନ ଆରମ୍ଭ ହେବା ପରେ ୨୭ଟି ବଲ୍ ମଧ୍ୟରେ ବାକି ଦୁଇଟି ଉଇକେଟ ହାସଲ କରି ବାଜି ମାରିଥିଲା। ଅସମାପ୍ତ ସ୍କୋର ୨୫୮/୮ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ମାତ୍ର ୩ ରନ ଅଧିକ ସଂଗ୍ରହ କରିଥିଲା ଓ ୮୯.୩ ଓଭରରେ ୨୬୧ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ପ୍ୟାଟ୍ କୁମିନ୍ସ ୬୧ରୁ ଖେଳ ଆରମ୍ଭ କରି ୬୩ ଓ ନାଥନ ଲିୟନ ୬ରୁ ୭ ରନ କରି ଯଥାକ୍ରମେ ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ବୁମରା ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ପୂର୍ବରୁ ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୪୪୩ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬୬.୫ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୯୨ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ ୩୭.୩ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରି ଇନିଂସ ଘୋଷଣା କରିଥିଲା।



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୪୪୩/୭(ଘୋଷଣା)।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:୧୫୧/ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ: ୩୭.୩ ଓଭରରେ ୧୦୬/୮ରେ ଇନିଂସ ଘୋଷଣା
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୮୯.୩ ଓଭରରେ ୨୬୧ ଅଲଆଉଟ (କୁମିନ୍ସ- ୬୩, ଲିୟନ- ୭, ଶନ୍ ମାର୍ଶ- ୪୪, ହେଡ- ୩୪, ଖ୍ୱାଜା- ୩୩, ପେନ୍- ୨୬, ଜାଡେଜା- ୩/୮୨, ବୁମରା- ୩/୫୩, ସାମି- ୨/୭୧, ଇଶାନ୍ତ- ୨/୪୦)।

### ପନ୍ତଙ୍କ ନାମରେ ରେକର୍ଡ

ମେଲବୋର୍ନ,୩୦।୧୨

ଭାରତୀୟ ଦଳର ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ସିରିଜ୍‌ରେ ସେ ଏପର୍ଯ୍ୟନ୍ତ ଉଇକେଟ ପଛରେ ୨୦ଟି କ୍ୟାଚ୍ ଧରି ସାରିଛନ୍ତି। ଏହା ଯେକୌଣସି ଭାରତୀୟ ଉଇକେଟକିପରଙ୍କ ଲାଗି ଟେଷ୍ଟ ସିରିଜ୍‌ରେ ସର୍ବାଧିକ କ୍ୟାଚ୍। ପୂର୍ବରୁ ସୟଦ କିର୍‌ମାନୀ ଓ ନାରାୟଣ ତାହ୍ମାନେ ଏହି ରେକର୍ଡ ଅଧିକାରୀ ଥିଲେ। ଉଭୟ ପୂର୍ବତନ ଉଇକେଟକିପର ଗୋଟିଏ ସିରିଜ୍‌ରେ ୧୯ଟି ଲେଖାଏ କ୍ୟାଚ୍ ନେଇଥିଲେ। କିର୍‌ମାନୀ ୧୯୭୯-୮୦ ଓ ତାହ୍ମାନେ ୧୯୫୪-୫୫ରେ ପାକିସ୍ତାନ ବିପକ୍ଷରେ ଏହି ରେକର୍ଡ କରିଥିଲେ। କିର୍‌ମାନୀ ଓ ତାହ୍ମାନେ ଯଥାକ୍ରମେ ୬ ଓ ୭ଟି ମ୍ୟାଚ୍‌ରେ ୧୯ଟି କ୍ୟାଚ୍ ନେଇଥିଲେ। ମାତ୍ର ପନ୍ତ ୩ଟି ମ୍ୟାଚ୍‌ରେ ଏହି ରେକର୍ଡକୁ ଭଙ୍ଗ କରିଛନ୍ତି। ପନ୍ତ ଏଠାରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ର ଅନ୍ତିମ ଦିବସରେ ନାଥାନ ଲିଓନଙ୍କ କ୍ୟାଚ୍ ନେଇ ଟେଷ୍ଟ ସିରିଜ୍‌ରେ ଭାରତୀୟ ଉଇକେଟକିପର ଭାବେ ସର୍ବାଧିକ କ୍ୟାଚ୍ ନେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏହି ତାଲିକାରେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୭ଟି କ୍ୟାଚ୍ ନେଇ ୪ର୍ଥ ସ୍ଥାନରେ ରହିଛନ୍ତି। ସେ ୨୦୦୬ରେ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ବିପକ୍ଷରେ ଏତେସଂଖ୍ୟକ କ୍ୟାଚ ନେଇଥିଲେ।

### ଅଷ୍ଟ୍ରେଲିଆ ଦଳରେ ମାର୍ନସ୍

ଭାରତଠାରୁ ମେଲବୋର୍ନ ଟେଷ୍ଟ ହାରିବା ପରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବା ସିରିଜ୍‌ର ଅନ୍ତିମ ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି ଦଳରେ ଅଲରାଉଣ୍ଡର ମାର୍ନସ ଲାବୁସ୍କେନ୍‌ଙ୍କୁ ସାମିଲ କରାଯାଇଛି। ମେଲବୋର୍ନ ଟେଷ୍ଟ ଖେଳିଥିବା ୧୩ ଖେଳାଳିଙ୍କ ମଧ୍ୟରୁ କାହାକୁ ବାଦ୍ ଦିଆଯାଇନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ପିଚ୍ ସ୍ପିନରଙ୍କୁ ଅଧିକ ସହାୟକ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମାର୍ନସଙ୍କୁ ଦଳରେ ସାମିଲ କରାଯାଇଛି। ଏହାବାଦ୍ ସେ ଦକ୍ଷ ବ୍ୟାଟ୍ସମ୍ୟାନ ମଧ୍ୟ। ସେ ଆମ ସହ ସିଡ୍‌ନୀ ଗସ୍ତ କରିବେ। ପିଚର ସ୍ଥିତି ଉପରେ ତାଙ୍କ ଖେଳିବା ନିର୍ଭର କରେ। ମିଳିଥିବା ସୂଚନା ମୁତାବକ ସେଠାକାର ପିଚ୍ ସମ୍ଭବତଃ ସ୍ପିନରଙ୍କୁ ସହାୟକ ହେବ। ମାତ୍ର ଏହି ପିଚ୍ ଦେଖିବା ପରେ ହିଁ ଚୂଡ଼ାନ୍ତ ଏକାଦଶ ଚୟନ କରିବୁ ବୋଲି ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟିମ ପେନ୍ ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# କଟକ ଦଳଗତ ଚାମ୍ପିୟନ, ୯ଟି ମିଟ୍ ରେକର୍ଡ




ଦଳଗତ ରନର୍ସଅପ୍ ସୁନ୍ଦରଗଡ଼ର ଖେଳାଳିମାନେ ଅତିଥିଙ୍କ ସହ ।

### ରାଜ୍ୟ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

କଟକ ଅଫିସ,୩୦।୧୨

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଜିଲା ସର୍ବାଧିକ ୬୨୪ ପଏଣ୍ଟ ହାସଲ କରି ଦଳଗତ ଚାମ୍ପିୟନ ହୋଇଥିବା ବେଳେ ୩୭୨ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ଼ ଜିଲା ରନର୍ସଅପ୍ ହୋଇଛି। ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ ଭୁବନେଶ୍ୱର, ୧୬ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୧୮ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୨୦ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ କଟକ, ମହିଳା ବର୍ଗରେ କଟକ ଓ ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ଉଦ୍‌ଯାପନୀ ଦିବସରେ ୩ଟି ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ମହିଳା ହାମରରେ ପାରାଦୀପର ଦିବ୍ୟା ସାଣ୍ଡିଲ୍ୟ ୫୦.୮୫ମିଟର ଫିଙ୍ଗି ଏହି ନୂତନ ରେକର୍ଡ କରିଛନ୍ତି। ୪୮.୩୨ମିଟର ପୂର୍ବ ରେକର୍ଡ ଥିଲା। ମହିଳା ୩ ହଜାର ମିଟର ଷ୍ଟିପଲରେ କଟକର ରଶ୍ମିତା ମହାନ୍ତି ପୂର୍ବ ରେକର୍ଡ ୧୩ ମିନିଟ ୧୩.୫ ସେକେଣ୍ଡକୁ ଭାଙ୍ଗି ୧୨ମିନିଟ ୪୧.୭ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିବା ସହ ନୂତନ ମିଟ ରେକର୍ଡ କରିଛନ୍ତି । ଅନ୍ୟ ଏକ ମିଟ୍ ରେକର୍ଡ ହୋଇଛି ୧୬ବର୍ଷରୁ କମ ବାଳକ ହାମର ବିଭାଗରେ। ପାରାଦୀପର ମୋହିତ ନାରାୟଣ ୩୮.୦୬ ମିଟର ଦୂରକୁ ଫିଙ୍ଗି ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଇଭେଣ୍ଟର ପୂର୍ବ ରେକର୍ଡ ୩୫.୨୦ମିଟର ଥିଲା। ଚଳିତବର୍ଷ ମୋଟ୍ ୯ଟି ନୂତନ ମିଟ୍ ରେକର୍ଡ ହୋଇଛି। ପ୍ରଥମ ଦିବସରେ ଗୋଟିଏ ଓ ଦ୍ୱିତୀୟ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହ ସମ୍ପାଦକ ବିଭୂତି ପଣ୍ଡା, ଉପସଭାପତି ଦୁର୍ଗାମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଶ୍ରେଷ୍ଠ ମହିଳା ଆଥଲେଟ୍ ଦୂତୀ ଚାନ୍ଦ ।

### ଜାତୀୟ ସିନିୟର ଭଲିବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇର ଏସ୍‌ଡିଏଟି ଇନ୍‌ଡୋର ଷ୍ଟାଡିୟମରେ ଜାନୁୟାରୀ ୨ରୁ ଆରମ୍ଭ ହେବାକୁ ଥିବା ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ)ର ୬୭ତମ ସଂସ୍କରଣରେ ଅଂଶଗ୍ରହଣ କରିବା ଲାଗି ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) କିଟ୍ ବିଶ୍ୱବିଦ୍ୟାଳୟରେ ଗତ ୨୫ରୁ କୋଚିଂ କମ୍ ସିଲେକ୍ସନ କ୍ୟାମ୍ପ ଚାଲିଥିଲା। ଏହି ଅବସରରେ ଓଭାର ସମ୍ପାଦକ ଡ. ଗଗନେନ୍ଦୁ ଦାସ ଓଡ଼ିଶା ଭଲିବଲ ଦଳର ଶୁଭକାମନା କରିବା ସହିତ କ୍ୟାମ୍ପ ଆୟୋଜନପାଇଁସମସ୍ତପ୍ରକାରସହଯୋଗ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଓଡ଼ିଶା ମହିଳା ଭଲିବଲ ଦଳ:** ପୁଣ୍ଟୋ ସୋରେନ, କଳ୍ପଶ୍ରୀ ପ୍ରଧାନ, ରଶ୍ମିତା ବାରିକ, ଜୟଶ୍ରୀ ପଲାଇ, ଇତିଶ୍ରୀ ପ୍ରିୟଦର୍ଶିନୀ ନାୟକ, ଶିରେସା କର୍ମି, ରିବିକା ବାଗ୍, ସାଗରିକା ପୁଟିଆ, ସଙ୍ଗୀତା ଦାସ, ମୁକ୍ତି ବାର୍ଲା, ସୁନୀତା ମାର୍ଥା, ଭାଗ୍ୟଶ୍ରୀ ଦାସ, କୋଚ୍- ଅଭୟ କୁମାର ଦାସ, ସହକାରୀ କୋଚ୍- ମଧୁସ୍ମିତା ସାହୁ।

**ଓଡ଼ିଶା ପୁରୁଷ ଦଳ:** ପୁପୁନ ସ୍ୱାଇଁ, ସେକ୍ ଫରିଦ୍, ସେକ୍ ସିରାଜ ଅଲ୍ଲୀ, ଏମ୍. ବିଘ୍ନେଶ୍ୱରମ୍, ଦେବାଶିଷ ରାଉତ, ରାହୁଲ ବାରିକ, ମାନସ ରଞ୍ଜନ ପାଣି, ହିରଣମୟ ଲେଙ୍କା, ଖଗେଶ୍ୱର ଜେନା, ଜଗନ୍ନାଥ ପ୍ରସାଦ ବଳ, ଅକ୍ଷୟ କୁମାର ମିଶ୍ର, ଦୀପ୍ତିରାଜ ମିଶ୍ର, କୋଚ୍- ବିଚିତ୍ରାନନ୍ଦ ବିଶ୍ୱାଳ, ସହକାରୀ କୋଚ୍- ସୁଧାଂଶୁ ଭୂଷଣ ମିଶ୍ର

# ବିଜୟ ସହ ଚର୍ଚ୍ଚିଲର ପ୍ରତ୍ୟାବର୍ତ୍ତନ

### ଆଇ- ଲିଗ୍ ଫୁଟବଲ

ଭୁବନେଶ୍ୱର,୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କ୍ରମାଗତ ଦୁଇଟି ପରାଜୟ ପରେ କୋଚ୍ ପିଟର ଗିଗିଡଙ୍କ ତତ୍ତ୍ୱାବଧାନରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଆଇ- ଲିଗ୍ ଫୁଟବଲରେ ବିଜୟ ହାସଲ କରିଛି। ଅଧିନାୟକ ତଥା ଫରୱାର୍ଡ ୱିଲିସ୍ ଡିଓନ ପ୍ଲାଜାଙ୍କ ଏକମାତ୍ର ଗୋଲ ବଳରେ ଚର୍ଚ୍ଚିଲ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଯୁବ ଦଳ ଇଣ୍ଡିଆନ ଆରୋଜକୁ ପରାସ୍ତ କରିଛି। ୧-୦ ଗୋଲ ବ୍ୟବଧାନରେ ଆରୋଜ ମ୍ୟାଚ୍ ହାତଛଡ଼ା କରିଛି। ପ୍ରଥମାର୍ଦ୍ଧର ୪୦ତମ ମିନିଟ୍‌ରେ ପ୍ଲାଜା ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଚର୍ଚ୍ଚିଲ ୩ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଆରୋଜ ୩ଟି ମ୍ୟାଚ ଖେଳି ପ୍ରଥମ ପରାଜୟ ବରଣ କରିଛି। ଚର୍ଚ୍ଚିଲ ବ୍ରଦର୍ସ ଆରମ୍ଭରୁ ଓ ପ୍ରଥମାର୍ଦ୍ଧରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ତ୍ରିନିଦାଦ ଓ ଟବାଗୋର ପ୍ଲାଜା ଚତୁର୍ଥ ମିନିଟରେ ଏକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆରୋଜ ଗୋଲ କିପର ପ୍ରଭସୁଖାନ ଗିଲ୍ ଏହାକୁ ଡାଇଭ୍ କରି ସୁନ୍ଦର ଭାବେ ପ୍ରତିହତ କରିଥିଲେ।

ଫ୍ଲଏଡ ପିଣ୍ଟୋଙ୍କ ଆରୋଜ ଦଳ ଏହା ପୂର୍ବରୁ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ସହ ୪ ପଏଣ୍ଟ ହାସଲ କରି ପୂରା ଦମ୍‌ଦାର ପ୍ରଦର୍ଶନ କରିବା ଲକ୍ଷ୍ୟରେ ଥିଲା। ଆରୋଜର ରହିମ ଅଲୀ ଓ ଅମରଜିତ୍ ସିଂ ଏକାଧିକ ପ୍ରୟାସ କରିଥିଲେ ମଧ୍ୟ ଚର୍ଚ୍ଚିଲ ଗୋଲ କିପର ଏହା ପଣ୍ଡ କରିବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହେବ ବୋଲି ଆଶା କରାଯାଉଥିବା ବେଳେ ୪୦ତମ ମିନିଟରେ ପ୍ଲାଜା ଗୋଲ ଦେଇ ଚର୍ଚ୍ଚିଲକୁ ଅଗ୍ରଣୀ କରାଇଥିଲେ। ଆରୋଜ ସେଣ୍ଟର ଫରୱାର୍ଡ ଜିତେନ୍ଦ୍ର ସିଂ ବଲ୍‌କୁ ଅକ୍ତିଆର କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଏହା ଫାଇଦା ଉଠାଇ ପ୍ଲାଜା ଗୋଲ ସ୍କୋର କରିଥିଲେ। ଏହା ପରେ ଆରୋଜ ଗୋଲ ପରିଶୋଧ କରିବାକୁ ପ୍ରୟାସ ଆରମ୍ଭ କରିଥିଲା। ରହିମ ଅଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଚର୍ଚ୍ଚିଲ ଡିଫେନ୍ସକୁ ଭେଦ କରିପାରି ନ ଥିଲେ। ୭୪ ତମ ମିନିଟରେ ଗୋଲ ପରିଶୋଧ କରିବାକୁ ଆରୋଜ ଏକ ସୁଯୋଗ ପାଇଥିଲା। ବୋରିସ୍ ସିଂ ଥଙ୍ଗଜାମ ଶଟ ମାରିଥିଲେ ମଧ୍ୟ ବଲ ଗୋଲ ପୋଷ୍ଟ ଉପରେ ଚାଲିଯାଇଥିଲା। ଅନିକେତଙ୍କୁ ରେଫରୀ ହଳଦିଆ କାର୍ଡ ଦେଖାଇଥିଲେ। ୫ ମିନିଟର ଅତିରିକ୍ତ ସମୟ ଖେଳ ହୋଇଥିଲା। ତେବେ ଆରୋଜ ଗୋଲ ପରିଶୋଧ କରିବାରେ ସଫଳ ହୋଇ ନ ଥିଲା। ଫଳରେ ଶେଷରେ ଚର୍ଚ୍ଚିଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଚର୍ଚ୍ଚିଲ ଡିଫେଣ୍ଡର ନିକଶନ କାଷ୍ଟାନ (ଜର୍ସି ନଂ ୨୪)ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରୁସ୍କୃତ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ତଥା କମିଶନର ବିଶାଳ ଦେବ।




ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଡିଆନ୍ ଆରୋଜ ମଧ୍ୟରେ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇ- ଲିଗ୍ ଫୁଟବଲ ମ୍ୟାଚ ।

## ସଂକ୍ଷେପରେ

### କଳାହାଣ୍ଡି ଏସ୍‌ପିଙ୍କ ବିରୋଧରେ ଓଏଚ୍‌ଆରସିରେ ଅଭିଯୋଗ

**ଭୁବନେଶ୍ୱର,୩୦।୧୨ (ବ୍ୟୁରୋ)-** ମାଓବାଦୀ ସହ କାମ କରୁଥିବା କହି କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଲାଖିବାହଲ ଘାଟିକୁଣ୍ଡରୁ ଗ୍ରାମର ସାମାଜିକ କର୍ମୀ ବ୍ରିଟିଶ୍ କୁମାରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ମାନବାଧିକାର କମିଶନର କାର୍ଯ୍ୟାଳୟ ଗୁରୁତର ସହ ନେଇ ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତ ଘାଟିକୁଣ୍ଡ ଗାଁରେ ଯୁବ ସାମାଜିକ କର୍ମୀ ବ୍ରିଟିଶ୍ ପରିବାର ସହ ରହୁଛନ୍ତି। ଗତ ଅକ୍ଟୋବର ୧୬ ତାରିଖରେ ବିଜେପୁର ପୋଲିସ ତାଙ୍କୁ ବିନା କାରଣରେ ଉଠାଇ ନେଇଥିଲେ। ଏପରିକି ଦିନ ୧୧ଟାରୁ ଉଠାଇ ନେଇ କଳାହାଣ୍ଡି ଏସ୍‌ପିଙ୍କ ନିକଟରେ ହାଜର କରିଥିଲେ। ହେଲେ ଏସ୍‌ପି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ରାତି ପ୍ରାୟ ୮ଟାରେ ତାଙ୍କୁ ଘରକୁ ଛାଡିଥିଲେ। ସେହିଭଳି ଡିସେମ୍ବର୨୨ ତାରିଖରେ କେରଳରେ କାମ କରୁଥିବା ତାଙ୍କ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ କେରଳରୁ ଆଣିବା ପାଇଁ ସାହାଯ୍ୟ ମାଗିବା ପାଇଁ ବ୍ରିଟିଶ ଶ୍ରମ ଅଫିସ ଯାଇଥିଲେ। ସେହି ସମୟରେ ପୁଣି ବିଜେପୁର ପୋଲିସ ତାଙ୍କୁ ଉଠାଇ ନେଇ ଏସ୍‌ପିଙ୍କ ଆଗରେ ହାଜର କରିଥିଲେ। ହେଲେ ଏସ୍‌ପି ତାଙ୍କୁ ମାଓବାଦୀ ସହ କାର୍ଯ୍ୟ କରୁଥିବା କହି ଗାଳିଗୁଲଜ କରିବା ସହ ଏକ ପାଇପରେ ମାଡ ମାରିଥିବା ଅଭିଯୋଗ କରିଛନ୍ତି।

ଏ ନେଇ ଆମେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ପଚାରିବାରୁ ସେ କୁହନ୍ତି, ବ୍ରିଟିଶ୍ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ମିଛ କଥା। ଆମେ ମାଓବାଦୀ ସୂଚନା ପାଇଁ ତାଙ୍କୁ ଆଣି ପଚରାଉଚରା କରିଥିଲୁ। ସେଭଳି କିଛି ମାଡ ମରାଯାଇନାହିଁ ବୋଲି ଏସ୍‌ପି କହିଛନ୍ତି।

■ ଡାକ୍ତର ଅଭାବରୁ ମିଳିଲାନି ସ୍ୱାସ୍ଥ୍ୟସେବା

# ଗର୍ଭସ୍ଥ ଶିଶୁ ମୃତ, ମାଆ ଗୁରୁତର

**ବରଗଡ଼ ଅଫିସ,୩୦।୧୨**

■ ଦୁର୍ଭାଗ୍ୟଜନକ ବୋଲି କହିଲେ ଜିଲାପାଳ

■ ଡେପୁଟେଶନରେ କାର୍ଯ୍ୟ କରିବେ ୨ଡାକ୍ତର

ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାର ଜନନୀ ସୁରକ୍ଷା ଯୋଜନା, ମମତା ଯୋଜନା ଭଳି ବହୁବିଧ ପଦକ୍ଷେପ ହାତକୁ ନେଇଛନ୍ତି। ହେଲେ ସରକାରଙ୍କ ଏହି ଯୋଜନା କେବଳ ଯୋଜନାରେ ହିଁ ସୀମିତ ରହିଯାଇଛି। ବରଗଡ଼ ଜିଲା ବରପାଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ନ ଥିବାରୁ ଆବଶ୍ୟକ ଚିକିତ୍ସା ସେବା ପାଇ ନ ପାରି ରବିବାର ଏକ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଛି । ସେହିପରି ଗର୍ଭସ୍ଥ ଶିଶୁ ମୃତ ବୋଲି ଜାଣିବା ପରେ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି । ତାଙ୍କୁ ଭିମ୍‌ସାର୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବା ପ୍ରତିବାଦରେ ଗତ ୧୯ତାରିଖରୁ ବରପାଲିରେ ଚାଲିଥିବା ଆନ୍ଦୋଳନ ରବିବାର ୧୨ଦିନରେ ପହଞ୍ଚିଛି । ଡାକ୍ତର ଅଭାବ ଯୋଗୁ ଆବଶ୍ୟକ ଚିକିତ୍ସାରୁ ବଞ୍ଚିତ ହୋଇ ଗର୍ଭସ୍ଥ ଶିଶୁର ମୃତ୍ୟୁ ସହ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ଭଳି ଅଭାବନୀୟ ଘଟଣା ପଦାକୁ ଆସିବା ପରେ ତାହା ଏହି ଆନ୍ଦୋଳନକୁ ଆହୁରି ଖୋରାକ୍ ଯୋଗାଇଛି ।

ପ୍ରକାଶ ଯେ, ସ୍ଥାନୀୟ ୱାର୍ଡ଼ ନଂ-୯ ନିବାସୀ ତ୍ରିଲୋଚନ ମେହେରଙ୍କ ସ୍ତ୍ରୀ ପୁଷ୍ପା ଗର୍ଭଧାରଣ କରିବା ପରେ ପ୍ରତିମାସରେ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ପାଖକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଥିଲେ ଏବଂ ତାଙ୍କ ପରାମର୍ଶ ଅନୁସାରେ ଔଷଧ ଖାଉଥିଲେ। ରବିବାର ଅର୍ଥାତ୍ ଡିସେମ୍ବର ୩୦ ତାରିଖ ସୁଦ୍ଧା ପ୍ରସବ ଅବଧି ରହିଥିବା ସେତେବେଳେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ତାଙ୍କୁ କହୁଥିଲେ । କିନ୍ତୁ ସ୍ତ୍ରୀଙ୍କ ପ୍ରସବ ସମୟ ପାଖେଇ ଆସିବା ବେଳକୁ ସେହି ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଅନ୍ୟତ୍ର ବଦଳି ହୋଇଥିଲା ଏବଂ ଡାକ୍ତରଖାନାକୁ ଆସିଥିଲେ ହେଁ ଆବଶ୍ୟକ ଚିକିତ୍ସା ସେବା ମିଳି ପାରି ନ ଥିବା ତ୍ରିଲୋଚନ କହିଛନ୍ତି ।

ତ୍ରିଲୋଚନ ଆହୁରି କହିଛନ୍ତି, ଗର୍ଭସ୍ଥ ଶିଶୁ ପେଟରେ ବୁଲି ପାରୁନାହିଁ ବୋଲି ସ୍ତ୍ରୀ ପୁଷ୍ପା କହିବାରୁ ରବିବାର ଭୋର୍‌ରେ ତାଙ୍କୁ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । କିନ୍ତୁ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ନ ଥିବା ଯୋଗୁ ସେଠାରେ ତାଙ୍କ ଚିକିତ୍ସା ହୋଇ ପାରି ନ ଥିଲା । ଫଳରେ ସ୍ତ୍ରୀଙ୍କୁ ଧରି ବାଇକ୍ ଯୋଗେ ସେ ବରଗଡ଼ ଆସିଥିଲେ ଏବଂ ଅନ୍ୟଜଣେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ପରେ ଅଲଟ୍ରାସାଉଣ୍ଡ କରିବା ପରେ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା ବୋଲି ତ୍ରିଲୋଚନ କହିଛନ୍ତି । ଏହାପରେ ସ୍ତ୍ରୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭିମସାର୍‌ର ପ୍ରସୂତି ୱାର୍ଡ଼ରେ ପୁଷ୍ପାଙ୍କୁ ଭର୍ତ୍ତି କରାଯାଇଛି । ତେବେ ସ୍ୱାଭାବିକ ଭାବେ ହୋଇ ନ ପାରିଲେ ଅସ୍ତ୍ରୋପଚାର ମାଧ୍ୟମରେ ଗର୍ଭାଶୟରୁ ମୃତଶିଶୁକୁ ବାହାର କରାଯିବ ବୋଲି ଡାକ୍ତରମାନେ କହୁଛନ୍ତି। ୨ୟୁନିଟ୍ ରକ୍ତ ଯୋଗାଡ଼ କରିଥିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେ ସେହି ରକ୍ତ ଯୋଗାଡ଼ କରି ସାରିଥିବା ତ୍ରିଲୋଚନ କହିଛନ୍ତି ।



ଗର୍ଭସ୍ଥ ଶିଶୁ ମୃତ ବୋଲି ଜାଣିବା ପରେ ଚିନ୍ତିତ ମା' ।

ତେବେ ଏହି ଘଟଣାକୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ବରପାଲି ଡାକ୍ତରଖାନା ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହିତ ବାରମ୍ବାର ଯୋଗାଯୋଗରେ ରହିଥିବା କହିଛନ୍ତି । ସେହିପରି ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହକୁ ୩ଦିନ ଲେଖାଏଁ କାର୍ଯ୍ୟ କରିବା ପାଇଁ ଉଭୟ ପଦ୍ମପୁର ଓ ବରଗଡ଼ ଡାକ୍ତରଖାନାର ଜଣେ ଲେଖାଏଁ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡତିଆଙ୍କ ପରଲୋକ

**ବିଜେପୁର,୩୦।୧୨(ଡି.ଏନ.ଏ.)**



ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡତିଆ।

ବରଗଡ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡତିଆଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ଶନିବାର ରାତି ୧୧ଟା ୪୫ ମିନିଟରେ ହଠାତ୍ ତାଙ୍କ ହୃଦ୍‌ଘାତ ହୋଇଥିଲା ପରିବାର ଲୋକେ ତାଙ୍କୁ ତୁରନ୍ତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କୁ ସମ୍ମାନ ଜଣାଇ ରବିବାର ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ ରହିଥିଲା । ସେ ଜଣେ ଚାଷୀ ନେତା, ଜଣାଶୁଣା ଫୁଟବଲ ଖେଳାଳି ତଥା ସ୍ୱାଧୀନଚେତା ବ୍ୟକ୍ତି ଭାବେ ପରିଚିତ ଥିଲେ। ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟିକା ରୀତା ସାହୁ, ଏମ୍‌ପି ପ୍ରଭାସ କୁମାର ସିଂହ, ବିଡିଓ ପଦ୍ମନାଭ ସାମନ୍ତରାୟ, ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଣନିଧି ସେଠ, ଜିଲା ବିଜେଡି ଉପ ସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ସନତ କୁମାର ଗଡତିଆ, ଅଜିତ ସାହୁ, ଗୌରହରୀ ମିଶ୍ର, ଚାଷୀ ନେତା ଗୌରଚନ୍ଦ୍ର ଖମାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ତାଙ୍କ ଶବାଧାରକୁ ନଗର ପରିକ୍ରମା କରାଯିବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ବଡ ପୁଅ ଜୟନ୍ତ ଗଡତିଆ ମୁଖାଗ୍ନି ଦେଇଥିଲେ ।

୧୯୩୪ ଅଗଷ୍ଟ ତାରିଖ ୩୦ରେ ଜନ୍ମଗ୍ରହଣ କରିଥିବା ନିତ୍ୟାନନ୍ଦ ବରପାଲି ହାଇସ୍କୁଲରୁ ମାଟ୍ରିକ ପାସ କରିଥିଲେ । ଛାତ୍ରାବସ୍ଥାରୁ ସେ ରାଜନୈତିକ ଜୀବନ ଆରମ୍ଭ କରି କୃଷି ଓ କୃଷକଙ୍କ ଉନ୍ନତୀ ପାଇଁ ଆନ୍ଦୋଳନ କରିଥିଲେ। ତାଙ୍କ କାର୍ଯ୍ୟଦକ୍ଷତା ଯୋଗୁ ଖୁବ କମ ଦିନରେ ସେ ଜଣେ ବିଶିଷ୍ଟ ଚାଷୀ ନେତା ଭାବେ ପରିଚିତ ହୋଇପାରିଥିଲେ। ତାଙ୍କ ସାହସିକତା ଦେଖି ବିଜୁ ବାବୁ ତାଙ୍କୁ ଜନତା ଦଳରୁ ପ୍ରାର୍ଥୀ ହେବାକୁ ମନୋନୀତ କରିଥିଲେ । ୧୯୭୭ରୁ ସେ ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପଦ ଅଳଙ୍କୃତ କରିଥିଲେ। ଉକ୍ତ ନିର୍ବାଚନରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜୀବ ଲୋଚନ ହୋତାଙ୍କୁ ୧୪ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟ ଘୋଷିତ ହୋଇଥିଲେ ।

■ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# କୋହଳ ହେଲା ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୩୦।୧୨**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଗତ ୨୮ ଦିନ ଧରି ଚାଲିଥିବା ଆନ୍ଦୋଳନକୁ ରବିବାରଠାରୁ କୋହଳ କରାଯାଇଛି । ଜିଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟକୁ ଛାଡି ସମସ୍ତ ସରକାରୀ ଅଫିସ, ଡାକଘର, ବୀମା ପ୍ରତିଷ୍ଠା କମ୍ପାନୀ ସୋମବାରଠାରୁ ଖୋଲା ରହିବ ବୋଲି ସୂଚନା ମିଳିଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖାଯିବ ବୋଲି ନିଷ୍ପତ୍ତି ହେବା ସହ ସିଭିଲ କୋର୍ଟରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟରେ ଅତ୍ୟନ୍ତ ଜରୁରୀ କାର୍ଯ୍ୟ କରାଯିବା ଉପରେ କୌଣସି ବାଧା ଦିଆଯିବ ନାହିଁ ବୋଲି ସୂଚନା ଦିଆଯାଇଛି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ଗତ ୩ ତାରିଖରୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ମାରାଥନ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗତ ୨୪ ତାରିଖରୁ ଜିଲା ସଦର ମହକୁମାର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ କରି ଦିଆଯାଇଥିଲା। ଫଳରେ ଜିଲାରେ ଏକପ୍ରକାର ଅଚଳାବସ୍ଥା ଦେଖାଦେଇଥିଲା ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିଲେ । ଶନିବାର ମିଳିତ କ୍ରିୟାନୁଷ୍ଠାନ କମିଟି ବଲାଙ୍ଗୀର ଗସ୍ତରେ ଆସିଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିର ଯଥାର୍ଥତା ବୁଝାଇବା ସହ ସ୍ମାରକପତ୍ର ପ୍ରଦାନ କରିବା ଓ ରାଜ୍ୟପାଳ ପ୍ରଫେସର ଲାଲ ଏନେଇ ସକାରାତ୍ମକ ମତ ପୋଷଣ କରିବା ପରେ ଆନ୍ଦୋଳନକୁ କୋହଳ କରିବା ପାଇଁ ନିଷ୍ପତ୍ତି ହୋଇଥିବା ସଂକ୍ରାନ୍ତରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି କହିଛନ୍ତି । ଆସନ୍ତା ଜାନୁୟାରୀ ୧୬ ତାରିଖ ଦିନ ବଲାଙ୍ଗୀର ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଥିବା ଓକିଲ ସଂଘ ସଭାପତି ମହାନ୍ତି ସୂଚନା ଦେଇଛନ୍ତି । ରବିବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ କଲ୍ୟାଣ ସଂଘ, ଜିଲା ବାରିକ ସମାଜ ଓ ଖାରମୁଣ୍ଡା ଧନୁଯାତ୍ରା କମିଟି କର୍ମକର୍ତ୍ତାମାନେ ଧାରଣାରେ ସାମିଲ ହୋଇଥିଲେ । ଖାରମୁଣ୍ଡା ଧନୁଯାତ୍ରା କମିଟି ସଭାପତି ଅନଙ୍ଗ ଉଦୟ ଗଡତ୍ୟା, ସରପଞ୍ଚ ସୁନୀଲ ଅଗ୍ରୱାଲ, ମନୋଜ ଧରୁଆ, ଆଦିବାସୀ କଲ୍ୟାଣ ସଂଘର ସତ୍ୟ ଭୋଇ, ଜିଲା ବାରିକ ସମାଜର ଦଶରଥ ପଶାୟତ, ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ର, ରଣ୍ଡା ଗ୍ରାମ ବିକାଶ ମଞ୍ଚର ରୋହିତ ସାହୁ, ରାଜୁ ନିଆଲ, ସାଉଁନ୍ତପୁର ସରପଞ୍ଚ ମୁକେଶ ନାଏକ, ମ୍ୟୁନିସିପାଲିଟି କର୍ମଚାରୀ ସଂଘ ନେତା ନରସିଂହ ଦୀପ, ଉଗ୍ରସେନ ପ୍ରଧାନ ପୂର୍ବତନ ସରପଞ୍ଚ ରୋହିତ ପ୍ରଧାନ, ସୁକେଶ ପ୍ରଧାନ, ଅର୍ଜୁନ ନାଏକ, ବ୍ୟାସ ପ୍ରଧାନ, ଡାକ୍ତର ନାଏକ, ପୁରୁଷୋତ୍ତମ ଦେବତା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ଉଦ୍‌ବୋଧନ ଦେଇଥିଲେ ।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧାରଣା ଦିଆଯାଇଛି ।



ଟେନସା ଜିରୋ ପଏଣ୍ଟ ନିକଟରେ ଶନିବାର ରାତିରେ ବରଫ ବର୍ଷା ହୋଇଛି।

## କୋଇଡ଼ା ବ୍ଲକରେ ତୁଷାରପାତ

**ଟେନ୍‌ସା,୩୦।୧୨(ଡି.ଏନ.ଏ.)-**ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ଟେନସା ଗ୍ରାମପଞ୍ଚାୟତ ନିକଟ ଜିରୋ ପଏଣ୍ଟ ନିକଟରେ ଶନିବାର ରାତିରେ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଛି। ଫଳରେ ଏଠାରେ ତୁଷାରପାତ ହୋଇଛି। ସକାଳେ ବିଭିନ୍ନ ସ୍ଥାନରେ ତୁଷାର ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁଷାରପାତ ଦେଖିବାକୁ ରବିବାର ସକାଳୁ ଲୋକେ ଟେନସା ଅଞ୍ଚଳରେ ଭିଡ ଜମାଇଥିଲେ। ଶୀତର ପ୍ରକୋପ ବୃଦ୍ଧି ପାଇଛି । ଏଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ରାତି ତମାମ ନିଆଁ ପାଖରେ ବସି ରହୁଥିବା ଦେଖିବାକୁ ମିଳିଛି। ବିଗତବର୍ଷ ମଧ୍ୟ ଠିକ୍ ଏହି ସମୟରେ ଉପରୋକ୍ତ ଅଞ୍ଚଳରେ ତୁଷାରପାତ ହୋଇଥିଲା। ଟେନସା ସମୁଦ୍ରପତ୍ତନଠାରୁ ୫୦୦ମିଟର ଉଚ୍ଚରେ ଥିବାରୁ ଏହି ଅଞ୍ଚଳରେ ଥଣ୍ଡାର ପରିମାଣ ବୃଦ୍ଧି ପାଇ ତୁଷାରପାତ ହୋଇଥାଏ ।

## ବାଲ୍ୟ ବିବାହ ରୋକିଲା ଉଦଳା ପୋଲିସ

**ଉଦଳା, ୩୦।୧୨ (ଡି.ଏନ.ଏ.)-**ଉଦଳା ଥାନା ରାଢୋ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ପୋଲିସ । ସଂପୃକ୍ତା ନାବାଳିକାଙ୍କୁ ବିବାହ କରିବାକୁ ଆସିଥିବା ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି । ସେ ହେଲେ ଉତ୍ତରପ୍ରଦେଶର ବାସିନ୍ଦା ପ୍ରମୋଦ କୁମାର ସିଂ । ନାବାଳିକାଙ୍କ ଜନ୍ମ ପ୍ରମାଣପତ୍ର ସମେତ ଏକାଧିକ ଦସ୍ତାବିଜ୍‌କୁ ପୋଲିସ ଯାଞ୍ଚ କରିଛି।

# ରାଣୀପଥରରେ ବିଜେଡି ନେତାଙ୍କ ବୈଠକ

**ତଳଗାଁ,୩୦।୧୨(ଡି.ଏନ୍.ଏ.)**

ରବିବାର ବୌଦ୍ଧ ଜିଲା ସୀମାନ୍ତ ରାଣୀପଥର ପୂର୍ତ୍ତ ବିଭାଗ ବଙ୍ଗଳାରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭାପତି ତଥା ବିଜେଡିର ବରିଷ୍ଠ ନେତା ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବରିଷ୍ଠନେତା ଯୋଗଦେଇ ଦଳକୁ କିପରି ଆଗକୁ ନିଆଯାଇ ପାରିବ ସେନେଇ ଆଲୋଚନା କରିଥିଲେ। ଏପରି କି ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ କର୍ମୀଙ୍କ ପ୍ରତି ଅଣଦେଖାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଛତରଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ରାଉତ, ପୂର୍ବତନ ଧଳପୁର ସରପଞ୍ଚ ବିଶ୍ୱାମିତ୍ର ମହାକୁଡ, ପୂର୍ବତନ ପୁରୁଣାକଟକ ସରପଞ୍ଚ ରବି ପ୍ରଧାନ, ଗରୁଡ ପ୍ରଧାନ, ଅରବିନ୍ଦ ଲଉରିଆ, ପୂର୍ବତନ ସମିତିସଭ୍ୟ ପ୍ରଦୀପ ସେଠୀ, ଗୋପ ମହାପାତ୍ର, ପୂର୍ବତନ ତଳଗାଁ ସରପଞ୍ଚ ରମାକାନ୍ତ ବଗର୍ତ୍ତୀ, ନିରଞ୍ଜନ ସାହୁ, ପ୍ରଭାତ ପ୍ରଧାନ, କୁନା ବେହେରା, ଶମ୍ଭୁ ପ୍ରସନ୍ନ ମୁଣ୍ଡାଙ୍କ ସମତେ ବହୁ ବିଜେଡି ନେତା ସାମିଲ ଥିଲେ ।




■ ଘର ଭାଂଗବାର ବଛରେ ହେଲା

# ପର୍‌ହର୍ ଘରେ ମୁଡ ଗୁଁଜିଛନ୍ ଅସାହା ବୁଢ଼ାବୁଢ଼ୀ

**ଅତାବିରା,୩୦।୧୨(ଡି.ଏନ.ଏ.)**

ଲଘୁଚାପ ବର୍ଷାରେ ଘରଦୁଆର ଭାଂଗି ଗଲାରୁ ଦୁଇ ବୁଢ଼ାବୁଢ଼ୀ ନିଜର ଝନେ ଲାଗେଲେସର ଘରେ ବଛରେ ହେଲା ମୁଡ ଗୁଁଜିଛନ୍। ହେଲେ ଦୁଖର କଥା ଆଏଜତକ୍ ତାହାକୁ ସରକାରୀ ଯୋଜ୍‌ନାରେ ବିଜୁ ପକ୍କାଘର କି ଇନ୍ଦିରା ଅବାସ ଘରଟେ ନୁହେ ମିଲେ। ଇଆଡ଼େ ବୁଢ଼ାବୁଢ଼ୀକର ବଏସ୍ ୬୦ ଟପିଥିଲେ ବି ଭତା ପାଏବାରୁ ବଁଚିତ ହେଇ ରହିଛନ୍। ସରକାରୀ ସାହାଯ୍ ବଏଲେ ରାଶନ କାର୍ଡରେ ମାସିକ୍ ମିଲୁଥିବାର ୮ କେ.ଜି. ଗହମ ଆର ୨ କେ.ଜି. ଚାଉଲ। ଇ ଘଟନା ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁଚେତ୍‌ର ସାଲନା ଗାଁରେ। ଇ ଗାଁର ଏ.ରୁଦ୍ରୟା ଆର ତାକର ମାଏକିନା ଈଶ୍ୱରୀ, ଦୁହିଁକର ବଏସ୍ ୬୦ ଟପ୍‌ଲାନ। ତାକର ୩ ଝିଁ ବିହାହୁରା ହେଇ ଶାଶ୍ ଘରମାନକୁ ଖଟୁଥିଲା ବେଲେ ବୁଢ଼ାବୁଢ଼ୀ ନିଆଁସି ଜୀବନ୍ ବିତଉଛନ୍। ଏ.ରୁଦ୍ରୟାକଁର କହେବାର ହେଲା, ମୁଇଁ ସରକାରୀ ଯୋଜ୍‌ନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ବ୍ଲକ୍ ଅଫିସ୍ ଆର ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆକଁର ପାସ୍‌କେ ୬-୭ଥର ଯାଇଛେଁ। ହେଲେ ସଭେ ଆଏଜ୍ ମିଲବା କାଏଲ୍ ମିଲବା ବଲି ଟିଆ ଦେଉଛନ୍। ହେଲେ କାହାରି ଜବାବ୍‌ର ଠିକ୍‌ଠିକାନା ନାଇଁ, ଟିଆ କେଭେ ନାଇଁ ପୂରବାର, ମୁଇଁ ବୁଢ଼ା ମୁନୁଷ୍‌ଟେ ଇନୁ ସେନ୍‌କେ ଦଉଡ଼ି ଦଉଡ଼ି ଦରମରା ହେଇଗଲିନ ବଲି ସେ କହିଥିଲେ। ଏନ୍‌ତା କି ଭତା ପାଏବାର ଲାଗି ଫର୍ମ ଭରି ଦେଇଥିଲେ ବି ସେଟା କେଭେ ନାଇଁହେବାର। ଯଦି ବଁଚିଥିଲା ବେଲେ କେହେନ୍‌ସି ସରକାରୀ ଯୋଜ୍‌ନାର ଲାଭ୍ ନାଇଁ ପାଇପାରୁଁ କାଣା ମରିଗଲେ ଆମର ଭୁତ୍ ଭୋଗ୍ କରବା କାଏଁ ବଲି ସେ ଉଲଟିଆ ପ୍ରଶ୍ନ କରିଥିଲେ। ଇ ବାବ୍‌ଦେ ଭେଡ଼େନ ତହସିଲଦାର ସବିତା ସୀମା କୁଲୁକୁଁ ପଚରାଲାରୁ ଘରଭଂଗା ସାହାଯ୍ ଟଁକା ଆସିଯାଇଛେ ତିତାଧିକାରୀମାନକୁ ବହୁତ୍ ଜଲଦି ଦିଆଯିବା ବଲି ସେ କହିଥିଲେ।



ଏ. ରୁଦ୍ରୟା ନିଜର ଭଂଗା ଘରଆଘେ ଠିଆ ହେଇଛନ୍।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- **ଗୁରୁ ନାନକ**

## ସଂକ୍ଷେପରେ

### ବିଜୁ କୃଷକ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ

**ବୌଦ୍ଧ,୩୦।୧୨(ସ୍ୱ.ପ୍ର.)-** ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କୃଷକ ଜନତା ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ନିକଟରେ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି ଓ ମହାସଚିବ ଭାବେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦେବା ପରେ ରାଜ୍ୟ କର୍ମକର୍ତ୍ତା ଓ ଜିଲା କର୍ମକର୍ତ୍ତା ନିଯୁକ୍ତି ଦେଇଛନ୍ତି। ବୌଦ୍ଧ ଜିଲାର ଦହ୍ୟା(ରକ୍ସା) ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କିଶୋର କୁମାର ମେହେରଙ୍କୁ ବିଜୁ କୃଷକ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜୁ କୃଷକ ଜନତା ଦଳର ବୌଦ୍ଧ ଜିଲା ସଭାପତି ଭାବେ ଶାନ୍ତନୁ ଥାଟିଙ୍କୁ ନିଯୁକ୍ତି ଦିଆଯାଇଛି।

### ୧୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୩୦।୧୨(ସ୍ୱ.ପ୍ର.)-** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବୌଦ୍ଧ ଅବକାରୀ ବିଭାଗ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ବଙ୍କୁରା ଜିଲା ଓନା ଥାନା ଅଧୀନ ପୁନିସୋଲ ଗ୍ରାମର ଅବଦୁଲ ସାମିନ ମଣ୍ଡଳ(୩୨) ଓ ଲାଲଚାନ୍ଦ ଖାନ(୩୦)। ମିଳିଥିବା ସୂଚନା ମୁତାବକ, ରବିବାର ବୌଦ୍ଧ ଅବକାରୀ ବିଭାଗ ଏକ ଟିମ୍ ସହରର ଏନ୍‌ଏସି ଛକ ନିକଟରେ ଉପସ୍ଥିତ ଥିଲେ। ସେତିକିବେଳେ କର୍ମଚାରୀମାନେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖବର ପାଇଥିଲେ। ଏନେଇ କର୍ମଚାରୀମାନେ ବସଷ୍ଟାଣ୍ଡ ନିକଟରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ କର୍ମଚାରୀମାନେ ରାଜପଥ ନିକଟସ୍ଥ ଶୌଚାଳୟ ନିକଟରେ ୨ଜଣ ଯୁବକଙ୍କୁ ଧରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୨ଟି ବସ୍ତାରେ ଥିବା ୫ କେଜି ଲେଖାଁଏ ୧୦ କେଜି ଗଞ୍ଜେଇ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲାରେ ଅବଦୁଲ ଏବଂ ଲାଲଚାନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସବ୍ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡ଼ା, ଏଏସ୍‌ଆଇ ରୁପେଶ ମୁଖି, କନଷ୍ଟେବଲ ଜୟନ୍ତ ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ରେଳ ଧାରଣାରେ ପଡ଼ିଛି ମୃତଦେହ

**ବରଗଡ଼ ଅଫିସ୍,୩୦।୧୨-** ବରଗଡ଼ ସହର ଉପକଣ୍ଠ ଖୁଣ୍ଟପାଲି ଜୀରାବ୍ରିଜ ନିକଟ ରେଳ ଧାରଣା ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ି ରହିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ଗତ ୨ଦିନ ହେଲା ସେଠାରେ ମୃତଦେହ ପଡ଼ି ରହିଥିବା ବେଳେ ଜିଆର୍‌ପି କିମ୍ବା ପୋଲିସ ପହଞ୍ଚି ନ ପାରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଯୁବକଙ୍କ ମୃତ୍ୟୁକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଜମିଆବଣ୍ଟନରେ ୧.୧୮ କୋଟିର ଟେଣ୍ଡର

**ବରଗଡ଼ ଅଫିସ୍,୩୦।୧୨**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୧୨ଦିନ ବାକି । ଆସନ୍ତା ଜାନୁୟାରୀ ୧୧ରୁ ଆରମ୍ଭ ହୋଇ ସେହିମାସ ୨୧ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । କୌଣସି ସରକାରୀ ଅନୁଦାନ ଉପରେ ନିର୍ଭର କରୁ ନ ଥିବା ଧନୁଯାତ୍ରା ମହୋତ୍ସବ ଟ୍ରେଡ଼ ଫେୟାର, ଫୁଡ୍ ଫେଷ୍ଟ, ମୀନାବଜାର ଆଦି କ୍ଷେତ୍ରରେ ଜମି ଆବଣ୍ଟନ ଲବ୍ଧ ରାଶିରୁ ଏହି ମହୋତ୍ସବ ଚାଲିଥାଏ । ଫଳରେ ମହୋତ୍ସବରେ ବ୍ୟବସାୟିକ ଦିଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କ୍ରମରେ ଏଭଳି ବ୍ୟବସାୟିକ ଦୃଷ୍ଟିକୋଣର ବିଭିନ୍ନ ଦିଗକୁ ନେଇ ରବିବାର ଟେଣ୍ଡର ଚାଲିଥିଲା । ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଟେଣ୍ଡର ପ୍ରକ୍ରିୟାରେ ମୋଟ୍ ୧କୋଟି ୧୮ଲକ୍ଷ ୫୧ହଜାର ୩୪୮ ଟଙ୍କାର ଟେଣ୍ଡର ସରିଛି । ତେବେ ସ୍ଥାନୀୟ ମହାରାଜା ଗଳିଠାରୁ ଏସବିଆଇ ଗଳି ପର୍ଯ୍ୟନ୍ତ ୪୫୯୬୩ ବର୍ଗଫୁଟ୍‌ର ଝୁଲାଜୋନର ଟେଣ୍ଡର ହୋଇପାରି ନାହିଁ । ଏହାର ସର୍ବନିମ୍ନ ମୂଲ୍ୟ ୧୬ଲକ୍ଷ ୧୦ହଜାର ଟଙ୍କା ରହିଥିବା ବେଳେ ଏଥିପାଇଁ ଦରଖାସ୍ତ ଅବଧିକୁ ଆସନ୍ତା ଜାନୁୟାରୀ ୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିଦିନ ଅପରାହ୍ନ ୩ଟା ସମୟରେ ଟେଣ୍ଡର ଖୋଲାଯାଇ ଚୂଡ଼ାନ୍ତ କରାଯିବ ଏବଂ ଯଦି କୌଣସି ବିଡ୍ ଦାଖଲ ନ ହେଲେ, ସେହି ଜୋନକୁ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟ ନିମନ୍ତେ ଉପଯୋଗ କରାଯିବା ପାଇଁ ଜମି ଆବଣ୍ଟନ କମିଟି ସ୍ଥିର କରିଛି ବୋଲି କମିଟିର ସଂଯୋଜକ ତଥା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସୂଚନା ଦେଇଛନ୍ତି ।

ଅନ୍ୟପଟେ ଟ୍ରେଡ ଫେୟାର ୧୭ଲକ୍ଷ ୧୧ହଜାର ୧୧୧ ଟଙ୍କା ଟେଣ୍ଡରରେ ଯାଇଛି । ସେହିପରି ଟ୍ରେଡ ଫେୟାର ନିକଟ ଝୁଲା ପାଇଁ ଶେକ୍ ନଜିମୁଦ୍ଦିନ ୨୧ଲକ୍ଷ ୫୧ହଜାର ୭୮୬ ଟଙ୍କାରେ ନେଇଛନ୍ତି । ପଲ୍ଲିଶ୍ରୀ ମେଳା ଓ ଟ୍ରେଡ ଫେୟାର ନିକଟ ମୀନାବଜାର ପାଇଁ ସେହି ସ୍ଥାନକୁ ଏସ.କେ ସବୱର ୧୬ଲକ୍ଷ ୨୫ହଜାର ଟଙ୍କାରେ ନେଇଛନ୍ତି । ଏସ୍‌ବିଆଇ ଗଳି ଜାଗାକୁ ଛୋଟ ଦୋକାନ ପାଇଁ ଶୟନ ପଣ୍ଡା ୧୭ଲକ୍ଷ ୧୭ହଜାର ୩୫ ଟଙ୍କାରେ ନେଇଥିବାବେଳେ ଫୁଡ୍ ଫେୟାର ନିକଟ ଜାଗାକୁ ଛୋଟ ଦୋକାନ ପାଇଁ ନରେଶ ଅଗ୍ରୱାଲ ୧୨ଲକ୍ଷ ୧୨ହଜାର ଟଙ୍କାରେ ନେଇଛନ୍ତି । ଫୁଡଫେଷ୍ଟ ପାଇଁ ଉଦ୍ଦିଷ୍ଟ ଜାଗାକୁ ପ୍ରିୟରଞ୍ଜନ ଦାଶ ୨୦ଲକ୍ଷ ୫୧ହଜାର ୭୮୬ ଟଙ୍କାରେ ନେଇଛନ୍ତି । ସେହିପରି ଠେଲା ପାଇଁ ରହିଥିବା ଜାଗାକୁ ସନ୍ତୋଷ ମହାନନ୍ଦ ୬ଲକ୍ଷ ୩୫ହଜାରଟଙ୍କା ନେଇଥିବାବେଳେ ଫୁଟ୍‌ପାଥ୍ ପାଇଁ ଉଦ୍ଦିଷ୍ଟ ସ୍ଥାନ ୩ଲକ୍ଷ ୩ହଜାର ୨୦୯ ଟଙ୍କାରେ ଯାଇଛି । କଚେରୀ ପଡ଼ିଆରେ ରହିଥିବା ଜାଗାକୁ ରାଜକିଶୋର ଚୌଧୁରୀ ୧ଲକ୍ଷ ୬୧ହଜାର ଟଙ୍କା ଟେଣ୍ଡରରେ ନେଇଥିବାବେଳେ ସେଲ୍ସ ଟ୍ୟାକ୍ସ ପାଖ ପଡ଼ିଆକୁ ରାଜେଶ ଅଗ୍ରୱାଲ ୧ଲକ୍ଷ ୩୬ ଟଙ୍କାରେ ନେଇଛନ୍ତି । ମହାଦେବ ମନ୍ଦିର ପାଖ ଜାଗାକୁ ଘନଶ୍ୟାମ ଭେସ୍ରା ୧ଲକ୍ଷ ୬ହଜାର ୧୬୦ ଟଙ୍କା ଏବଂ ମହିଳା କଲେଜ ପଛପଟ ଜାଗାକୁ ମନୋଜ ନାଗ ୨୩ହଜାର ୨୨୨ଟଙ୍କା ଟେଣ୍ଡରରେ ନେଇଛନ୍ତି । ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ସଭ୍ୟମାନେ ଉପସ୍ଥିତ ଥିବାବେଳେ ପୋଲିସ ମୁତୟନ ରହିଥିଲା।



ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ଧନୁଯାତ୍ରା କମିଟିର ସମ୍ପାଦକ ଓ ଅନ୍ୟମାନେ ଉପଜିଲାପାଳଙ୍କ ଅଫିସରୁ ବାହାରୁଛନ୍ତି ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଜିଗଲେ ଖୋଜିବାକୁ ନାହିଁ**
**କି ମରିଗଲେ କାନ୍ଦିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଣଇ ମାରଇ ଯେ**
**ଗାଁ ବାହାର ସେ**
**ଲଇଁ ତୋଳୁଥାଇ ଶାଗ**
**ତା' ବରତନ ଆଗ ।**

ସବୁବେଳେ ଯିଏ ମାରଧର କରେ, ହଣାକଟା କରେ ତା'ପ୍ରତି ସମସ୍ତଙ୍କ ମନରେ ଏକପ୍ରକାର ଭୟଭାବନା ରହିଥାଏ। ସମସ୍ତେ ତାଙ୍କୁ ଦୂରୁ ଜୁହାର କରିଥାନ୍ତି। ଏପରି ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କେହି ପାଖ ପୂରାଇ ଦେଇ ନ ଥାନ୍ତି। ପରନ୍ତୁ ଯିଏ ନମ୍ର ଶାନ୍ତ ସ୍ୱଭାବର ହୋଇଥାଏ ତା'ପ୍ରତି ସମସ୍ତଙ୍କର ଆଦରଭାବ ରହିଥାଏ। ଏପରି ସୁଗୁଣ ବ୍ୟକ୍ତିଙ୍କ ପ୍ରତି ସମସ୍ତଙ୍କ ଆତ୍ମୀୟତାଭାବ ସୃଷ୍ଟିହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବଡ଼ଟିକ୍ରାକୁ ହରାଇ ଡୁମ୍ବେରପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୩୦।୧୨**

ବରଗଡ଼ ଜିଲା ଆମ୍ବସଢ଼ା ଗ୍ରାମରେ ଜୟ ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲକୁ ଡୁମ୍ବେରପାଲି ଏବଂ ବଡ଼ଟିକ୍ରା ଦଳ ଉନ୍ନିତ ହୋଇଥିଲା। ଫାଇନାଲରେ ଡୁମ୍ବେରପାଲି ପ୍ରତିପକ୍ଷ ବଡ଼ଟିକ୍ରାକୁ ହରାଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ମୁଖ୍ୟଅତିଥି ଏବଂ ହୃଷିକେଶ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ହେମନ୍ତ ଭୋଇ, ସତ୍ୟନାରାୟଣ ଭୋଇ, ହୃଷିକେଶ ମହାନନ୍ଦ, ସୁଶାନ୍ତ ସାହୁ, ବିଜୟ ଭୋଇ, କୃପାସିନ୍ଧୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ବୌଦ୍ଧଜିଲା ଗଠନର ରୌପ୍ୟଜୟନ୍ତୀ ପାଳନ ପ୍ରସ୍ତୁତି

**ବୌଦ୍ଧ,୩୦।୧୨ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ଗଠନର ରୌପ୍ୟଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ଜିଲାର ୨୫ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଜିଲା ଆନ୍ଦୋଳନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୌଦ୍ଧ ସାଇମନ୍ଦିର ନିକଟସ୍ଥ ଖୋଲାସ୍ଥାନରେ ଏହି ଉତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିବା ବେଳେ ସେହିଦିନ ସମ୍ବର୍ଦ୍ଧନା ସଭା ପରେ ଆତସବାଜୀ ଓ ମେଲୋଡି କାର୍ଯ୍ୟକ୍ରମ କରିବାକୁ ବୈଠକରେ କୁହାଯାଇଥିଲା। ଆସନ୍ତା ୧ ତାରିଖ ନୂଆବର୍ଷ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଆୟୋଜକ କମିଟି ପକ୍ଷରୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ଜିଲା ଉନ୍ନୟନ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ପ୍ରମୋଦ କୁମାର ବାଘ, ଜୟନ୍ତ କୁମାର ମାଝି, ଧବଳେଶ୍ୱର ମହାପାତ୍ର, ଦୁର୍ଯ୍ୟୋଧନ ବିଶି, ସଞ୍ଜୀବ ମହାକୁଡ, ଗଜେନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

**ବାଉଁଶୁଣୀ,୩୦।୧୨(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ମାଉଳିମୁଣ୍ଡାସ୍ଥିତ ଜନସେବା କେନ୍ଦ୍ରଠାରେ ରବିବାର ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ ଜନସେବା କେନ୍ଦ୍ରର ମୁଖ୍ୟ ଶ୍ରଦ୍ଧାଳୀ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଲ୍‌ପିଜି ଇନ୍‌ଡ୍ରେନ୍ ଗ୍ୟାସର ଜିଲା ନୋଡ଼ାଲ ଅଫିସର ଅଶେଷ କୁମାର ବେହେରା, ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାପତି ନମିତା ଦାସ ମୁଖ୍ୟବକ୍ତା ଓ ଅଗ୍ନିଶମ ବିଭାଗର କର୍ମଚାରୀ ବିଜୟ କୁମାର ମହାକୁଡ଼, ଅଳାଁପାଲି ସରପଞ୍ଚ ରଶ୍ମିତା ଖଟୁଆ, ଅଙ୍ଗନୱାଡି କର୍ମୀ ସୌଦାମିନୀ ମେହେର, ଆଶାକର୍ମୀ ଶୁକଦା ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ହାତୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରଶ୍ମିତା ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଗ୍ୟାସ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବାର ବିଭିନ୍ନ କୌଶଳ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅଙ୍ଗୁରବାଳା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

# ବରଗଡ଼ରେ ଜୈବିକ କୃଷିଦ୍ରବ୍ୟ ପ୍ରଦର୍ଶନୀ

**ବରଗଡ଼ ଅଫିସ୍,୩୦।୧୨**

ବରଗଡ଼ ସହରସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ରବିବାର ଜୈବିକ କୃଷିଦ୍ରବ୍ୟ ବିକ୍ରୟ ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିବା ସହିତ ଆୟୋଜକ ଏବଂ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀରେ ବିଭିନ୍ନ କିସମର ଧାନ, ଚାଉଳ, ତରଳ ଗୁଡ଼ ଏବଂ ପରିବା ସ୍ଥାନିତ ହୋଇଥିଲା । ସେଥିମଧ୍ୟରେ ଝିଲ୍ଲି, କୁସୁମକଳି, ସୁନାକାଠି, କଳାବତୀ, କଳା ମଲ୍ଲିଫୁଲ, ବାସପତ୍ରି, ଧୋବଜିରା, କାଲାନମକ୍ କିସମ ଚାଉଳ, ଚକଡ଼ାମୁକ୍ତ କିସମ ତାଲମୂଳୀ, ଅଧିକ ଅମଳକ୍ଷମ କିସମ ବହୁରୂପୀ ଆଦି ଧାନ ବିହନ ରହିଥିଲା । ସୁକୁଡ଼ାର ଜପଧନ ସାହୁ, କଟାପାଲିର ସୁଦାମ ସାହୁ, ଆଦିତ୍ୟ ଭୋଇ, ନେହେରୁ ସେଠ, ସ୍ୱାଧୀନ ସାହୁ, ଦିବ୍ୟ ସାହୁ, ବାରଗାଡ଼ର ଶଦ୍ଧ ପ୍ରଧାନ, ଶ୍ୟାମଘନ ପ୍ରଧାନ, ସଫେଦ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଶ୍ରୀଗିଡ଼ାର ପୁଷ୍ପରଞ୍ଜନ ସାହୁ, ବରଗଡ଼ର ପୁଷ୍ପଲତା ପ୍ରଧାନ ପ୍ରମୁଖ ଚାଷୀ ଏଥିରେ ସାମିଲ ହୋଇଥିଲେ । ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତା, ସଭ୍ୟବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ବରଗଡ଼ ଜିଲାପାଳ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

## ପତ୍ରିକା ସ୍ୱୟଂସିଦ୍ଧା ଉନ୍ମୋଚିତ

**ବରଗଡ଼ ଅଫିସ୍/ବରପାଲି,୩୦।୧୨**

ବରପାଲିସ୍ଥିତ କବିଭବନରେ ରବିବାର ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ସ୍ୱୟଂସିଦ୍ଧା ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୌସ୍ତୁଭ ବୁଦ୍ଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ବୃନ୍ଦାବନ ବିହାରୀ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇ ଥିବାବେଳେ ମହେନ୍ଦ୍ର କୁମାର ମେହେର ଏବଂ ରୋହିତ ରଣା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ପରେ ସ୍ୱୟଂସିଦ୍ଧା ପତ୍ରିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ପକ୍ଷରୁ ସମ୍ମାନଜନକ ଡିଲିଟ୍ ଉପାଧି ପାଇବା ପାଇଁ ମନୋନୀତ ବାଦ୍ୟଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ୱୟଂସିଦ୍ଧା ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ସୁଶୀଳ ବାଗ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

## ନାଗପୁରକୁ ହରାଇ ଖୋର୍ଦ୍ଧା ଚାମ୍ପିୟନ

**ପାଇକମାଲ,୩୦।୧୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଚନ୍ଦ୍ରଶେଖର ଖେଳ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଛିନ୍ଦେଇକେଲ କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳରେ ନାଗପୁରକୁ ୨୯ରନ୍‌ରେ ହରାଇ ଖୋର୍ଦ୍ଧା ଚାମ୍ପିୟନ ହୋଇଛି । ଖୋର୍ଦ୍ଧା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରୀତ ୨୫ ଓଭରରେ ୯ଉଇକେଟ୍ ହରାଇ ୨୦୪ ରନ୍ ସଂଗ୍ରହ କରିଥିଲା । ଜବାବରେ ନାଗପୁର ଦଳ ନିର୍ଦ୍ଧାରୀତ ୨୫ଓଭରରେ ୯ଉଇକେଟ୍ ହରାଇ ମାତ୍ର ୧୭୫ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ସତ୍ୟଜିତ ଶାଶ୍ୱତ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସନ୍ଦୀପ ମୁହିଆ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ । ଫାଇନାଲ ଖେଳକୁ ସତ୍ୟଭୂଷଣ ସାହୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ୭ ଦିନ ଧରି ଏହି ପ୍ରତିଯୋଗିତା ଚାଲିଥିଲା।




ବିଧାୟକ ପ୍ରଦୀପ ପୁରୋହିତ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ମହିଳା ସଂରକ୍ଷଣ ଆଇନ ଜରୁରୀ

**ବରଗଡ଼ ଅଫିସ୍,୩୦।୧୨–** ପରିବାରଠାରୁ ଆରମ୍ଭ କରି ଦେଶର ବିକାଶରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହେଲେ ମହିଳାଙ୍କ ସାମାଜିକ ସୁରକ୍ଷା, ବିକାଶ ଓ ସ୍ୱାଭିମାନ ପାଇଁ କିଛି ପଦକ୍ଷେପ ନିଆଯାଇ ନାହିଁ। ସାମ୍ପ୍ରତିକ ସ୍ଥିତିରେ ମହିଳାଙ୍କ ବିକାଶ, ସାମାଜିକ ନ୍ୟାୟ ପାଇଁ ମହିଳା ସଂରକ୍ଷଣ ଆଇନ ଅତ୍ୟନ୍ତ ଜରୁରୀ । ରବିବାର ଅମ୍ବାପାଲି କୁଲତା ମହିଳା ସଂଗଠନର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏହା ମତପ୍ରକାଶ ପାଇଛି । ମହିଳାଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରା ନ ଯାଇ ବ୍ୟବସାୟ, ବାଣିଜ୍ୟ, ଉଦ୍ୟୋଗ ପ୍ରତିଷ୍ଠା ଆଦି ଦିଗରେ ସୁଯୋଗ ଦେବାକୁ ମତପୋଷଣ କରିଥିଲେ । ଅମ୍ବାପାଲି କୁଲିତା ମହିଳା ସଂଗଠନ ଉଦ୍ୟମକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ପୂର୍ବତନ ବିଧାୟକ ସ୍ୱର୍ଗତ ନିତ୍ୟାନନ୍ଦ ଗଡ଼ତିଆଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୟାନିଧି ପ୍ରଧାନ, ଦିବାକର ପ୍ରଧାନ ଉଦବୋଧନ ଦେଇଥିଲେ।

# କଳାନିକେତନର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍,୩୦।୧୨**

ବରଗଡ଼ର ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ବୁର୍ଲା ଡିଏଭି ପବ୍ଲିକ ସ୍କୁଲର କଳା ଶିକ୍ଷକ ଶଶଧର ପତି ମୁଖ୍ୟବକ୍ତା, ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ବଲପୁରର ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲୀଙ୍କୁ କଳା ଗୌରବ ସମ୍ମାନରେ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର ମାନପତ୍ର ପାଠ କରିଥିଲେ । ଅରବିନ୍ଦ ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସେହିପରି ତୃତୀୟ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ରଙ୍ଗୋଲୀ ପ୍ରତିଯୋଗିତାର ୧୧୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ ୭ଟି ଗ୍ରୁପର ୭ଜଣ ଅର୍ଥାତ୍ ତଭଲିନ କୌର, ଜାଗୃତି ଦାଶ, ସାନଭି ପିପ୍‌ଲାନୀ, ମଞ୍ଜିଲ ଗିରି, ସୋନମ ପ୍ରଧାନ, ମୁକେଶ ବରିହା ଏବଂ ବିଷ୍ଣୁ ଜୟସ୍ୱାଲକୁ ଷ୍ଟେଟ୍ ଚାମ୍ପିୟନଭାବେ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ଶାଶ୍ୱତୀ ଭୋସାଗର, ସୋନମ ପ୍ରଧାନ, ସିଦ୍ଧିମୟୀ ମହାପାତ୍ର ନୃତ୍ୟ ଏବଂ କାମିନୀ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କମଳ ଯୋଷୀ, ରାମକୃଷ୍ଣ ଠାକୁର, ନିଳାମ୍ବର ମେହେର, ଶିଶିର ବାରିକ, ସୁଦନ ସେଠ, ହେମନ୍ତ ବିଶି, ପ୍ରଭାକର ପାତ୍ର, ସୁବ୍ରତ ସରାଫ, ଚିରଞ୍ଜିବ ନାମଦେଓ, ଅଭିଲାଷ ପ୍ରଧାନ, ଶାଳିନୀ ଗୁପ୍ତା, ସୁନନ୍ଦା ହାତୀ, ମନୋଜ ଜେନା, ଦୀକ୍ଷା ପ୍ରଧାନ, ସୁନୀଲ ଅଗ୍ରୱାଲ, ପ୍ରହଲ୍ଲାଦ କେୱଟ୍ ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ପୁରସ୍କୃତ ଶିଶୁ ଚିତ୍ରଶିଳ୍ପୀମାନେ ।



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



## ସଂକ୍ଷେପରେ

### ହସ୍ତକଳା କାରିଗର ଶିବ ନାରାୟଣ ଦାସ ରାଜ୍ୟସ୍ତରରେ ସମ୍ମାନିତ

**ବୌଦ୍ଧ,୩୦।୧୨ (ସ୍ୱ.ପ୍ର.):** ରାଜ୍ୟ ହସ୍ତକଳା ଓ କୁଟୀର ଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱରର ଜନତା ମଇଦାନଠାରେ ଜାତୀୟ ହସ୍ତକଳା ପ୍ରଦର୍ଶନୀ ତୋଷାଳୀ ଉତ୍ସବ ଅବସରରେ ରାଜ୍ୟର ୮ ଜଣ ହସ୍ତକଳା କାରିଗରଙ୍କୁ ୨୦୧୭ ପାଇଁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ବୌଦ୍ଧର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ନାରାୟଣ ଦାସଙ୍କୁ ନଡିଆ ଶଢେଇରେ ପ୍ରସ୍ତୁତ କଳାକୃତୀ ପାଇଁ ସମ୍ମାନିତ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ ଯୋଗଦେଇ ଶିବ ନାରାୟଣଙ୍କ ହସ୍ତକଳାକୁ ପ୍ରଶଂସା କରିଥିଲେ। ଶିବ ନାରାୟଣ ଚାକିରିରୁ ଅବସର ପରେ ଜଣେ ବରିଷ୍ଠ ସନ୍ତରଣକାରୀ ଭାବେ ଜାତୀୟସ୍ତରରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହିତ ମେଡାଲ ହାସଲ କରିଛନ୍ତି। ଚଳିତ ବର୍ଷ ସେ ରାଜ୍ୟସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ସମ୍ମାନ ପାଇବା ସହିତ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଛନ୍ତି। ଏପରି କି ବିଭିନ୍ନ ବର୍ଜ୍ୟବସ୍ତୁରୁ ସାମଗ୍ରୀମାନ ତିଆରି କରି ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ସହିତ ବହୁବାର ଜିଲା ପ୍ରଶାସନ ଓ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।



### ଢୋଲ ବାଦକଙ୍କ ପରଲୋକ

**ସୋନପୁର,୩୦।୧୨(ନି.ପ୍ର.):** ସୁବର୍ଣ୍ଣପୁରର ବିଶିଷ୍ଟ ଢୋଲ ବାଦକ କୃଷ୍ଣଚନ୍ଦ୍ର ବାରିକଙ୍କ ଆମ୍ବେଡକରପଡାସ୍ଥିତ ବାସଭବନରେ ରବିବାର ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ପୀଡିତ ଥିଲେ । ସ୍ୱର୍ଗତ ବାରିକ୍ ପ୍ରସିଦ୍ଧ ମହାବଳୀ ଯାତ୍ରାର ମୁଖ୍ୟ ସେବାୟତ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସପ୍ତମ ଦିନରେ ଲାଠୋର ଧନୁଯାତ୍ରା

**ଲାଠୋର, ୩୦।୧୨(ଡି.ଏନ.ଏ):** ଲାଠୋର ଗ୍ରାମରେ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୁଲ୍ୟରେ ଚାଲିଥିବା ଧନୁଯାତ୍ରା ଉତ୍ସବ ସପ୍ତମ ଦିନରେ ପହଞ୍ଚିଛି। ସପ୍ତମ ଦିନରେ କଂସ ଦରବାରରେ ମୁଖ୍ୟ ଅତିଥି ଭାବେ କୋଶଳ ସମନ୍ୱୟ ସମିତିର ଜିଲା ସଭାପତି ପ୍ରମୋଦ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ମହା ସଚିବ ନିରଞ୍ଜନ ବିଶୀ ଏବଂ ବଙ୍ଗୋମୁଣ୍ଡା ବ୍ଲକ ଝଲପ ଗ୍ରାମର ଦିବ୍ୟାଙ୍ଗ ଓଏଏସ ଲେଖାରାମ ଭୋଇ ଯୋଗଦେଇଥିଲେ। ସେ ଆଜିର ଏହି ଯୁବ ପିଢ଼ିକୁ ଇଚ୍ଛା ଶକ୍ତି ଥିଲେ ସୁଯୋଗ ଆପେ ଆପେ ମଣିଷର ନିକଟତର ହୋଇଥାଏ ବୋଲି କହିଥିଲେ।

ସର୍ବ ଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ରାଞ୍ଚିକୁ ହରାଇ ରାୟପୁର ଚାମ୍ପିୟନ

**ଅମରପାଲି, ୩୦।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କଠାରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଫାଇନାଲରେ ରେଲଓ୍ୱେ ରାଞ୍ଚିକୁ ହରାଇ ବିବି ସ୍ପୋର୍ଟିଂ ରାୟପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ଟି ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ରାଞ୍ଚି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ରନ୍ କରିଥିଲା। ଦଳର ସୁରଜ ୩୬ରନ୍ ଓ ଧର୍ମେନ୍ଦ୍ର କୁମାର ୨୮ରନ କରିଥିଲେ। ବିପକ୍ଷ ହମିଦ ରାଜା ଓ ରାଜା କୁର୍‌ରେ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାୟପୁର ଦଳ ଶଶାଙ୍କ ଚନ୍ଦ୍ରକରଙ୍କ ବିସ୍ଫୋରକ ୧୧୩ରନ ସହାୟତାରେ ଆବଶ୍ୟକ ୧୪୩ରନ୍‌କୁ ୧୪.୫ଓଭରରେ ୩ଉଇକେଟ ହରାଇ ସଂଗ୍ରହ କରିଥିଲା। ପରେ ଖେଳାଯାଇଥିବା ଟି-୧୦ ମ୍ୟାଚ୍‌ରେ ରାଞ୍ଚି ଦଳ ନିର୍ଦ୍ଧାରିତ ୧୦ଓଭରରେ ୭ଉଇକେଟ ହରାଇ ୯୬ରନ୍ କରିଥିଲା। ଦଳର ନମନିତ ୩୬ ରନ୍ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ରାୟପୁର ଦଳ ।

ଜବାବରେ ରାୟପୁର ଦଳ ଆବଶ୍ୟକ ୯୭ରନ୍‌କୁ ୯ ଓଭରରେ ୫ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୧୪ଟି ବଲ୍‌ରୁ ୪୩ରନ୍ କରିଥିଲେ। ଫଳରେ ରାୟପୁର ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ବାଲେଶ୍ୱର ଜିଲା ଦୌରାଜକ୍ ରାମଶଙ୍କର ହୋତା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସମିତିସଭ୍ୟ ଲବ ସାହୁ, ଦୁର୍ଜନ ଟୈଲା ସରପଞ୍ଚ ରଞ୍ଜିତ ଖେତୀ, ବହଲପଦର ସମିତିସଭ୍ୟ ପୀତାମ୍ବର ସାହୁ, ସୁବଳୟା ସମିତିସଭ୍ୟ ରଞ୍ଜିତ ରଥ, ଆଇଆଇସି ହେମନ୍ତ ରାଓ, ପୂର୍ବତନ ସରପଞ୍ଚ ନାରାୟଣ ଲୁହା, ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଖବରଦାତା ରବିନ୍ଦ୍ର ହୋତା ପ୍ରମୁଖ ଯୋଗଦେଇଥିଲେ । ରାୟପୁରର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍, ସିରିଜ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ ସିକ୍ସର ଓ ହମିଦ ରାଜାଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ରାୟପୁର ଦଳକୁ ଏସଡିସିଏ ସୋନପୁର ପ୍ରଦତ୍ତ ଟ୍ରଫି ସହ ନଗଦ ୩୫ହଜାର ଟଙ୍କା ଓ ରନର୍ସ ଅପ୍ ରାଞ୍ଚି ଦଳକୁ ଜଣେ ଓଡ଼ିଆ ଖବରକାଗଜ ଧରିତ୍ରୀ ପ୍ରଦତ୍ତ ଟ୍ରଫି ସହ ନଗଦ ୨୨ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ଚୁଡ଼ାମଣି ପାଢ଼ୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ବାଙ୍କବିହାରୀ ମହାକୁର ସ୍କୋରିଂ, ଶୁଭେନ୍ଦୁଶେଖର ସାହୁ ଅନଲାଇନ ସ୍କୋରିଂ ଏବଂ ମ୍ୟାକ୍‌ମିଲନ, ପ୍ରାଣବନ୍ଧୁ ଓ ପୀତାମ୍ବର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଟେଲି ଅଭିନେତ୍ରୀ ମୁନମୁନ ସିଂ ପ୍ରମୁଖ ଆକର୍ଷଣ ଥିଲେ। ଶଶାଙ୍କ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପଶ୍ଚିମ ଓଡ଼ିଶା ଗ୍ରନ୍ଥାଗାରିକ ସଂଘ ବୈଠକ

ସୋନପୁର,୩୦।୧୨(ନି.ପ୍ର.)

ସୁବର୍ଣ୍ଣପୁର ରାମେଶ୍ୱର ମନ୍ଦିରଠାରେ ପଶ୍ଚିମ ଓଡିଶା ଗ୍ରନ୍ଥାଗାରିକ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରନ୍ଥାଗାରିକ ଗରିବ ସାଲମା ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ କଲେଜ ଗ୍ରନ୍ଥାଗାରିକମାନଙ୍କ ବିଭିନ୍ନ ସମସ୍ୟା ତଥା ବର୍ଦ୍ଧିତ ହାର ଦରମା, ପଦୋନ୍ନତି ଓ ଗ୍ରନ୍ଥାଗାର ପରିଚାଳନା ବିଷୟରେ ବିଶଦ ଆଲୋଚନା ହୋଇଥିଲା । ବୈଠକରେ ପଶ୍ଚିମ ଓଡିଶାର ସମ୍ବଲପୁର, ବରଗଡ, ବୌଦ୍ଧ, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଝାରସୁଗୁଡା ଜିଲାର ପ୍ରାୟ ୧୦୫ଜଣ ଗ୍ରନ୍ଥାଗାରିକ ଯୋଗଦେଇଥିଲେ। ପ୍ରାରମ୍ଭରେ ଉତ୍କଳ ଗ୍ରନ୍ଥାଗାରିକ ସଂଘର ସାଧାରଣ ସମ୍ପାଦକ ଗଣେଶ ଚନ୍ଦ୍ର ରାଉତ, ସଭ୍ୟ ନବକିଶୋର ସାହୁ ଓ ଅଶୋକ ସ୍ୱାଇଁ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଦିଲୀପ ସାହୁ ବୈଠକକୁ ସଂଯୋଜନା କରିଥିଲାବେଳେ ଶିବ ନାରାୟଣ ମହାକୁର, ରାଜେନ୍ଦ୍ର ବେଦ୍‌ବାକ୍, ସୁଦାମ ସାହୁ, ପ୍ରଦୀପ ମିଶ୍ର ଓ କୈଳାଶ ବାରିକ୍ ପମୁଖ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ମନମୁଣ୍ଡା, ୩୦।୧୨ (ଡି.ଏନ.ଏ.)**

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଉଁଶୁଣୀଠାରେ ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଅନ୍ତର୍ଯ୍ୟାମୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ ମହିଧର ରଣା ଯୋଗଦେଇ ଗାଁ କଲ୍ୟାଣ ସମିତିର ଖର୍ଚ୍ଚ ପ୍ରଣାଳୀ ସହିତ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଅଧିକାରୀ ଆଇସିଡିଏସ୍ ଅଧିକାରିଣୀ, ସରପଞ୍ଚ, ଆଶାକର୍ମୀ, ଅଙ୍ଗନଓ୍ୱାଡି କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୪୦ଟି ଗାଁ କଲ୍ୟାଣ ସମିତି ସଦସ୍ୟ ଉପସ୍ଥିତ ଥିଲେ। ଗୋଷ୍ଠୀ କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ପ୍ରତାରଣା

**ମନମୁଣ୍ଡା,୩୦।୧୨(ଡି.ଏନ.ଏ.)**

ମନମୁଣ୍ଡା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବାଉଁଶୁଣୀ ଥାନା ସାନଝାରକଟାର ଅଞ୍ଚଳର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରି ପ୍ରତାରଣା କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ୪ ମାସ ତଳେ ନାବାଳିକା ଜଣକ ଏକୁଟିଆ ଥିବାବେଳେ ଯୁବକ ଜଣକ ତାଙ୍କ ଘରେ ପଶି ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜାଣି ଯୁବକ ଜଣଙ୍କୁ ଫୋନରେ ଜଣାଇଥିଲେ। ସେତିକିବେଳେ ଯୁବକ ଜଣକ ତାଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଫୋନ କରିଥିବା ବେଳେ ସେ ଫୋନ ରିସିଭ କରି ନ ଥିଲେ। ପ୍ରତାରଣାର ଶିକାର ହୋଇଥିବା ଜାଣି ନାବାଳିକା ତାଙ୍କ ମା'ଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏହା ଜାଣି ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏକ ଅଭିଯୋଗ କରିଛନ୍ତି।

ବୀରମହାରାଜପୁରରୁ ବୌଦ୍ଧକୁ ରାସ୍ତା ସଂଯୋଗୀକରଣ

# ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

ବୀରମହାରାଜପୁର, ୩୦।୧୨ (ଡି.ଏନ୍.ଏ.)

ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ଠାକୁରପୁର ଏବଂ ଆଠମଲ୍ଲିକ ବ୍ଲକ ଶଙ୍ଖମାଳ ରାସ୍ତାର କେରାଣ୍ଡି ନାଳ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହେବାକୁ ଥିବା ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ ୩କୋଟି ୪୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ସୂଚନା ମିଳିଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଶନିବାର ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଉକ୍ତ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବୀରମହାରାଜପୁର ଠାରୁ ଆଠମଲ୍ଲିକ ତଥା ବୌଦ୍ଧକୁ ନୂତନ ରାସ୍ତା ସଂଯୋଗୀକରଣ ହୋଇପାରିବ ଏବଂ ଏହାଦ୍ୱାରା ୧୭କିମି ଦୂରତ୍ୱ କମିବ ବୋଲି କୁହାଯାଇଛି। ଅପରପକ୍ଷେ ବିଧାୟକ ବେହେରାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବୀରମହାରାଜପୁର ବ୍ଲକର ଆଭ୍ୟନ୍ତରୀଣ ଖଣ୍ଡହତା ପଞ୍ଚାୟତର କୁଶାଦାଦର ପଞ୍ଚାୟତ ଅନ୍ତର୍ଗତ ହାତିଲିମୁଣ୍ଡା ଗ୍ରାମ୍ୟରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ ପ୍ରକଳ୍ପ ପାଇଁ ୧କୋଟି ୩୭ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି। ସଂଗ୍ରାମପୁର ଗ୍ରାମପଞ୍ଚାୟତ ସଦରମହକୁମାସ୍ଥିତ ଉନ୍ନୀତ ହାଇସ୍କୁଲ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ କୋଠାକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହମାନଙ୍କରେ ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା ଉପସ୍ଥିତ ରହିବା ସହ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଧାୟକଙ୍କ ସହ ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ଓ ଆଡଭୋକେଟ ମଧୁସୂଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ପଦ୍ମନାଭ ବେହେରା ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି।

### ଫୁଟବଲ ଟୁର୍ଣ୍ଣାମେଣ୍ଟ : ବିଲୋଇସର୍ଡା ୩-୦ରେ ବିଜୟୀ

**ଲୋଇସିଂହା,୩୦।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର ଭାଲିଆଟିକ୍ରା ଖେଳପଡିଆଠାରେ ନାଗର ମହାକୁର ସ୍ମାରକୀ ତଥା ବାରାପାହାଡ କପ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ପ୍ରତିଯୋଗିତାର ଷଷ୍ଠ ଦିବସରେ ବିଲେଇସର୍ଡା ଏବଂ ଝାରବନ୍ଧଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ଗୋଲରେ ବିଲେଇସର୍ଡାକୁ ହରାଇ ଝରାବନ୍ଧଲି ଦଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି । ସୋମବାର ଝାରବନ୍ଧଲି ଓ ଶନିବାର ପ୍ରଥମ ସେମିଫାଇନାଲରେ ବିଜୟୀ ବୁର୍ଡା ଦଳ ମଧ୍ୟରେ ଫାଇନାଲଖେଳ ଅନୁଷ୍ଠିତ ହେବ।

### ପଶ୍ଚିମ ଓଡ଼ିଶା ଗ୍ରନ୍ଥାଗାରିକ ସଂଘ ବୈଠକ

**ସୋନପୁର,୩୦।୧୨(ନି.ପ୍ର.)**

ସୁବର୍ଣ୍ଣପୁର ରାମେଶ୍ୱର ମନ୍ଦିରଠାରେ ପଶ୍ଚିମ ଓଡିଶା ଗ୍ରନ୍ଥାଗାରିକ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରନ୍ଥାଗାରିକ ଗରିବ ସାଲମା ସଭାରେ ଅଧ୍ୟକ୍ଷତା କରିଥିଲେ । ସଭାରେ କଲେଜ ଗ୍ରନ୍ଥାଗାରିକଙ୍କ ବିଭିନ୍ନ ସମସ୍ୟା ତଥା ବର୍ଦ୍ଧିତ ହାର ଦରମା, ପଦୋନ୍ନତି ଓ ଗ୍ରନ୍ଥାଗାର ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା ।

# ସାବିତ୍ରୀବାଇ ଫୁଲେ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବରଗଡ଼ ଅଫିସ୍, ୩୦।୧୨**

ବରଗଡ଼ ସହର ଉପକଣ୍ଠ ତୋରାଠାରେ ଆସନ୍ତା ଜାନୁୟାରୀ ୬ତାରିଖ ଭାରତୀୟ ସମାଜ ସଂସ୍କାରକ ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ ସମାରୋହ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାବିତ୍ରୀବାଇ ଫୁଲେ ସଂଘର୍ଷ ସମିତି ଏହି ସମାରୋହକୁ ଆୟୋଜନ କରୁଥିବା ବେଳେ ଏଥିରେ ଶୁଦ୍ରମୁକ୍ତି ଅଭିଯାନ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ ମଧ୍ୟ ସାମିଲ ହେବେ । ସାବିତ୍ରୀ ବାଇ ଫୁଲେ ସଂଗଠନର ସଭାପତି ଟିକେଶ୍ୱରୀ ଛତର ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ ସଭାପତି ମେରିୟମ ବାର୍ଲା, ଜୟ କିଷାନ ଆନ୍ଦୋଳନର ରମେଶ ମହାପାତ୍ର, ଅମିତାଭ ପାତ୍ର, ଅଧ୍ୟାପକ ରମେଶ ମହାନନ୍ଦ, ପ୍ରଫୁଲ୍ଲ ଭୋଇ, ବଳିଷ୍ଠ ସୁନା, ନାଗେଶ୍ୱର ନାଗ, ଚନ୍ଦ୍ର କୁମ୍ଭାର, ସନ୍ତୋଷିନୀ ଲୁହା ପ୍ରମୁଖ ବୈଠକରେ ଉପସ୍ଥିତ ରହି ନିଜ ମତ ରଖିଥିଲେ । ସମ୍ପାଦକ ଶକୁନ୍ତଳା ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଉଁଶୁଣୀରେ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ, ଜନଶୁଣାଣି

**ମନମୁଣ୍ଡା, ୩୦।୧୨ (ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଓ ସ୍ୱାସ୍ଥ୍ୟ ଭିତ୍ତିକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଗଣ୍ଡେଶ୍ୱର ତ୍ରିପାଠୀ ଯୋଗଦେଇ ନିଜ ମତବ୍ୟକ୍ତ ପୂର୍ବକ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଶାକର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡା. ଅନ୍ତର୍ଯ୍ୟାମୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିକ୍ରମ ମହାକୁଡ଼ ଯୋଗଦେଇ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଉପରେ ଗୁରୁତ୍ୱାରୋପ କରି କହିଥିଲେ। ସଭାକାର୍ଯ୍ୟକୁ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଅରୁଣ କୁମାର ପାଢ଼ୀ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷା, ମହିଳା ଶିଶୁ କଲ୍ୟାଣ, ପଞ୍ଚାୟତିରାଜ ବିଭାଗର ପ୍ରତିନିଧି ଯୋଗଦେଇ ମତବ୍ୟକ୍ତ କରିଥିଲେ।





ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

■ ବୋଲେରୋ ପିକ୍‌ଅପ ଭ୍ୟାନ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

# କ୍ଷତିପୂରଣ ଦାବି ନେଇ ରାସ୍ତାରୋକୋ

**ସିଂଘିଯୁବା,୩୦।୧୨(ଡି.ଏନ୍.ଏ.)**

ବିନିକା-ରାମପୁର ମୁଖ୍ୟ ରାସ୍ତା କମିରା ଛକଠାରେ ରବିବାର ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ବୁର୍ଲା ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ଅସୁରଗଡ଼ ଗ୍ରାମର ମଗଣିର ଭରାସାଗର(୩୨) ଏକ ବାଇକ୍ ଯୋଗେ ସିଂଘିଯୁବା ଆସୁଥିଲେ। ସେତିକିବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ମଗଣିର ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ କମିରା ଛକଠାରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏପରି କି ଆନ୍ଦୋଳନକାରୀମାନେ ଦୁର୍ଘଟଣାରେ ଗୁରୁତର ଆହତ ମଗଣିରଙ୍କ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବାକୁ ଦାବି କରିଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହାୟତା ରାଶି ଯୋଗାଇ ଦେବାନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଆନ୍ଦୋଳକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

### ଅବକାରୀ ବିଭାଗର ଚଢାଉ: ରନ୍ଧା ମଦ ସହ ପୋଚ ଜବତ

**ପାଟଣାଗଡ,୩୦।୧୨(ଡି.ଏନ.ଏ.)**

ପାଟଣାଗଡରେ ନୂତନ ଅବକାରୀ ଇନ୍ସପେକ୍ଟର ଭାବେ ଅନ୍ନପୂର୍ଣ୍ଣା ରଥ ଯୋଗଦେବା ପରେ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀମାନଙ୍କ ମଧ୍ୟରେ ଛନକା ପଶିଛି। ଗତ ୨୭ତାରିଖ ରାତିରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ଡାଙ୍ଗବାହାଲ ଏବଂ କନ୍ହେଇଟାଲ ଗ୍ରାମରୁ ୨୦କୁଇଣ୍ଟାଲ ମହୁଲ ପୋଚ ସହ ୯୫ଲିଟର ରନ୍ଧା ମଦ ଜବତ କରାଯାଇଥିବାବେଳେ ୩ଜଣ ଚୋରା ମଦ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ପୁଣି ଶନିବାର ରାତିରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ନାଗେନମାଲ ଗ୍ରାମରେ ପାଟଣାଗଡ ଅବକାରୀ ସ୍କ୍ୱାର୍ଡ ଏବଂ ବଲାଙ୍ଗୀର ଅବକାରୀ ସ୍କ୍ୱାର୍ଡ ମିଳିତ ଭାବେ ଚଢାଉ କରି ୭କୁଇଣ୍ଟାଲ ମହୁଲ ଏବଂ ୭୦ଲିଟର ଦେଶୀ ରନ୍ଧା ମଦ ଜବତ କରିଛନ୍ତି। ପାଟଣାଗଡ ଅବକାରୀ ଇନସ୍ପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ପାଟଣାଗଡ ଏବଂ ବଲାଙ୍ଗୀରର ସ୍ୱତନ୍ତ୍ର ସ୍କ୍ୱାର୍ଡ ଚଢାଉ କରିଥିଲେ ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ଅବକାରୀ ବିଭାଗର ଚଢ଼ାଉ: ରନ୍ଧା ମଦ ସହ ପୋଚ ଜବତ

**ପାଟଣାଗଡ,୩୦।୧୨(ଡି.ଏନ.ଏ.) :** ପାଟଣାଗଡରେ ନୂତନ ଅବକାରୀ ଇନ୍ସପେକ୍ଟର ଭାବେ ଅନ୍ନପୂର୍ଣ୍ଣା ରଥ ଯୋଗଦେବା ପରେ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀମାନଙ୍କ ମଧ୍ୟରେ ଛନକା ପଶିଛି। ଗତ ୨୭ତାରିଖ ରାତିରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ଡାଙ୍ଗବାହାଲ ଏବଂ କନ୍ହେଇଟାଲ ଗ୍ରାମରୁ ୨୦କୁଇଣ୍ଟାଲ ମହୁଲ ପୋଚ ସହ ୯୫ଲିଟର ରନ୍ଧା ମଦ ଜବତ କରାଯାଇଥିବାବେଳେ ୩ଜଣ ଚୋରା ମଦ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ପୁଣି ଶନିବାର ରାତିରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ନାଗେନମାଲ ଗ୍ରାମରେ ପାଟଣାଗଡ ଅବକାରୀ ସ୍କ୍ୱାର୍ଡ ଏବଂ ବଲାଙ୍ଗୀର ଅବକାରୀ ସ୍କ୍ୱାର୍ଡ ମିଳିତ ଭାବେ ଚଢ଼ାଉ କରି ୭କୁଇଣ୍ଟାଲ ମହୁଲ ଏବଂ ୭୦ଲିଟର ଦେଶୀ ରନ୍ଧା ମଦ ଜବତ କରିଛନ୍ତି। ପାଟଣାଗଡ ଅବକାରୀ ଇନସ୍ପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ପାଟଣାଗଡ ଏବଂ ବଲାଙ୍ଗୀରର ସ୍ୱତନ୍ତ୍ର ସ୍କ୍ୱାର୍ଡ ଚଢ଼ାଉ କରିଥିଲେ । ମାଟି ଗାତ ଖୋଳି ପଲିଥିନ ଏବଂ ଟ୍ୟୁବ ଭିତରେ ଦେଶୀ ରନ୍ଧା ମଦ ଏବଂ ମହୁଲ ପୋଚ ରଖିଥିଲେ। ଅବକାରୀ ବିଭାଗ ପହଞ୍ଚିବାରୁ ଘଟଣାସ୍ଥଳରୁ ଚୋରା ମଦ ବେପାରୀମାନେ ଫେରାର ହୋଇଯାଇଥିଲେ। ସେହିପରି ପାଟଣାଗଡ ବ୍ଲକ ରେଙ୍ଗାଲି ଏବଂ ଗହିରପାଲି ଗ୍ରାମରେ ଚଢ଼ାଉ କରି ୩୭୫ଲିଟର ଦେଶୀ ରନ୍ଧା ମଦ ଏବଂ ୫କୁଇଣ୍ଟାଲ ମହୁଲ ପୋଚ ଜବତ କରିଥିଲେ। ଏହି ଘଟଣାରେ ଗହିରପାଲି ଗ୍ରାମର ଗିରିଧାରୀ ସାହୁ ଏବଂ ଅମରପାଣି ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ବାଇକ ଜବତ କରାଯାଇଛି।

### ପଶ୍ଚିମ ଓଡ଼ିଶା ଗ୍ରନ୍ଥାଗାରିକ ସଂଘ ବୈଠକ

**ସୋନପୁର,୩୦।୧୨(ନି.ପ୍ର.):** ସୁବର୍ଣ୍ଣପୁର ରାମେଶ୍ୱର ମନ୍ଦିରଠାରେ ପଶ୍ଚିମ ଓଡିଶା ଗ୍ରନ୍ଥାଗାରିକ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରନ୍ଥାଗାରିକ ଗରିବ ସାଲମା ସଭାରେ ଅଧକ୍ଷତା କରିଥିଲେ । ସଭାରେ କଲେଜ ଗ୍ରନ୍ଥାଗାରିକମାନଙ୍କ ବିଭିନ୍ନ ସମସ୍ୟା ତଥା ବର୍ଦ୍ଧିତ ହାର ଦରମା, ପଦୋନ୍ନତି ଓ ଗ୍ରନ୍ଥାଗାର ପରିଚାଳନା ବିଷୟରେ ବିଶଦ ଆଲୋଚନା ହୋଇଥିଲା । ବୈଠକରେ ପଶ୍ଚିମ ଓଡିଶାର ସମ୍ବଲପୁର, ବରଗଡ, ବୌଦ୍ଧ, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଝାରସୁଗୁଡା ଜିଲାର ପ୍ରାୟ ୧୦୫ଜଣ ଗ୍ରନ୍ଥାଗାରିକ ଯୋଗଦେଇଥିଲେ । ପ୍ରାରମ୍ଭରେ ଉତ୍କଳ ଗ୍ରନ୍ଥାଗାରିକ ସଂଘର ସାଧାରଣ ସମ୍ପାଦକ ଗଣେଶ ଚନ୍ଦ୍ର ରାଉତ, ସଭ୍ୟ ନବକିଶୋର ସାହୁ ଓ ଅଶୋକ ସ୍ୱାଇଁ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଦିଲୀପ ସାହୁ ବୈଠକକୁ ସଂଯୋଜନା କରିଥିଲାବେଳେ ଶିବ ନାରାୟଣ ମହାକୁର, ରାଜେନ୍ଦ୍ର ବେଦ୍‌ବାକ୍, ସୁଦାମ ସାହୁ, ପ୍ରଦୀପ ମିଶ୍ର ଓ କୈଳାଶ ବାରିକ୍ ପ୍ରମୁଖ ସହଯୋଗ କରିଥିଲେ ।

ବାଇପାସ୍ ରାସ୍ତା ନିର୍ମାଣ ବିଳମ୍ବକୁ ନେଇ ଉଦ୍‌ବେଗ

# ଭାରିଯାନ ପାଇଁ ବିକଳ୍ପ ରାସ୍ତା ଖୋଜିବ ପ୍ରଶାସନ

**ବଲାଙ୍ଗୀର ଅଫିସ,୩୦।୧୨**

ଶୁକ୍ରବାର ରାତି ୧୦ଟା ୪୫ମିନିଟ୍ ସମୟରେ ଏକ ମାଲ୍ ବୋଝେଇ ଟ୍ରକ୍ ଧକ୍କାରେ ଗୋପାଳ ମିଶ୍ର ନାମକ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ପରେ ବଲାଙ୍ଗୀର ସହର ଅଶାନ୍ତ ହୋଇପଡିଥିଲା । ବଲାଙ୍ଗୀରରେ ବାଇପାସ୍ ରାସ୍ତା ନ ଥିବାରୁ ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳ କରୁଛି । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନହାନୀ ଘଟୁଛି । ଏଭଳି ପରିସ୍ଥିତିରେ ଶୀଘ୍ର ବାଇପାସ୍ ରାସ୍ତା ନିର୍ମାଣ କରାଯିବା ଓ ବାଇପାସ୍ ରାସ୍ତା ନ ହେବା ପର୍ଯ୍ୟନ୍ତ ସହର ମଧ୍ୟରେ ଭାରୀଯାନ ଚଳାଚଳକୁ ବ୍ୟବସ୍ଥିତ କରିବା ନେଇ ରବିବାର ସର୍କିଟ୍ ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ବସିଥିଲା ଏହି ବୈଠକ। ଏଥିରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଉପଜିଲାପାଳ ଭୈରବ ସିଂ ପଟେଲ, ସଦର ଏସଡିପିଓ କ୍ଷୀରସାଗର ନାୟକ, ଡିଏସ୍‌ପି ପୁରୁଷୋତ୍ତମ ସେଠୀ, ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ ପାଢ଼ୀ, ଆରଟିଓ ପ୍ରଣୟ ମିଶ୍ର, ସମାଜକର୍ମୀ ଲଳିତ ନାୟକ, ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ସନ୍ତୋଷ ସାହୁ, ରିଲୁ ରଥ, ଟ୍ରକ୍ ମାଲିକ ସଂଘ ସଭାପତି ବୀରେନ୍ ମିଶ୍ର, ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ପ୍ରଶାନ୍ତ ଶତପଥି, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଯୁବ କଂଗ୍ରେସ ସଭାପତି ପ୍ରେମପ୍ରକାଶ ମିଶ୍ର, ବାଇପାସ୍ କମିଟି ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଟ୍ରାଫିକ୍ ଅବ୍ୟବସ୍ଥା ଓ ବାଇପାସ୍ ରାସ୍ତା ତିଆରି ନେଇ ରହିଥିବା ଅସୁବିଧାକୁ ନେଇ ଦୀର୍ଘ ସମୟ ଆଲୋଚନା ପରେ ରାତି ୧୨ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳ କରାଯିବାକୁ ନେଇ ନିଷ୍ପତ୍ତି ହୋଇଥିଲା । ଏହା ସହ ସିନ୍ଦେଖମନ୍ଠାରୁ ସୋନପୁର ରାସ୍ତାକୁ ଏକ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରାଯିବା ଉପରେ ଆଲୋଚନା ହୋଇଥିଲା । ବାଇପାସ୍ ରାସ୍ତା ତିଆରିରେ କେଉଁ କାରଣଟି ବାଧା ସୃଷ୍ଟି କରୁଛି ଓ ଏହାକୁ ଶୀଘ୍ର ଦୂର କରିବା ଉପରେ ସମସ୍ତ ସଂଗଠନ ପ୍ରତିନିଧିମାନେ ଦାବି କରିଥିଲେ। କୁଟିଆ ଆଡ୍ଡା, କପ୍ ସିରଫ୍ ଆଡ୍ଡା ଉପରେ ଚଢ଼ାଉ କରାଯିବା ସହ ମଦୁଆ ଓ ନାବାଳକ ଡ୍ରାଇଭର ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଡାକୁଆ ଟାଉନ୍ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଓ ଚାଳକଙ୍କ ଉପରେ ପଦକ୍ଷେପ ନେବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୀଘ୍ର ବାଇପାସ୍ ରାସ୍ତା କିଭଳି ତିଆରି ହୋଇପାରିବ ସେ ନେଇ ମଧ୍ୟ ପଦକ୍ଷେପ ନେବେ ବୋଲି ଜିଲାପାଳ କହିଥିଲେ। ମୃତ ଗୋପାଳ ମିଶ୍ରଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଶୀଘ୍ର ପ୍ରଦାନ କରାଯିବାକୁ ଦାବି ହୋଇଥିଲା ।



ବଲାଙ୍ଗୀର ସର୍କିଟ ହାଉସଠାରେ ଅନୁଷ୍ଠିତ ଜରୁରୀ ବୈଠକରେ ଜିଲାପାଳ, ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ସଂଗଠନ ପ୍ରତିନିଧି ।

**ବାଇପାସ୍ କାମ ଶୀଘ୍ର କରିବାକୁ ଦାବି**

- ଦ୍ରୁତ୍‌ଗାମୀ ଟ୍ରକ୍, ଟ୍ରାକ୍ଟର ଚାଳକଙ୍କୁ ଲଗାମ ଲଗାଯିବ
- କୁଟିଆ ମଦ ଆଡ୍ଡାରେ ଚଢ଼ାଉ ନିର୍ଦ୍ଦେଶ

### ସପ୍ତମ ଦିନରେ ଲାଠୋର ଧନୁଯାତ୍ରା

**ଲାଠୋର, ୩୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲାଠୋର ଗ୍ରାମରେ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୁଲ୍ୟରେ ଚାଲିଥିବା ଧନୁଯାତ୍ରା ଉତ୍ସବ ସପ୍ତମ ଦିନରେ ପହଞ୍ଚିଛି। ସପ୍ତମ ଦିନରେ କଂସ ଦରବାରରେ ମୁଖ୍ୟ ଅତିଥି ଭାବେ କୋଶଳ ସମନ୍ୱୟ ସମିତିର ଜିଲା ସଭାପତି ପ୍ରମୋଦ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ମହା ସଚିବ ନିରଞ୍ଜନ ବିଶୀ ଏବଂ ବଙ୍ଗୋମୁଣ୍ଡା ବ୍ଲକ ଝଲପ ଗ୍ରାମର ଦିବ୍ୟାଙ୍ଗ ଓଏଏସ ଲେଖାରାମ ଭୋଇ ଯୋଗଦେଇଥିଲେ। ସେ ଆଜିର ଏହି ଯୁବ ପିଢ଼ିକୁ ଇଚ୍ଛା ଶକ୍ତି ଥିଲେ ସୁଯୋଗ ଆପେ ଆପେ ମଣିଷର ନିକଟତର ହୋଇଥାଏ ବୋଲି କହିଥିଲେ। ସପ୍ତମ ଦିନରେ କାଳିନାଗ ହେଲା ସରଣାଗତ ଏବଂ ନାରାଦଙ୍କ ପରାମର୍ଶରେ କଂସର ରଙ୍ଗସଭା ଆୟୋଜନ ଦୃଶ୍ୟ ଅଭିନୀତ ହୋଇଥିଲା। ମଞ୍ଚ ପରିଚାଳନା ସୁଶୀଲ ଅଗ୍ରୱାଲ କରିଛନ୍ତି।

## ୬୦ଦିନରେ ପହଞ୍ଚିଲା ଟିଟିଲାଗଡ଼ ଜିଲା ଦାବି

**ଟିଟିଲାଗଡ଼,୩୦।୧୨(ଡି.ଏନ.ଏ.)**

ଟିଟିଲାଗଡ ଜିଲା ଦାବିକୁ ନେଇ ଗତ ନଭେମ୍ବର ୧ତାରିଖରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଆନ୍ଦୋଳନ ନେଇ ୬୦ଦିନ ଧରି ଉପଖଣ୍ଡ ମୁଖ୍ୟାଳୟରେ କୋର୍ଟ କଚେରୀ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ପଡିଛି। ତେବେ ନିର୍ବାଚନ ବିଗୁଲ ବାଜି ସାରିଥିବାବେଳେ ଏବେ ନୁହେଁ ତ କେବେ ନୁହେଁ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଜିଲା ଘୋଷଣା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମତପ୍ରକାଶ ପାଇଛି। ତେବେ ଆସନ୍ତା ୨ତାରିଖରେ ଜିଲା କୋର କମିଟି ବୈଠକ ସ୍ଥିରୀକୃତ ହୋଇଥିବା ନେଇ ଭିନ୍ନଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଅପରପକ୍ଷରେ ରବିବାର ଜିଲା ଦାବିକୁ ନେଇ ବଜରଙ୍ଗବଳି ଅଟୋ ମହାସଂଘ ଟିଟିଲାଗଡ ହାଟପଦା ପଡା, ଶତାଧିକ ଅଟୋ ସହ ଘଣ୍ଟାସୁନୀ ମନ୍ଦିରଠାରୁ ଏକ ବିଶାଳ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ପରେ ସଂଘର ସଦସ୍ୟ ନିରନ ଛତର, ଧର୍ମୁ ସାହୁ, ପିତାମ ସାହୁ, ପିଣ୍ଟୁ ଦର୍ଜି, ପ୍ରହଲ୍ଲାଦ ସାହୁ, ଗଜରାଜ ରଣା, ସଞ୍ଜିବ ମୁଗ୍ରୀ, କାର୍ତ୍ତିକ ସୁନା, ସମୀର ତାଣ୍ଡି, ରାକେଶ ମୁଗ୍ରୀ, ମଙ୍ଗଲ ଛୁରା, ଧନେଶ୍ୱର ଦୋରା, କୁରୁପାଲି ବେହେରା, ମୁଟା ବଗର୍ତ୍ତି, ଜଗାନ୍ନାଥ ମୁଗ୍ରୀ, ଈଶ୍ୱର ମୁଗ୍ରୀ, ଟଙ୍କଧର ଦୀପ, ପ୍ରହଲ୍ଲାଦ ପୋଢ, ଡମ୍ବରୁ ଛୁରା, ବୃନ୍ଦା ସାହୁ, କେତନ ପୁଟେଲ, ଚୈତନ୍ୟ ସୁନା, ମହେଶ ଛୁରା, ଲଳିତ ଜାଲ, ଦିଲୀପ ସାହୁ, ଗିରିଧାରୀ ସାହୁ, ଅମର ସାହୁ, ନରସିଂହ ଖର୍ସେଲ, ମହିନ୍ଦ୍ର ରଣା, ରୁନୁ ମହାନନ୍ଦ, ସନ୍ତୋଷ ଛୁରା ପ୍ରମୁଖ ସାମିଲ ହୋଇଥିଲେ।



ଜିଲା ଦାବି ଆନ୍ଦୋଳନରେ ସାମିଲ ହୋଇଥିବା ବଜରଙ୍ଗବଳି ଅଟୋ ମହାସଂଘ।

## ବୀର ସୁରେନ୍ଦ୍ରଙ୍କୁ ମନେ ପକାଇବାକୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୩୦।୧୨**

ବ୍ରିଟିଶ ସରକାର ବିରୋଧରେ ବୀର ସୁରେନ୍ଦ୍ର ସାଏଙ୍କ ସାହସିକ ଲଢେଇ ସମଗ୍ର ଦେଶର ଏକ ବିରଳ ଘଟଣା । ତେବେ ଏହାର କୌଣସି ତଥ୍ୟ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ଜାତୀୟ ସଂଗ୍ରହାଳୟ ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀରେ ଉପଲବ୍ଧ ନାହିଁ । ଏଭଳି ଜଣେ ବୀର ପୁରୁଷଙ୍କ ସାହସିକ ଲଢ଼େଇକୁ ଅଣାଦେଖା କରାଯିବାକୁ ନେଇ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ବଲାଙ୍ଗୀର ଗସ୍ତରେ ଆସିଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଅବଗତ କରି ଜାତୀୟ ସଂଗ୍ରହାଳୟରେ କିଭଳି ବୀର ସୁରେନ୍ଦ୍ରଙ୍କ ସାହସିକ ଲଢ଼େଇ ସମ୍ପର୍କରେ ତଥ୍ୟ ଉପଲବ୍ଧ କରାଯିବା ସେ ନେଇ ପଦକ୍ଷେପ ନେବାକୁ ଦାବି କରିଥିଲେ । ୧୮୫୭ସିପାହୀ ବିଦ୍ରୋହକୁ ଶକ୍ତିଶାଳୀ ବ୍ରିଟିଶ ବାହିନୀ ଦମନ କରି ଦେଇଥିଲେ ମଧ୍ୟ ବୀର ସୁରେନ୍ଦ୍ର ସାଏ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ବିଦ୍ରୋହର ବହ୍ନିକୁ ଜାଳି ରଖିଥିଲେ ଏବଂ ୧୮୬୨ରୁ ୧୮୮୪ମସିହା ପର୍ଯ୍ୟନ୍ତ ଜେଲରେ ରହି ମୃତ୍ୟୁବରଣ କରିଥିଲେ ମଧ୍ୟ ଏହି ବୀର ପୁରୁଷଙ୍କ ସମ୍ପର୍କରେ କୌଣସି ଜାତୀୟ ସଂଗ୍ରହାଳୟରେ ତଥ୍ୟ ନ ରହିବା ଏହି ଜାତୀୟ ବୀରଙ୍କ ବୀରତ୍ୱକୁ ଅଣଦେଖା କରାଯିବା ସଙ୍ଗେ ସମାନ ବୋଲି ସୂଚନାକର୍ମୀ ପଣ୍ଡା ରାଜ୍ୟପାଳଙ୍କୁ ଜଣାଇଥିଲେ ବୀର ସୁରେନ୍ଦ୍ରଙ୍କ ଦ୍ୱାରା ବ୍ୟବହୃତ ଖଣ୍ଡା ଓ ଢାଲ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରହିଥିବା କଥା ମଧ୍ୟ ରାଜ୍ୟପାଳଙ୍କୁ ଜଣାଇଥିଲେ । ଦେଶର ବିଭିନ୍ନ ଜାତୀୟ ସଂଗ୍ରହାଳୟରେ ବୀର ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ତଥ୍ୟ ପ୍ରଦର୍ଶନ କରାଗଲେ ଏହାଦ୍ୱାରା ଆଗାମୀ ଦିନରେ ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବାବେଗ ସୃଷ୍ଟି ହେବାରେ ସହାୟକ ହେବ ବୋଲି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।




ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ହିନ୍ଦୁ ସମ୍ମିଳନୀ ମଞ୍ଚାସୀନ ଅତିଥି ।

## ବଲାଙ୍ଗୀରରେ ବିଶାଳ ହିନ୍ଦୁ ସମ୍ମିଳନୀ

### ରାମ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେଲେ

**ବଲାଙ୍ଗୀର ଅଫିସ,୩୦।୧୨**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆଠାରେ ରବିବାର ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ରାଜ୍ୟ ସଭାପତି ନୀଳାଦ୍ରୀ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ସମ୍ମିଳନୀ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀ ଓ ମୁଖ୍ୟବକ୍ତା ଭାବେ ମହେଶ ଶାସ୍ତ୍ରୀ ଯୋଗଦେଇଥିଲେ । ଭିଏଚ୍‌ପିର ଜିଲା ସଭାପତି ଗୋବିନ୍ଦ ମିଶ୍ର, ସମ୍ପାଦକ ପବିତ୍ର ଦାଶ, ବିଭାଗ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସୁନୀଲ ସେଠ୍ ମଞ୍ଚାସୀନ ଥିଲେ । ଏହି ସମ୍ମିଳନୀରେ ବଲାଙ୍ଗୀର ଜିଲା ସହ ବୌଦ୍ଧ ଓ ସୋନପୁର ଜିଲାର ସହସ୍ରାଧିକ ହିନ୍ଦୁ ଭାଉଣୀଭାଇ ଯୋଗଦେଇ ଅଯୋଧ୍ୟାରେ ଶୀଘ୍ର ରାମ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେଇଥିଲେ। ଶହ ଶହ ବର୍ଷ ଧରି ମୋଗଲ ଶାସନ କାଳରେ ଭାରତରେ ସରଳ ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ସ୍ୱରୂପ ଭଗବାନଙ୍କ ବିଭିନ୍ନ ମନ୍ଦିର ଧ୍ୱଂସ କରି ହିନ୍ଦୁମାନଙ୍କ ଗାରିମାମୟ ଇତିହାସକୁ ଭୁଲୁଣ୍ଠିତ କରାଯାଇଥିଲା । ଆଜି ହିନ୍ଦୁ ବହୁଳ ଦେଶରେ ହିନ୍ଦୁ ଆଜି ଉପେକ୍ଷିତ ହୋଇ ରହିଛି ବୋଲି ବକ୍ତାମାନେ କହିଥିଲେ । ସୁପ୍ରିମକୋର୍ଟରେ ଅଯୋଧ୍ୟା ମାମଲା ରାୟ ପ୍ରକାଶ ନ କରାଯିବା ନେଇ ବକ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସମ୍ମିଳନୀର ଅନ୍ୟତମ ସଂଯୋଜକ ଲୋକନାଥ ପାତ୍ର, ପଶ୍ଚିମପ୍ରାନ୍ତ ବଜରଙ୍ଗ ଦଳ ସଭାପତି ସୁନୀଲ ସେଠୀ ଓ ବଜରଙ୍ଗ ଦଳ ନଗର ସଂଯୋଜକ ଚର୍ଚ୍ଚିତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସଭାର ଦର୍ଶକ ଗ୍ୟାଲେରୀରେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଓ ପୂର୍ବତନ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ମାରୱାଡି ପଞ୍ଚାୟତର ଉପସଭାପତି ନକୁଳ ଅଗ୍ରୱାଲ, ଚୈତନ୍ୟ ଦାସ୍ ଠାକୁର, ପ୍ରସନ୍ନ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଲୁଡୁରପଙ୍କ କ୍ରିକେଟ: ରାୟପୁର ଚାମ୍ପିୟନ

**ଅମରପାଲି, ୩୦।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କଠାରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ଫାଇନାଲରେ ରେଲୱେ ରାଞ୍ଚିକୁ ହରାଇ ବିବି ସ୍ପୋର୍ଟିଂ ରାୟପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ଟି ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ରାଞ୍ଚି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ରନ୍ କରିଥିଲା। ଦଳର ସୁରଜ ୩୬ରନ୍ ଓ ଧର୍ମେନ୍ଦ୍ର କୁମାର ୨୮ରନ କରିଥିଲେ। ବିପକ୍ଷ ହମିଦ ରାଜା ଓ ରାଜା କୁର୍‌ରେ ୩ଟି ଲେଖାଏ ଉଇକେଟ ନେଇଥିଲେ।

## ଫୁଟବଲ ଟୁର୍ନାମେଣ୍ଟ : ବିଲୋଇସର୍ଡା ୩-୦ରେ ବିଜୟୀ

**ଲୋଇସିଂହା,୩୦।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର ଭାଲିଆଟିକ୍ରା ଖେଳପଡିଆଠାରେ ନାଗର ମହାକୁର ସ୍ମାରକୀ ତଥା ବାରାପାହାଡ କପ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ପ୍ରତିଯୋଗିତାର ଷଷ୍ଠ ଦିବସରେ ବିଲେଇସର୍ଡା ଏବଂ ଝାରବନ୍ଧଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ଗୋଲରେ ବିଲେଇସର୍ଡାକୁ ହରାଇ ଝରାବନ୍ଧଲି ଦଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି। ସୋମବାର ଝାରବନ୍ଧଲି ଓ ଶନିବାର ପ୍ରଥମ ସେମିଫାଇନାଲରେ ବିଜୟୀ ବୁର୍ଡା ଦଳ ମଧ୍ୟରେ ଫାଇନାଲଖେଳ ଅନୁଷ୍ଠିତ ହେବ । ଆଜିର ଏହି ଖେଳରେ ଅଶୋକ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଶ୍ରମଅଧିକାରୀ ଡିଲେଶ୍ୱରଖାକା ଯୋଗଦେଇଥିଲେ।

ଅନୁଦାନ ପଡିଛି , ସରକାରୀ ଜମି ମିଳୁନାହିଁ

## ଅସ୍ଥାୟୀ ଶବଦାହ କେନ୍ଦ୍ର ନିର୍ମାଣ କଲେ ସାମାଜିକକର୍ମୀ

**ଲୋଇସିଂହା,୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସହରରେ ସ୍ଥାୟୀ ଶ୍ମଶାନଘାଟ ନିର୍ମାଣ ପାଇଁ ଅନୁଦାନ ଆସିଛି । ତେବେ ନିର୍ମାଣ ପାଇଁ ସରକାରୀ ଜମି ସମସ୍ୟା ବାଧା ସୃଷ୍ଟି କରିଛି । ଲୋଇସିଂହାବାସୀଙ୍କ କାହାର ମୃତ୍ୟୁ ହେଲେ ଶବଦାହ ପାଇଁ ହଟହଟା ହେଉଛନ୍ତି । ସମସ୍ୟା ପ୍ରତି ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏ ସବୁ ଅବଗତ ଥାଇ ସୁଦ୍ଧା ଶବଦାହ ଗୃହ ନିର୍ମାଣ ଦିଗରେ ପଦକ୍ଷେପ କିମ୍ବା ଆନ୍ତରିକତା ଦେଖାଉନାହିଁ । ଶବଦାହ ପାଇଁ ନିୟମିତ ଅପଦସ୍ଥ ହେଉଛନ୍ତି ଲୋଇସିଂହାବାସୀ । ଏହି ଘଟଣା କେତେକ ସଚେତନ ନାଗରିକ ତଥା ସାମାଜିକକର୍ମୀଙ୍କୁ ଆନ୍ଦୋଳିତ କରିଛି । ରବିବାର ସାମାଜିକକର୍ମୀମାନେ ଶ୍ରମଦାନ କରି ବଲାଙ୍ଗୀର- ବରଗଡ ୨୬ନଂ ଜାତୀୟ ରାଜପଥ କୁଶଙ୍ଗାଇ ପୋଲ ତଳେ ଅସ୍ଥାୟୀ ଶ୍ମଶାନ ଘାଟ ନିର୍ମାଣ କରି ତଥାକଥିତ ଲୋକଙ୍କ ଆଖି ଖୋଲିବାକୁ ଚେଷ୍ଟା କରିଛନ୍ତି।



ସାମାଜିକକର୍ମୀମାନେ ଶ୍ମଶାନଠାରେ ପିଣ୍ଡି ନିର୍ମାଣ କରୁଛନ୍ତି।

ଲୋଇସିଂହା ବ୍ଲକ ସଦର ମହକୁମା ଲୋଇସିଂହା ଗ୍ରାମରେ ପଞ୍ଚାୟତ ମୁଖ୍ୟାଳୟ । ୧୦ୱାର୍ଡ ବିଶିଷ୍ଟ ଜନବସତିରେ ପାଖାପାଖି ୯ହଜାର ଅଧିବାସୀ ବାସ କରୁଛନ୍ତି । ଜନବସତି ପାଇଁ ସରକାରୀ ଜମିକୁ ମୁଷ୍ଟିମେୟମାନେ ଇନକ୍ରୋଜମେଣ୍ଟ ପୈଠ କରି ବହୁ ମୂଲ୍ୟ ଜମି ହାତେଇବାରେ ସକ୍ଷମ ହେଉଛନ୍ତି। ଫଳ ସ୍ୱରୂପ ଲୋଇସିଂହାର କୌଣସି ସରକାରୀ କାର୍ଯ୍ୟାଳୟ ଓ କାମ କରିବା ପାଇଁ ଜମି ସମସ୍ୟା ବାଧକ ସାଜିଛି। ପୂର୍ବରୁ ଲୋଇସିଂହାବାସୀ ଲିମ୍ବଘାଟରେ ଶବଦାହ କରୁଥିଲେ। ପରବର୍ତ୍ତି ସମୟରେ ସେଠାରେ ବାରଣ କରାଯାଇଥିଲା। ଏହାପରେ ସ୍ଥାନୀୟ ଅଧିବାସୀ କୁଶଙ୍ଗାଇପୋଲ ଓ ନାରାୟଣସାଗର ଧୋବାଡୁଠ ଠାରେ ଶବଦାହ କରିଥିଲେ। ଏହି ରାସ୍ତା ଦେଇ ପଡୋଶୀ ଗ୍ରାମର ଛାତ୍ରୀଛାତ୍ରମାନେ, ସ୍କୁଲ କଲେଜ ଆସୁଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ଏବେ ବୁର୍ଡା- ଲୁହୁରାପାଲି ମଝିରେ ଥିବା ପଡିଆ ଜମିରେ ଶବଦାହ କରାଯାଉଛି । ଯାହାକି ବସ୍ତି ଠାରୁ ୨କିମି ଦୂର । ସ୍ଥାନୀୟ ପଞ୍ଚାୟତରୁ ଶ୍ମଶାନ ଘାଟ ନିର୍ମାଣ ପାଇଁ ଅନୁଦାନ ଦିଆଯାଇଛି । ଜାଗା ଚିହ୍ନଟ କରି ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଗଲେ ବିରୋଧ ହେଉଛି। ବ୍ଲକ ପ୍ରଶାସନ, ପଞ୍ଚାୟତ ସମିତି ଅଧକ୍ଷା ଓ ରାଜସ୍ୱ ବିଭାଗର ଅସହଯୋଗ ଫଳରେ ଲୋକେ ଏଣେ ତେଣେ ଶବଦାହ କରି ହଟହଟା ହେଉଥିବା ରବିବାର ଶ୍ମଶାନ କେନ୍ଦ୍ର ସାମାଜିକକର୍ମୀ ତଥା ଅବସରପ୍ରାପ୍ତ ନୌସେନା କର୍ମଚାରୀ ନଯୁ ଖାଁ, ମୋହିତ ମିଶ୍ର, ରିଲୁ ମନହୀରା, ରବୀନ୍ଦ୍ର ନାୟକଙ୍କ ସମେତ ସହଯୋଗୀ ପ୍ରକାଶ କରିଛନ୍ତି।

ଆମ୍ବବାହାଲି ଲହଡୁଙ୍ଗୁରି ପ୍ରଧାନମନ୍ତ୍ରୀ ସଡକ ରାସ୍ତା କାମ

## କାମର ୨ଦିନ ପରେ ଉଠିଯାଉଛି ପିଚୁ

**ଖପ୍ରାଖୋଲ,୩୦।୧୨(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳକୁ ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସିନତା, ଉପଯୁକ୍ତ ତଦାରଖ ବିନା ଠିକାଦାରମାନେ ଅନେକ ସମୟରେ ନିମ୍ନ ମାନର କାମ ହୋଇଥିବା ଅଭିଯୋଗ ହେଉଛି । ଏଭଳି ଏକ ରାସ୍ତା କାମ ନଜରକୁ ଆସିଛି ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତର ଆମ୍ବବାହଲିଠାରୁ ଲହଡୁଙ୍ଗୁରିକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଚାଲିଥିବା ରାସ୍ତା କାମ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩କିମି ରାସ୍ତାକୁ ୧କୋଟି ୬ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ଜଣାଯାଇଛି । ହେଲେ ଲହଡୁଙ୍ଗୁରି ପଟୁ ଆରମ୍ଭ ହୋଇଥିବା ପିଚୁ କାମ ନିମ୍ନ ମାନର ହେଉଥିବା ନେଇ ଲହଡୁଙ୍ଗୁରି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାର ପିଚୁ କାମ ୨ଦିନ ତଳେ ହୋଇଥିବାବେଳେ ତାହା ଉଠି ଯାଉଛି । ଯାହାକୁ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ନିମ୍ନ ମାନର କାମକୁ ନେଇ ଗ୍ରାମବାସୀ ଜିଲାପରିଷଦ ସଭ୍ୟ ବିପ୍ର ବିଶିଙ୍କଠାରେ ଅଭିଯୋଗ କରିଥିବାବେଳେ ଜିଲାପରିଷଦ ସଭ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଟଣାଗଡ ସବଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିବା ଜଣାପଡିଛି । ପ୍ରବଳ ଶୀତ ଯୋଗୁ ଏଭଳି ହେଉଥିବା ଠିକାଦାର ସଂସ୍ଥା କହୁଥିବାବେଳେ ବିନା ପିଚୁରେ ଚିପ୍ସ ପକାଇ ଉପରେ ପିଚୁ ମିଶା ବଜୁରି ଦିଆ ହେଉଥିବାରୁ ଏଭଳି ପିଚୁ ଉଠିଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ କାମ ବନ୍ଦ କରିବା ସହ ଭଲ କାମ ନ ହେବା ଯାଏଁ ରାସ୍ତା କାମକୁ ବିରୋଧ କରିବା ସହ ଆନ୍ଦୋଳନ କରିବାକୁ ଲହଡୁଙ୍ଗୁରି ଗାଁର ମହନ ଭୁଏ, ୱାର୍ଡମେମ୍ବର ରାମେଶ୍ୱର ବାଗ, ରାଏଧର ଶାଣ୍ଡ, ରତ୍ନାକର ଖମାରୀ, ବସୁଦେବ ଖମାରୀ, ଯୁଗେଶ୍ୱର ଭୁଏ, ଦୈତାରୀ ଲିଟି, ମନବୋଧ ବାଗ, ପରମେଶ୍ୱର ଖମାରୀ, ରାଧେଶ୍ୟାମ ଖମାରୀ, କ୍ଷିତ ଖମାରୀ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତାର ପିଚୁ କାମର ୨ଦିନ ପରେ ଉଠି ଯାଉଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଠିକ ଭାବେ ତଦାରଖ କରୁ ନ ଥିବା ଏପରିକି ଅନୁପସ୍ଥିତ ରହୁଥିବାରୁ ଏଭଳି ହେଉଥିବା ଜିଲାପରିଷଦ ସଭ୍ୟ ବିପ୍ର ବିଶି କହିଛନ୍ତି। ଏ ନେଇ ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତପନ ବେହେରାଙ୍କୁ ପଚାରିବାରୁ ପିଚୁ ଉଠୁଥିବା ନେଇ ଅଭିଯୋଗ ହୋଇଛି। ପ୍ରବଳଶୀତଯୋଗୁପିଚୁରେବ୍ଲିଡିଂ ହେଉ ନ ଥିଲେ ଏଭଳି ହୋଇଥାଇ ପାରେ ଏ ନେଇ ଅନୁସନ୍ଧାନ ପରେ ଜଣାପଡିବା ହେଲେ ପିଚୁ ଉଠୁଥିବା ଅଭିଯୋଗ ପରେ ରାସ୍ତା କାମ ବନ୍ଦ କରାଯାଇଛି ବୋଲି କହିଛନ୍ତି ।



ଆମ୍ବବାହାଲି ଲହଡୁଙ୍ଗୁରି ରାସ୍ତା କାମ ନିମ୍ନମାନର ଅଭିଯୋଗ କରିଛନ୍ତି ଗ୍ରାମବାସୀ।



ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଦୁଃଖକୁ ଡାକି ଆଣିଥାଏ।

- ଚାଣକ୍ୟ

## ସଂକ୍ଷେପରେ

### ଆନ୍ତଃଜିଲା କବାଡି ଟୁର୍ନାମେଣ୍ଟ: ମାଗୁରପାଣି ଚାମ୍ପିୟନ

**ତରବୋଡ,୩୦।୧୨(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ବାବେଘାଟିଠାରେ ଚାଲିଥିବା ଆନ୍ତଃଜିଲା କବାଡି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କବାଡି ଗ୍ରାଉଣ୍ଡରେ ଚାଲିଥିବା ଏହି ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାରୁ ୨୨ଟି ଦଳ ଅଂଶଗ୍ରହଣ କରିଥିଲେ । ବାଲିପାଟିକୁ ହରାଇ ମାଗୁରପାଣି ଦଳ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ସଭାରେ ଓଡିଶା କ୍ରିକେଟ ଆସୋସିଏଶନ ଉପସଭାପତି ତଥା ରାଜ୍ୟ ବିଜେଡି ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମାଧୋପ୍ରସାଦ ସାହୁ, ରବି ମଙ୍ଗରାଜ, ଦୁଖଭଞ୍ଜନ ନାୟକ, ସଞ୍ଜୀବ କୁମାର ପାଣିଗ୍ରାହୀ, ରଞ୍ଜିତ ସୁନା, ଡୋଲାମଣୀ ମାଝି, ଅନନ୍ତ ସାହୁ, ଠାକୁର ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପବନ କୁମାର ଅହିର, ଗେନ୍ଦୁ ଅହିର ଏବଂ ଲଳିତ ଖେଳ ପରିଚାଳନା କରିଥିବା ବେଳେ ଗୁଡୁ ଧାରାବିବରଣୀ, ପୁଣ୍ୟ ହଂସ ଏବଂ ହେମନ୍ତ ହଂସ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ଆୟୋଜକ କମିଟି ସଭାପତି ବିଘ୍ନ ଆଡବଙ୍ଗ, ଉପସଭାପତି ପୁଣ୍ୟବନ୍ତ ହଂସ, କ୍ଷମାସାଗର ମାଝି, ପୂର୍ଣଚନ୍ଦ୍ର ହଂସ, ରାଜେଶ ନାଗ, ମକରନ କଠାର, ଅଜୁ ପାଢୀ, ହିରାଧର ହଂସ ପ୍ରମୁଖ ସହଯୋଗ କରିଥିଲେ ।

ନବବର୍ଷକୁ ଗୋଟିଏ ଦିନ ବାକି ରହିଲା

# ଟିଖାଲି ଡ୍ୟାମରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି

**ନୂଆପଡା ଅଫିସ,୩୦।୧୨**



ଟିଖାଲି ଡ୍ୟାମ ପରିସରରେ ଥିବା ପାର୍କରେ ପର୍ଯ୍ୟଟକଙ୍କ ଭିଡ ଲାଗିଛି ।

ନୂଆବର୍ଷ ୨୦୧୯କୁ ଆହୁରି ଗୋଟିଏ ଦିନ ବାକି ରହିଲା । ଏଭଳି ସମୟରେ ନୂଆପଡା ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରଗୁଡିକରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ସେଥିମଧ୍ୟରୁ ନୂଆପଡା ଜିଲା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ (ଟିଖାଲି) ଅନ୍ୟତମ । ଏଠାରେ ବର୍ଷର ସବୁଠାରୁ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ଏଠାରେ ନୂଆପଡା ସମେତ ପଡୋଶୀ ଜିଲ୍ଲା ଏବଂ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳୁଛି ।

ନୂଆପଡା ଜିଲା ସଦର ମହକୁମାଠାରୁ ୫୫ କି.ମି. ଦୂର ଖଡିଆଳ ବ୍ଲକ ଟିଖାଲିଠାରେ ନିର୍ମାଣ ହୋଇଛି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ। ଏଠାରେ ଅନ୍ୟୁନ ୧୭ ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ଡ୍ୟାମ ନିର୍ମାଣ ହୋଇଥିବାବେଳେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରାଶିକୁ କୁଶଳୀ କାରିଗରୀଙ୍କ ଦ୍ୱାରା ଏହାକୁ ଦ୍ୱିଗୁଣିତ କରୁଛି । ଏଠାରେ ଏକ ସରକାରୀ ବଙ୍ଗଳା ରହିଥିବାବେଳେ କୋଟିଏ ଟଙ୍କାରେ ନିର୍ମାଣ ହୋଇଛି ପାର୍କ । ଏହା ଜିଲାର ସର୍ବବୃହତମ ଡ୍ୟାମ ହୋଇଥିବାବେଳେ ଏହାର ଚାରିକଡରେ ପାହାଡ ଏବଂ ସୁଉଚ୍ଚ ଡ୍ୟାମ ହିଡ଼ ଦର୍ଶକଙ୍କ ମନ ମୋହିଥାଏ । ଏହାକୁ ଦେଖିବାକୁ ବର୍ଷର ଭିନ୍ନ ଭିନ୍ନ ସମୟରେ ଭିଡ ଜମିଥାଏ । ହେଲେ ବର୍ତ୍ତମାନ ନୂଆବର୍ଷ ସକାଶେ ପ୍ରତି ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ରହୁଥିବା ଦେଖାଯାଉଛି । ପର୍ଯ୍ୟଟକମାନେ ଦିନ ବେଳା ଡ୍ୟାମର ଚର୍ତ୍ତୁଃପାର୍ଶ୍ୱରେ ଜଙ୍ଗଲ ଏବଂ ହିଡ଼ରେ ଭୋଜିଭାତର ଆୟୋଜନ କରିଥାନ୍ତି। ସ୍ଥାନେ ସ୍ଥାନେ ପିଲାଠୁ ବୁଢା ସମସ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମାତିଯାଇଥାନ୍ତି। ପରେ ଏଠାରେ ଥିବା ପାର୍କରେ ଯାଇ ବିଭିନ୍ନ ଖେଳରେ ମାତିଯାଇଥାନ୍ତି ପିଲାମାନେ । ରବିବାର ଦିନର ଭିଡକୁ ଆକଳନ କଲେ ଜଣାପଡିଥାଏ । ବେସରକାରୀ ଭାବେ ଟ୍ୟାକ୍ସି ଷ୍ଟାଣ୍ଡରୁ ମିଳିଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ, ପ୍ରତିଦିନ ଅନ୍ୟୁନ ୨ଶହ ବିଭିନ୍ନ ପ୍ରକାର ଗାଡିର ଭିଡ ଜମିଥାଏ । ଏହା ପଶ୍ଚିମ ଓଡିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳଠାରୁ ସ୍ୱତନ୍ତ୍ରତା ରଖିଥିବା ପର୍ଯ୍ୟଟକମାନେ ଆଲୋଚନା କରୁଛନ୍ତି । ଅନ୍ୟପକ୍ଷେ ଏହାକୁ କେବଳ ଏକ ଜଳ ସେଚନ ପ୍ରକଳ୍ପ ଭାବରେ ନିର୍ମାଣ କରାଯାଇଛି। ହେଲେ ଏହା ଧୀରେ ଧୀରେ ପର୍ଯ୍ୟଟକମାନଙ୍କ ମୁଖ୍ୟ ଆକର୍ଷଣ ହେଉଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ବୋଲି ଦାବି ହେଉଛି । ଏହା କଲେ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ଲୋକଙ୍କ ରୋଜଗାର ବୃଦ୍ଧି ହୋଇଛି । ସୂଚନାଯୋଗ୍ୟ ଯେ, ଏହି ଡ୍ୟାମ ପରିସରରେ ଥିବା ଅନ୍ୟୁନ କୋଟିଏ ଟଙ୍କାରେ ନିର୍ମାଣ ହୋଇଥିବା ଶିବ ମନ୍ଦିରକୁ ଆଜିଯାଏଁ ଉଦ୍‌ଘାଟନ କରାଯାଇପାରି ନାହିଁ । ଏହାକୁ ଯଥାଶୀଘ୍ର ଉଦ୍‌ଘାଟନ କରିବା ସହ ଲୋକାର୍ପଣ କଲେ ଆହୁରି ଭିଡ ଜମିବ ବୋଲି ମତ ପ୍ରକାଶ ପାଇଛି । ଏହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଜିଗଲେ ଖୋଜିବାକୁ ନାହିଁ**
**କି ମରିଗଲେ କାନ୍ଦିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଣଇ ମାରଇ ଯେ**
**ଗାଁ ବାହାର ସେ**
**ଲଇଁ ତୋଳୁଥାଇ ଶାଗ**
**ତା' ବରତନ ଆଗ ।**

ସବୁବେଳେ ଯିଏ ମାରଧର କରେ, ହଣାକଟା କରେ ତା'ପ୍ରତି ସମସ୍ତଙ୍କ ମନରେ ଏକପ୍ରକାର ଭୟଭାବନା ରହିଥାଏ। ସମସ୍ତେ ତାଙ୍କୁ ଦୂରୁ ଜୁହାର କରିଥାନ୍ତି। ଏପରି ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କେହି ପାଖ ପୂରାଇ ଦେଇ ନ ଥାନ୍ତି। ପରନ୍ତୁ ଯିଏ ନମ୍ର ଶାନ୍ତ ସ୍ୱଭାବର ହୋଇଥାଏ ତା'ପ୍ରତି ସମସ୍ତଙ୍କର ଆଦରଭାବ ରହିଥାଏ। ଏପରି ସୁଗୁଣ ବ୍ୟକ୍ତିଙ୍କ ପ୍ରତି ସମସ୍ତଙ୍କ ଆତ୍ମୀୟତାଭାବ ସୃଷ୍ଟିହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗାଁ ଗାଁରେ ଶହୀଦ୍ ଦିବସ ପାଳନ ପାଇଁ ମାଓବାଦୀ ସଙ୍ଗଠନର ଆହ୍ୱାନ

**ଖଡିଆଳ,୩୦।୧୨ (ଡି.ଏନ୍.ଏ.)**

ଡିସେମ୍ବର ୩୧ ତାରିଖକୁ ସ୍ୱାଧୀନତା ସଂଗ୍ରାମୀ ମାଧବ ସିଂ ବରିହାଙ୍କ ଶହୀଦ୍ ଦିବସକୁ ଗାଁ ଗାଁରେ ପାଳନ କରିବା ପାଇଁ ମାଓବାଦୀ ସଙ୍ଗଠନ ପକ୍ଷରୁ ଆହ୍ୱାନ କରାଯାଇଛି। ଏ ନେଇ ବରଗଡ-ବଲାଙ୍ଗୀର ମହାସମୁନ୍ଦ ଡିଭିଜନାଲ୍ କମିଟି ପକ୍ଷରୁ ସଚିବ ବସନ୍ତ କୁମାର ଏକ ଅଡିଓ ଟେପ୍ ମାଧ୍ୟମରେ ଆହ୍ୱାନ କରିଛନ୍ତି। ପ୍ରାୟ ୨.୩୫ ମିନିଟ୍‌ର ଜାରି କରାଯାଇଥିବା ଏହି ଅଡିଓ ଟେପ୍‌ରେ ଦେଶକୁ ସ୍ୱାଧୀନ କରିବା ପାଇଁ ଇଂରେଜମାନଙ୍କ ସହ ଲଢ଼େଇ କରି ସ୍ୱାଧୀନତା ସଂଗ୍ରାମୀ ମାଧବ ସିଂ ବରିହା ଶହୀଦ୍ ହୋଇଥିଲେ । ଏଣୁ ତାଙ୍କ ବଳିଦାନ ବ୍ୟର୍ଥ କରିବାକୁ ନ ଦେଇ ଗାଁ ଗାଁରେ ଶହୀଦ୍ ଦିବସ ପାଳନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ନିବେଦନ କରିବା ସହ ତାଙ୍କ ସହ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ, ରେଣ୍ଡୋ ମାଝି ଓ ଚକ୍ର ବିଶୋଇଙ୍କ ପରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ କୁହାଯାଇଛି । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୁଞ୍ଜିପତି ଓ ସାମ୍ରାଜ୍ୟବାଦଙ୍କ ସହ ମିଶି ଜଳ, ଜମି ଜଙ୍ଗଲକୁ ଟେକି ନିରିହ ଆଦିବାସୀଙ୍କୁ ବିସ୍ଥାପନ କରି ତଳିତଳାନ୍ତ କରି ପକାଉଥିବାବେଳେ ଉକ୍ତ ବିଷୟଟିକୁ ଗୁରୁତର ସହ ସରକାରଙ୍କ ଏହି ଜନବିରୋଧୀ ଆନ୍ଦୋଳନକୁ ଜୋରଦାର କରି ଏଥିରେ ବିଶେଷ କରି ଯୁବକମାନେ ସାମିଲ୍ ହେବା ପାଇଁ ଆହ୍ୱାନ କରାଯାଇଥିବା ଜଣାପଡିଛି।

# ଶୁଣ୍ଢିକ ପରିବାର ସଂଗଠିତ ହେବାକୁ ଆହ୍ୱାନ



ବୈଠକରେ ଯୋଗଦେଇଥିବା ଶୁଣ୍ଢିକ ସମାଜର କର୍ମକର୍ତ୍ତା।

**ଖପ୍ରାଖୋଲ, ୩୦।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ତେଲେନପାଲି ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଆଞ୍ଚଳିକ ଶୁଣ୍ଢିକ ସମାଜର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପରମେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ । ଏହି ଅବସରରେ ଶୁଣ୍ଢିକ ସମାଜର ଅର୍ଥନୈତିକ, ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ନେଇ ଆଲୋଚନା ହୋଇଥିଲା । ସମସ୍ତ ଶୁଣ୍ଢିକ ପରିବାର ସଂଗଠିତ ହେବାକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଆଞ୍ଚଳିକ ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଅଧ୍ୟାପକ ଲିଙ୍ଗରାଜ ବେହେରା, ସମ୍ପାଦକ ରୂପେ ରାଜକୁମାର ବେହେରା, ଉପସଭାପତି ଭାବେ ପରମେଶ୍ୱର ବେହେରା ମନୋନୀତ ହୋଇଥିବାବେଳେ ନବୀନ ବେହେରା, ନକୁଳ ବେହେରା, ହରେକୃଷ୍ଣ ବେହେରା, ବଂଶୀଧର ବେହେରା, ଦିବାକର ବେହେରା, ବେଦବ୍ୟାସ ବେହେରା, ଇଶ୍ୱର ବେହେରା, ସୂର୍ଯ୍ୟମଣି ବେହେରା, ଗଣେଶ୍ୱର ବେହେରା ଓ ଲୋଚନ ବେହେରା କମିଟି ସଦସ୍ୟ ରୂପେ ମନୋନିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିନ ବେହେରା, ତାପସ ବେହେରା, ପ୍ରତାପ ବେହେରା, ବିକାଶ ବେହେରା ସମେତ ଶୁଣ୍ଢିକ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଯାତ୍ରା ଦେଖାଇବାକୁ ନେଇ ଦୁଇ ନାବାଳିକାଙ୍କୁ ବଳାତ୍କାର ଘଟଣା

# ଦୁଇ ଅଭିଯୁକ୍ତ ଯୁବକ ଗିରଫ

**ଲହୁଣୀପଡ଼ା, ୩୦।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଏରଗେଡ଼ା ଗ୍ରାମରେ ଦୁଇ ନାବାଳିକାଙ୍କୁ ଯାତ୍ରା ଦେଖାଇ ନେବା ପ୍ରଲୋଭନ ଦେଖାଇ ବଳାତ୍କାର ଘଟଣାରେ ରବିବାର ପୋଲିସ ଦୁଇ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋର ହରୋ (୧୯) ଏବଂ ତାଙ୍କ ସାଙ୍ଗ ବିନୋଦ ଟପୋ (୨୧)। ସେମାନଙ୍କର ଡାକ୍ତରୀମାଇନା କରାଯାଇଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଶନିବାର ଅଭିଯୋଗ ହେବା ପରେ ତଦନ୍ତକରି ରବିବାର ପୋଲିସ ଉଭୟଙ୍କୁ ଗାଁରୁ ଗିରଫ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏରଗେଡ଼ା ଗ୍ରାମ ନୂଆପଡ଼ା ବସ୍ତିର କିଶୋର ଏବଂ ତାଙ୍କ ସାଙ୍ଗ ବିନୋଦ ସେହି ଗ୍ରାମର ଦୁଇ ଜଣ ନାବାଳିକାଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଯାତ୍ରା ଦେଖି ଯିବାକୁ କହିଥିଲେ। ନାବାଳିକା ଦ୍ୱୟ ମନା କରିଥିଲେ ମଧ୍ୟ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବାରୁ ସେମାନେ ରାଜି ହୋଇଥିଲେ। ଲାଠିକଟାରେ ଟୁଙ୍ଗୁରି ଯାତ୍ରା ଦେଖିବା ପାଇଁ ଯୁବକ ଦ୍ୱୟ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାବେଳେ ନାବାଳିକା ଦ୍ୱୟଙ୍କୁ ସାଇକେଲରେ ବସାଇ ନେଇଥିଲେ। କିଛିବାଟ ଯିବା ପରେ ଏକ ପରିତ୍ୟକ୍ତ ଘରେ ରଖି ଉଭୟଙ୍କୁ ବଳାତ୍କାର କରିଥିଲେ। ସେଠାରେ ସେମାନଙ୍କୁ ଛାଡ଼ିଦେଇ ଗ୍ରାମକୁ ପଳାଇ ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ନ ଆସିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ଗାଁରୁ ୨ଜଣ ନାବାଳିକା ନିଖୋଜ ଥିବା ଜଣାପଡ଼ିଥିଲା। ସକାଳେ ନାବାଳିକା ୨ଜଣ ଘରେ ପହଞ୍ଚି ସବୁକଥା କହିଥିଲେ। ପରିବାର ଲୋକେ ଜାଣିବା ପରେ ଗାଁରେ ବୈଠକ ବସିଥିଲା। ଯୁବକମାନଙ୍କୁ ବିବାହ କରିବାକୁ ଗ୍ରାମସଭାରେ ନିର୍ଦ୍ଦେଶ ଦିଆଯାଇଥିଲା। ଯୁବକଙ୍କ ପରିବାର ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ନାବାଳିକା ଦ୍ୱୟଙ୍କ ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଏତଲା ଦିଆଯାଇଥିଲା।





ଗିରଫ ଦୁଇ ଅଭିଯୁକ୍ତ।

# ଫୁଟବଲ ଟୁର୍ନାମେଣ୍ଟ: ରୋହିଦାସ କ୍ଲବ ଚାମ୍ପିୟନ

**ରେଢ଼ାଖୋଲ,୩୦।୧୨(ଡି.ଏନ.ଏ.)**

ରେଢ଼ାଖୋଲ ଏନଏସି ୯ନଂ ୱାର୍ଡ ଆମ୍ବପାଳରେ ଆଦିବାସୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ସାଲେସିଂ ରୋହିଦାସ କ୍ଲବ ଚାମ୍ପିୟନ ହୋଇଛି। ଜୁଜୁମୁରା ଫୁଟବଲ ଟିମ୍ ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚ ଜୁଜୁମୁରା ଓ ସାଲେସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଯୋଗେ ୨-୧ ଗୋଲରେ ସାଲେସିଂ ଦଳ ବିଜୟୀ ହୋଇଛି। କାଉନସିଲର ଲକ୍ଷ୍ମଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଉପଜିଲାପାଳ ବିଶିକେସନ ଦେହୁରୀ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା କମନ୍ଦାକିନୀ ରାଉଳ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମୂଲ୍ୟ ପ୍ରଧାନ, ସୁକାନ୍ତ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀରେ କବିତା ପାଠୋତ୍ସବ

**ଖଡ଼ିଆଳ, ୩୦।୧୨ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅଧୀନ ଡୁଆଝର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଂ. ଚେରୁ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ନିଳ ଲୋହିତ ସିଂଦେବ ମୁଖ୍ୟଅତିଥି, ଖଡ଼ିଆଳ ସ୍ୱୟଂଶାସିତ କଲେଜର ଓଡ଼ିଆ ଅଧ୍ୟାପକ ବିଜୟ କୁମାର ବାରିକ ମୁଖ୍ୟବକ୍ତା, ଗୌରାଙ୍ଗ କୁମାର ସାହୁ ଓ ଯଶପାଳ ମେହେର ସଂଯୋଜକ ଭାବରେ ଯୋଗଦେଇ କବିତା ପାଠୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା । ଏଥିରେ କବି ଆଲୋକ କୁମାର ରଥ, ଅର୍ଜୁନ ଛତ୍ରିଆ, ସନାତନ ମହାଭୁତି, ଉପେନ୍ଦ୍ର ପାଣିଗ୍ରାହୀ, ଖରତ ଚନ୍ଦ୍ର ବାରିକ, କୈଳାଶ ବାଗ, ବିପିନ ବିହାରୀ ସାହୁ, ଆଦିତ୍ୟ ନାରାୟଣ ପଣ୍ଡା, ଚତୁର୍ଭୁଜ ସିଂଦେଓ, ଗୋବର୍ଦ୍ଧନ ସାହୁ, ହରିହର ମେହେର ଓ କବୟିତ୍ରୀ ଅଧ୍ୟାପିକା ସୁରେଶ୍ୱରୀ ବାଘ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶୋଭେନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଇନଜୀବୀ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।





କବିତା ପାଠ ଉତ୍ସବରେ ଯୋଗଦେଇଥିବା କବିବୃନ୍ଦ।

ଡୁଆଝର ୟୁପି/ଏମଇ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ

# ଅଧ୍ୟବସାୟ, କର୍ମନିଷ୍ଠା ମଣିଷଙ୍କୁ ମହାନ୍ କରିଥାଏ

**ନୂଆପଡା ଅଫିସ/ଖଡିଆଳ, ୩୦।୧୨ (ଡି.ଏନ.ଏ.)**

ତୁଳସୀ ଦୁଇ ପତ୍ରରୁ ଜଣାପଡିଥାଏ। ଭଲ ମଣିଷ ଛାତ୍ର ଜୀବନରୁ ଜଣାପଡିଥାନ୍ତି। ଜୀବନ ଏକ କଷଟି ପଥର। ଗଭୀର ଅଧ୍ୟବସାୟ, କର୍ମନିଷ୍ଠା ମଣିଷଙ୍କୁ ମହାନ କରି ଗଢିତୋଳିଥାଏ ବୋଲି ଅତିଥିମାନେ କହିଛନ୍ତି। ସ୍ଥାନୀୟ ଖଡିଆଳ ବ୍ଲକ ଡୁଆଝର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ/ଏମଇ ସ୍କୁଲର ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜିତ ବିଶି ସଭାପତିତ୍ୱ କରିଥିବାବେଳେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟଅତିଥି, ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ମନଧର ମେହେର, ସ୍ଥାନୀୟ ସରପଞ୍ଚ କମଳିନୀ ମେହେର, ସମିତି ସଭ୍ୟା ସୁରେଖା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମାଝି ଜିଲା ତଥା ଏହି ଅଞ୍ଚଳର ବିକାଶ ସକାଶେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ବିଦ୍ୟାଳୟର ଉନ୍ନତି ସକାଶେ ଅଞ୍ଚଳର ଲୋକଙ୍କ ସହଯୋଗର ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ମୁଖ୍ୟବକ୍ତା ଇତିହାସର ନେପୋଲିୟନ, ଆଲେକ୍‌ଜାଣ୍ଡାରଙ୍କ ଉଦାହରଣ ଦେଇ ସେମାନଙ୍କ ପଥାଙ୍କ ଅନୁସରଣ କରିବାକୁ ପରାମର୍ଶ କରିଥିଲେ। ଗଭୀର ଅଧ୍ୟବସାୟ ଏବଂ ନିଷ୍ଠା ମଣିଷଙ୍କୁ ମହାନ କରି ଗଢିତୋଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଶିକ୍ଷକମାନେ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଏଥିରେ ଯୁଧିଷ୍ଠିର ମେହେର ଆଙ୍କରିଂ କରିଥିବାବେଳେ ପ୍ରତାପ କିଶୋର ଜଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ରବୀନ୍ଦ୍ର କୁମ୍ଭାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ବେଳେ ଅଞ୍ଚଳର ହଜାର ହଜାର ଲୋକ ଆସି ମଜା ନେଇଥିଲେ ।



ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଛାତ୍ର ଝୁମିଲେ



ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଭବାନୀପାଟଣା,୩୦।୧୨(ଡି.ଏନ.ଏ.) ଭବାନୀପାଟଣା ସହରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ଗଣେଶ ପ୍ରସାଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଗିନିଜବୁକ ରେକର୍ଡଧାରୀ ସତ୍ୟପୀର ପ୍ରଧାନ, ପରିଚାଳନା କମିଟି ସମ୍ପାଦକ ଇଂ ବିଭୂତି ଭୂଷଣ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ନାଏକ ପ୍ରମୁଖ ଉଦବୋଧନ ଦେଇଥିଲେ। ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ କାହ୍ନୁଚରଣ ପଣ୍ଡା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ, ଫୁଲ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଆବାସିକ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ

ଭବାନୀପାଟଣା,୩୦।୧୨(ଡି.ଏନ.ଏ.) ଭବାନୀପାଟଣା ସହରସ୍ଥିତ ଚିନ୍ମୟ ମିଶନଠାରେ ଚିନ୍ମୟ ଯୁବକେନ୍ଦ୍ର ଅନୁକୁଲ୍ୟରେ ଆବାସିକ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଚିନ୍ମୟ ମିଶନ ଆଚାର୍ଯ୍ୟ ଅମେୟା ନନ୍ଦଜୀଙ୍କ ଅଧକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ଜଗମୋହନ ଅଗ୍ରୱାଲ ଯୋଗଦେଇଥିଲେ। ଆବାସିକ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମକୁ ସ୍ୱାମୀଜୀ ଆତ୍ମିକାନନ୍ଦଜୀ, ବ୍ରହ୍ମଚାର୍ଯ୍ୟ ଗଙ୍ଗାଧର ଚୈତନ୍ୟଜୀ, ବ୍ରହ୍ମଚାର୍ଯ୍ୟ ଏକାନନ୍ଦ ଜୀ ପ୍ରମୁଖ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଆଚାର୍ଯ୍ୟ ଅମେୟାନନ୍ଦଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁମରବର ଦାସ, ମୁଖ୍ୟବକ୍ତା ମୁରାରୀଲାଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଭାରତୀୟ ଜୀବନ ବୀମା ନିଗମ ଭବାନୀପାଟଣା ଶାଖାର ମୁଖ୍ୟ ପରିଚାଳକ ପି. ସତ୍ୟନାରାୟଣ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।

# ପର୍ଯ୍ୟଟକଙ୍କର ମନ୍ ମୁହୁଛେ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା

କୋକସରା/ଭବାନୀପାଟଣା, ୩୦।୧୨(ଡି.ଏନ.ଏ.):

ଝାର ଜଂଗଲ, ପାହାଡ଼ ପରବତ ଲେଖେଁ ପ୍ରାକୃତିକ ସୁଁଦରତାରେ ଭରପୁର କଳାହାଣ୍ଡି ଜିଲା। ଇଠାନେ ବହୁତଟେ ଛୋଟବଡ଼, ସୁଁଦର ସୁଁଦର ପ୍ରାକୃତିକ୍ ଝର୍‌ନା, ନଦୀ ନାଲ ରହିଛେ। ଯେନ୍‌ଟା ପର୍ଯ୍ୟଟକମାନକୁ ବଛରକୁତା ଲୁଭଉଛେ। ସେ ଭିତରୁ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା ଅଲଗ ଆଏ। କଳାହାଣ୍ଡି ଆର ନବରଙ୍ଗପୁର ସୀମାନା ସାହାଜଖୋଲ ଜଂଗଲ ଭିତରେ ରହିଛେ ଇ ମନଲୁଭା ପର୍ଯ୍ୟଟନ ଥଲ। ଏହେଦେ ନୂଆଁ ବଛର ଲାଗି ଇଠାନ୍‌କେ ପର୍ଯ୍ୟଟକମାନକର ଧାର ଲମିଛେ। ଚାରହିକୁତି ପାହାଡ଼ ଆର ଜଂଗଲ ମଝିରେ ଗୁଟେ ବଢ଼େ ଉସାରିଆ ଚଟାନ, ଚଟାନର ଦୁଇ ତରେ ଡୋକରୀ ଆର ଭଁଏରାଘୁମର ଝରନାର ପାଏନ୍ ପଡୁଛେ। ପାହାଡ଼ ଉପରୁ ପଡୁଥିବାର ଝନରନାର ପାଏନ୍ ଇନ୍ଦ୍ର ଧନୁର ଭରମ ସୁରୁଷ୍ଟି କରୁଛେ। ସେନ୍‌ତା ଡୋକରୀ ଦରହରେ ଖେଲୁଥିବାର ଭିନେ ଭିନେ କିସମର ମାଛ୍ ପର୍ଯ୍ୟଟକ୍‌ମାନକର ମନ୍ ଭୁଲେଇ ଦେଉଛନ୍। ଇଠାନେ ଗାଧିବାର ଅନୁଭୂତିଟା ବି ଅଲଗ ଆଏ। ଇତାର ବାହାରେ ଐତିହାସିକ ଗୁମ୍ଫା ଗୁଡ଼ହାଣ୍ଡି ଯେନ୍‌ଟା ଗୁରରେ ଭରତି ଗୁଟେ ହାଁଡ଼ି ଲେଖେଁ ଦିଶ୍‌ସି। ଇ ହାଁଡିରେ ଲାଗିଥିବାର ମାଏଟ୍ ଚାଖିଲେ ମିଠା ଲାଗୁଥିବାର ଲାଗି ଇତାର ନାଁ ଏନ୍‌ତା ହେଇଥିବାର ଜନାଯାଇଛେ। ପ୍ରାକ୍ ଐତିହାସିକ ଯୁଗର କେତେ ରେଖାଚିତ୍ର ବି ଇଠାନେ ଦେଖିବାକେ ମିଲ୍‌ସି। ଇତାର ବାହାରେ ଇଠାନେ ଅଛେ ଗୁଟେ ଶ୍ରୀରାମକଁର ଦେଉଲ, ପୁଣ୍ୟକୁଣ୍ଡ, ସୀତାପାଦ୍, ରୁଷିଗୁମ୍ଫା, ବଟବୃକ୍ଷ, ବିଭୁତି କୁଁଡ଼ ଲେଖେଁ ପଉରାନିକ୍ କଥା ବହନ କରୁଥିବାର ବହୁତଟେ ଜିନିସ। ଲୁକ୍‌କର କହେବାର ହିସାବେ ପରଭୁ ଶ୍ରୀରାମ ବନବାସ ସମିଆରେ



ପର୍ଯ୍ୟଟନ ଥଲ୍ ଡୋକରୀଚଞ୍ଚରା।

ଇଠାନେ ଦିନାକେତେ ରହିଥିଲେ। ରାମ ନବମୀ ସମିଆରେ ଇଠାନେ ସାତ ଦିନ୍ ଧରି ଶ୍ରୀରାମ କଥାମୃତ ପାଠ୍ ହେସି, ଯେନ୍‌ଥିରେ ଲକ୍ଷାଧିକ୍ ଭକତ୍‌କଁର ଭିଡ଼ ଦେଖିବାକେ ମିଲସି। ରାଏଜ୍ ସରକାରକଁର ପର୍ଯ୍ୟଟନ ବିଭାଗ ଇତାକେ ଗୁଟେ ପର୍ଯ୍ୟଟନ ଥଲର ମାଏନ୍‌ତା ଦେଇ ଇତାର ଉନ୍‌ନତିକରନ୍ ଲାଗି ୧ କୋଟି ଟଁକା ଦେଇଥିଲେ ବି ସେଟା ଆଏଜ୍‌ତକ କାମେ ନୁହେଲାଗେ। ବଡ଼ା ଦୁଖର କଥା ଯେ ବଛରକୁତା ଇଠାନ୍‌କେ ପର୍ଯ୍ୟଟକ୍‌ମାନକର ଧାର ଲମୁଥିଲେ ବି ଆଏଜତକ୍ ଇ କର୍ଯ୍ୟଟନ କ୍ଷେତ୍ରର ବିକାଶ, ଉନ୍‌ନତିକରନ ଲାଗି କାହାରି ଦରଦ୍ ନାଁଇଁନ। ଯଦି ଡୋକରୀଚଞ୍ଚରାର ବିକାଶ ଉପରେ ରାଏଜ୍ ସରକାର ଧିଆନ୍ ଦେତେ ତ ନିହାତି ଇଟା ଓଡ଼ିଶାର ଗୁଟେ ଖାସ୍ ପର୍ଯ୍ୟଟନ କ୍ଷେତ୍ର ହେଇପାରତା।

## ତାମିଲନାଡୁ ଯାଇଥିବା ୨ ଯୁବତୀଙ୍କ ପତ୍ତା ମିଳୁନି

ଭବାନୀପାଟଣା,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଥୁ.ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ପଞ୍ଚାୟତ ହାଡଖୁର୍ସି ଗାଁର କାଞ୍ଚନ ନାଏକ (୨୦) ଓ ଅର୍ଣ୍ଣ ନାଏକ(୨୧) ଦକ୍ଷତା ବିକାସ ପ୍ରସିକ୍ଷଣ ପାଇଁ ତାମିଲନାଡୁ ଯାଇଥିବା ତାଙ୍କ ପତ୍ତା ମିଳୁ ନ ଥିବା ନେଇ ଯୁବତୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଜିଲା ଶ୍ରମ ଅଧିକାରୀ ଓ ଥୁ.ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଯୁବତୀଙ୍କ ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରି ନ ଥିବା ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକ କହିଛନ୍ତି। ଅଭିଯୋଗ ମତେ କାଞ୍ଚନ ନାଏକ ଏବଂ ଅର୍ଣ୍ଣ ନାଏକ ଦୁଇଜଣ ଯୁବତୀ କେନ୍ଦ୍ର ସରକାରଙ୍କ ଦକ୍ଷତା ତାଲିମ କାର୍ଯ୍ୟକ୍ରମରେ ସିଲେଇ ପ୍ରଶିକ୍ଷଣ ପାଇଁ ମନୋନୀତ ହୋଇ ଭୁବନେଶ୍ୱର ଯାଇଥିଲେ। ସେଠାରୁ ତାମିଲନାଡୁର ତ୍ରିଚୁର ଜିଲା ରୋଡା ମାଇନ୍‌ସ ସଂସ୍ଥାରେ ସିଲେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ତେବେ ସମ୍ପୃକ୍ତ ସଂସ୍ଥା ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ଅନ୍ୟ କେଉଁ ସଂସ୍ଥାକୁ ପଠାଇଦେଇଛି। ଫଳରେ ବର୍ତ୍ତମାନ ସମ୍ପୃକ୍ତ ଯୁବତୀ ଦୁଇଜଣ କେଉଁ ସଂସ୍ଥରେ ଓ କିଭଳି ଅବସ୍ଥାରେ ଅଛନ୍ତି ପରିବାର ଲୋକ ଜାଣିପାରୁ ନାହାନ୍ତି। ଏ ସମ୍ପର୍କରେ ପରିବାର ଲୋକେ ଥୁ.ରାମପୁର ଥାନା ଓ ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ସେମାନଙ୍କ ତଲାସ ନିମନ୍ତେ ଜିଲା ଶ୍ରମ ଅଧିକାରୀ ଓ ଥୁ.ରାମପୁର ଥାନା ପକ୍ଷରୁ ରାଜ୍ୟ ଶ୍ରମ ବିଭାଗ ଜରିଆରେ ତାମିଲନାଡୁର ଶ୍ରମ ବିଭାଗ ସହ ଯୋଗାଯୋଗ କରାଯାଇଛି। ହେଲେ ଏଯାଏ ଦୁଇଜଣ ଯୁବତୀ କେଉଁ ସଂସ୍ଥାରେ ଅଛନ୍ତି ତାହା ଠାବ କରାଯାଇପାରି ନାହିଁ। ଜିଲା ଶ୍ରମ ଅଧିକାରୀ ମହେଶ୍ୱର ମହାନ୍ତି ଏହି ଦୁଇ ଜଣ ଯୁବତୀଙ୍କ ସହ ଟେଲିଫୋନ ଯୋଗେ ବାର୍ତ୍ତାଳାପ କରିଛନ୍ତି। ତେବେ ଯୁବତୀ ଦୁଇ ଜଣ କେଉଁ ସଂସ୍ଥାରେ ଅଛନ୍ତି ତାହା କହି ନ ପାରିବାରୁ ସେମାନଙ୍କୁ ଠାବ କରାଯାଇ ପାରିନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ଶ୍ରମ ବିଭାଗ ଏହି ଦୁଇ ଯୁବତୀଙ୍କୁ ଠାବ କରିବା ସହ ସେମାନଙ୍କୁ ଉଦ୍ଧାର କରି ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଛି।

## ନାବାଳିକା ଦାଦନ ଶ୍ରମିକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବରପଦର ଗାଁର ବିରବଲ ବିଭାର ଗତ ୫ଦିନ ତଳେ କେରଳର ଏକ କ୍ରଶରରେ କଟି ମୃତ୍ୟୁବରଣ କରିଥିବା ବେଳେ ଏବେ ପୁଣି ଆଉ ଏକ ଘଟଣା ଘଟିଛି ପାହାଡପଦର ଗାଁରେ। ପାହାଡପଦର ଗାଁର ଶ୍ୟାମ ଗଉଡର ଝିଅ ରତ୍ନା (୧୪) ଗତ ୬ ମାସ ତଳେ ଚେନ୍ନାଇକୁ କାମ କରିବା ପାଇଁ ଯାଇଥିଲା। ଗତ ଶୁକ୍ରବାର ଏକ ବିଲଡିଂର ଛାତ ଉପରେ କାମ କରୁଥିବା ବେଳେ ଉପରୁ ତଳକୁ ଖସି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଞ୍ଚଳର କିଛି ଲୋକେ ତାଙ୍କ ଘର ଲୋକଙ୍କୁ ଖବର ଦେବାରୁ ବାପା ଶ୍ୟାମ ଗଉଡ ଚେନ୍ନାଇକୁ ଯାଇଥିଲେ। ୨୮ତାରିଖରେ ରତ୍ନାଙ୍କ ମୃତ୍ୟୁ ହୋଇଥିଲେ ହେଁ ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ବାପା ଶ୍ୟାମ ଅନେକ କାକୁତି ମିନତି ହେବା ପରେ ରବିବାର ଅପରାହ୍ନ ୪ଟାରେ ଶବ ବ୍ୟବଚ୍ଛେଦ ହୋଇଥିବା ଖବର ମିଳିଛି। ସୋମବାର ବିମାନ ଯୋଗେ ମୃତଦେହ ଅଣାଯିବା ବ୍ୟବସ୍ଥା କରାଯାଉଥିବା ଖବର ମିଳିଛି। ଏପଟେ ରତ୍ନାଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଛି। ଘରେ ମା' ଶଶି ଗଉଡ ଓ ୩ ଭଉଣି ମୃତଦେହ ଆସିବା ବାଟକୁ ଚାହିଁ ବସିଛନ୍ତି। ମା'ବାପାଙ୍କ ଆର୍ଥିକ ପରିସ୍ଥିତି ସଂକଟାପନ୍ନ ଥିବା ଯୋଗୁ ଝିଅ ରତ୍ନା ବାହାର ରାଜ୍ୟକୁ କାମ କରିଯିବାକୁ ଗୋଡ କାଢିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଚାଷୀଙ୍କ ବିକାଶରେ ରାଜ୍ୟ ସରକାର ବିଫଳ : ଭକ୍ତ

ଭବାନୀପାଟଣା,୩୦।୧୨(ଡି.ଏନ.ଏ.)

ବିଜେଡି ସରକାର ୧୮ ବର୍ଷ ଶାସନ କାଳରେ ରାଜ୍ୟର ଚାଷୀ ଦେବାଳିଆ ହୋଇପଡିଛନ୍ତି। ଚାଷୀଙ୍କ ପାଇଁ କିଛି କରୁନାହାନ୍ତି ଯିଏ କରୁଛି ତାଙ୍କ ଗୋଡ ଟାଣୁଛି ବିଜେଡି। ବିଜେଡିକୁ ଏପରି କଡା ସମାଲୋଚନା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ। ଅଧ୍ୟକ୍ଷ ଦାସ କହିଛନ୍ତି, ରାଜ୍ୟର ଚାଷୀ ପାଇଁ ସରକାର କିଛି କରିନାହାନ୍ତି। ଜଳସେଚନ ହେଉ ବା ସାମାଜିକ ସୁରକ୍ଷା ସବୁ କିଛି ଭାଷଣ ଓ ଘୋଷଣାରେ ରହିଛି। ଆଜି ମଧ୍ୟ ଚାଷକୁ ପାଣି ଦେଇ ପାରିନାହାନ୍ତି। ୧୮ ବର୍ଷରେ ଚାଷୀର ଆର୍ଥିକ ବିକାଶ ପାଇଁ କୌଣସି ଯୋଜନା କରିନାହାନ୍ତି। ଏବେ ରାଜ୍ୟର ଚାଷୀଙ୍କ ବାର୍ଷିକ ହାରାହାରି ଆୟ ୫୯ ହଜାର ୭୧୨ଟଙ୍କା ରହିଛି। ହେଲେ ଚାଷୀଙ୍କ ଉପରେ ହାରାହାରି ମୁଣ୍ଡପିଛା ଋଣ ହେଉଛି ୬୪ ହଜାର ୧୨୦ଟଙ୍କା। ଏନଏସଏସଓ ରିପୋର୍ଟ ଅନୁଯାୟୀ ରାଜ୍ୟରେ ୪୦% ଚାଷୀ ଋଣ ଗ୍ରସ୍ତ। ଆମ ରାଜ୍ୟର ଚାଷୀ ପ୍ରତିଦିନ କିଛି ନା କିଛି ଅଘଟଣର ସମ୍ମୁଖୀନ ହେଉଛନ୍ତି। ହେଲେ ରାଜ୍ୟ ସରକାର ତାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ବିଜେଡି ସରକାର ରାଜ୍ୟର ବିକାଶ କରୁଥିବା କଥା ଡେଙ୍ଗୁରା ପିଟୁଛି। ବିକାଶ ନାମ ନେଇ ପ୍ରଚାର କରୁଛି। ହେଲେ ରାଜ୍ୟର ବିକାଶ ସ୍ଥିତ କଣ ତାହା କେବେ କହୁନାହିଁ। ବିକାଶ କ୍ଷେତ୍ରରେ ଓଡିଶା ଦେଶର ୨୯ ରାଜ୍ୟ ମଧ୍ୟରୁ ୨୫ତମ ସ୍ଥାନରେ ରହିଛି। ଏଥିରୁ ୧୮ ବର୍ଷରେ ବିଜେଡି ସରକାର ଓଡିଶା କି ବିକାଶ କରିଛିତାହା ସ୍ପଷ୍ଟ ହେଉଛି ବୋଲି ଦାସ କହିଛନ୍ତି।

## ପାଣି ଟ୍ୟାଙ୍କର ଓଲଟି ଡ୍ରାଇଭର ମୃତ

ଧର୍ମଗଡ,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିକଟସ୍ଥ ଛିଲିପାଠାରେ ଶନିବାର ଅପରାହ୍ନରେ କେନାଲ କାର୍ଯ୍ୟରେ ନିୟୋଜିତ ପାଣି ଟ୍ୟାଙ୍କର ଓଲଟି ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଡ୍ରାଇଭରଙ୍କ ନାମ କେଶବ ବାଣୁଆଁ (୩୭) ଏବଂ ତାଙ୍କ ଗ୍ରାମ କୋକସରା ବ୍ଲକ ଡେଙ୍ଗାଗଡା ଦର୍ଲିପଡାରେ ବୋଲି ଜଣାପଡିଛି। ପ୍ରାୟ ସମୟ ୪ଟାରେ ନିକଟସ୍ଥ ତେଲନଦୀରୁ ପାଣି ନେଇ ଛିଲିପାଠାରେ ଚାଲିଥିବା ଇନ୍ଦ୍ରାବତୀ କେନାଲ କାର୍ଯ୍ୟ ପାଇଁ ଡ୍ରାଇଭର ପାଣି ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର କେନାଲ ହିଡ଼ରେ ଓଲଟି ପଡିଥିଲା। ଘଟଣାସ୍ଥଳରେ ହିଁ କେଶବଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଧର୍ମଗଡ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୫୩/୨୦୧୮) ରୁଜୁ ହୋଇଛି। ମୃତ ଡ୍ରାଇଭରଙ୍କୁ ସରକାରୀ ସହାୟତା ଏବଂ କ୍ଷତି ପୂରଣ ପାଇଁ ଦାବି ହେଉଛି।

## ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ




ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେଇଥିବା ଅତିଥିଗଣ।

କେସିଙ୍ଗା,୩୦।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଶନିବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲ ସଭାପତି ପଦ୍ମନାଭ ଦାଶଙ୍କ ନେତୃତ୍ୱରେ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବରେ ନର୍ଲା ବିଧାୟକ ଧନେଶ୍ୱର ମାଝି ଯୋଗଦେଇ ବିଦ୍ୟାଳୟ ପରିସର ମଧ୍ୟରେ ଗଣେଶ ମୂର୍ତ୍ତି ଉନ୍ମୋଚନ କରିଥିଲେ। ସମାରୋହରେ ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ମୁଖ୍ୟବକ୍ତା ଭବାନୀପାଟଣାସ୍ଥିତ ବିମଳା କନ୍‌ଭେଣ୍ଟ ସ୍କୁଲ୍ ବରିଷ୍ଠ ଶିକ୍ଷକ ଡ. ଉମେଶ ଶତପଥୀ, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା, ବ୍ଲକ ଅଧକ୍ଷା ସୁକାନ୍ତି ବେହେରା, ଉପାଧକ୍ଷ ରଜନୀକାନ୍ତ ପୋଡ଼, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ସିର୍ଜାପାଲି ସରପଞ୍ଚ ସଂସ୍କାର ଭୋଇ ପ୍ରମୁଖ ଯୋଗଦେଇଥିଲେ।
ସମାରୋହରେ ବିଦ୍ୟାଳୟ ସଭାପତି ପଦ୍ମନାଭ ଦାଶ ଏ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ଜଳସେଚନ ଲାଗି ମେଘା ପ୍ରୋଜେକ୍ଟ ଚାଲୁ କରିବା ସହିତ ସ୍କୁଲ୍ ଗୃହ ନିର୍ମାଣକୁ ଅନୁଦାନ ପାଇଁ ଜିଲା ପରିଷଦ ଅଧକ୍ଷା, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଅଧକ୍ଷାଙ୍କୁ ଦାବି ଜଣାଇଥିଲେ। ସମାରୋହର ଦ୍ୱିତୀୟ ସନ୍ଧ୍ୟା ଅଧିବେଶନରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉକ୍ତ ସମାରୋହର ସଦସ୍ୟଙ୍କ ଦ୍ୱାରା ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ ଓ ପରିଚୟ ପ୍ରଦାନ କରାଯାଇଥିଲା। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ କାଳିଆ ଭୋଇଙ୍କ ଦ୍ୱାରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ ସାରଦା ପ୍ରସନ୍ନ ସ୍ୱାଇଁ ଉକ୍ତ ଅନୁଷ୍ଠାନକୁ ୨୦ ହଜାର ଟଙ୍କା ଓ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନ ସଭାପତି ପଦ୍ମନାଭ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

### କଲରାପତରିଆ ବାଘ ଆକ୍ରମଣରେ ଛେଳି ମୃତ ଘଟଣା

## ଛେଳି ମାଲିକଙ୍କୁ ବନ ବିଭାଗ ତରଫରୁ କ୍ଷତିପୂରଣ

ଭବାନୀପାଟଣା,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ. ରାମପୁର ପଞ୍ଚାୟତ ପୋଇଗୁଡା ଗାଁରେ ଗତ ୨୬ ତାରିଖ ରାତିରେ ୧୪ଟି ଛେଳିକୁ ବାଘ ମାରିଥିଲା। ମୃତ ଛେଳିକୁ ଆଣି ଚାଷୀମାନେ ବନ ବିଭାଗଠାରେ ଅଭିଯୋଗ କରିବା ପରେ ଗୁରୁବାର ବିଭାଗର ସ୍ୱାସ୍ଥ୍ୟ ବିଭାଗର ସହାୟତାରେ ମୃତ ଛେଳିଙ୍କ ଶବ ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦରୁ କୌଣସି ବନ୍ୟଜନ୍ତୁ ଆକ୍ରମଣରେ ଛେଳିମାନେ ଶ୍ୱାସରୁଦ୍ଧ ହେବା ଏବଂ ରକ୍ତଅଭାବରୁ ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଏଥିସହ ଗାଁ ଲୋକଙ୍କ ଆଶଙ୍କାକୁ ସତ ବୋଲି ବନ ବିଭାଗ ସ୍ୱୀକାର କରିଛି। ଜଙ୍ଗଲ ମଧ୍ୟରେ ବାଘ ଅଛି ନା ନାହିଁ ତାହା ଜାଣିବା ପାଇଁ ଏକ ଦଳ ଗଠନ କରି ବାଘର ପାଦ ଚିହ୍ନ ସଂଗ୍ରହ କରିଥିଲା। ଗୁରୁବାର ତାହା ମିଳିବା ପରେ ଛେଳି ମୃତ୍ୟୁ ଘଟଣାରେ ବାଘ ମାରିଥିବା ସ୍ପଷ୍ଟ ହୋଇଥିଲା। ଏଥିସହ ଯେଉଁ ଚାଷୀଙ୍କ ଛେଳିକୁ ବାଘ ମାରିଛି ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଯୋଗାଇ ଦେବା ପାଇଁ ବନ ବିଭାଗ ପ୍ରତିଶ୍ରୁତି ଦେଇଛି। ଏଭିଏଏସ୍ ଡା. ଅମିତ ରଞ୍ଜନ ସାହୁ ଛେଳିଙ୍କ ଶବ ବ୍ୟବଚ୍ଛେଦ କରିଥିବା ବେଳେ ବନ ବିଭାଗ ଡେପୁଟି ରେଞ୍ଜର ଆତ୍ମାରାମ ମହାନନ୍ଦ, ଥୁ. ରାମପୁର ଫରେଷ୍ଟର ସୈରେନ୍ଦ୍ରୀ ବାଗ, କଲମପୁର ସେକ୍ସନ ଫରେଷ୍ଟର ଭୁବନେଶ୍ୱର ବେହେରା, ଥୁ. ରାମପୁର ଫରେଷ୍ଟ ଗାର୍ଡ ଶ୍ରୀନିବାସ ବାଣୁଆ, ବ୍ରଜସୁନ୍ଦର ବେହେରା ଉପସ୍ଥିତ ଥିଲେ। ଏକ କଲରାପତରିଆ ବାଘ ତାର ଦୁଇ ଛୁଆ ସହ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

## ଭଇଁରୀଗୁଡା ଫୁଟବଲ ଟୁର୍ନାମେଣ୍ଟ: ଧର୍ମଗଡ଼ ଚାମ୍ପିୟନ

ଜୁନାଗଡ,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁରୁଗୁଡା ଆଶ୍ରମ ପଡିଆଠାରେ ଚାଲିଥିବା ଭଇଁରୀଗୁଡା ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମିଚାଗାଁ ଓ ଧର୍ମଗଡ ମଧ୍ୟରେ ହୋଇଥିଲା। ଏଥିରେ ଧର୍ମଗଡ ମିଚାଗାଁ ଦଳକୁ ୨-୦ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ମନୋଜ ଜାନି, ଜଗଦିଶ ଚଳାନ ଓ ଶଙ୍କର ବିଶ୍ୱାଳ ପରିଚାଳନା କରିଥିଲେ। ସେହିପରି ଭାରତ ଭୂଷଣ ପ୍ରଧାନୀ, ହୀରାକ୍ଷ୍ୟ ବାଣୁଆ, ହିମାଂଶୁ ପୂଝାରୀ, ବିଭୁତିଭୁଷଣ ପ୍ରଧାନୀ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଭଇଁରୀଗୁଡା ନବୋଦୟ ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ସ୍ଥାନୀୟ ନବୋଦୟ ସାଂସ୍କୃତିକ ଅନୁଷ୍ଠାନ ସଭାପତି ନରୋତ୍ତମ ବାଣୁଆ, ଉପଦେଷ୍ଟା ପ୍ରିୟବ୍ରତ ବାଣୁଆ ପ୍ରମୁଖ ଯୋଗଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଚିତ୍ରରାମ ପାତ୍ର, ସୁବ୍ରତ ରାଉତ, ତପିବର ବାଣୁଆ, ବିବେକ ବାଣୁଆ, ପ୍ରଦୀପ ଧଙ୍ଗଡାମାଝି ପ୍ରମୁଖ ସହଯୋଗ କରିଥିଲେ। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଜିଲାସ୍ତରୀୟ କୁଲତା ମହାସଭା ଉଦ୍‌ଯାପିତ

ସେରଗଡ଼,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ତୁଲାପଡାଠାରେ କଳାହାଣ୍ଡି କୁଲତା ସମାଜ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କୁଲତା ମହାସଭା-୨୦୧୮ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଜମୁନାବାହାଲଠାରୁ କୁଲତା ସମାଜର ଇଷ୍ଟ ଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରୁ ଏକ ଭବ୍ୟ ସମାରୋହରେ ଅଖଣ୍ଡଦୀପ ଅଣାଯାଇ ମହାସଭାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଦୈତାରୀ ପଧାନ ଓ ରାଜେଶ୍ୱରୀ ପଧାନ ଯୋଗଦେଇଥିଲେ। ଆୟୋଜିତ କୃଷି ପ୍ରଦର୍ଶନୀକୁ ବିଶିଷ୍ଟ ଜଗଦିଶ ପଧାନ ଉଦ୍‌ଘାଟନ କରିଥିଲେ। ସମାଜର ଯୁବ ପିଢୀଙ୍କ ମଧ୍ୟରେ କ୍ରୀଡା ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା ଗୋପିନାଥ ବୁଦ୍ଧିଆ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ। ଏଥିରେ ଅତିଥି ଭାବେ ସୁନାଶିର ଭୋଇ, ଅନୁପମା ଭୋଇ ଏବଂ ସ୍ୱର୍ଗତ ଗୋପୀନାଥ ବୁଦ୍ଧିଆଙ୍କ ପୁତ୍ର ଗଙ୍ଗାଧର ବୁଦ୍ଧିଆ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଅତିଥିଭାବେ କଳାହାଣ୍ଡି ଯୁବରାଜ ଅନନ୍ତ ପ୍ରତାପ ଦେଓ ଯୋଗଦେଇ ସମାଜର ସ୍ମରଣୀକା ଉନ୍ମୋଚନ କରିଥିଲେ। କଳାହାଣ୍ଡି ଜିଲା କୁଲତା ସମାଜ ସଭାପତି ହୁକୁମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେସନରେ ମହାସଭାର ମୁଖ୍ୟ ସଂଯୋଜକ ହରେକୃଷ୍ଣ ଭୋଇ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସମାଜ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କୁଲତା ସମାଜ ବିକାଶରେ ଯୁବକ ଓ ମହିଳାମାନଙ୍କ ଭୂମିକା ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। କୁଲତା ସମାଜ ଜିଲା ଯୁବ ସଙ୍ଗଠନ ସଭାପତି ଦେବେନ୍ଦ୍ର ସା ଓ ଉପସଭାପତି ଲଳିତ ଭୋଇଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୧୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷ ଦିନରେ କମିଟିର ପ୍ରସ୍ତାବ ଆଗତ, ମହାସଭା ଆୟୋଜନ କମିଟି କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା, ବିଭିନ୍ନ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଓ ମା'ଙ୍କ ଅଖଣ୍ଡଦୀପ ଉଦ୍‌ଯାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତପନ କୁମାର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ସମାଜର ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଛତିଶଗଡର ପାଣ୍ଡୱାନୀ ନାଟକ, ସମ୍ବଲପୁରୀ ନୃତ୍ୟ ତଥା ସମାଜର ଶିଶୁ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଓ ମିନାବଜାର ଦର୍ଶକଙ୍କ ମନରଞ୍ଜନ କରିଥିଲା। ଏହି ମହାସଭାରେ ଜିଲା ତଥା ଜିଲା ବାହାରୁ ୧୦ ହଜାର ମହିଳାପୁରଷ ଯୋଗଦେଇଥିଲେ।



କୁଲତା ମହାସଭାରେ ଯୋଗଦେଇଥିବା ମହିଳାମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୩୧ ଡିସେମ୍ବର, ୨୦୧୮



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



**ସଂକ୍ଷେପରେ**

## ଶିକ୍ଷକ ସମାଜ ବଗିଚାର ମାଳୀ, ବ୍ୟବସ୍ଥାର ଜଗୁଆଳ

**ରାଉରକେଲା ଅଫିସ,୩୦।୧୨-** ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏନ୍ଆଇଓଏସ୍) ଆନୁକୂଲ୍ୟରେ ଜଲଦା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ରବିବାର ଆୟୋଜିତ ଦ୍ୱିତୀୟ ବର୍ଷ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିକ୍ଷା ନିକେତନରେ ଶିଶୁ ଅଧିକାର ସମ୍ପର୍କରେ ଶିକ୍ଷାର ଭୂମିକା ଏବଂ ଶ୍ରମ, ସାଧନା ଓ ଏହାର ଉପାୟ କୁଶଳତା ନେଇ ଆଲୋଚନା କରଯାଇଥିଲା। ଶ୍ରେଣୀଗୃହରେ ଶିକ୍ଷକଙ୍କ ଉତ୍ତରଦାୟିତ୍ୱ ବାବଦରେ ଆଲୋକପାତ କରାଯାଇଥିଲା। ପ୍ରାଥମିକ ଶିକ୍ଷା ଡିପ୍ଲୋମା ପ୍ରଶିକ୍ଷଣ କେନ୍ଦ୍ର ମୁଖ୍ୟ ପ୍ରାଧାପିକା ଶୁଭ୍ରା ନାୟକ ଏଥିରେ ଅଧକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ମହାବିଦ୍ୟାଳୟ ଅଧକ୍ଷା ସୌଦାମିନୀ ଭୂୟାଁ, ପ୍ରଫେସର ଜୟାନନ୍ଦ ବେହେରା, ସିଦ୍ଧେଶ୍ୱର ମିଶ୍ର, ପ୍ରଫେସର ଅଶୋକ ବେଉରା, ଶିକ୍ଷାବିତ ଅନ୍ନଦା ମହାପାତ୍ର ଓ ସଚଳା ପଣ୍ଡା ପ୍ରମୁଖ ଯୋଗଦେଇ ଅନେକ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ। ଶିକ୍ଷକ ସମାଜ ବଗିଚାର ମାଳୀ ଓ ସମାଜ ଜଗୁଆଳ ଭାବେ ଦିନରାତି କାମ କରୁଥିବାବେଳେ ଏମାନଙ୍କ ସାମଗ୍ରିକ ବିକାଶ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

### ଉଦିତନଗର ପରେଡ୍ ପଡ଼ିଆରେ ବିଶାଳ ହିନ୍ଦୁ ସମାବେଶ

# ରାମ ଜନ୍ମଭୂମି ଉଦ୍ଧାର ମୂଳ ଲକ୍ଷ୍ୟ

**ରାଉରକେଲା ଅଫିସ,୩୦।୧୨**

ଉଦିତନଗର ପରେଡ୍ ପଡ଼ିଆରେ ରବିବାର ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ସାଧୁସନ୍ଥଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ରୂପେ ଛତଶଗଡ଼ ଅମରକଣ୍ଟକ ଆଶ୍ରମ ପୀଠାଧିଶ ସ୍ୱାମୀ ପରମାନନ୍ଦଜୀ ପୁରୀ ମହାରାଜ, ସମ୍ମାନିତ ଅତିଥି ରୂପେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ରୂପେ ଅଖିଳ ଭାରତୀୟ ଧର୍ମାଚାର୍ଯ୍ୟ ପ୍ରମୁଖ ତଥା ବିଶ୍ୱ ହିନ୍ଦୁ ପରିଷଦ ନେତା ଅଶୋକ ତିୱାରୀ, ଜଗଦାନନ୍ଦ ସରସ୍ୱତୀ, ଅଗ୍ନିବାବା, ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ, ଗୋପାଳ ପ୍ରସାଦ ମହାପାତ୍ର, ସନାତନ ପଟେଲ, ଡ. ସନାତନ ପ୍ରଧାନ ପ୍ରେମାନନ୍ଦ ବାବାଜୀ, ପାଣ୍ଡୁ ମାଝି ଓ ଡା. ବିଦ୍ୟାଧର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ, କେନ୍ଦ୍ର ସରକାର ତୁରନ୍ତ ଅଧାଦେଶ ଆଣି ରାମ ମନ୍ଦିର ନିର୍ମାଣ ରାସ୍ତା ନିଷ୍କଣ୍ଟକ କରନ୍ତୁ। ହିନ୍ଦୁମାନଙ୍କ ଧୈର୍ଯ୍ୟ ବିଚ୍ୟୁତି ଘଟିଲାଣି। ଅଧିକ ପରୀକ୍ଷା ପରିସ୍ଥିତିକୁ ଅଣାୟତ୍ତ କରିପାରେ। ରାମ ଜନ୍ମଭୂମି ଉଦ୍ଧାର ନେଇ ୧୫୨୮ରୁ ଦୀର୍ଘ ପ୍ରୟାସ ଜାରି ରହିଛି। ୭୬ ଥର ସଂଘର୍ଷ ହୋଇଛି। ଏଥିରେ ୩ଲକ୍ଷ ହିନ୍ଦୁ ବଳିଦାନ ଦେଇଛନ୍ତି।



ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ବିଶାଳ ହିନ୍ଦୁ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଏଣୁ ମନ୍ଦିର ନୁହେଁ, ରାମ ଜନ୍ମଭୂମି ଉଦ୍ଧାର ଆମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। କୋଟି କୋଟି ହିନ୍ଦୁଙ୍କ ଆରାଧ୍ୟ ଦେବଦେବତାଙ୍କ ସ୍ଥିତି, ସଂସ୍କୃତି ଓ ମହନୀୟତା ଉପରେ ପ୍ରଶ୍ନ ଉଠାଯାଉଛି। ଯାହା ଅତି ବିଡ଼ମ୍ବନାର ବିଷୟ। ହିନ୍ଦୁ ସଂସ୍କୃତି ହେଉଛି ଏକ ସୁନ୍ଦର ଶାଶ୍ୱତ ଜୀବନଧାରା ଓ ରାଷ୍ଟ୍ର ଭାବନା ଉପରେ ପର୍ଯ୍ୟବେସିତ। ଏହାକୁ କେତେକ ଭିନ୍ନ ଦୃଷ୍ଟିରେ ନେବା ଅକ୍ଷମଣୀୟ ଅପରାଧ। ପ୍ରଭୁ ଶ୍ରୀରାମଚନ୍ଦ୍ର ବ୍ୟକ୍ତି ସମଷ୍ଟିର ପ୍ରତୀକ। ଏ ଜାତିର ଆରାଧ୍ୟ। ତାଙ୍କୁ ନେଇ ପ୍ରଶ୍ନ ଉଠିବା ଅସହନୀୟ। ଯେଉଁମାନେ ରାମ ମନ୍ଦିର ଭାଙ୍ଗି ତା ଉପରେ ମସଜିଦ ଠିଆ କରାଇଥିଲେ ସେମାନଙ୍କୁ ଏବେ ଆତ୍ମସମୀକ୍ଷା କରିବାର ବେଳେ ଆସିଛି। ଶାନ୍ତିଶୃଙ୍ଖଳାରେ ରାମ ଜନ୍ମଭୂମିକୁ ହସ୍ତାନ୍ତର କରାଯାଉ। ଅନ୍ୟଥା ପରିଣତି ଭଲ ହେବ ନାହିଁ ବୋଲି କହିଥିଲେ ମଞ୍ଚରେ ଉପସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା। ସର୍ବୋଚ୍ଚ ନ୍ୟାୟାଳୟ ଉପରେ ହିନ୍ଦୁଙ୍କ ଆସ୍ଥା ସର୍ବଦା ରହି ଆସିଛି। ତେବେ ଏନେଇ ସମୟ ଗଡ଼ିବାରେ ଲାଗିଛି। ଅନ୍ୟ ଘଟଣାଗୁଡ଼ିକୁ ସୁପ୍ରିମକୋର୍ଟ ପ୍ରାଥମିକତା ଭିତ୍ତିରେ ବିଚାର କରୁଥିବାବେଳେ ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଶ୍ରୀରାମଙ୍କ ମନ୍ଦିର ନିର୍ମାଣକୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏପରି ଅବସ୍ଥାରେ ସରକାର ଅଧାଦେଶ କିମ୍ବା ଆଇନ ପ୍ରଣୟନ କରିବାରେ ଅସୁବିଧା ନାହିଁ। ଏହାକୁ ଜନମାନସରେ ଅଧିକ ପ୍ରଚାର ପ୍ରସାର ନେଇ ସଙ୍ଗଠନ ଆସନ୍ତା ଜାନୁୟାରୀରୁ ଗାଁ ତଥା ପଞ୍ଚାୟତ ସ୍ତରରେ ଉଦ୍ୟମ ଆରମ୍ଭ କରିବ। ସେହିଭଳି ଜାନୁୟାରୀ ୨୮ରୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଧର୍ମରକ୍ଷା ନିଧି ନାମରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପରି ଅବସ୍ଥାରେ ରାମ ମନ୍ଦିର ନିର୍ମାଣ ନେଇ ହିନ୍ଦୁମାନେ ଜାଗ୍ରତ ରହିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ, ପଶ୍ଚିମ ଓଡ଼ିଶା ସେବା ପ୍ରମୁଖ ଅମୂଲ୍ୟ ମିଶ୍ର, ଜିଲା ସମ୍ପାଦକ କୃଷ୍ଣ ପଟ୍ଟନାୟକ, ଅରୁଣ ମଣ୍ଡଳ, ରାମଚନ୍ଦ୍ର ନାୟକ ଓ ରାଜୁ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ

**ରାଉରକେଲା ଅଫିସ,୩୦।୧୨**

ବସ୍ତି ସୁରକ୍ଷା ସମିତି ପକ୍ଷରୁ ରବିବାର ଅସହାୟ, ବୃଦ୍ଧା ବୃଦ୍ଧଙ୍କୁ ଶିଳ୍ପାଞ୍ଚଳ ସମାଜ ମଙ୍ଗଳ କେନ୍ଦ୍ରଠାରେ କମ୍ବଳ ବଣ୍ଟନ କରାଯାଇଛି। ସଙ୍ଗଠନ ସଭାପତି ବୀରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଳ୍ପାଞ୍ଚଳଠାରେ ଥିବା ୬ନଂ ୱାର୍ଡ ଅନ୍ତର୍ଗତ ବ୍ୟାସନଗର, ଶାନ୍ତିନଗର, ବାପୁଜୀନଗର, ରାମନଗର, ନେତାଜୀନଗର, ଏଫ୍ସିଆଇ ଓ କେଶରୀନଗର ପ୍ରମୁଖ ଅଞ୍ଚଳର ୧୧୬ଜଣ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଏହି ଅବସରେ ସେନାପତି ସମସ୍ତ ବରିଷ୍ଠ ନାଗରିକଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ବିଭିନ୍ନ ସରକାରୀ ଯୋଜନା ଯଥା; ବାର୍ଦ୍ଧକ୍ୟ ଭତ୍ତା, ଖାଦ୍ୟ ସୁରକ୍ଷା, ହରିଶ୍ଚନ୍ଦ୍ର ଯୋଜନା, ସ୍ୱାସ୍ଥ୍ୟବୀମା ଯୋଜନା, ଅଙ୍ଗନୱାଡି ସମ୍ପର୍କିତ ସହାୟତା କିଭଳି ବସ୍ତି ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ବସ୍ତିବାସିନ୍ଦା ନିଶାସେବନଠାରୁ ଦୂରେଇ ରହିବା ସହ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଅନ୍ତୁ। ଏହାବ୍ୟତୀତ ବସ୍ତିର ସମସ୍ତ ପିଲା ବିଦ୍ୟାଳୟ ଯାଇ ଶିକ୍ଷା ମନଯୋଗୀ ହେବାକୁ ସେନାପତି ପରାମର୍ଶ ଦେଇଥିଲେ। ଏଥିରେ ସଙ୍ଗଠନ ଉପଦେଷ୍ଟା ରାମାନନ୍ଦ ଶ୍ରୀଚନ୍ଦନ, ଶାରଦା ଦାସ, କୈଳାସ ସାହୁ, ସିଦ୍ଧେଶ୍ୱର ମଲ୍ଲିକ, ବିଶ୍ୱଜିତ ସାହୁ, ଅଭିଜତ ମାନ୍ନା, ନାରାୟଣ ବଡ଼ାଇକ, ଶ୍ୟାମସୁନ୍ଦର ସାବତ, ଚତୁର୍ଭୁଜ ସାମଲ, ଶୁକଦେବ ପଣ୍ଡା ଓ ବିଜୟ ବାଗେ ପ୍ରମୁଖ ଉପସ୍ଥିତ ଥିଲେ।


ବସ୍ତି ସୁରକ୍ଷା ସମିତି ପକ୍ଷରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

### ଶ୍ରୀମନ୍ଦିର ପରିଚାଳନା ନେଇ ବିଶ୍ୱ ହିନ୍ଦୁ ପରିଷଦର ଉଦ୍‌ବେଗ

# କଠୋର ପଦକ୍ଷେପ ନେବାକୁ ଦାବି

**ରାଉରକେଲା ଅଫିସ,୩୦।୧୨**

ଦୀର୍ଘ ୧୪ଘଣ୍ଟା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ଅପୂଜା ଓ ଅଖିଆ ରହିବା ଶ୍ରଦ୍ଧାଳୁଙ୍କ ଭାବନାକୁ ଖୁବ୍ ଆଘାତ ଦେଇଛି। ଲକ୍ଷାଧିକ ଭକ୍ତ ଠାକୁର ଦର୍ଶନରୁ ବଞ୍ଚିତ ହେବା ମନ୍ଦିର ପରିଚାଳନା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କର୍ମକର୍ତ୍ତା ଶାନ୍ତନୁ କୁସୁମ ଅଭିଯୋଗ କରିଛନ୍ତି। ଏପରି ଅବ୍ୟବସ୍ଥା ନେଇ ସେ ଏକ ବିବୃତିରେ ଉଦ୍‌ବେଗ ପ୍ରକାଶ କରି ମନ୍ଦିର ପରିଚାଳନା ଦିଗରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ମନ୍ଦିର ପରିଚାଳନାରେ ବିଭ୍ରାଟ ସୃଷ୍ଟି କରୁଥିବା ବ୍ୟକ୍ତି ବା ପକ୍ଷଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି କୁସୁମ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଜଗନ୍ନାଥପ୍ରେମୀଙ୍କୁ ଠାକୁର ଦର୍ଶନରୁ ବଞ୍ଚିତ କରିବା ଏକପ୍ରକାର ଧାର୍ମିକ ଅଧିକାରକୁ ବିରୁଦ୍ଧାଚରଣ କରୁଥିବାବେଳେ ମହାପ୍ରଭୁଙ୍କୁ ଅଖିଆ, ଅପୂଜା ରଖିବା ନେଇ ରାଜ୍ୟବାସୀ ମର୍ମାହତ ବୋଲି କୁସୁମ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିରର ମହାନ ପରମ୍ପରା ଏହା ଦ୍ୱାରା କ୍ଷୁଣ୍ଣ ହୋଇଛି। ହିନ୍ଦୁ ଧାର୍ମିକ ଅଧିକାର ତଥା କୋଟି ହିନ୍ଦୁଙ୍କ ଭାବବେଗ ପ୍ରତି ଯେଉଁମାନେ ଆଘାତ ପହଞ୍ଚାଇଛନ୍ତି ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁସୁମ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ୩ରୁ ଲୋକନାଟକ ମହୋତ୍ସବ

**ରାଉରକେଲା ଅଫିସ,୩୦।୧୨**

ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ଲୋକନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଉରକେଲା ସମେତ ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର, ବରଗଡ଼ ଓ କାଳାହାଣ୍ଡି ଆଦି ସ୍ଥାନରୁ ଆସୁଥିବା ନାଟ୍ୟାନୁଷ୍ଠାନ ଯୋଗଦେବେ। ସହରବାସୀଙ୍କ ସହଯୋଗ ସମର୍ଥନ ରହିଲେ ଏହି ଲୋକନାଟକ ମହୋତ୍ସବ ଆହୁରି ଅଧିକ ଗ୍ରହଣୀୟ ଓ ରୁଚିବନ୍ତ ହୋଇପାରିବ ବୋଲି ରବିବାର କଲଚରାଲ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର କର୍ମକର୍ତ୍ତା କହିଥିଲେ। ମଞ୍ଚ ନାଟକରେ ଯେତେବେଳେ ଅତିବୌଦ୍ଧିକତା ତଥା ଉଦ୍ଭଟତା ପ୍ରବେଶ କଲା ସେତେବେଳେ ଓଡ଼ିଆ ଲୋକନାଟକ ମଧ୍ୟ ସେଥିରୁ ନିସ୍ତାର ପାଇଲା ନାହିଁ। ଫଳସ୍ୱରୂପ ଦର୍ଶକ ମଞ୍ଚ ନାଟକ ପ୍ରତି ବିମୁଖ ହେଲେ।

ପୁଣି ଥରେ ସେମାନଙ୍କୁ ମଞ୍ଚ ପ୍ରତି ଆକର୍ଷିତ କରିବାକୁ ୧୯୭୬ରେ ରାଉରକେଲାର କଲଚରାଲ ଏକାଡେମୀ ଲୋକନାଟକ ମହୋତ୍ସବ ଆୟୋଜନ କରିବାକୁ ସ୍ଥିର କରିଥିଲା। ଓଡ଼ିଆ ଥିଏଟର ମଞ୍ଚକୁ ଯେତେବେଳେ ଅନ୍ଧକାର ଗ୍ରାସିଯାଇଥିଲା ସେତେବେଳେ ଏକାଡେମୀ ଅଣ୍ଟା ସଳଖି ଦୃଢ଼ତାର ସହ ପରିସ୍ଥିତିର ମୁକାବିଲା କରିଥିଲା। ତଥାପି ସାମୟିକ ଭାବେ ଏହି ଲୋକନାଟକ ମହୋତ୍ସବ ବନ୍ଦ ରହିଥିଲେ ହେଁ ନାଟକ ରଚନା, କଳାକାର ଓ ନାଟ୍ୟକାର ସୃଷ୍ଟି କରିବାରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି କଲଚରାଲ ଏକାଡେମୀ। ୨୦୧୫ରୁ ଲୋକନାଟକ କିଭଳି ନିୟମିତ ଆୟୋଜନ କରାଯିବ ସେ ନେଇ ଦୃଢ଼ ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହା ଆୟୋଜନ କରାଯାଇ ଆସୁଛି ବୋଲି ସୂଚନା ଦେଇଥିଲେ ଅନୁଷ୍ଠାନର ସଭାପତି ଡ. ପ୍ରଭାତ ମଲ୍ଲିକ ଓ ସାଧାରଣ ସମ୍ପାଦକ ଅକ୍ଷୟ ସାମଲ।


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଲଚରାଲ ଏକାଡେମୀ କର୍ମକର୍ତ୍ତା।

# ଗୋରୁ ଚୋରି, ମାରପିଟ ମାମଲାରେ ୭ ଗିରଫ

**ବେଲପାହାଡ଼,୩୦।୧୨(ଡି.ଏନ୍.ଏ.)**

ଗୋରୁ ଚୋରି କରି ଅନ୍ୟତ୍ର ଚାଲାଣ କରୁଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେହିପରି ଚାଲାଣକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରି ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଗୋରୁ ଚୋରି ଅଭିଯୋଗରେ ଗିରଫ ଅଭିଯୁକ୍ତମାନେ ହେଲେ ବେଲପାହାଡ଼ ରେହମତନଗରର ଏସ୍.କେ. ସମସୁରଅଲ୍ଲୀ (୪୬), ଗର୍ଡାଖାଇର ଗୋପାଳ ଖଡ଼ିଆ (୩୦), ବାବୁଲୁ ଖଡ଼ିଆ (୨୫), ସୁବାସ ଖଡ଼ିଆ (୩୯) ଓ ପ୍ରଦୀପ ଲୁହାର। ସେହିପରି ଗୋରୁ ଚାଲାଣକାରୀଙ୍କୁ ମାଡ଼ ମାରିଥିବା ଘଟଣାରେ ଅଭିଯୁକ୍ତମାନେ ହେଲେ ବାବାପଡ଼ାର କ୍ରିଷ୍ଣା ସାହାଣୀ (୨୦) ଓ ସନ୍ତୋଷ ସାହାଣୀ (୨୯)। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ୫ ଜଣ ଯୁବକ ଗର୍ଡାଖାଇ ଅଞ୍ଚଳରୁ ଏକ ଗୋରୁ ଚୋରି କରି ଅନ୍ୟ କୌଣସି ସ୍ଥାନକୁ ନେଇ ଯାଉଥିଲେ। କ୍ରିଷ୍ଣା ଓ ସନ୍ତୋଷ ଗାଡ଼ି ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଏଥିରେ ୨ ଗୋରୁ ଚାଲାଣକାରୀ ଆହତ ହୋଇଥିଲେ। ଏ ନେଇ ବେଲପାହାଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। କ୍ରିଷ୍ଣାଙ୍କ ଅଭିଯୋଗ କ୍ରମେ ଦଫା ୩୭୯, ୩୪ ଆଇପିସିରେ ମାମଲା (ନଂ. ୨୨୦/୧୮) ରୁଜୁ ହୋଇଛି। ସେହିପରି ଆହତ ଗୋରୁ ଚାଲାଣକାରୀ ଏସ୍.କେ. ସମସୁରଅଲ୍ଲୀଙ୍କ ଅଭିଯୋଗ କ୍ରମେ ଦଫା ୩୪୧, ୨୯୪, ୫୦୬, ୩୨୩ ଓ ୩୪ ଆଇପିସିରେ ମାମଲା (ନଂ. ୨୨୧/୧୮) ରୁଜୁ ହୋଇଛି। ପୋଲିସ ଚୋରି ଗୋରୁ ସହ ଚାଲାଣରେ ବ୍ୟବହୃତ ଓଆର୍୨୩-ଇ୨୨୦୨ନଂ ଟାଟା ଏସିଇ ଗାଡ଼ି ଜବତ କରିଛି।

# କୂଅରେ ପଡ଼ି ୯ ବର୍ଷର ଶିଶୁ ମୃତ

**ଝାରସୁଗୁଡ଼ା ଅଫିସ,୩୦।୧୨**

ଝାରସୁଗୁଡ଼ା ପଞ୍ଚପଡ଼ା ବିଦ୍ୟାନଗରର ଜଣେ ଶିଶୁର ରବିବାର କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବିନୋଦ ପଟେଲଙ୍କ ପୁଅ କ୍ରିଷ୍ଣା ପଟେଲ (୯)। କ୍ରିଷ୍ଣା ଅପରାହ୍ନରେ ଖେଳୁଥିବା ବେଳେ ଘରପାଖ କୂଅରେ ପଡ଼ି ଯାଇଥିବା ସନ୍ଦେହ କରାଯାଉଛି। ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। କୂଅ ପାଖରେ କ୍ରିଷ୍ଣାଙ୍କ ଚପଲ ପଡ଼ିଥିବା ବେଳେ ସେ କୂଅରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

# ଯକୃତ ରୋଗୀଙ୍କୁ ଗୁଣ୍ଡୁଚି ପକ୍ଷରୁ ସହାୟତା

**ରାଉରକେଲା ଅଫିସ,୩୦।୧୨**

ବାସନ୍ତୀ କଲୋନୀଠାରେ ଥିବା ସାମାଜିକ ସଙ୍ଗଠନ ଗୁଣ୍ଡୁଚି ପକ୍ଷରୁ ଜଣେ ଯକୃତ ରୋଗୀଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେ ହେଉଛନ୍ତି ଆମ୍ବେଡକର ବସ୍ତିବାସିନ୍ଦା ବସନ୍ତ ସାହୁ। କଟକ ବଡ଼ ଡାକ୍ତରଖାନା ଯାଇ ଉନ୍ନତ ଚିକିତ୍ସା ସେବା ପାଇବାକୁ ସାହୁଙ୍କ ନିକଟରେ ଅର୍ଥାଭାବ ରହିଥିଲା। ସାହାଯ୍ୟ ପାଇଁ ସେ ଗୁଣ୍ଡୁଚି କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ। ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଜାଣି ସଙ୍ଗଠନ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଛି। ଏହାକୁ ସାହୁଙ୍କ ଝିଅ ବିଷ୍ଣୁପ୍ରିୟା ସାହୁ ଗ୍ରହଣ କରିଥିବା କୁହାଯାଇଛି। ଗୁଣ୍ଡୁଚିର ଏହି ସହଯୋଗ ପାଇଁ ସାହୁଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସାହାଯ୍ୟ ପ୍ରଦାନ ବେଳେ ସଭାପତି ପ୍ରଫେସର ଜେ.କେ. ରାଓ, ସାଧାରଣ ସମ୍ପାଦକ ଭଗବାନ ରାଉତ, କୁମୁଦ ମହାନ୍ତି, ସତ୍ୟଜିତ ସୂତାର, ରାଜୀବ ବେହେରା, ଭଗବାନ ନାୟକ, ଅମୂଲ୍ୟ ମିଶ୍ର, ଯଯାତି ଜେନା, ରଞ୍ଜନ ରାଉତରାୟ, ଅମିୟ ଶତପଥୀ, କୈଳାସ ପାତ୍ର, କାଳୀଚରଣ ପରିଡ଼ା, ଯୁଧିଷ୍ଠିର ପଣ୍ଡା, ମୃତ୍ୟୁଞ୍ଜୟ ଜେନା ଓ ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଯକୃତ ରୋଗୀଙ୍କ ପରିବାରକୁ ଗୁଣ୍ଡୁଚି ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

# ବଜେଟ ପୂର୍ବରୁ ରେଳ ବିକାଶ ନେଇ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ

**ରାଉରକେଲା ଅଫିସ,୩୦।୧୨**

ଆସନ୍ତା ରେଳ ବଜେଟ ପୂର୍ବରୁ ରାଉରକେଲା ରେଳ ଓ ସଡ଼କ ଉପଯୋଗକାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦିଆଯାଇଛି। ସଙ୍ଗଠନ ସଭାପତି ଦେବେନ୍ଦ୍ର ନାରାୟଣ ପତି ଓ ଅମୂଲ୍ୟ ବରାଳ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ରାଜ୍ୟର ଅର୍ଥନୈତିକ ବିକାଶରେ ତାଳଚେର-ବିମଳାଗଡ଼ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଅଞ୍ଚଳବାସୀଙ୍କ ଅର୍ଦ୍ଧଶତାବ୍ଦୀର ଦାବି। ଏହା କିପରି ୨୦୨୦ ସୁଦ୍ଧା ଶେଷ ହେବ ସେ ନେଇ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସଂଘ ଦାବି କରିଛି। ସେହିଭଳି ରାଉରକେଲାଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା କରାଯାଇ ଏହାକୁ ପୂର୍ବତଟ ରେଳ ଜୋନ୍‌ରେ ସାମିଲ କରିବାକୁ ସଂଘ କର୍ମକର୍ତ୍ତା ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ରାଉରକେଲା ଇସ୍ପାତ କାରଖାନାରେ ନିର୍ମାଣ କରାଯାଉଥିବା ଷ୍ଟିଲ ପ୍ଲେଟ ଏବଂ ଷ୍ଟିଲ ଶିଟ୍‌ର ଅଧିକ ବ୍ୟବହାର ନେଇ ବନ୍ଧମୁଣ୍ଡାଠାରେ ରାଜ୍ୟ ସରକାର ଯୋଗାଇ ଦେଇଥିବା ପର୍ଯ୍ୟାପ୍ତ ଜମିରେ ରେଳ ୱାଗନ କାରଖାନା ନିର୍ମାଣ ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ରାଉରକେଲା ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ କରାଯାଉ। ଆଦିବାସୀ ବହୁଳ ସୁନ୍ଦରଗଡ଼ ଓ କେନ୍ଦୁଝର ଦୁଇ ପଡ଼ୋଶୀ ଜିଲା ମଧ୍ୟରେ ରେଳ ଯୋଗାଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ। ବରସୁଆଁ ଓ ବାଂଶପାଣି ସେକ୍ସନ ମଧ୍ୟରେ ଦୂରତା ମାତ୍ର ୫୦କିମି। ଏହାକୁ ସଂଯୋଗ କରାଗଲେ ଉପରୋକ୍ତ ସ୍ୱପ୍ନ ସାକାର ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦୀର୍ଘ ୬୦ ଦଶନ୍ଧିରୁ ଶିଳ୍ପ ରାଜଧାନୀ ଷ୍ଟିଲ ସିଟି ରାଉରକେଲାରୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହ ରେଳ ଯୋଗାଯୋଗ ଆଦୌ ସନ୍ତୋଷଜନକ ନୁହେଁ। ରାଉରକେଲାରୁ କେନ୍ଦୁଝର ଦେଇ ପୁରୀ ଓ ପାରାଦୀପକୁ ଟ୍ରେନ ଚଳାଚଳ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଏହା ବ୍ୟତୀତ ଗତ ୨୦୧୦ରୁ ଭୁବନେଶ୍ୱର ପଟୁ ରାଉରକେଲାକୁ ଦ୍ୱିତୀୟ ଇଣ୍ଟରସିଟି ପ୍ରଚଳନ ପ୍ରତି ସରକାରଙ୍କ ନିକଟରେ ଦାବି ହୋଇଆସୁଛି। କେବଳ ଏତକି ନୁହେଁ ଇଣ୍ଟରସିଟି ଦ୍ୱୟକୁ ରାଜ୍ୟର ବାଣିଜ୍ୟ ରାଜଧାନୀ କଟକ ଦେଇ ଚଳାଇବାକୁ ସଂଘ ଦାବି କରିଛି। ସ୍ୱାଧୀନତାର ୭୦ ବର୍ଷ ପରେ ବି ରାଜ୍ୟବାସୀ ଇଲୋକ୍ଟ୍ରୋ ମଲ୍ଟି ୟୁନିଟ (ଇଏମ୍‌ୟୁ) ଟ୍ରେନ ଦେଖିପାରିଲେ ନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟର ଦୁଇ ମହାନଗରୀକୁ ସଂଯୋଗ କରି ପର୍ଯ୍ୟଟନ କ୍ଷେତ୍ର ପୁରୀ ସହ ସଂଯୋଗ କରାଯିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

କଟକ-ପୁରୀ ୯୦କିମି ଓ ରାଉରକେଲା ସମ୍ବଲପୁର ୧୪୪କିମି ମଧ୍ୟରେ ୨ଟି ଇଏମ୍‌ୟୁ ଟ୍ରେନ ପ୍ରଚଳନ କରାଯିବା ନେଇ ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ସଂଘ କର୍ମକର୍ତ୍ତା ପ୍ରସ୍ତାବ ଦେଇଛନ୍ତି। ୬୦ ଦଶକରେ ଦୂରଦ୍ରଷ୍ଟା ବିଜୁ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ରେଳଡବା ନିର୍ମାଣ କାରଖାନା ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଡ଼ୋଶୀ ରାଜ୍ୟ ରେଳମନ୍ତ୍ରୀଙ୍କ ଚକ୍ରାନ୍ତ ଯୋଗୁ ଡବା ନିର୍ମାଣ ପରିବର୍ତ୍ତେ ଏହା ରେଳ କୋଚ୍ ମରାମତି ୱାର୍କଶପ ଭାବେ କାର୍ଯ୍ୟ କରୁଛି। ଏହାକୁ ରେଳବାଇ ତୁରନ୍ତ ପେରାମ୍ବୁର ଓ ପାତିଆଲା ଅନୁରୂପ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ପରିଣତ କରନ୍ତୁ। ଏ ଦିଗରେ ରାଜ୍ୟ ସରକାର ଦୃଢ଼ ଦାବି ଉପସ୍ଥାପନ କରିବା ଆବଶ୍ୟକ ବୋଲି ଦାବିପତ୍ରରେ କୁହାଯାଇଛି। ଉପରୋକ୍ତ ପ୍ରସ୍ତାବ ପ୍ରତି ସରକାର ଧ୍ୟାନ ଦେଲେ ଦେଶର ରେଳ ମାନଚିତ୍ରରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ହାସଲ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା ବୋଲି କୁହାଯାଇଛି। ଓଡ଼ିଶାରୁ ରେଳବାଇ ବର୍ଷିକ ୨୦ ହଜାର କୋଟି ଆୟ କରୁଥିବା ବେଳେ ମାତ୍ର ୨ ହଜାର କୋଟି ବ୍ୟୟ କରୁଛି। ଏପରି ଅବସ୍ଥାରେ ରାଜ୍ୟ ସ୍ୱାର୍ଥକୁ ସରକାର ଗୌଣ ଦୃଷ୍ଟିରେ ନ ଦେଖନ୍ତୁ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ଫଳ ପାଇବା ଆଶାରେ କାମ କରନାହିଁ,
ବିଫଳ ହୋଇଗଲେ କଷ୍ଟ ପାଇବା।
- ସନ୍ଥ ବିନୋବା



## ସଂକ୍ଷେପରେ

### ସାଇଇନ୍ଦୁପୁର ରୁଙ୍ଗ୍‌ଟା ଖଣିର ଜନଶୁଣାଣି

**ଟେନ୍‌ସା, ୩୦।୧୨ (ଡି.ଏନ.ଏ.)-** ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରି ନିମନ୍ତେ ସୁନ୍ଦରଗଡ଼ ଜିଲା କୋଇଡ଼ା ତହସିଲ ଅନ୍ତର୍ଗତ ସାଇଇନ୍ଦୁପୁର ରୁଙ୍ଗ୍‌ଟା ଖଣିର ଏକ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କ ଅଧକ୍ଷତାରେ ଏହି ଶୁଣାଣିରେ ରାଜ୍ୟ ପ୍ରଦୂଷଣ ବୋର୍ଡ ରାଉରକେଲାର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଏକ, ପରିବେଶ ବୈଜ୍ଞାନିକ ଦୀପକ ସାହୁ ଯୋଗ ଦେଇଥିଲେ। ଖଣି ଖନନ ହେଲେ ପରିବେଶ ଉପରେ କି କି ପ୍ରଭାବ ପଡ଼ିବ, କିପରି ପ୍ରତିକାର କରାଯାଇ ପାରିବ ଏ ସମ୍ପର୍କରେ ସାନିନ୍ଦପୁର ଖଣି ପରିଚାଳକ ଏସ.କେ. ଗଡ଼ନାୟକ ଜନସାଧାରଣଙ୍କୁ ଜଣାଇବା ପରେ ମତାମତ ନିଆଯାଇଥିଲା।

ଯାତ୍ରା ଦେଖାଇବାକୁ ନେଇ ଦୁଇ ନାବାଳିକାଙ୍କୁ ବଳାତ୍କାର ଘଟଣା

# ଦୁଇ ଅଭିଯୁକ୍ତ ଯୁବକ ଗିରଫ

**ଲହୁଣୀପଡ଼ା, ୩୦।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଏରଗେଡ଼ା ଗ୍ରାମରେ ଦୁଇ ନାବାଳିକାଙ୍କୁ ଯାତ୍ରା ଦେଖାଇ ନେବା ପ୍ରଲୋଭନ ଦେଖାଇ ବଳାତ୍କାର ଘଟଣାରେ ରବିବାର ପୋଲିସ ଦୁଇ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋର ହରୋ (୧୯) ଏବଂ ତାଙ୍କ ସାଙ୍ଗ ବିନୋଦ ଟପୋ (୨୧)। ସେମାନଙ୍କର ଡାକ୍ତରୀମାଇନା କରାଯାଇଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଶନିବାର ଅଭିଯୋଗ ହେବା ପରେ ତଦନ୍ତକରି ରବିବାର ପୋଲିସ ଉଭୟଙ୍କୁ ଗାଁରୁ ଗିରଫ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏରଗେଡ଼ା ଗ୍ରାମ ନୂଆପଡ଼ା ବସ୍ତିର କିଶୋର ଏବଂ ତାଙ୍କ ସାଙ୍ଗ ବିନୋଦ ସେହି ଗ୍ରାମର ଦୁଇ ଜଣ ନାବାଳିକାଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଯାତ୍ରା ଦେଖି ଯିବାକୁ କହିଥିଲେ। ନାବାଳିକା ଦ୍ୱୟ ମନା କରିଥିଲେ ମଧ୍ୟ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବାରୁ ସେମାନେ ରାଜି ହୋଇଥିଲେ। ଲାଠିକଟାରେ ଟୁଙ୍ଗୁରି ଯାତ୍ରା ଦେଖିବା ପାଇଁ ଯୁବକ ଦ୍ୱୟ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାବେଳେ ନାବାଳିକା ଦ୍ୱୟଙ୍କୁ ସାଇକେଲରେ ବସାଇ ନେଇଥିଲେ। କିଛିବାଟ ଯିବା ପରେ ଏକ ପରିତ୍ୟକ୍ତ ଘରେ ରଖି ଉଭୟଙ୍କୁ ବଳାତ୍କାର କରିଥିଲେ। ସେଠାରେ ସେମାନଙ୍କୁ ଛାଡ଼ିଦେଇ ଗ୍ରାମକୁ ପଳାଇ ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ନ ଆସିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ଗାଁରୁ ୨ଜଣ ନାବାଳିକା ନିଖୋଜ ଥିବା ଜଣାପଡ଼ିଥିଲା। ସକାଳେ ନାବାଳିକା ୨ଜଣ ଘରେ ପହଞ୍ଚି ସବୁକଥା କହିଥିଲେ। ପରିବାର ଲୋକେ ଜାଣିବା ପରେ ଗାଁରେ ବୈଠକ ବସିଥିଲା। ଯୁବକମାନଙ୍କୁ ବିବାହ କରିବାକୁ ଗ୍ରାମସଭାରେ ନିର୍ଦ୍ଦେଶ ଦିଆଯାଇଥିଲା। ଯୁବକଙ୍କ ପରିବାର ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ନାବାଳିକା ଦ୍ୱୟଙ୍କ ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଏତଲା ଦିଆଯାଇଥିଲା।




ଗିରଫ ଦୁଇ ଅଭିଯୁକ୍ତ।



ବାବୁପଡ଼ା ଗ୍ରାମର ମାୟାଧର ଗହିରଙ୍କ ବିୟୋଗରେ ରବିବାର ଆୟୋଜିତ କାର୍ଯ୍ୟକ୍ରମ।

## କଳାକାରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବାଲିଶଙ୍କରା,୩୦।୧୨ (ଡି.ଏନ୍.ଏ.)**

ବାଲିଶଙ୍କରା ବ୍ଲକ ସଉନାମରା ଗ୍ରାମପଞ୍ଚାୟତର ବାବୁପଡ଼ା ଗ୍ରାମର ମାୟାଧର ଗହିର (୫୫)ଙ୍କ ବିୟୋଗରେ ରବିବାର ତାଙ୍କ ବାସଭବନରେ ଶୋକସଭା ହୋଇଥିଲା। ଗ୍ରାମର ସମାଜସେବୀ ରବୀନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଶୋକସଭା ହୋଇଥିଲା। ବାଲିଶଙ୍କରା ବ୍ଲକର କଳା ସଂସ୍କୃତି ସଭାପତି ସୁଗ୍ରୀବ ବାଘ ମୁଖ୍ୟବକ୍ତା ରୂପେ ଯୋଗଦେଇ ଅଞ୍ଚଳର ସମସ୍ତ କଳାକାରଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବିୟୋଗରେ ତାଙ୍କ ତିନୋଟି ପୁଅ ଦୁଷ୍ମନ୍ତ ଗହିର, କ୍ଷୀରୋଦ ଗହିର, କୁମୁଦ ଗହିର ଓ ପରିବାରର ସମସ୍ତ ସଦସ୍ୟ ତଥା ଅଞ୍ଚଳର କଳାକାର ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

୧୪୩ ନଂ. ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

## ଡମ୍ପର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**କୁଆଁରମୁଣ୍ଡା, ୩୦।୧୨ (ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚୁଟିଆଟୋଲି ନିକଟରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ ଡମ୍ପର ବୀରମିତ୍ରପୁରରୁ ବେଦବ୍ୟାସ ଅଞ୍ଚଳକୁ ଦ୍ରୁତଗତିରେ ଯାଉଥିବା ବେଳେ ସମଦିଗରେ ଯାଉଥିବା ଏକ ବାଇକ (ଓଡି-୧୪ଏଫ-୬୩୩୫)କୁ ପଛ ପଟୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଘଟଣାସ୍ଥଳରେ ଗୁରୁତର ଆହତ ହୋଇ ଛଟପଟ ହେଉଥିଲେ। ଖବର ପାଇ ସ୍ଥାନୀୟ ଚୁଟିଆଟୋଲି ବାସିନ୍ଦାଙ୍କ ସହ କୁଆଁରମୁଣ୍ଡାର ସାମାଜିକକର୍ମୀ ରାଜେନ୍ଦ୍ର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଏକ କମ୍ପାନୀ ବସ୍‌ରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ବାଇକ୍ ଆରୋହୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ସରକାରୀ ହାସପାତାଳକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବାଇକ୍ ଆରୋହୀଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେଉଥିବା ବେଳେ ତାଙ୍କର ଗୋଟିଏ ହାତର ହାଡ ମଧ୍ୟ ଭାଙ୍ଗି ଯାଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ବାଇକ୍ ଆରୋହୀ ରାଜପଥରେ ଛଟପଟ ହେଉଥିବା ବେଳେ ଦୁର୍ଘଟଣା ଘଟାଇଥିବା ଡମ୍ପରଟି ଘଟଣାସ୍ଥଳରେ ନ ରହି କେଉଁଆଡେ ଫେରାର ହୋଇଯାଇଥିଲା। ଅନ୍ୟ ପକ୍ଷରେ ସ୍ଥାନୀୟ ଲୋକେ ବାଇକ୍ ଆରୋହୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନରେ ଯୋଗାଯୋଗ କରିଥିଲେ ଘଟଣାସ୍ଥଳକୁ ଗାଡି ଆସି ନ ଥିଲା। ଫଳରେ ବାଧ୍ୟ ହୋଇ ଲୋକେ ଏକ ଘରୋଇ କମ୍ପାନୀ ବସ୍‌ରେ ତାଙ୍କୁ ଡାକ୍ତରଖାନା ପଠାଇଥିଲେ। ସୂଚନାଯୋଗ୍ୟ ଯେ,ବେପରୁଆ ଗାଡି ଚାଳନା ଯୋଗୁ ୧୪୩ ନମ୍ବର ଜାତୀୟ ରାଜପଥରେ ଦୈନନ୍ଦିନ ଛୋଟବଡ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ କ୍ଷୟକ୍ଷତି ହେଉଛି । ହେଲେ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଯିବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରୁଛି ।

## ଗୁଣ୍ଡିଆଡିହିରେ କୃଷକ ସମ୍ପର୍କ ମେଳା

**ଲେଫ୍ରିପଡା,୩୦।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଗୁଣ୍ଡିଆଡିହିଠାରେ କୃଷି ବିଭାଗ ପକ୍ଷରୁ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରା ବିଧାୟକ ଡ.ପ୍ରଫୁଲ୍ଲ ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ ଜିଲା କୃଷି ଅଧିକାରୀ ବିଜୟ କୁମାର ପ୍ରଧାନ ଯୋଗଦେଇ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ନାଏକ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଏମ୍‌ପି ପ୍ରତିନିଧି କୌତୁକ ଚୌଧୁରୀ, ଗୁଣ୍ଡିଆଡିହି ସରପଞ୍ଚ ନିକୋଲାସ୍ କୁଜୁର, ଲେଫ୍ରିପଡା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରତିକାନ୍ତ ଆଚାର୍ଯ୍ୟ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ହୃଷିକେଶ ମହାଲିକ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରତ୍ୟୁଷ ମହାନନ୍ଦ, ସମବାୟ ପ୍ରସାରଣ ଅଧିକାରୀ ରବିଶଙ୍କର ଭିତ୍ରିଆ, ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସାନନ୍ଦ କିଷାନ ପ୍ରମୁଖ ଯୋଗଦେଇ ଅଞ୍ଚଳର ଚାଷୀଗଣ ସମସ୍ତ ସରକାରୀ ଯୋଜନାର ସୁବିଧା ନେବା ପାଇଁ ଆହ୍ୱାନ କରିଥିଲେ। ଶେଷରେ ଲେଫ୍ରିପଡା ସହକାରୀ କୃଷି ଅଧିକାରୀ ରଞ୍ଜନ କୁମାର ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ କୃଷି ବିଭାଗର ଅଧିଦର୍ଶକ ଅର୍ଜୁନ ଏକ୍କା ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିଲେ।




କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଅଧିକାରୀ, ଅତିଥି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଜିଗଲେ ଖୋଜିବାକୁ ନାହିଁ**
**କି ମରିଗଲେ କାନ୍ଦିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଣଇ ମାରଇ ଯେ**
**ଗାଁ ବାହାର ସେ**
**ଲଇଁ ତୋଳୁଥାଇ ଶାଗ**
**ତା' ବରତନ ଆଗ ।**

ସବୁବେଳେ ଯିଏ ମାରଧର କରେ, ହଣାକଟା କରେ ତା'ପ୍ରତି ସମସ୍ତଙ୍କ ମନରେ ଏକପ୍ରକାର ଭୟଭାବନା ରହିଥାଏ। ସମସ୍ତେ ତାଙ୍କୁ ଦୂରୁ ଜୁହାର କରିଥାନ୍ତି। ଏପରି ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କେହି ପାଖ ପୂରାଇ ଦେଇ ନ ଥାନ୍ତି। ପରନ୍ତୁ ଯିଏ ନମ୍ର ଶାନ୍ତ ସ୍ୱଭାବର ହୋଇଥାଏ ତା'ପ୍ରତି ସମସ୍ତଙ୍କର ଆଦରଭାବ ରହିଥାଏ। ଏପରି ସୁଗୁଣ ବ୍ୟକ୍ତିଙ୍କ ପ୍ରତି ସମସ୍ତଙ୍କ ଆତ୍ମୀୟତାଭାବ ସୃଷ୍ଟିହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁନ୍ଦରଗଡ଼ ରନର୍ସ ଅପ୍

**ସୁନ୍ଦରଗଡ଼, ୩୦।୧୨ (ଡି.ଏନ୍.ଏ)**

ଗତ ୨୭ ରୁ କଟକ ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ୬୬ତମ ରାଜ୍ୟ ଦୌଡକୁଦ ପ୍ରତିଯୋଗିତାରେ ସୁନ୍ଦରଗଡ ଦଳ ୨୪ ସ୍ୱର୍ଣ୍ଣପଦକ, ୧୮ ରୌପ୍ୟ ଓ ୧୪ଟି ବ୍ରୋଞ୍ଜ ପଦକକୁ ମିଶାଇ ମୋଟ ୫୬ଟି ପଦକ ହାସଲ କରି ରନର୍ସ ଅପ ହୋଇଛି। ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ପକ୍ଷରୁ ଖେଳାଳି ଚୟନ କରାଯାଇ ୪୪ ବାଳିକା ଓ ୨୪ବାଳକଙ୍କୁ ମିଶାଇ ମୋଟ ୬୮ଜଣ ଏହି ରାଜ୍ୟ ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଖେଳାଳିମାନେ କଟକର ବାରବାଟୀ ଷ୍ଟାଡିୟମରେ ସୁନ୍ଦରଗଡ ମାଟିର କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ବାଳିକା ବର୍ଗ ୧୪ବର୍ଷରୁ କମ୍,୧୬ବର୍ଷରୁ କମ୍, ୧୮ବର୍ଷରୁ କମ ବର୍ଗରେ ଗ୍ରୁପ୍ ଚାମ୍ପିୟନ ହୋଇଥିଲେ। ବାଳିକା ବର୍ଗରେ ୧୬ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ବାଳକ ବର୍ଗରେ ୮ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସୁନ୍ଦରଗଡରୁ ଯାଇଥିବା ଏହି କ୍ରୀଡାବିତ୍‌ମାନେ ଏହି ଅଭୂତପୂର୍ବ ସଫଳତା ହାସଲ କରିଥିବାରୁ ଜିଲା କ୍ରୀଡା ସଂସଦ ପକ୍ଷରୁ ସମ୍ପାଦକ ପଭାତ ଭୋଳ, ଉପ ସଭାପତି ପୌଷଚନ୍ଦ୍ର ପଟେଲ, କାର୍ତ୍ତିକ ବେରିହା, ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ଅଶୋକ ଦାସ, ଦିବାକର ମହାନ୍ତି, କାର୍ଯ୍ୟକାରୀ ସଭାପତି ହସନ୍ ଇମାମ, ଅଜୟ ବହିଦାର, ପ୍ରଶାନ୍ତ ପଟେଲ, ପ୍ରସନ୍ନ ବେହେରା, ଜୟଦେବ ପାତ୍ର, ଦୁର୍ଗା ମାଧବ ନାଏକ, ଆଶୀଷ ଦେ ଓ ବିଶ୍ୱରଞ୍ଜନ ହୋତା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଆୟୁର୍ବେଦ ସ୍ୱାସ୍ଥ୍ୟ ସେବା, ସଚେତନତା ଶିବିର

**ସୁନ୍ଦରଗଡ଼, ୩୦।୧୨ (ଡି.ଏନ୍.ଏ)**

ବରିଷ୍ଠ ନାଗରିକ ସଂଘ ଓ ଜିଲା ଆୟୁର୍ବେଦ ଚିକିତ୍ସା ବିଭାଗର ମିଳିତ ଆନୁକୂଲ୍ୟରେ ରବିବାର ସଂଘର ଅବସର ବିନୋଦନ କେନ୍ଦ୍ରଠାରେ ଏକଦିବସୀୟ ଆୟୁର୍ବେଦ ସ୍ୱାସ୍ଥ୍ୟସେବା, ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ନିମିତ ସହଜଲବ୍ଧ ଔଷଧୀୟ ବୃକ୍ଷଲତାର ଉପଯୋଗିତା ସମ୍ପର୍କୀତ ପ୍ରଚାରପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ନାଗରିକ ସଂଘର ସଭାପତି ଡଃ ହିମାଂଶୁ ଶେଖର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସୁନ୍ଦରଗଡ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡଃ ପରମେଶ୍ୱର ମିଶ୍ର, ପୂର୍ବତନ ଜିଲା ଚିକିତ୍ସା ଅଧିକାରୀ ଡଃ ରାଧାରମଣ ଦାଶ, ବଲାଙ୍ଗୀର ଆୟୁର୍ବେଦ କଲେଜର ପ୍ରାଧ୍ୟାପକ ଡଃ ଗୋପୀନାଥ ମିଶ୍ର, ଆୟୁର୍ବେଦ ବିଶେଷଜ୍ଞ ଡଃ ଅନନ୍ତ ଆଚାର୍ଯ୍ୟ, ଡଃ ଚନ୍ଦ୍ର ଶେଖର ସାମନ୍ତ, ଶଲ୍ୟ ବିଶେଷଜ୍ଞ ସମେତ ଡିଲେଶ୍ୱର ନାଏକ, କେଶବ ଚନ୍ଦ୍ର ନାଏକ, ଆନନ୍ଦ ରାଉଡିଆ, ଚିତ୍ତରଞ୍ଜନ ସାହୁ, ପଙ୍କଜ ସରାଫ୍, ମୁକେଶ କୁମାରଙ୍କ ସହଯୋଗରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।



ଭୂୟାଁ ସମାଜର ଯୁବତୀ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୫୦୦ଘର ଭୂୟାଁ ସମାଜର ବାର୍ଷିକ ଉତ୍ସବ

**ସୁନ୍ଦରଗଡ, ୩୦।୧୨ (ଡି .ଏନ୍.ଏ)**

ସ୍ଥାନୀୟ ଭବାନୀ ଭବନ ପଡିଆରେ ୫୦୦ଘର ଭୂୟାଁ ସମାଜର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଦେବ ଦେବ ମହାଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଦଶରୁ ସା ଓ ସୁରେନ୍ଦ୍ର ଠାକୁର ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସମାରୋହରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଭୂୟାଁ ସମାଜର ଯୁବତୀ ଯୁବକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ମନୋଜ ରାଉଡିଆ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭାପତି ରତ୍ନାକର ସା ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ ସମାଜର ସମସ୍ତେ ନିଶା ନିବାରଣ ଅଭିଯାନ ପାଇଁ ଶପଥ ଗ୍ରହଣ କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଟିଲାଗଡର ଦୁଲଦୁଲି ଓ ରାଉରକେଲାର ରିମଝିମ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। କ୍ଲବର କର୍ମକର୍ତ୍ତା କୈଳାଶ ଚନ୍ଦ୍ର ତଉଡିଆ, ଦିଲ୍ଲୀପ ପ୍ରଧାନ, କାର୍ତ୍ତିକ ରଉଡିଆ, ବସନ୍ତ ଚୌଧୁରୀ, ଲତି ନାଏକ, ଫିରୋଜ ରାଉଡିଆ, ହୃଷିକେଶ ପଟେଲ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଅଶ୍ୱିନୀ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ତିଲେଇକାନୀ ଶୁକ୍ରୁ, ପୀୟୂଷ ମେମୋରିଆଲ୍ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସିନିୟର ନୂଆଗାଁ, ଜୁନିୟର ବାଳିକା ବିଦ୍ୟାଳୟ ଚାମ୍ପିୟନ

**ବାଲିଶଙ୍କରା ୩୦।୧୨ (ଡି.ଏନ୍.ଏ.)**

ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତର ଖେଳ ପଡ଼ିଆରେ ଚାଲିଥିବା ୨୬ତମ ଶୁକ୍ରୁ ଓ ୧୨ତମ ପିୟୂଷ ମେମୋରିଆଲ୍ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ତିଲେଇକାନି ରୁରାଲ୍ ଡେଭଲପମେଣ୍ଟ ୟୁଥ୍ କ୍ଲବ ଆନୁକୂଲ୍ୟରେ ଏହା ଚାଲିଥିଲା। ବିଳାସପୁରରେ ସଫ୍ଟୱେୟର ଇଞ୍ଜିନିୟର ଭାବେ କାର୍ଯ୍ୟରତ ଇଲିଆସ୍ ତିର୍କିଙ୍କ ନେତୃତ୍ୱରେ ଚାଲିଥିବା ଏହି ମେମୋରିଆଲ୍ ହକି ଟୁର୍ନାମେଣ୍ଟରେ ଉଦ୍‌ଯାପିତ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଅଭୟ କୁମାର ପଟ୍ଟନାୟକ, ଫାଦର ଅନୀଲ୍ କୁଜୁର, ଫାଦର ସୁନୀଲ୍ ବାରବା, ତଥା ପୂର୍ବତନ ସରପଞ୍ଚ ଖ୍ରୀସ୍ ଷ୍ଟୋଲା ତିର୍କୀ ଯୋଗଦେଇ କଠିନ ପରିଶ୍ରମ କରିବା ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ଫାଇନାଲ୍‌ରେ ସିନିୟର ଦଳରେ ନୂଆଗାଁ ଓ ମଙ୍ଗରକୁଣ୍ଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ନୂଆଗାଁ ଚାମ୍ପିୟନ୍ ଓ ମଙ୍ଗରକୁଣ୍ଡା ରନର୍ସଅପ୍ ହୋଇଥିଲେ। ଖାସି ସହ ଟ୍ରଫି ଦେଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତୃତୀୟ ସ୍ଥାନ ଲାକ୍ରାଜୋରକୁ ମଧ ଖାସି ଓ ଟ୍ରଫି ଦିଆଯାଇଥିଲା। ସେହିପରି ଜୁନିୟର ବାଳିକା ବିଭାଗରେ ତିଲେଇକାନି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ତିଲେଇକାନି ଗ୍ରାମ ମଧ୍ୟରେ ହୋଇଥିଲା। ଏଥିରେ ତିଲେଇକାନି ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ୍, ରନର୍ସଅପ୍ ତିଲେଇକାନି ଗ୍ରାମ ଜୁନିୟର ବାଳକ ଖରଳ ଛାପଲ ଚାମ୍ପିୟନ୍ ରନର୍ସଅପ୍ ଧନିଆପୁଞ୍ଜି ହୋଇଥିଲା। ସମସ୍ତ ଚାମ୍ପିୟନ୍ ଓ ରନର୍ସଅପ୍ ଦଳକୁ ଖାସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ ଥିଲେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଲାଜାରୁସ୍ ବାର୍ଲା। ସେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ତିଲେଇକାନି ୟୁଥ୍ କ୍ଲବର ଅବସର ଶିକ୍ଷକ ବିନୟ କୁମାର ମିଞ୍ଜି, ସଞ୍ଜିବ ମିଞ୍ଜ, ମନୋଜ ବାର୍ଲା, ଏଣ୍ଡ୍ରୁ ଦାସ ତିର୍କି, ଝାଳକୁ ବାର୍ଲା, ଜଗନ୍ନାଥ ବାର୍ଲା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱରେ ଥିଲେ।




ସିନିୟର, ଜୁନିୟର ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥି।

ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ



### ୧୯ ବର୍ଷରୁ କମ୍ କ୍ରିକେଟ: ଓଡ଼ିଶା ଦଳରେ ବେଲପାହାଡ଼ର ଅର୍ମାନ

**ବେଲପାହାଡ଼,୩୦।୧୨(ଡି.ଏନ୍.ଏ.)**- ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ଛାତ୍ର ତଥା ଲିଓ ୟୁଥ୍ ଆସୋସିଏଶନର କ୍ରିକେଟ ଖେଳାଳି ମହମ୍ମଦ ସାହା ଅର୍ମାନ ୧୯ ବର୍ଷରୁ କମ୍ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଅର୍ମାନଙ୍କ ଘର ବେଲପାହାଡ଼ ମିର୍ଦ୍ଧାଡେରା। ତାଙ୍କ ବାପାଙ୍କ ନାମ ମହମ୍ମଦ ମନାନ୍ ଏବଂ ମା'ଙ୍କ ନାମ କୁରେଶା ଖାତୁନ। ବର୍ତ୍ତମାନ ଅର୍ମାନ କୁଚବିହାର ଟ୍ରଫି ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଡାକରା ପାଇ ଅର୍ମାନ ଶୁକ୍ରବାର ରାତିରେ ଏଠାରୁ କଟକ ଯାଇଛନ୍ତି। ଅର୍ମାନଙ୍କ ଏହି ସଫଳତା ଖବର ପ୍ରଚାରିତ ହେବା ପରେ ଲିଓ ୟୁଥ୍ ଆସୋସିଏଶନର ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆସୋସିଏଶନ ସଭାପତି ବଲୁ ପଣ୍ଡା ଓ ସମ୍ପାଦକ ଦିଲୀପ ପଟ୍ଟନାୟକ ଅରମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ବିଶ୍ୱର ମଙ୍ଗଳ କାମନା କଲେ ସାଧୁସନ୍ଥ

**ଲଖନପୁର,୩୦।୧୨(ଡି.ଏନ୍.ଏ.)**- ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ଗ୍ରାମ ଅଲେଖ ମହିମା ଆଶ୍ରମରେ ରବିବାର ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଆରମ୍ଭ ହୋଇଛି। ଆଶ୍ରମ ପ୍ରମୁଖ ବାବା କ୍ଷେତ୍ରବାସୀ ଦାସଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟା ଆଳତି, ବ୍ରହ୍ମଧ୍ୱନି ସ୍ଥାପନ, ଅଖଣ୍ଡବତି ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ଚାଲିଛି। ଏଥିରେ ବାବା କ୍ଷୀରଧର ଦାସ, ଅଖିଳ ଦାସ, କିଶୋର ଦାସ, ସଞ୍ଜୟ ଦାସ, ଚୈତନ୍ୟ ଦାସ, ବାରୁ ଦାସ ପ୍ରମୁଖ ସାଧୁସନ୍ଥ ଯୋଗଦେଇ ଯଜ୍ଞରେ ଘୃତାହୁତି ପ୍ରଦାନ କରୁଛନ୍ତି। କନକତୋରା, ଗାଡିକଣ୍ଟା, ପ୍ରଧାନପାଲି, ରେଙ୍ଗାଲି ତାଳପଡ଼ା, ଗୋପୀପାଲି ଓ ମିଶନମଙ୍ଗା ଗ୍ରାମର ମହିମା ଭଜନ ଦଳ ଯୋଗଦେଇ ଦିନରାତି ଭଜନ ପରିବେଷଣ କରୁଥିବାବେଳେ ସାଧୁସନ୍ଥମାନେ ପ୍ରବଚନ ଦେଉଛନ୍ତି। ପ୍ରବଳ ଥଣ୍ଡା ସତ୍ତ୍ୱେ ପ୍ରବଚନ ଓ ଭଜନ ଶୁଣିବା ପାଇଁ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଗ୍ରାମର ସତ୍ୟାନନ୍ଦ ବିଶି, ଗୌରା ସା, ଉଦ୍ଧବ ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନ, ଡୋଲାମଣି ପ୍ରଧାନ, ନିରାକର ଖମାରୀ, ଦେବ ଖମାରୀ, ଦିଲୀପ ବେନିଆଁ, ଶିବଶଙ୍କର ସେଠ, କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ଯଜ୍ଞ ସୋମବାର ଉଦ୍ଯାପିତ ହେବ।

■ ଝାରସୁଗୁଡ଼ା ଜିଲା ପ୍ରତିଷ୍ଠାକୁ ୨୫ ବର୍ଷ

# ଧୁମ୍‌ଧାମରେ ପାଳନ ହେବ 'ଦୁଲ୍‌ଦୁଲି'

**ଝାରସୁଗୁଡ଼ା ଅଫିସ,୩୦।୧୨**

ଜାନୁୟାରୀ ପହିଲାରୁ ଝାରସୁଗୁଡ଼ା ଜିଲା ପ୍ରତିଷ୍ଠାକୁ ୨୪ ପୂରି ୨୫ ବର୍ଷ ଚାଲିବ। ସେଥିପାଇଁ ଚଳିତବର୍ଷ ଜିଲା ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ଉତ୍ସବ ଏବଂ ଜିଲା ମହୋତ୍ସବ 'ଦୁଲ୍‌ଦୁଲି' ଧୁମ୍‌ଧାମରେ ପାଳନ କରିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଦୁଲ୍‌ଦୁଲିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ମନମୋହନ ସ୍କୁଲ ପଡ଼ିଆରେ ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁସଂଖ୍ୟକ ଟିମ୍ ଅଂଶଗ୍ରହଣ କରିବେ। ଜିଲା ମହୋତ୍ସବର ସବୁଠାରୁ ଆକର୍ଷଣ ସାଜିବ ଆସାମ, ଅରୁଣାଞ୍ଚଳପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ। ସେହିପରି ବିହୁ, ଭାରତନାଟ୍ୟମ, ସମ୍ବଲପୁରୀ, ସିଂଘାରୀ, ଓଡ଼ିଶୀ ନୃତ୍ୟ ଭଳି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ କଳାକାର, ନୃତ୍ୟଦଳ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା।

ରବିବାର ଜିଲା ସଂସ୍କୃତି ଭବନରେ ଜିଲା ମହୋତ୍ସବ ଦୁଲ୍‌ଦୁଲି ପ୍ରସ୍ତୁତି ନେଇ ଜିଲା ସାଂସ୍କୃତିକ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜାନୁୟାରୀ ୧ ତାରିଖଠାରୁ ଜିଲା ମହୋତ୍ସବ ଆରମ୍ଭ ହେବାକୁ ଥିବାବେଳେ ଏହା ୫ ଦିନ ବ୍ୟାପୀ ଚାଲିବ। ଏହି ପାଞ୍ଚ ସନ୍ଧ୍ୟାରେ ୭୭୧ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଦିନତମାମ ନୃତ୍ୟ, ସଙ୍ଗୀତ, କୁଇଜ୍ ଆଦି ପ୍ରତିଯୋଗିତା ଚାଲୁ ରହିବ। ଦିନବେଳା ୧୩ ଶହରୁ ଅଧିକ ପ୍ରତିଯୋଗୀ ଏବଂ କଳାକାର ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିବେ ବୋଲି କୋର୍ କମିଟିର ତାପସ ରାୟଚୌଧୁରୀ କହିଛନ୍ତି। ଜିଲା ମହୋତ୍ସବ ପଡ଼ିଆରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ପଲ୍ଲିଶ୍ରୀମେଳା, ହସ୍ତତନ୍ତ, ହସ୍ତକଳା, କୁଟୀରଶିଳ୍ପ, ଟେରାକୋଟା ପ୍ରଦର୍ଶନୀ ଏବଂ କାରବାର ପାଇଁ ପ୍ରାୟ ୩୦୦ ଷ୍ଟଲ୍ ଲଗାଯାଇଛି। ସେହିପରି ଟ୍ରାଫିକ୍ ଏବଂ ପାର୍କିଂ ସମସ୍ୟା ସମାଧାନ ପାଇଁ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଗତବର୍ଷ ପାର୍କିଂକୁ ନେଇ ଉଠିଥିବା ବିବାଦର ସମାଧାନ କରିବାକୁ ଯାଇ ମହୋତ୍ସବ କମିଟି ପାର୍କିଂ ମୂଲ୍ୟ ଧାର୍ଯ୍ୟ କରିଛି। ପୂର୍ବରୁ ମାଗଣାରେ ପାର୍କିଂ ଯୋଗାଇବାକୁ କହି ତିୱାରୀ ବଗିଚା ମାଲିକ ଲୋକଙ୍କଠାରୁ ଟଙ୍କା ଅସୁଲ କରିଥିବା ଅଭିଯୋଗ ହୋଇଥିଲା। ସେଥିପାଇଁ ଚଳିତବର୍ଷ ମୂଲ୍ୟ ଧାର୍ଯ୍ୟ କରାଯାଇଥିବା କମିଟି ପ୍ରକାଶ କରିଛି। ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର ଗୋକୁଳ ମୋହନ ପଟେଲ, ଟହଲୁ ସାହୁ, ଆନନ୍ଦିନୀ ପାଢ଼ୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଦୋରା ସ୍ମାରକୀ କ୍ରିକେଟ: ଲିଟିଲ ଷ୍ଟାର ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୩୦।୧୨**

ଝାରସୁଗୁଡ଼ା ବିଟିଏମ୍ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦୋରା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ସିରିଆବଗିଚାର ଲିଟିଲ ଷ୍ଟାର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଲଦା ଟିମ୍ ବିଟିଏମ୍‌କୁ ହରାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ବୁଢ଼ୀପଦରକୁ ହରାଇ ଲିଟିଲ୍ ଷ୍ଟାର ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ମଲଦା ଟିମ୍ ନିର୍ଦ୍ଧାରିତ ଓଭରରେ ୬୯ ରନ୍ କରିଥିଲା। ଲିଟଲ ଷ୍ଟାର ଦଳ ୭୦ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୫ ହଜାର ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।

କିଶୋର ପଟେଲଙ୍କ ମନ୍ତବ୍ୟକୁ ବିଧାୟିକାଙ୍କ ନିନ୍ଦା

## ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି

**ବ୍ରଜରାଜନଗର,୩୦।୧୨(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ରାଜନୈତିକ ତାତି ସେତିକି ବୃଦ୍ଧି ପାଉଛି। ଯୁଦ୍ଧକ୍ଷେତ୍ର ସାଜିଛି ଓରିଏଣ୍ଟ ପେପର ମିଲ। ଗତ ୨୮ ତାରିଖରେ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ବିଧାୟିକାଙ୍କୁ ପରୋକ୍ଷରେ ଇଙ୍ଗିତ କରି କହିଥିଲେ, ଭାଜପା ଗୋଟିଏ ବକ୍‌ବାସ୍ ପାର୍ଟି ଓ ସେ ଦଳର ନେତ୍ରୀ ନିର୍ବାଚନ ସମୟରେ ଓରିଏଣ୍ଟ ପେପର ମିଲ ଉପରେ ମତ ରଖନ୍ତି। ଦୀର୍ଘ ସାଢ଼େ ଚାରିବର୍ଷ ହେବ କ'ଣ କରୁଥିଲେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ପଟେଲଙ୍କ ଏହି ମନ୍ତବ୍ୟକୁ ବିଧାୟିକା ରାଧାରାଣୀ ପଣ୍ଡା ଘୋର ନିନ୍ଦା କରିଛନ୍ତି। ପଟେଲ ଜନସାଧାରଣଙ୍କ ଆଗରେ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଶନିବାର ସେ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ୨୦୧୪ରୁ ଆଜିପର୍ଯ୍ୟନ୍ତ ପ୍ରତ୍ୟେକ ଥର ବିଧାନସଭାରେ ପେପର ମିଲ୍ ଖୋଲିବା ନେଇ ସେ ପ୍ରଶ୍ନ କରିଛନ୍ତି। ବିଧାନସଭାରେ ମିଲ୍ ସମସ୍ୟା ନେଇ ଏଥର ପ୍ରଶ୍ନ କରିବା ସହ ତତ୍କାଳୀନ ଶିଳ୍ପମନ୍ତ୍ରୀ ଦେବୀ ମିଶ୍ର, ବର୍ତ୍ତମାନର ଶିଳ୍ପମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ୩ଥର ଭେଟି ଦାବିପତ୍ର ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଜଣେ ବିଧାୟିକା ଚାହିଁଲେ କେବେହେଲେ ଏତେବଡ଼ ମିଲ ଖୋଲାଇ ପାରିବ ନାହିଁ। ଏଥିପାଇଁ ସର୍ବଦଳୀୟ ଆଲୋଚନା କରି ଆନ୍ଦୋଳନ କଲେ ଯାଇ ବ୍ରଜରାଜନଗର ସମସ୍ୟା ସମାଧାନ ହୋଇପାରିବ ବୋଲି ପଣ୍ଡା ପ୍ରକାଶ କରିଥିଲେ। କଂଗ୍ରେସର ନେତା ମିଲ୍ ବିଷୟରେ କିଛି ନ ଜାଣି ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ। ଆଗାମୀ ଦିନରେ ସ୍ଥାନୀୟ ଜନତା ଏହାର ଜବାବ ଦେବେ ବୋଲି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ନାଏକ, ମଣ୍ଡଳ ସଭାପତି ସୁନୀଲ ଦାଶ, ମିଡିଆ ପ୍ରଭାରୀ ସୁଶିଲ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ସମେତ ଭାଜପା କର୍ମକର୍ତ୍ତା।

### ଗୌତମ ବହିଦାର କ୍ରିକେଟ: ଲିଓ, ଟାଇଗର ବିଜୟୀ

**ବେଲପାହାଡ଼,୩୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ଟିଆର୍‌ଏଲ ଷ୍ଟାଡିୟମରେ ଚାଲିଥିବା ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ୍‌ର ତୃତୀୟ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଲିଓ ଇଲେଭେନ୍ ଓ ଟାଇଗର କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଲିଓ ଇଲେଭେନ୍ ଏବଂ ପାର୍କ ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ପାର୍କ ଇଲେଭେନ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଲିଓ ଇଲେଭେନ୍ ନିର୍ଦ୍ଧାରିତ ୨୦ ଓଭରରେ ୨୦୭ ରନ୍ ସଂଗ୍ରହ କରିଥିଲା। ଦଳର କମଲେଶ ଶର୍ମା ୪୭ ବଲରେ ସର୍ବାଧିକ ୯୭ ରନ୍ କରିଥିଲେ। ପାର୍କ ଇଲେଭେନ୍ ମାତ୍ର ୧୦୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜିବିସିଏ ଇଲେଭେନ୍ ଟାଇଗର କ୍ଲବକୁ ଭେଟିଥିଲା। ଟାଇଗର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୨୬ ରନ୍ କରିଥିଲା। ଦଳର ରଞ୍ଜନ ସାହୁ ୪୬ ବଲ୍‌ରେ ସର୍ବାଧିକ ୫୭ ରନ୍ ଓ ବିଶ୍ୱଜିତ ସାହୁ ୨୫ ବଲରେ ୨୯ ରନ୍ କରିଥିଲେ। ୧୨୭ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଜିବିସିଏ ମାତ୍ର ୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ନରେନ୍ଦ୍ର ରାଉତ, ଲୁଡୁ ପାଣ୍ଡେ, ମନୋଜ ସିଂ ଓ କମଳେଶ ରାୟ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ବିଜୁ ଯୁବବାହିନୀ ସଦସ୍ୟ।

## ପିପିଲିମାଲରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଲଖନପୁର,୩୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପିପିଲିମାଲ ପଞ୍ଚାୟତ ଉଲାପ ଗ୍ରାମରେ ଶନିବାର ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ଅନୁପ ସାଏ, ସ୍ଥାନୀୟ ସରପଞ୍ଚ ଅନିତା ଡିଲା, ନାଏବ ସରପଞ୍ଚ କୈଳାସିନୀ ବିଶ୍ୱାଳ, ଜେନାମଣି ସେଠ, ୱାର୍ଡସଭ୍ୟ ଚୂଡ଼ାମଣି ସିଂହ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ଟିକେଶ୍ୱର ବେହେରା, ବ୍ଲକ ସଂଯୋଜକ ବବୁଲ୍ ଷଣ୍ଢ, ବ୍ରଜରାଜନଗର ପୌରାଞ୍ଚଳ ସଂଯୋଜକ ଅଶିଷ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳ ଡିଜି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏକ୍ସପ୍ରେସ୍ ଟ୍ରେନ୍‌କୁ ଦୁର୍ଘଟଣାରୁ ରକ୍ଷା କରିଥିବା ମୋହନପୁରର ବିଜୟ ପାଢ଼ିଆ, ସାହାଣୀ କପ୍‌ରେ ଖେଳିଥିବା ମଙ୍ଗଳ ଡିଜି ପ୍ରମୁଖ ୪୦ଜଣ ସାହସୀ ତଥା ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୁ ଯୁବବାହିନୀ ସଭାପତି ନୀଳମଣି ବିଶି, ସମ୍ପାଦିକା ତୁଳସୀରାଣୀ ସିଂହ, କୋଷାଧ୍ୟକ୍ଷ ଜୟପ୍ରତାପ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ତାଲମାଲ କ୍ରିକେଟ: କେଲଣ୍ଡାମାଲ ଚାମ୍ପିୟନ

**କିର୍ମିରା,୩୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ତାଲମାଲ ଗାଁରେ ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସାହାରା ପରିବାରର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କେଲଣ୍ଡାମାଲ ଓ ନଦୀସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। କେଲଣ୍ଡାମାଲ ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ କୋଦଣ୍ଡ ମେହେର ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସହାରା ମୁଖ୍ୟ ଆଖାର ଅବଦିନ୍, ମନମୋହନ ସିଂ, ସୁଶିଲ ପଟେଲ, ମିତ୍ରଭାନୁ ପଟେଲ, ଅମର ନାଏକ, ଫକୀର କିଷାନ, ଜିତେନ୍ଦ୍ର ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚିନ୍ମୟ ବାଗ, ଅସିତ ନାଏକ ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ବୁଦୁଲା ଧାରାବିବରଣୀ ପ୍ରଦାନ କରିଥିବାବେଳେ ଭେଷଜ ମେହେର, ରାଜା କିଷାନ, ଅଜିତ ସାହୁ, ଦିଲୀପ ଗୁରୁ, ଲିପନ ପଟ୍ଟା, ପିଣ୍ଟୁ ମେହେର, ମନ୍ଥନ ବୁଦୁଲା ପ୍ରମୁଖ ସହଯୋଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳି।

## ସୁଲାହିରେ ମୁଁ ହିରୋ କାର୍ଯ୍ୟକ୍ରମ

**କିର୍ମିରା,୩୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ସୁଲାହି ପଞ୍ଚାୟତରେ ମୁଁହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ବିଜେଡି ସମ୍ପାଦକ ତ୍ରିନାଥ ଗୁଆଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବବାହିନୀ ଜିଲା ସଂଯୋଜକ ଟିକେଶ୍ୱର ବେହେରା, ବ୍ଲକ ସଂଯୋଜକ ମେଘନାଦ ପଟେଲ, ସୁଲାହି ସରପଞ୍ଚ ସୁମିତ୍ରା ଛତ୍ରିଆ, ଜୀବର୍ଦ୍ଧନ ଛତ୍ରିଆ, ହେମକାନ୍ତ ପ୍ରଧାନ, ରଶ୍ମିତା ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

■ ବେଲପାହାଡ଼ ଉତ୍ସବ 'ମଚାନ୍' ଉଦ୍‌ଯାପିତ

## ମନ ମୋହିଲା ସମ୍ବଲପୁରୀ, ଢୋଲମହୁରି

**ବେଲପାହାଡ଼,୩୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ରନ୍ମଣ୍ଡପରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଉତ୍ସବ ମଚାନ୍' ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଓ ପୂର୍ବତନ ବିଧାୟକ ଅନୁପ କୁମାର ସାଏ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର କଳାକେନ୍ଦ୍ର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀର କଳାକାରଙ୍କ ଢୋଲମହୁରି ଓ ଛତିଶଗଡ଼ ପୁଶୋର କଳାକାରଙ୍କ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଆୟୋଜକ କମିଟି ପକ୍ଷରୁ ଚଳିତବର୍ଷ ନାଟ୍ୟକାର ସତ୍ୟରଞ୍ଜନ ବେହେରା, ଶିକ୍ଷାବିତ ସାଧୁଚରଣ ପ୍ରଧାନ ଓ ଚିକିତ୍ସିକା ଡ. ଲତିକା ପଟେଲଙ୍କୁ ରନ୍ଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଶନିବାର ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା କିଶୋର ପଟେଲ, ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଓ ଜିଲା ପରିଷଦ ଉପଧ୍ୟକ୍ଷା ପଙ୍କଜିନୀ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ଜିଲା ସାକ୍ଷୀଗୋପାଳରୁ ଆସିଥିବା କଳାକାର ଗୋଟିପୁଅ ନୃତ୍ୟ ଏବଂ ରାଉରକେଲା ନୃତ୍ୟମଧୁରମ ଅନୁଷ୍ଠାନର କାଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବରଗଡ଼ କଳାଜୀବୀ ଅନୁଷ୍ଠାନର କଳାକାର, ଝାରସୁଗୁଡ଼ା ପ୍ରଫେଶନାଲ ଡାନ୍ସ ସ୍କୁଲ କଳାକାର ଓ ଝାରସୁଗୁଡ଼ା ଏକମ୍ ଡାନ୍ସ ଗ୍ରୁପ କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହାବ୍ୟତୀତ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।



ରାଉରକେଲା ନୃତ୍ୟମଧୁରମ ଅନୁଷ୍ଠାନର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ହାଡ଼ଭଙ୍ଗା ଶୀତ, ଗରିବଙ୍କ ପାଇଁ କାଳ

**ଝାରସୁଗୁଡ଼ା ଅଫିସ,୩୦।୧୨**

ରାଜ୍ୟସାରା ଶୀତ ଲହରୀ ଜାରି ରହିଛି। ଏଥିରୁ ବାଦ୍ ପଡ଼ିନି ଶିଳ୍ପ ନଗରୀ ଝାରସୁଗୁଡ଼ା। ଗତ ସପ୍ତାହ ହେଲା ହାଡ଼ଭଙ୍ଗା ଶୀତ ଜାରି ରହିଥିବା ବେଳେ ଆଗକୁ ଅହୁରି ଥରାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଅସହ୍ୟ ଜାଡ଼ରେ ଦେହମୁଣ୍ଡ ହେମକାକର ପାଲଟିଯାଉଛି। ସଞ୍ଜ ନଇଁବା କ୍ଷଣି ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। କେବଳ ଭିଡ଼ ଜମୁଛି ଖଟି, ଚା' ଦୋକାନରେ। ଯେଉଁଠି ନିଆଁ ଟିକେ ଲାଗିଥିବ ସେଠାକୁ ଟାଣି ହୋଇ ଯାଉଛନ୍ତି ଲୋକେ। ଜରୁରୀ କାମ ନ ହେଲେ ଘରୁ ବାହାରିବାକୁ ଅମଙ୍ଗ ହେଉଛନ୍ତି। ଗୋଡ଼ରୁ ମୁଣ୍ଡ ଯାଏ ଶୀତବସ୍ତ୍ରରେ ଆଚ୍ଛାଦିତ ହୋଇ ବାହାରିବାକୁ ପଡୁଛି। ଶିଳ୍ପ ଶ୍ରମିକ, ଷ୍ଟେଶନରେ ରାତି ବିତାଉଥିବା ଯାଯାବରଙ୍କ ଅବସ୍ଥା ସଙ୍ଗିନ ହୋଇପଡ଼ିଛି।



ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସିଛନ୍ତି।

ରବିବାର ଝାରସୁଗୁଡ଼ା ଜିଲାରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଜାନୁୟାରୀ ୫ ଯାଏ ଜାରି ରହିବ ଶୀତର ଲହରୀ। ପୂର୍ବବର୍ଷଗୁଡ଼ିକ ତୁଳନାରେ ଏ ବର୍ଷ ଅଧିକ ଜାଡ଼ ଅନୁଭୂତ ହେଉଛି। ତଥାପି ପ୍ରକୃତିର ଏହି ଦାନକୁ ମନଭରି ଉପଭୋଗ କରୁଥିବା କହିଛନ୍ତି ପ୍ରାତଃ ଭ୍ରମଣକାରୀ ରାଜକୁମାର ଶର୍ମା ଏବଂ ଜୀବନ ମହାନ୍ତି। ମାତ୍ରାଧିକ ଶୀତ, ବର୍ଷା ଓ ଖରା ଧନୀଙ୍କ ପାଇଁ ଆରାମଦାୟକ ହୋଇପାରେ ହେଲେ ଗରିବଙ୍କ ପାଇଁ ଏହା କଷ୍ଟଦାୟକ। ହଠାତ୍ ଜାଡ଼ର ପ୍ରକୋପ ବୃଦ୍ଧି ରେଜେଇ, କମ୍ବଳ, ବ୍ଲାଙ୍କେଟ୍ ଭଳି ଶୀତବସ୍ତ୍ର ଦୋକାନୀଙ୍କ ପାଇଁ ଅଭୂତପୂର୍ବ ବେପାର ଆଣିଦେଇଛି। ହାତବାନ୍ଧି ବସିଥିବା ବେପାରୀ ଏବେ ଦିନତମାମ ଶୀତବସ୍ତ୍ର ବିକିବାରୁ ଫୁରସତ ପାଉନାହାନ୍ତି। ଶୀତର ଆଗମନ ପରେ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପିକ୍‌ନିକ୍ ପାର୍ଟିର ଭିଡ଼ ଜମୁଛି। ଏଭଳି ପରିସ୍ଥିତିରେ ପାଣିପାଗ ବିଭାଗର ପୂର୍ବାନୁମାନ ଗରିବ, ଖଟିଖିଆ, ଦିନମଜୁରିଆ, ବସ୍ତିବାସିନ୍ଦା, ଯାଯାବରଙ୍କ ଚିନ୍ତା ବଢ଼ାଇଦେଇଛି। ହେଲେ ପ୍ରକୃତିର ଏହି ଅପୂର୍ବ ଅନୁଭୂତି କାହା ପାଇଁ ବରଦାନ ତ କାହାପାଇଁ ଅଭିଶାପ ପାଲଟିଛି।